ବିଶେଷାଙ୍କ

ISSN-0971-8397

# ଯୋଜନା

ଅଗଷ୍ଟ ୨୦୧୯ | ବିକାଶମୂଳକ ମାସିକ ପତ୍ରିକା | ୩୦ ଟଙ୍କା

## କେନ୍ଦ୍ର ବଜେଟ୍ ୨୦୧୯-୨୦

**ବଜେଟ୍ ଅବଲୋକନ**
ସୁଭାଷ ଚନ୍ଦ୍ର ଗର୍ଗ

**ଟିକସ ପ୍ରସ୍ତାବ: ସାଧାରଣ ଜନତାଙ୍କୁ ଫାଇଦା**
ଅଜୟ ଭୂଷଣ ପାଣ୍ଡେ

**ଉତ୍କୃଷ୍ଟ, ନ୍ୟାୟସଂଗତ ଓ ସୁଲଭ ସ୍ୱାସ୍ଥ୍ୟ ସେବା ଆଡ଼କୁ**
ଇନ୍ଦୁ ଭୂଷଣ

**'ନୀଳ ଆକାଶ'ର ଭାବନା: ୫ ଟ୍ରିଲିୟନ ଡଲାର ଅର୍ଥନୀତି ପାଇଁ ଏକ ନକ୍ସା**
କୃଷ୍ଣମୂର୍ତ୍ତି ଭି. ସୁବ୍ରମଣିଅମ, ସୁରଭି ଜୈନ

**ଫୋକସ୍**
**ଭବିଷ୍ୟତର ସୁଯୋଗ ନେବାକୁ ଯୁବବର୍ଗଙ୍କୁ ପ୍ରୋତ୍ସାହନ**
ଅମିତାଭ କାନ୍ତ

**ସ୍ପଟ୍‌ଲାଇଟ୍**
**ଜଳ ସମ୍ପଦର ସଂରକ୍ଷଣ ଓ ସୁବିନିଯୋଗ**
ପରମେଶ୍ୱରନ୍ ଆୟାର

**ବିଶେଷ ପ୍ରସଙ୍ଗ**
**ସହରାଞ୍ଚଳର ରୂପାନ୍ତରଣ ପ୍ରୟାସ**
ଦୁର୍ଗାଶଙ୍କର ମିଶ୍ର



# କେନ୍ଦ୍ର ବଜେଟ୍ ୨୦୧୯-୨୦ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିକ୍ରିୟା



**ଏହା ଆଶା ଆକାଂକ୍ଷା ଓ ବିଶ୍ୱାସର ଏକ ବଜେଟ୍। ଏକବିଂଶ ଶତାବ୍ଦୀର ଭାରତ ଓ ଏକ ନୂଆ ଭାରତର ଆକାଂକ୍ଷାକୁ ସାକାର କରିବାକୁ ଏହି ବଜେଟ୍ ଏକ ସେତୁ ଭଳି କାମ କରିବ।**

“ ନୂଆ ଭାରତର ଏହି ବଜେଟ୍ ହେଉଛି ଆଶାର ଏକ ବଜେଟ୍ ଓ ଏହା ଏକବିଂଶ ଶତାବ୍ଦୀରେ ଭାରତର ବିକାଶକୁ ତ୍ୱରାନ୍ୱିତ କରିବ- **PM@narendramodi**

“ ନୂଆ ଭାରତର ଏହି ବଜେଟ୍ ଗରିବଙ୍କ ସଶକ୍ତିକରଣ, ଯୁବପିଢ଼ୀ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଓ ମଧ୍ୟବିତଙ୍କ ସର୍ବାଙ୍ଗୀନ ବିକାଶକୁ ସୁନିଶ୍ଚିତ କରିବ- **PM@narendramodi**

“ ନୂଆ ଭାରତର ବଜେଟ୍, ୫ ଟ୍ରିଲିୟନ୍ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ କରିବା ପୃଷ୍ଠଭୂମିରେ ଉଦ୍ୟୋଗ ଓ କୃଷିକ୍ଷେତ୍ରକୁ ସଶକ୍ତ କରିବ- **PM@narendramodi**

“ ୨୦୧୯ ଅର୍ଥନୈତିକ ସର୍ବେକ୍ଷଣ ୫ ଟ୍ରିଲିଅନ୍ ଡଲାର ଅର୍ଥନୀତି ହାସଲ କରିବା ପାଇଁ ଲକ୍ଷ୍ୟ ସ୍ଥିର କରିଛି। ସାମାଜିକ କ୍ଷେତ୍ରର ବିକାଶ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ଶକ୍ତି ସୁରକ୍ଷାରୁ ମିଳିଥିବା ଲାଭଗୁଡ଼ିକୁ ମଧ୍ୟ ଏହା ରେଖାଙ୍କିତ କରିଛି- **PM@narendramodi**

**ଏହି ବଜେଟ୍‌ରେ ଆର୍ଥିକ କ୍ଷେତ୍ର ପାଇଁ ସଂସ୍କାର, ସାଧାରଣ ନାଗରିକଙ୍କ ପାଇଁ ଜୀବନ ଜୀଇଁବାର ସହଜତା ଏବଂ ଗ୍ରାମୀଣ ଓ ଗରିବଙ୍କ ମଙ୍ଗଳ ନିହିତ ରହିଛି। ଏହା ଏକ ସବୁଜ ବଜେଟ୍, ଯେଉଁଥିରେ ପର୍ଯ୍ୟାବରଣ, ଇଲେକ୍ଟ୍ରିକ୍ ପରିବହନ ବ୍ୟବସ୍ଥା ଏବଂ ସୌର କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଛି।**

*ଉତ୍ସ: www.pib.nic.in and www.narendramodi.in*

ଅଗଷ୍ଟ ୨୦୧୯

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା
ପ୍ରଚ୍ଛଦପଟ୍ଟ: ଗଜାନନ ପ୍ର. ଧୋପେ

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଶମୀମା ସିଦ୍ଦିକୀ
ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ଷଡ଼ବିଂଶ ବର୍ଷ / ଏକାଦଶ ସଂଖ୍ୟା


## ଏ ସଂଖ୍ୟାରେ...


| ବିଷୟ/ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୪ |
| ● ବଜେଟ୍ ଅବଲୋକନ<br>*ସୁଭାଷ ଚନ୍ଦ୍ର ଗର୍ଗ* | ୫ |
| ● ଟିକସ ପ୍ରସ୍ତାବ: ସାଧାରଣ ଜନତାଙ୍କୁ ଫାଇଦା<br>*ଡକ୍ଟର ଅଜୟ ଭୂଷଣ ପାଣ୍ଡେ* | ୧୧ |
| ● ଉତ୍କୃଷ୍ଟ, ନ୍ୟାୟସଂଗତ ଓ ସୁଲଭ ସ୍ୱାସ୍ଥ୍ୟ ସେବା ଆଡ଼କୁ<br>*ଡ. ଇନ୍ଦୁ ଭୂଷଣ* | ୧୬ |
| ● 'ନୀଳ ଆକାଶ'ର ଭାବନା:<br>୫ ଟ୍ରିଲିୟନ ଡଲାର ଅର୍ଥନୀତି ପାଇଁ ଏକ ନକ୍ସା<br>*କୃଷ୍ଣମୂର୍ତ୍ତି ଭି. ସୁବ୍ରମଣିଅମ, ସୁରଭି ଜୈନ* | ୨୧ |
| ● ଫୋକସ୍<br>ବଜେଟ ୨୦୧୯-୨୦<br>ଭବିଷ୍ୟତର ସୁଯୋଗ ନେବାକୁ ଯୁବବର୍ଗଙ୍କୁ ପ୍ରୋତ୍ସାହନ<br>*ଅମିତାଭ କାନ୍ତ* | ୨୬ |
| ● ସ୍ପଟ୍‌ଲାଇଟ୍<br>ଜଳ ସମ୍ପଦର ସଂରକ୍ଷଣ ଓ ସୁବିନିଯୋଗ<br>*ପରମେଶ୍ୱରନ୍ ଆୟାର* | ୩୧ |
| ● ବିଶେଷ ପ୍ରସଙ୍ଗ<br>କେନ୍ଦ୍ରୀୟ ବଜେଟ୍‌ରେ ସହରାଞ୍ଚଳର ରୂପାନ୍ତରଣ ପ୍ରୟାସ<br>*ଦୁର୍ଗାଶଙ୍କର ମିଶ୍ର* | ୩୫ |
| ● ଦ୍ରୁତ କୃଷକ କଲ୍ୟାଣ ଅଭିମୁଖୀ ବଜେଟ୍<br>*ଡଃ. ଜଗଦୀପ ସାକ୍ସେନା* | ୪୩ |
| ● ପରିବହନ ଭିତ୍ତିଭୂମି ଓ କେନ୍ଦ୍ର ବଜେଟ୍<br>*ପ୍ରଫେସର କି. ରଘୁରାମ* | ୪୮ |
| ● ସମର୍ଥ ଭାରତ : ସମୃଦ୍ଧ ଭାରତ<br>*ଅଭୟ ଦ୍ୱିବେଦୀ* | ୫୩ |
| ● କେନ୍ଦ୍ର ବଜେଟ୍ ୨୦୧୯-୨୦ରେ କୃଷି ଓ ଗ୍ରାମ୍ୟ ବିକାଶ<br>*ନଟବର ଖୁଣ୍ଟିଆ* | ୫୮ |
| ● କେନ୍ଦ୍ର ବଜେଟ୍‌ରେ ଟିକସ ସଂସ୍କାର<br>*ଦିଲିପ କୁମାର ବିଷୋୟୀ* | ୬୨ |
| ● ଆପଣ ଜାଣନ୍ତି କି ? | ୬୭ |
| ● ସାମ୍ପ୍ରତୀକି | ୭୦ |



*Editor*
**YOJANA (ODIA)**
C/O : Public Relations Officer
CRPF, New Delhi


Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207



ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

## ସମ୍ପାଦକୀୟ...

# ବଜେଟ୍ ସମସ୍ତଙ୍କ ପାଇଁ




ସମାଜର ବିଭିନ୍ନ ବର୍ଗର ଅନ୍ତର୍ଭୁକ୍ତୀକରଣ ଉପରେ ପର୍ଯ୍ୟବସିତ ୨୦୧୯-୨୦ କେନ୍ଦ୍ର ବଜେଟ୍ ହେଉଛି ଏକ ନୂଆ ଭାରତର ବଜେଟ୍। ଏକବିଂଶ ଶତାବ୍ଦୀରେ ଭାରତର ବିକାଶକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ବହନ କରୁଥିବା ଏହି ବଜେଟ୍‌ର ଆଧାର ହେଉଛି ପୁଞ୍ଜି ବିନିଯୋଗ ଆଧାରିତ ପ୍ରଗତି, ଯାହା ଦେଶକୁ ପାଞ୍ଚ ଟ୍ରିଲିଅନ୍ ଡଲାର ଅର୍ଥନୀତିରେ ପରିଣତ କରିବାକୁ ବଳ ଯୋଗାଇବ।

ସ୍ଥୁଳ ଭାବରେ ଦେଖିଲେ ଏହି ବଜେଟ୍‌ର କେତେକ ପ୍ରମୁଖ ବିଷୟ ହେଉଛି- ଟିକସ ପ୍ରକ୍ରିୟାର ସରଳୀକରଣ, କାର୍ଯ୍ୟଦକ୍ଷତା ପ୍ରୋତ୍ସାହନ ଏବଂ ସମାବେଶୀ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟାର ସର୍ବୋତ୍ତମ ଉପଯୋଗ। ଗାଁ, ଗରିବ ଓ ଚାଷୀଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ଏହି ବଜେଟ୍‌ର ଆକାଂକ୍ଷିତ ବିଷୟଗୁଡ଼ିକ ହେଉଛି- ସ୍ୱଚ୍ଛ ଭାରତ ଅଭିଯାନ, ପ୍ରତ୍ୟେକ ଘରକୁ ପାଣି ଆଦି ଯୋଜନା ଦ୍ୱାରା ପ୍ରତ୍ୟେକ ଗ୍ରାମ୍ୟ ପରିବାରକୁ ରନ୍ଧନ ଗ୍ୟାସ୍, ବିଜୁଳି, ପାଇପ ଜଳ ଓ ସଫା ଶୌଚାଳୟ ଯୋଗାଣ। ଜଳର ଉତ୍ତମ ପରିଚାଳନା ଓ ଜଳ ଯୋଗାଣ ସାମଗ୍ରିକ ଦୃଷ୍ଟିଭଙ୍ଗୀ ପରିପ୍ରେକ୍ଷୀରେ ନୂତନ ଜଳଶକ୍ତି ମନ୍ତ୍ରଣାଳୟ ଗଠନ ଏକ ବଳିଷ୍ଠ ପଦକ୍ଷେପ। ସେହିଭଳି ସ୍ୱାସ୍ଥ୍ୟସେବା ଯୋଗାଣରେ ଆୟୁଷ୍ମାନ ଭାରତ ଯୋଜନା ହେଉଛି ଏକ ନୂତନ ଦୃଷ୍ଟିଭଙ୍ଗୀ। ଏକ ସୁସ୍ଥ ସମାଜର ଲକ୍ଷ୍ୟ ହାସଲ ପାଇଁ ଏହି ଯୋଜନାଟି ସ୍ୱାସ୍ଥ୍ୟସେବାର ପ୍ରତିରୋଧାତ୍ମକ, ପ୍ରୋତ୍ସାହନକାରୀ, ଉପଶମକାରୀ ଓ ଥଇଥାନମୂଳକ- ଏହି ଚାରୋଟିଯାକ ଦିଗ ପ୍ରତି ଏକ ସାମଗ୍ରିକ ଦୃଷ୍ଟିଭଙ୍ଗୀ ପୋଷଣ କରେ।

କେନ୍ଦ୍ର ବଜେଟ୍‌ରେ ଭୌତିକ ଯୋଗାଯୋଗ ବ୍ୟବସ୍ଥା, ଗ୍ରାମାଞ୍ଚଳ, ଏକୀକୃତ ଡିଜିଟାଲ ନେଣଦେଣ କାରବାର ଓ ଅନ୍ତର୍ଦେଶୀୟ ଜଳମାର୍ଗ ଆଦି ପାଇଁ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ପଛର ଉଦ୍ଦେଶ୍ୟ ହେଉଛି 'ସର୍ବନିମ୍ନ ସରକାର, ସର୍ବାଧିକ ଶାସନ' ବ୍ୟବସ୍ଥା ଅନୁରୂପ ଜନସାଧାରଣଙ୍କ ଜୀବନ ଜୀଇଁବା ପ୍ରକ୍ରିୟାକୁ ସହଜ କରିବା। ସେହିଭଳି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ସ୍ୱତନ୍ତ୍ର ନେଣଦେଣ ପ୍ଲାଟ୍‌ଫର୍ମ ବା ମଞ୍ଚ ତିଆରି ହେବା ଦ୍ୱାରା ଏହି କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ସରକାରୀ ପୈଠ ବ୍ୟବସ୍ଥାରେ ବିଳମ୍ବ ହେବନାହିଁ, ଯଦ୍ଦ୍ୱାରା ଏହି ଉଦ୍ୟୋଗଗୁଡ଼ିକ ଅଧିକ ପ୍ରଗତି କରିପାରିବେ।

'ନାରୀ ତୁ ନାରାୟଣୀ' ସ୍ଲୋଗାନ୍ ବହନ କରୁଥିବା ଏହି ବଜେଟ୍‌ରେ ଦେଶର ଶ୍ରମଶକ୍ତି ଓ ଅର୍ଥନୀତିରେ ମହିଳାଙ୍କ ଯୋଗଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ମୁଦ୍ରା ଯୋଜନା ଅଧୀନରେ ପ୍ରତ୍ୟେକ ସ୍ୱୟଂସହାୟକ ଗୋଷ୍ଠୀର ଜଣେ ସଦସ୍ୟାଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ସୁବିଧା ଓ ସ୍ୱୟଂସହାୟକ ଗୋଷ୍ଠୀର ପ୍ରକୃତ ସଦସ୍ୟା, ଯାହାଙ୍କର ଜନଧନ ବ୍ୟାଙ୍କ୍ ଖାତା ଥିବ ତାଙ୍କୁ ୫ ହଜାର ଟଙ୍କାର ଓଭରଡ୍ରାଫ୍ଟ ସୁବିଧା ପ୍ରଦାନ ହେଉଛି ଏହିଭଳି ଏକ ପଦକ୍ଷେପ। ଏହାଦ୍ୱାରା ମହିଳା ସଶକ୍ତିକରଣକୁ ବଳ ମିଳିବ। ଏହି ଦୃଷ୍ଟିରୁ ଏଥରର ବଜେଟ୍ ହେଉଛି ଏକ ମହିଳା ସଶକ୍ତିକରଣ ପ୍ରୋତ୍ସାହନକାରୀ ବଜେଟ୍।

ଏତଦ୍‌ବ୍ୟତୀତ ଇଲେକ୍‌ଟ୍ରୋନିକ୍ ଯାନବାହନ, ସୌରଶକ୍ତି, ଫଟୋ ଭୋଲ୍‌ଟାଇକ୍, ଷ୍ଟୋରେଜ୍ ବ୍ୟାଟେରୀ ଓ ଚାର୍ଜିଂ ବ୍ୟବସ୍ଥା ଆଦି ନୂତନ ଯୁଗର ପ୍ରଯୁକ୍ତି ଦ୍ୱାରା କେବଳ ଯେ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ତାହା ନୁହଁ, ବରଂ ଶକ୍ତି କ୍ଷେତ୍ର ମଧ୍ୟ ଧାରଣକ୍ଷମ ଓ ଭବିଷ୍ୟତ ଅନୁକୂଳ ହେବ। ଏହି ବଜେଟ୍‌ରେ ପରିବେଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି।

ଗଗନଯାନ, ଚନ୍ଦ୍ରଯାନ ଓ ଇସ୍ରୋର ଗବେଷଣା ଓ ବିକାଶ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ନ୍ୟୁ ସ୍ପେସ୍ ଇଣ୍ଡିଆ ଲିମିଟେଡ୍ ଭଳି ପଦକ୍ଷେପରୁ ଏକ ବିଶାଳ ମହାକାଶ ଶକ୍ତି ହେବା ପାଇଁ ଭାରତର ଅଭିଳାଷ ସ୍ପଷ୍ଟ ଅନୁମେୟ।

ଦେଶର ଯୁବପିଢ଼ୀଙ୍କୁ ବିଦେଶରେ ନିଯୁକ୍ତି ସୁଯୋଗ ହାସଲ ସକାଶେ ସଶକ୍ତ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ, ଭର୍ଚୁଆଲ୍ ରିଆଲିଟି, ରୋବୋଟିକ୍ସ ଓ ବିଗ୍ ଡାଟା ଭଳି କ୍ଷେତ୍ର ଉପରେ ଧ୍ୟାନ ଦିଆଯାଉଛି। ଦେଶର ଶିକ୍ଷା ବ୍ୟବସ୍ଥାକୁ ଭବିଷ୍ୟତ ଅନୁକୂଳ କରିବା ଓ 'ଷ୍ଟଡି ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି।

ମୋଟାମୋଟି ଭାବରେ ଏହି ବଜେଟ୍‌ରେ ଗ୍ରାମୀଣ ଓ ସହରୀ ଜନସାଧାରଣଙ୍କ ଆଶା, ଆକାଂକ୍ଷା ସମେତ କୃଷିଜୀବୀ ଓ ବିଦ୍ୟାର୍ଥୀଙ୍କ ଆବଶ୍ୟକତା ଏବଂ ଯୁବପିଢ଼ୀ ଏବଂ ମହିଳାଙ୍କ ସଶକ୍ତିକରଣ ପାଇଁ ପ୍ରୟାସ ପ୍ରତିଫଳିତ ହୋଇଛି।

ଦେଶର ଅର୍ଥ ବ୍ୟବସ୍ଥାକୁ ଏକ ନୂତନ ଭାରତ ଅଭିମୁଖେ ନେଇଯିବା ପାଇଁ କେନ୍ଦ୍ର ବଜେଟ୍ ୨୦୧୯-୨୦ ବାସ୍ତବିକ ହେଉଛି ସମସ୍ତଙ୍କ ପାଇଁ ଏକ ବଜେଟ୍।

# ବଜେଟ୍ ଅବଲୋକନ

ସୁଭାଷ ଚନ୍ଦ୍ର ଗର୍ଗ

ସପ୍ତଦଶ ଲୋକସଭା ଗଠନ ସହିତ କେନ୍ଦ୍ରରେ ନୂଆ ସରକାର ଦାୟିତ୍ୱ ନେବା ପରେ ୨୦୧୯ ଜୁଲାଇ ୫ରେ ସଂସଦରେ ନିୟମିତ ବଜେଟ ଉପସ୍ଥାପିତ ହୋଇଥିଲା। ଏହି ବଜେଟ ୧୩ ପ୍ରକାର ବିଭିନ୍ନ ନଥିପତ୍ର ଏବଂ ୨୦୧୯ ଅର୍ଥ ବିଲ୍‌ର ଏକ ସମାହାର। ଏଥିରେ ବାର୍ଷିକ ଆର୍ଥିକ ବିବରଣ ଏବଂ ୨୦୧୯-୨୦ ପାଇଁ ଲେଖା ଅନୁଦାନ ଆଦି ଅନ୍ତର୍ଭୁକ୍ତ ଯାହା ୨୦୧୯-୨୦ ଆର୍ଥିକ ବର୍ଷର ସମଗ୍ର ବିତ୍ତୀୟ ନଥି। ସୂଚନାଯୋଗ୍ୟ ଯେ ଅନ୍ତରୀଣ ବଜେଟ ୨୦୧୯-୨୦ ଚଳିତ ବର୍ଷ (୨୦୧୯) ଫେବୃଆରୀ ପହିଲାରେ ଲୋକସଭାରେ ଉପସ୍ଥାପିତ ହୋଇଥିଲା। ଏହା କେବଳ ଏକ 'ଖର୍ଚ୍ଚ ଦାବୀ' ହୋଇଥିବାରୁ ଏଥିରେ ୨୦୧୯ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ସରକାରୀ ଖର୍ଚ୍ଚର ବିବରଣ ସଂସଦର ଅନୁମୋଦନ ପାଇଁ ଉପସ୍ଥାପନ କରାଯାଇଥିଲା।


**ସ୍ଥୂଳ ଅର୍ଥନୀତିର ସ୍ଥିତି:**

ଭାରତର ଅର୍ଥନୀତି ଗତ ପାଞ୍ଚବର୍ଷ ମଧ୍ୟରେ (୨୦୧୪-୧୯) ହାରାହାରି ୭.୫ ହାରରେ ଅଭିବୃଦ୍ଧି ହାସଲ କରିଆସୁଛି। ଏହି ସମୟରେ ଦେଶର ସ୍ଥୂଳ ଅର୍ଥନୀତି ଓ ବିତ୍ତୀୟ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବା ସହ ଏଥିରେ ସ୍ଥିରତା ଦେଖାଦେଇଛି। ଜାତୀୟ ଆୟର ଅସ୍ଥାୟୀ ଆକଳନ ଅନୁସାରେ ୨୦୧୮-୧୯ରେ ଜିଡିପିର ବାସ୍ତବ ଅଭିବୃଦ୍ଧି ୬.୮ ରହିଛି ଯାହା ତା' ପୂର୍ବ ବର୍ଷଠାରୁ ଦଶମିକ ୪୦ କମ୍। ଅପରିବର୍ତ୍ତିତ ମୂଳ ମୂଲ୍ୟ ସୂଚୀ ହିସାବରେ ସକଳ ମୂଲ୍ୟ ସଂଯୁକ୍ତ (ଜିଭିଏ) ଅଭିବୃଦ୍ଧି ହାର ୨୦୧୮-୧୯ରେ ୬.୬ ଶତାଂଶ ଥିଲା। କ୍ଷେତ୍ରୱାରୀ ସ୍ତରରେ କୃଷି, ଶିଳ୍ପ, ସେବା ଆଦି କ୍ଷେତ୍ରରେ ଅଭିବୃଦ୍ଧି ହାର ଯଥାକ୍ରମେ ୨.୯, ୬.୯ ଓ ୭.୫ ଶତାଂଶ ଥିଲା। ଜିଡିପିରେ ଏହି ମନ୍ଥର ଅଭିବୃଦ୍ଧି ଓ ଗତି ପାଇଁ କୃଷି ଓ ତତ୍‌ସଂଲଗ୍ନ କ୍ଷେତ୍ର ଏବଂ ସେବାକ୍ଷେତ୍ରର ମୂଳ ଅଭିବୃଦ୍ଧି ଦାୟୀ। ତେବେ ଏହି ସମୟରେ ବିତ୍ତୀୟ, ରିୟଲ ଇଷ୍ଟେଟ ଓ ପେସାଦାରୀ ସେବା କ୍ଷେତ୍ରର ପ୍ରଦର୍ଶନ ଭଲ ଥିଲା।

ଉପରୋକ୍ତ ପୃଷ୍ଠଭୂମିରେ ୨୦୧୯-୨୦ ନିୟମିତ ବଜେଟ ଉପସ୍ଥାପିତ ହୋଇଥିଲା। ଉପର ବର୍ଣ୍ଣିତ ଅଭିବୃଦ୍ଧି ସମୂହ ବ୍ୟତୀତ ଅନ୍ୟାନ୍ୟ ସୂକ୍ଷ୍ମ ଅର୍ଥନୈତିକ ପ୍ରସଙ୍ଗ ଓ କ୍ଷେତ୍ର ସମ୍ପର୍କରେ ଆଲୋଚନା ଆବଶ୍ୟକ। ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଯାଇଛି।

**ଜିଡିପିର ବୃହତ୍ତର ଅର୍ଥନୈତିକ ସୂଚକାଙ୍କ**

| ଜିଡିପିର ଅଭିବୃଦ୍ଧି (ଶତାଂଶ) | | | | | | | |
|---|---|---|---|---|---|---|---|
| ସୂଚକ | ୨୦୧୬-୧୭ | ୨୦୧୭-୧୮ | ୨୦୧୮-୧୯ | ୨୦୧୮-୧୯ | | | |
| | | | | କ୍ୱାଟର-୧ | କ୍ୱାଟର-୨ | କ୍ୱାଟର-୩ | କ୍ୱାଟର-୪ |
| ବାସ୍ତବ ଜିଡିପି ଅଭିବୃଦ୍ଧି | ୮.୨ | ୭.୨ | ୬.୮ | ୮.୦ | ୭.୦ | ୬.୬ | ୫.୮ |
| ବାସ୍ତବ ମୂଲ୍ୟମିଶ୍ରିତ ଅଭିବୃଦ୍ଧି | ୭.୯ | ୬.୯ | ୬.୬ | ୭.୭ | ୬.୯ | ୬.୩ | ୫.୭ |
| କୃଷି ଓ ତତ୍‌ସଂଲଗ୍ନ କ୍ଷେତ୍ର | ୬.୩ | ୫.୦ | ୨.୯ | ୫.୧ | ୪.୯ | ୨.୮ | ୦.୧ |
| ଶିଳ୍ପ | ୭.୭ | ୫.୯ | ୬.୯ | ୯.୮ | ୬.୭ | ୭.୦ | ୪.୨ |
| ସେବା କ୍ଷେତ୍ର | ୮.୪ | ୮.୧ | ୭.୫ | ୭.୧ | ୭.୩ | ୭.୨ | ୮.୪ |




୧) ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ଥିଲା : ୨୦୧୨-୧୩ରୁ ୨୦୧୮-୧୯ ଆର୍ଥିକ ବର୍ଷର ଶେଷ ଯାଏ ଗତ ପାଞ୍ଚ ବର୍ଷ ମଧ୍ୟରେ ଖାଉଟି ମୂଲ୍ୟ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ଥିଲା। ଏହି ସମୟ ପୂର୍ବରୁ ମୁଦ୍ରାସ୍ଫୀତି ହାର ୯.୯ ବା ଦୁଇଅଙ୍କର ପାଖାପାଖି ରହୁଥିଲା। ତେବେ ଗତ ପାଞ୍ଚ ବର୍ଷ ମଧ୍ୟରେ ଏହି ହାର ୪.୫ ମଧ୍ୟରେ ସୀମିତ ରହିଛି।

୨) ଖାଉଟି ମୂଲ୍ୟସୂଚୀ ଭିତ୍ତିକ ମୁଖ୍ୟ ମୁଦ୍ରାସ୍ଫୀତିର ୨୦୧୮-୧୯ରେ ହାରାହାରି ୩.୪ ଶତାଂଶ ଥିଲା। ୨୦୧୭-୧୮ ବର୍ଷ ଏହା ଥିଲା ୩.୬ ଶତାଂଶ। ତେବେ ୨୦୧୯ ଏପ୍ରିଲ-ମେ ମାସରେ ଏହା ୩.୦ ଶତାଂଶକୁ ହ୍ରାସ ପାଇଥିଲା।

୩) ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୨୦୧୮-୧୯ରେ ୪.୩ ଶତାଂଶ ଥିବାବେଳେ ତା' ପୂର୍ବବର୍ଷ ଏହା ଥିଲା ୩.୦%। ୨୦୧୯ ଏପ୍ରିଲ-ମେରେ ଏହା ୨.୮ ଶତାଂଶକୁ ହ୍ରାସ ପାଇଥିଲା। ନିମ୍ନରେ ପ୍ରଦତ୍ତ ଚିତ୍ରରୁ ମୁଦ୍ରାସ୍ଫୀତିର ସ୍ଥିତି ବୁଝିହେବ।

**ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପ୍ରଭାବ:**
ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଓ ନିରୁତ୍ସାହିତ ବାହ୍ୟ କାରଣଗୁଡ଼ିକ ସତ୍ତ୍ୱେ ଭାରତର ଅର୍ଥନୈତିକ ସ୍ଥିତି ଅପେକ୍ଷାକୃତ ଭଲ ଥିଲା।

**ବାଣିଜ୍ୟ ନିଅଣ୍ଟ:** ଭାରତର ଉତ୍ପାଦିତ ସାମଗ୍ରୀ ସବୁର କାରବାର ୨୦୧୬-୧୭ରେ ୫.୨ ଶତାଂଶ ବଢ଼ିଥିଲା। ଆମଦାନୀ ହାରରେ ୦.୯ ଶତାଂଶ ବୃଦ୍ଧି ଘଟିଥିବାବେଳେ ବାଣିଜ୍ୟିକ ନିଅଣ୍ଟ ହ୍ରାସରେ ଏହା ସହାୟକ ହୋଇଥିଲା। ଭାରତର ସାମଗ୍ରୀ ଓ ଉତ୍ପାଦ ରପ୍ତାନୀ-ଆମଦାନୀ ଯଥାକ୍ରମେ ୧୦ ଓ ୨୧.୧ ଶତାଂଶରେ ପହଞ୍ଚିଥିଲା। ରପ୍ତାନୀଠାରୁ ଆମଦାନୀ ଅଧିକ ହେବାରୁ ବାଣିଜ୍ୟ ନିଅଣ୍ଟ ବଢ଼ିଥିଲା। ୨୦୧୬-୧୭ରେ ଏହି ବାଣିଜ୍ୟ ନିଅଣ୍ଟ ୧୦୮.୫ ବିଲିୟନ ଡଲାର ହୋଇଥିବାବେଳେ ୨୦୧୭-୧୮ରେ ଏହା ୧୬୨.୧ ବିଲିୟନ ଡଲାରରେ ପହଞ୍ଚିଥିଲା। ଅଧିକ ତୈଳ ଆମଦାନୀ ଏବଂ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବଢ଼ିବା ଯୋଗୁଁ ଭାରତର ଆମଦାନୀ ଜନିତ ବ୍ୟୟ ଅଧିକ ହୋଇଥିଲା। ଆନ୍ତର୍ଜାତିକ କ୍ଷେତ୍ରରେ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଭାରତର ବାଣିଜ୍ୟ ନିଅଣ୍ଟ ୨୦୧୮-୧୯ରେ ମାତ୍ର ୨୧.୯ ବିଲିୟନ ଡଲାର ଥିଲା। ତା'ପୂର୍ବ ବର୍ଷ ଏହି ନିଅଣ୍ଟ ପରିମାଣ ଥିଲା ୫୩.୬ ବିଲିୟନ ଡଲାର।

**ଚାଲୁଖାତା ନିଅଣ୍ଟ (କରେଣ୍ଟ ଏକାଉଣ୍ଟ ଡେଫିସିଟି):** ଅର୍ଥନୀତିରେ କରେଣ୍ଟ ଏକାଉଣ୍ଟ ଡେଫିସିଟିର ଅର୍ଥ ଗୋଟିଏ ଦେଶ କେତେ ଟଙ୍କାର ସାମଗ୍ରୀ ରପ୍ତାନୀ କରୁଛି ଓ କେତେ ମୂଲ୍ୟର ସାମଗ୍ରୀ ଆମଦାନୀ କରୁଛି ତା' ମଧ୍ୟରେ ଥିବା ପାର୍ଥକ୍ୟ। ଯଦି ଅଧିକ ଆମଦାନୀ ଓ କମ୍ ରପ୍ତାନୀ ହୁଏ ତେବେ ଦେଶର ବାଣିଜ୍ୟ କାରବାର ଖାତାରେ କ୍ଷତି ବଢ଼ିବା ସ୍ୱାଭାବିକ। ୨୦୧୮-୧୯ରେ ଦେଶର କରେଣ୍ଟ ଏକାଉଣ୍ଟ ଡେଫିସିଟି ଜିଡିପିର ୨.୧ ଭାଗକୁ ବୃଦ୍ଧି ପାଇଛି। ୨୦୧୭-୧୮ରେ ଏହା ଥିଲା ୧.୮ ଶତାଂଶ। ଏହା ବାଣିଜ୍ୟ ନିଅଣ୍ଟର ପରିଣାମ।

**ବିପୁଳ ବିଦେଶୀ ପୁଞ୍ଜି ନିବେଶ:** ୨୦୧୮-୧୯ରେ ଭାରତରେ ବିପୁଳ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ହୋଇଥିଲା। ଏହାର ପରିମାଣ ଥିଲା ୬୪.୩ ବିଲିୟନ ଡଲାର। ୨୦୧୭-୧୮ରେ ଏହା ୬୧ ବିଲିୟନ ଓ ୨୦୧୬-୧୭ରେ ୬୦.୨ ବିଲିୟନ ଡଲାର ଥିଲା। ଏଥିରୁ ଜଣାପଡୁଛି ଯେ ବିଦେଶୀ ପୁଞ୍ଜିନିବେଶକାରୀ ଭାରତୀୟ ଅର୍ଥନୀତି ଉପରେ ଅଧିକ ଆସ୍ଥା ପ୍ରକଟ କରିଛନ୍ତି। ୨୦୧୯ ଏପ୍ରିଲରେ ଭାରତରେ ମୋଟ୍ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ୫.୨ ବିଲିୟନ ଡଲାର ହୋଇଥିବାବେଳେ ୨୦୧୮ ଏପ୍ରିଲରେ ଏହା ଥିଲା ୫.୫ ବିଲିୟନ ଡଲାର।

ବୈଦେଶିକ ମୁଦ୍ରା ମହଜୁଦ ପରିମାଣ : ୨୦୧୯

ମାର୍ଚ୍ଚ ଶେଷ ସୁଦ୍ଧା ଭାରତର ମୋଟ୍ ଗଚ୍ଛିତ ବୈଦେଶିକ ବିନିମୟ ମୁଦ୍ରା ପରିମାଣ ଥିଲା ୪୧୨.୯ ବିଲିୟନ ଡଲାର। ୨୦୧୮ର ଏହି ସମୟ ମଧ୍ୟରେ ଏହି ପରିମାଣ ଥିଲା ୪୨୪.୫ ବିଲିୟନ ଡଲାର। ୨୦୧୯ ଜୁନ୍ ୨୮ ସୁଦ୍ଧା ଭାରତ ପାଖରେ ମୋଟ୍ ୪୨୭.୭ ବିଲିୟନ ଡଲାରର ବୈଦେଶିକ ବିନିମୟ ମୁଦ୍ରା ମହଜୁଦ ଅଛି।

**ନିବେଶ କ୍ଷେତ୍ରରେ ଚିନ୍ତା:** ୨୦୧୧-୧୨ ଆର୍ଥିକ ବର୍ଷଠାରୁ ଭାରତର ନିବେଶ ହାର ଓ ସ୍ଥାୟୀ ନିବେଶ ହାରରେ ନିରନ୍ତର ଅଧୋଗତି ପରିଲକ୍ଷିତ ହୋଇଥିଲା। ତେବେ ୨୦୧୭-୧୮ରେ ଏହା ବୃଦ୍ଧି ପାଇ ୩୨.୩ ଶତାଂଶ ହୋଇଛି। ୨୦୧୬-୧୭ରେ ଏହା ୩୦.୯ ଶତାଂଶ ଥିଲା। ସେହିଭଳି ସ୍ଥାୟୀ ନିବେଶ ହାର (ଜିଡିପିରେ ସ୍ଥାୟୀ ପୁଞ୍ଜି ନିର୍ମାଣର ମୋଟ୍ ଅଂଶ) ୨୦୧୮-୧୯ରେ ୨୮.୬ ହୋଇଥିଲା। ୨୦୧୬-୧୭ରେ ଏହା ଥିଲା ୨୯.୩ ଶତାଂଶ। ତେବେ ଏହି ପରିସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ ଏବଂ ୨୦୧୮-୧୯ର ଶେଷ ତିନିମାସରେ ଉଭୟ ନିବେଶ ହାର ଓ ସ୍ଥାୟୀ ନିବେଶ ହାର ହ୍ରାସ ପାଇଛି।

ଏହା ସତ୍ତ୍ୱେ ଭାରତୀୟ ଅର୍ଥନୀତିରେ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇଛି। ନିମ୍ନରେ ପ୍ରଦତ୍ତ ଦୁଇଟି ତଥ୍ୟରୁ ଏହା ପ୍ରମାଣିତ ହେଉଛି।

- ମୁଡିସ୍ ରେଟିଂ ଏଜେନ୍ସି ଭାରତୀୟ ସ୍ଥାନୀୟ ଓ ବିଦେଶୀ ମୁଦ୍ରା ଇସ୍ୟୁୟର ରେଟିଂକୁ ବଢ଼ାଇ 'ବି' ୬୬୨କୁ ଉନ୍ନୀତ କରିଛି। ପୂର୍ବରୁ ଏହା 'ବି' ୬୬୩ରେ ଥିଲା। ଭାରତରେ ଚାଲିଥିବା ଅର୍ଥନୈତିକ ସଂସ୍କାରବାଦୀ କାର୍ଯ୍ୟକ୍ରମର ସୁଫଳକୁ ବିଚାରକୁ ନେଇ ଏହି ରେଟିଂ ବଢ଼ିଛି।

- ବିଶ୍ୱବ୍ୟାଙ୍କର ସୁଗମ ବେପାର ବଣିଜ ବ୍ୟବସ୍ଥା ରିପୋର୍ଟ ୨୦୧୯ ଅନୁସାରେ ୨୦୧୮ରେ ଭାରତର ସ୍ଥାନ ୨୩ ପାହାଚ ଉପରକୁ ଉଠି ୭୭ରେ ପହଞ୍ଚିଛି।

**ସ୍ଥୁଳ ଦୃଷ୍ଟିକୋଣ:** ଉପର ବର୍ଣ୍ଣିତ ସ୍ଥୁଳ ଅର୍ଥନୈତିକ ସୂଚକାଙ୍କୁ ଭିତ୍ତିକରି ୨୦୧୯-୨୦ ଆର୍ଥିକ ବର୍ଷର ଅବଶିଷ୍ଟ ଅବଧିର ମୋଟାମୋଟି ଦୃଷ୍ଟିଭଙ୍ଗୀ ନିମ୍ନ ପ୍ରକାରର ହେବ।

୨୦୧୮-୧୯ରେ ଅର୍ଥନୀତି ୬.୮ହାରରେ ବଢ଼ିଥିଲା। ଉଚ୍ଚ ତୈଳମୂଲ୍ୟ ଏବଂ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ସତ୍ତ୍ୱେ ଏହି ଅଭିବୃଦ୍ଧି ହାସଲ ହୋଇଥିଲା। ଏବେ ତୈଳମୂଲ୍ୟ ଖସିଛି ଏବଂ ଟଙ୍କାର ବିନିମୟ ମୂଲ୍ୟରେ ସ୍ଥିରତା ଆସିଛି। ଏସବୁ କାରଣରୁ ଭାରତୀୟ ଅର୍ଥନୀତିର ଭବିଷ୍ୟତ ଉଜ୍ଜ୍ୱଳ ମନେହୁଏ। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍), ବିଶ୍ୱ ବ୍ୟାଙ୍କ ସମେତ ସବୁ ଆନ୍ତର୍ଜାତିକ ସଂସ୍ଥା ମତ ଦେଇଛନ୍ତି ଯେ ଆଗାମୀ ଦିନରେ ଭାରତର ଅର୍ଥନୀତିରେ ଉନ୍ନତି ଘଟିବ ଓ ଅଭିବୃଦ୍ଧି ବଢ଼ିବ। ଭାରତରେ ବିଭିନ୍ନ ଢାଞ୍ଚାଗତ ସଂସ୍କାର କାର୍ଯ୍ୟକାରୀ ହେଉଥିବାରୁ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଆଗକୁ ଭଲ ହେବ ବୋଲି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଆକଳନ କରିଛି।

ଭାରତ ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ଏବଂ ଦେଶର ସାମଗ୍ରିକ ଆର୍ଥିକ ସ୍ଥିତିକୁ ବିଚାରକୁ ନେଲେ ଜଣାଯାଏ ଯେ ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧିହାର ୭ ଶତାଂଶ ରହିବ। ଏହି ବିଚାରରେ ଭାରତୀୟ ଅର୍ଥନୀତିର ସ୍ଥିତି ଆଗକୁ ଭଲ ରହିବ ଏବଂ ଅଭିବୃଦ୍ଧି ବଢ଼ିବ। ଘରୋଇ ପୁଞ୍ଜି ନିବେଶ ବୃଦ୍ଧି ଓ ଦେଶରେ ଉପଭୋକ୍ତାବାଦର ବିପୁଳ ପରିସର ଏହି ଅଭିବୃଦ୍ଧିରେ ବିଶେଷ ସହାୟକ ହେବ। ୨୦୧୯ରେ ଯେତେବେଳେ ବିଶ୍ୱ ଅର୍ଥନୀତି, ଅଭ୍ୟୁତ୍ଥାନମୁଖୀ ବଜାର ତଥା ବିକାଶଶୀଳ ଦେଶର ଅର୍ଥନୀତି ସମୂହ ଯଥାକ୍ରମେ ୦.୩ ଓ ୦.୧ ଭାଗ ମାନ୍ଦା ରହିବ ବୋଲି ଆକଳନ କରାଗଲା ସେତେବେଳେ ଭାରତୀୟ ଅର୍ଥନୀତି ଅଭିବୃଦ୍ଧି ହାସଲ କରିବ ବୋଲି କୁହାଯାଇଥିଲା।

**ବଜେଟ ୨୦୧୯-୨୦:** ଚଳିତ ବର୍ଷର କେନ୍ଦ୍ରୀୟ ବଜେଟରେ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ଜିଡିପିର ୩.୩ ରଖାଯାଇଛି। ଏହା ସହିତ ରାଜସ୍ୱ ନିଅଣ୍ଟ ଲକ୍ଷ୍ୟ ଜିଡିପିର ୨.୩ ଶତାଂଶ ହେବ ବୋଲି ଆକଳନ କରାଯାଇଛି।

- କେନ୍ଦ୍ର ସରକାରଙ୍କ ଋଣ ୨୦୧୯-୨୦ ବଜେଟ ଏଷ୍ଟିମେଟ୍‌ରେ ଜିଡିପିର ୪୮ ଶତାଂଶ ହେବ ବୋଲି ହିସାବ କରାଯାଇଛି।

- ସେହିଭଳି ମୋଟ୍ ଟିକସ ରାଜସ୍ୱ ଜିଡିପିର ୧୧.୭ ଶତାଂଶ ହେବାର ବଜେଟରେ ଆକଳନ ହୋଇଛି।

**ପୁଞ୍ଜି ନିର୍ମାଣର ହାର (ଶତାଂଶ)**

| | **୨୦୧୪-୧୫** | **୨୦୧୫-୧୬** | **୨୦୧୬-୧୭** | **୨୦୧୭-୧୮** | **୨୦୧୮-୧୯** |
|---|---|---|---|---|---|
| ମୋଟ୍ ପୁଞ୍ଜି ନିର୍ମାଣ | ୩୩.୫ | ୩୨.୧ | ୩୦.୯ | ୩୨.୩ | ଉପଲବ୍ଧ ନୁହେଁ |
| ରାଷ୍ଟ୍ରାୟତ୍ତ ଉଦ୍ୟୋଗ | ୭.୧ | ୭.୬ | ୭.୧ | ୭.୨ | ଉପଲବ୍ଧ ନୁହେଁ |
| ବେସରକାରୀ କର୍ପୋରେଟ୍ କ୍ଷେତ୍ର | ୧୩.୪ | ୧୩.୨ | ୧୧.୬ | ୧୧.୬ | ଉପଲବ୍ଧ ନୁହେଁ |
| ପାରିବାରିକ କ୍ଷେତ୍ର | ୧୨.୨ | ୯.୬ | ୧୦.୫ | ୧୦.୩ | ଉପଲବ୍ଧ ନୁହେଁ |
| **ମୋଟ୍ ସ୍ଥାୟୀ ପୁଞ୍ଜି ନିର୍ମାଣ** | **୩୦.୧** | **୨୮.୭** | **୨୮.୨** | **୨୮.୬** | **୨୯.୩** |

**ବଜେଟ୍ ନିରୀକ୍ଷଣ :** ଜୁଲାଇ ୨୦୧୭ରେ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ପ୍ରବର୍ତ୍ତିତ ହେବା ପରେ କେନ୍ଦ୍ର ସରକାରଙ୍କର ଏହା ଦ୍ୱିତୀୟ ପୂର୍ଣ୍ଣାଙ୍ଗ ବଜେଟ। ୨୦୧୯-୨୦ ବଜେଟର ବିଶେଷତ୍ୱଗୁଡ଼ିକୁ ନିମ୍ନରେ ପ୍ରଦାନ କରାଯାଇଛି।

ଏଥର ବଜେଟରେ ରାଜ୍ୟଗୁଡ଼ିକୁ ସଶକ୍ତ ଓ ସମୃଦ୍ଧ କରିବାକୁ ପଦକ୍ଷେପ ନିଆଯାଇ ପ୍ରଦେଶ ସମୂହଙ୍କୁ ଅଧିକ ସମ୍ବଳ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିବା ମୋଟ୍ ସମ୍ବଳ (ଟିକସରେ ରାଜ୍ୟଙ୍କ ଅଂଶ, କେନ୍ଦ୍ରୀୟ ଯୋଜନା ବାବଦ ଅର୍ଥ ପ୍ରଦାନକୁ ମିଶାଇ) ୧୩,୨୯,୪୨୮ କୋଟି ଟଙ୍କା ରଖାଯାଇଛି। ଏହା ଗତବର୍ଷର ବଜେଟର ସଂଶୋଧିତ ଅଟକଳ ଠାରୁ ୮୨,୮୪୫ କୋଟି ଟଙ୍କା ଅଧିକ ଏବଂ ୨୦୧୭-୧୮ ବଜେଟ ଅନୁସାରେ ୨,୪୪,୨୯୮ କୋଟି ଟଙ୍କା ବେଶି।

୨୦୧୯-୨୦ ବଜେଟରେ କୃଷି, ସାମାଜିକ କ୍ଷେତ୍ର, ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସେବାବଦରେ ଅଧିକ ଅର୍ଥବରାଦ କରାଯାଇଛି। ଅନ୍ତରୀଣ ବଜେଟ୍‌ରେ ବିତ୍ତୀୟ ନିଅଣ୍ଟ ଜିଡିପିର ୩.୪ ଶତାଂଶ ଥିଲା। ଏଥର ପୂର୍ଣ୍ଣାଙ୍ଗ ବଜେଟରେ ଏହା ୩.୩ ଶତାଂଶ ରହିଛି। ବିଭିନ୍ନ କ୍ଷେତ୍ରରେ ସରକାରୀ ବ୍ୟୟ ବୃଦ୍ଧିର ଯେଉଁ ଜରୁରୀ ଆବଶ୍ୟକତା ରହିଛି ତାହାକୁ ପୂରଣ କରିବା ସହ ବିତ୍ତୀୟ ସୁଦୃଢ଼ୀକରଣ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ବ୍ୟୟରେ ବିଚାରବନ୍ତ ପଦକ୍ଷେପ ଏବଂ ଅତିରିକ୍ତ ସମ୍ବଳ ସୃଷ୍ଟି ଉପରେ ବଜେଟ ଅଗ୍ରାଧିକାର ଦେଇଛି।

**ବ୍ୟୟ :** ଏଥରର ବଜେଟ ଆକଳନରେ ମୋଟ୍ ବ୍ୟୟ ପରିମାଣ ରହିଛି ୨୭,୮୬,୩୪୯ କୋଟି ଟଙ୍କା। ଗତବର୍ଷ ଅପେକ୍ଷା ଏହା ୩,୪୪,୧୩୬ କୋଟି ଟଙ୍କା ଅଧିକ। ବାସ୍ତବ ଅର୍ଥରେ ଏହି ବୃଦ୍ଧି ୩,୨୯,୧୪୪ କୋଟି ଟଙ୍କା। ସେଥିମଧ୍ୟରୁ ବିଭିନ୍ନ ଯୋଜନା ପାଇଁ ୧୨,୦୨,୪୦୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ରାଜସ୍ୱ ବ୍ୟୟ ଓ ପୁଞ୍ଜିଗତ ବ୍ୟୟ ଯଥାକ୍ରମେ ୨୪,୪୭,୭୮୦ କୋଟି ଓ ୩,୩୮,୫୬୯ କୋଟି ଟଙ୍କା ରହିଛି। ପୁଞ୍ଜିଗତ ବ୍ୟୟ (ଆଭ୍ୟନ୍ତରୀଣ ଓ ଅତିରିକ୍ତ ବଜେଟ ସମ୍ବଳ ଆଇଇବିଆର ସମେତ) ଆକଳନ ୮,୭୬,୨୦୯ କୋଟି ଟଙ୍କା ଦର୍ଶାଯାଇଛି।

**ରାଜସ୍ୱ ବ୍ୟୟ :** କେନ୍ଦ୍ର ସରକାରଙ୍କ ରାଜସ୍ୱ ଖର୍ଚ୍ଚର ପ୍ରମୁଖ ଭାଗଗୁଡ଼ିକ ହେଲା ସୁଧ ପ୍ରଦାନ, ସବ୍‌ସିଡି ବା ରିହାତି, କର୍ମଚାରୀଙ୍କ ବେତନ, ପେନ୍‌ସନ୍, ପ୍ରତିରକ୍ଷା ବାବଦ ବ୍ୟୟ, କେନ୍ଦ୍ରୀୟ ପୁଲିସ ଓ ଅର୍ଦ୍ଧ ସାମରିକ ବାହିନୀ ବାବଦ ବ୍ୟୟ, ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ ରାଜ୍ୟମାନଙ୍କୁ ଅନୁଦାନ ଓ କେନ୍ଦ୍ରୀୟ ଯୋଜନା ବାବଦ ଅର୍ଥ ଯୋଗାଣ ପ୍ରଦାନ ଇତ୍ୟାଦି। ଏଥରର ବଜେଟରେ ଋଣ ଉପରେ ସୁଧ ବାବଦରେ ୬୬୦,୪୭୧କୋଟି ଟଙ୍କା ପ୍ରଦାନ କରିବାକୁ ବ୍ୟବସ୍ଥା ହୋଇଛି ଯାହା ମୋଟ୍ ରାଜସ୍ୱ ଆୟର ୩୩.୭%। ସେହିଭଳି ସରକାର ସବ୍‌ସିଡି ବାବଦରେ ମୋଟ୍ ୩,୦୧,୬୯୪ କୋଟି ଟଙ୍କା ପ୍ରଦାନ କରିବେ।

ପ୍ରତିରକ୍ଷା କ୍ଷେତ୍ର ପାଇଁ ଏଥର ମୋଟ୍ ବ୍ୟୟ ବରାଦ ୨୦୧,୯୦୨ କୋଟି ଟଙ୍କା ରଖାଯାଇଛି। ସେହିଭଳି ଅର୍ଥକମିଶନଙ୍କ ଅନୁଦାନ ବାବଦରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୧୨୦୪୦୬ କୋଟି ଟଙ୍କା ପ୍ରଦାନ କରାଯିବ। ଚତୁର୍ଦ୍ଦଶ ଅର୍ଥକମିଶନଙ୍କ ସୁପାରିସ ଚଳିତ ଆର୍ଥିକ ବର୍ଷ ଶେଷ ହେବ।

ସରକାରୀ କର୍ମଚାରୀ, ପ୍ରତିରକ୍ଷା କର୍ମଚାରୀ ଓ ଟେଲିକମ୍ କର୍ମଚାରୀଙ୍କ ପେନ୍‌ସନ୍ ବାବଦରେ ଏଥର ବଜେଟରେ ମୋଟ୍ ୧୭୪,୩୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। କେନ୍ଦ୍ରୀୟ ଯୋଜନାଗୁଡ଼ିକ ପାଇଁ ଏଥର ୮,୭୦,୭୯୪ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି ଯାହା ଗତଥରଠାରୁ ୧୮.୨ ଶତାଂଶ ଅଧିକ। ଏହାଛଡ଼ା କେନ୍ଦ୍ର ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ପାଇଁ ବ୍ୟୟ ବରାଦ ଗତବର୍ଷ ଅପେକ୍ଷା ୮.୮ ଶତାଂଶ ବୃଦ୍ଧି କରାଯାଇ ୩୩୧,୬୧୦ କୋଟି ଟଙ୍କା ଧାର୍ଯ୍ୟ ହୋଇଛି।

**ପୁଞ୍ଜିଗତ ବ୍ୟୟ :** ୨୦୧୯-୨୦ ବଜେଟରେ ପୁଞ୍ଜିଗତ ବ୍ୟୟ ଆକଳନ ପରିମାଣ ୩୩୮୫୬୯ କୋଟି ଟଙ୍କା। ଏହା ଭାରତୀୟ ସଂଗଠିତ (କନ୍‌ସୋଲିଡେଟେଡ୍) ପାଣ୍ଠି ଜରିଆରେ ଖର୍ଚ୍ଚ ହେବ। ନିମ୍ନଲିଖିତ ମନ୍ତ୍ରଣାଳୟ ପାଇଁ ଏହି ପାଣ୍ଠି ନିମ୍ନମତେ ବ୍ୟୟ ହେବ।

୧) ପ୍ରତିରକ୍ଷା : ୧୦୩୩୯୪ କୋଟି ଟଙ୍କା
୨) ରେଳବାଇ : ୬୫୮୩୭ କୋଟି ଟଙ୍କା
୩) ସଡ଼କ ପରିବହନ ଓ ରାଜମାର୍ଗ : ୭୨,୦୫୯ କୋଟି ଟଙ୍କା
୪) ଆବାସ ଓ ସହରାଞ୍ଚଳ ବ୍ୟାପାର : ୧୯,୫୪୪ କୋଟି ଟଙ୍କା
୫) ଅର୍ଥନୈତିକ ବ୍ୟାପାର ମନ୍ତ୍ରଣାଳୟ: ୧୧,୫୮୪ କୋଟି ଟଙ୍କା
୬) ପୁଲିସ : ୧୦,୭୯୦ କୋଟି ଟଙ୍କା

କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଆଭ୍ୟନ୍ତରୀଣ ଓ ବାହ୍ୟ ବଜେଟ ସମ୍ବଳ ଏଥର ବଜେଟରେ ୫୩୭,୬୩୯ କୋଟି ଟଙ୍କା ଦର୍ଶାଯାଇଛି। ପୁଞ୍ଜିଗତ ବ୍ୟୟ (ଆଇଡିବିଆର ସମେତ) ଅଟକଳ ଏଥର ୮୭୬୨୦୯ କୋଟି ଟଙ୍କା ହିସାବ କରାଯାଇଥିବାବେଳେ ଗତବର୍ଷ ଏହା ଥିଲା ୯୨୯୨୩୮ କୋଟି ଟଙ୍କା। ଏଥିରେ ଭାରତୀୟ ଖାଦ୍ୟ ନିଗମକୁ ଦିଆଯାଇଥିବା ୯୭,୦୦୦କୋଟି ଟଙ୍କା ଅନ୍ତର୍ଭୁକ୍ତ।

**ରାଜସ୍ୱ ଓ ପୁଞ୍ଜି ଅସୁଲି :** ମୋଟ୍ ରାଜସ୍ୱ ଆଦାୟରେ ଟିକସ ଓ ଅଣଟିକସ ରାଜସ୍ୱ ଅନ୍ତର୍ଭୁକ୍ତ। ଏଥର ବଜେଟରେ ମୋଟ୍ ରାଜସ୍ୱ ଅସୁଲି ୧୯,୬୨,୭୬୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ତେବେ ସକଳ ବା ସମୁଦାୟ ଟିକସ ଆୟ ୨୪,୬୧,୧୯୫କୋଟି ଟଙ୍କା ହେବ ବୋଲି ଏଥର ବଜେଟରେ ଦର୍ଶାଯାଇଛି। ଏହି ପରିମାଣ ଗତବର୍ଷଠାରୁ ୯.୪ ଶତାଂଶ ଅଧିକ। ରାଜ୍ୟମାନଙ୍କ ଅଂଶ ପ୍ରଦାନ ଓ ଏନ୍‌ଡିଆରଏଫ୍‌କୁ ଉଦ୍ଦିଷ୍ଟ ଭାଗ ଦେଇସାରିବା ପରେ କେନ୍ଦ୍ର ସରକାରଙ୍କର ନିଟ୍ ଟିକସ ରାଜସ୍ୱ ପରିମାଣ ୧୬,୪୯, ୫୮୨କୋଟି ଟଙ୍କା ହେବ। ଗତବର୍ଷଠାରୁ ଏହା ୧୧.୧୩ ଶତାଂଶ ଅଧିକ।

ଆୟକର, କର୍ପୋରେଟ ଟିକସ ଭଳି ପ୍ରତ୍ୟେକ୍ଷ ଟିକସ ଆୟ ଚଳିତ ଆର୍ଥିକ ବର୍ଷରେ ୧୩,୩୫,୦୦୦ କୋଟି ଟଙ୍କା ହେବ ବୋଲି ହିସାବ କରାଯାଇଛି। ସେହିଭଳି ସୀମାଶୁଳ୍କ, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଓ ଜିଏସ୍‌ଟି ଭଳି ପରୋକ୍ଷ କର ଆଦାୟ ପରିମାଣ ୧୧,୨୨,୦୧୫ କୋଟି ଟଙ୍କା ହେବ ବୋଲି ବଜେଟ ହିସାବରେ ଉଲ୍ଲେଖ ଅଛି।

ଲାଭାଂଶ (ଡିଭିଡେଣ୍ଡ), ଜମା ଉପରେ ସୁଧ ବାବଦ ଆୟ, ଲାଇସେନ୍ସ ଫି, ୟୁଜର୍ସ ଫି, ବାହ୍ୟ ଋଣ, ପୁଞ୍ଜି ପ୍ରତ୍ୟାହାର ବାବଦ ଅର୍ଥ ପ୍ରାପ୍ତି ଆଦି ଅଣ ଟିକସ ରାଜସ୍ୱ ପରିମାଣ ୩,୧୩,୧୭୯ କୋଟି ଟଙ୍କା ହେବ ବୋଲି ବଜେଟରେ ଆକଳନ କରାଯାଇଛି। ଏହାଛଡ଼ା ଅଣଋଣ ପୁଞ୍ଜି ଆୟ ବାବଦରେ ଏଥର ମୋଟ୍ ୧,୧୯,୮୨୮ କୋଟି ଟଙ୍କା ଆଦାୟ ହେବାର ହିସାବ କରାଯାଇଛି। ଏହାଛଡ଼ା ପୁଞ୍ଜି ବିନିଯୋଗ ପ୍ରକ୍ରିୟାରେ ଚଳିତ ବର୍ଷ ସରକାର ବାସ୍ତବରେ ୧୦୫,୦୦୦କୋଟି ଟଙ୍କା ପାଇବେ ବୋଲି ଆଶା ରଖିଛନ୍ତି। ଋଣ ଉଠାଣ ମିଆଦ ଭିତ୍ତିକ ସରକାରୀ ପ୍ରତିଭୂତି ପ୍ରବର୍ତ୍ତନ ଏବଂ ଅନ୍ୟାନ୍ୟ ଉପାୟରେ ସରକାର ଚଳିତ ବର୍ଷ ବଜାରରୁ ମୋଟ୍ ୧୧,୩୩,୧୨୨କୋଟି ଟଙ୍କା ଋଣ ଉଠାଇବାକୁ ଲକ୍ଷ୍ୟ ରଖିଛନ୍ତି ଏବଂ ଏହା ବଜେଟରେ ସ୍ଥାନ ପାଇଛି।

**ବଜେଟ ମୁଖ୍ୟାଂଶ:** ୨୦୧୯-୨୦ ବଜେଟରେ ମୁଖ୍ୟାଂଶଗୁଡ଼ିକ ନିମ୍ନମତେ ଆଲୋଚିତ ହୋଇଛି।

**ପୁଞ୍ଜିନିବେଶ ପ୍ରୋତ୍ସାହନ ପଦକ୍ଷେପ:**

- ଘରୋଇ ସଞ୍ଚୟ ବୃଦ୍ଧି ସହିତ ଅଭିବୃଦ୍ଧିରେ ସହାୟକ ହେବାଭଳି ପଦକ୍ଷେପ ଗ୍ରହଣ ଓ ଆୟବୃଦ୍ଧି ଉପରେ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ସାମୟିକ ଭାବେ ସଞ୍ଚୟ ବୃଦ୍ଧି ପାଇବ ଏବଂ ଅର୍ଥନୀତି ବଢ଼ିବ।

- ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶକୁ ଅଧିକ ପ୍ରୋତ୍ସାହିତ କରିବାକୁ ଏ ସଂକ୍ରାନ୍ତ ନୀତିକୁ ଅଧିକ କୋହଳ କରାଯାଇଛି। ବୀମାକ୍ଷେତ୍ରରେ ଶତପ୍ରତିଶତ ବିଦେଶୀ ପୁଞ୍ଜି ନିବେଶ ପାଇଁ ଅନୁମତି ଦିଆଯାଇଛି।

- ସିଙ୍ଗଲ ବ୍ରାଣ୍ଡ ରିଟେଲ ସେକ୍ଟରରେ ଲୋକାଲ ସୋର୍ସିଂ ନିୟମକୁ କୋହଳ କରାଯାଇଛି।

> ୨୦୧୮-୧୯ରେ ଅର୍ଥନୀତି ୬.୮ ହାରରେ ବଢ଼ିଥିଲା। ଉଚ୍ଚ ତୈଳମୂଲ୍ୟ ଏବଂ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ସତ୍ତ୍ୱେ ଏହି ଅଭିବୃଦ୍ଧି ହାସଲ ହୋଇଥିଲା। ଏବେ ତୈଳମୂଲ୍ୟ ଖସିଛି ଏବଂ ଟଙ୍କାର ବିନିମୟ ମୂଲ୍ୟରେ ସ୍ଥିରତା ଆସିଛି। ଏସବୁ କାରଣରୁ ଭାରତୀୟ ଅର୍ଥନୀତିର ଭବିଷ୍ୟତ ଉଜ୍ଜ୍ୱଳ ମନେହୁଏ। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍), ବିଶ୍ୱ ବ୍ୟାଙ୍କ ସମେତ ସବୁ ଆନ୍ତର୍ଜାତିକ ସଂସ୍ଥା ମତ ଦେଇଛନ୍ତି ଯେ ଆଗାମୀ ଦିନରେ ଭାରତର ଅର୍ଥନୀତିରେ ଉନ୍ନତି ଘଟିବ ଓ ଅଭିବୃଦ୍ଧି ବଢ଼ିବ। ଭାରତରେ ବିଭିନ୍ନ ଢାଞ୍ଚାଗତ ସଂସ୍କାର କାର୍ଯ୍ୟକାରୀ ହେଉଥିବାରୁ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ଆଗକୁ ଭଲ ହେବ ବୋଲି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଆକଳନ କରିଛି। ଭାରତ ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ଏବଂ ଦେଶର ସାମଗ୍ରିକ ଆର୍ଥିକ ସ୍ଥିତିକୁ ବିଚାରକୁ ନେଲେ ଜଣାଯାଏ ଯେ ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅଭିବୃଦ୍ଧିହାର ୭ ଶତାଂଶ ରହିବ। ଏହି ବିଚାରରେ ଭାରତୀୟ ଅର୍ଥନୀତିର ସ୍ଥିତି ଆଗକୁ ଭଲ ରହିବ ଏବଂ ଅଭିବୃଦ୍ଧି ବଢ଼ିବ। ଘରୋଇ ପୁଞ୍ଜି ନିବେଶ ବୃଦ୍ଧି ଓ ଦେଶରେ ଉପଭୋକ୍ତାବାଦର ବିପୁଳ ପରିସର ଏହି ଅଭିବୃଦ୍ଧିରେ ବିଶେଷ ସହାୟକ ହେବ। ୨୦୧୯ରେ ଯେତେବେଳେ ବିଶ୍ୱ ଅର୍ଥନୀତି, ଅଭ୍ୟୁଥାନମୁଖୀ ବଜାର ତଥା ବିକାଶଶୀଳ ଦେଶର ଅର୍ଥନୀତି ସମୂହ ଯଥାକ୍ରମେ ୦.୩ ଓ ୦.୧ ଭାଗ ମାନ୍ଦା ରହିବ ବୋଲି ଆକଳନ କରାଗଲା ସେତେବେଳେ ଭାରତୀୟ ଅର୍ଥନୀତି ଅଭିବୃଦ୍ଧି ହାସଲ କରିବ ବୋଲି କୁହାଯାଇଥିଲା।

- କମ୍ପାନୀରେ ଏଫ୍‌ପିଆଇ ନିବେଶ କ୍ଷେତ୍ରରେ ବୈଧାନିକ ସୀମାକୁ ବଢ଼ାଇ ଦିଆଯାଇଛି। ସଂପୃକ୍ତ କମ୍ପାନୀ ନିଜର ନିବେଶ କେତେ କରିବ ସେଥିପାଇଁ ନିୟମ କୋହଳ ହୋଇଛି।

**ଘରୋଇ ନିବେଶ ବୃଦ୍ଧି ପାଇଁ ପଦକ୍ଷେପ:**

- ୨୫ ଶତାଂଶର ନିମ୍ନ କର୍ପୋରେଟ୍ ଟିକସ ପାଇଁ କମ୍ପାନୀଙ୍କ ବାର୍ଷିକ କାରବାର (ଟର୍ଣ୍ଣଓଭର) ସୀମା ୨୫୦ କୋଟିରୁ ୪୦୦ କୋଟିକୁ ବଢ଼ାଇ ଦିଆଯାଇଛି।

- ବିଦ୍ୟୁତ୍ ଚାଳିତ ଯାନ କ୍ରୟ ପାଇଁ ୧.୫ ଲକ୍ଷ ଟଙ୍କାର ସୁଧ ଉପରେ ଅତିରିକ୍ତ ଆୟକର ହ୍ରାସ ସୁବିଧା ଦିଆଯାଇଛି। ବିଦ୍ୟୁତ୍ ଚାଳିତ ଯାନ ଉପରେ ଯେଉଁ ୧୨ ଶତାଂଶ ଜିଏସ୍‌ଟି ଲାଗୁ ହେଉଛି ତାହାକୁ ୫ ଶତାଂଶକୁ ହ୍ରାସ କରିବାକୁ ଜିଏସ୍‌ଟି ପରିଷଦକୁ ସୁପାରିଶ କରାଯାଇଛି।

- ଜାତୀୟ ରାଜପଥର ପ୍ରସାର ଓ ବିକାଶ ସହିତ ଭିତ୍ତିଭୂମି ଉନ୍ନୟନ ପାଇଁ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ୧୦୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ।

- ଘରୋଇ-ସରକାରୀ ସହଭାଗିତା ଢାଞ୍ଚାରେ ରେଳବାଇ ଭିତ୍ତିଭୂମିର ବିକାଶ କରାଯିବ, ରେଳପଥ ନିର୍ମାଣ, ରେଳ ଇଞ୍ଜିନ ଓ ଡବା କ୍ରୟ / ନିର୍ମାଣ, ରେଳପଥର ରକ୍ଷଣାବେକ୍ଷଣ ଓ ବିକାଶ, ଯାତ୍ରୀ ଓ ମାଲପରିବହନକୁ ଅଗ୍ରାଧିକାର ପ୍ରଦାନ।

- ସ୍ଫୂର୍ତ୍ତି ଯୋଜନାରେ ପାରମ୍ପରିକ ଉଦ୍ୟୋଗର ବିକାଶ ଏବଂ ଏଥିପାଇଁ ବିଭିନ୍ନ ସ୍ଥାନରେ କ୍ଲଷ୍ଟର ନିର୍ମାଣ। ଏହା ମାଧ୍ୟମରେ ଅଧିକ ଉତ୍ପାଦନ ଓ କର୍ମନିଯୁକ୍ତି ସୃଷ୍ଟି।

- କେତେକ କଞ୍ଚାମାଲ ଓ ପୁଞ୍ଜିଗତ ସାମଗ୍ରୀ ଉପରୁ ବହିଃଶୁଳ୍କ ହ୍ରାସ। ଘରୋଇ ମାନୁଫାକଚରରଙ୍କୁ ପ୍ରୋତ୍ସାହନ।

- ପ୍ରତ୍ୟେକ ଏସ୍‌ଏଚ୍‌ଜିରେ ଥିବା ଅନ୍ୟୁନ ଜଣେ ମହିଳାଙ୍କୁ ମୁଦ୍ରା ଯୋଜନାରେ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ।।

- ଜିଏସ୍‌ଟି ବ୍ୟବସ୍ଥାରେ ମାସିକ ଟିକସ ପ୍ରଦାନ ବ୍ୟବସ୍ଥାର ସରଳୀକରଣ। ବାର୍ଷିକ ୫କୋଟି ଟଙ୍କାରୁ

କମ୍ କାରବାର କରୁଥିବା ପ୍ରତିଷ୍ଠାନ / ବ୍ୟବସାୟୀଙ୍କ ପ୍ରତି ତିନିମାସରେ ଥରେ ଜିଏସ୍‌ଟି ଦେବାକୁ ହେବ। କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ମାଗଣା ସଫ୍ଟୱ୍ୟାର ଆକାଉଣ୍ଟିଂ ବ୍ୟବସ୍ଥାର ସୁବିଧା ଯୋଗାଣ।

- ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ଓ ଅର୍ଥନୀତିକୁ ସଚଳ କରିବାକୁ ୭୦ହଜାର କୋଟି ଟଙ୍କାର ପୁଞ୍ଜି ଯୋଗାଣ ପ୍ରସ୍ତାବ।

**ସଂଯୋଗ:**

- ଭୌତିକ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ଏଥର ବଜେଟରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା, ଶିଳ୍ପ କରିଡର ନିର୍ମାଣ, ସମର୍ପିତ ମାଲ୍ ପରିବହନ କରିଡର ତିଆରି, ଭାରତମାଳା, ସାଗରମାଳା ପ୍ରକଳ୍ପ, ଜଳମାର୍ଗ ବିକାଶ ଓ ଉଡ଼ାନ୍ ଯୋଜନା ସେଥିମଧ୍ୟରୁ ଅନ୍ୟତମ।

- ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତକୁ ଏକ ମାନୁଫାକଚରିଙ୍ଗ ହବ୍‌ରେ ପରିଣତ କରିବା ପାଇଁ ଉଦ୍ୟୋଗୀ ଓ ଉଦ୍ୟୋଗକୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ।

- ମେଟ୍ରୋ ରେଲର ବିକାଶ ଓ ଏହି କାର୍ଯ୍ୟକ୍ରମର ସଂପ୍ରସାରଣ। ପେମେଣ୍ଟ ଇକୋସିଷ୍ଟମର ପ୍ରବର୍ତ୍ତନ, ଜାତୀୟ କମନ ମୋବିଲିଟି କାର୍ଡର ପ୍ରବର୍ତ୍ତନ ବ୍ୟବସ୍ଥା। ରୂପେ କାର୍ଡ ବ୍ୟବହାରକୁ ବହୁମୁଖୀ କରିବା।

- ଗୋଟିଏ ଦେଶ ଗୋଟିଏ ଗ୍ରୀଡ୍ ବ୍ୟବସ୍ଥାରେ ସବୁରାଜ୍ୟଙ୍କୁ ଯୋଡ଼ି ଶକ୍ତି ଯୋଗାଣକୁ ନିଶ୍ଚିତ କରିବା, ଗ୍ୟାସ୍ ଗ୍ରୀଡ୍ ପ୍ରତିଷ୍ଠା ସହ ଜଳଗ୍ରୀଡ୍ ନିର୍ମାଣକୁ ପ୍ରୋତ୍ସାହନ ଓ ଆଞ୍ଚଳିକ ବିମାନବନ୍ଦର ଅଧିକରୁ ଅଧିକ ନିର୍ମାଣ।

**ପାଞ୍ଚ ଟ୍ରିଲିୟନ ଡଲାର ବିଶିଷ୍ଟ ଅର୍ଥନୀତି:**

ଭାରତୀୟ ଅର୍ଥନୀତି ଆଉ ଅଳ୍ପ କେଇ ବର୍ଷ ମଧ୍ୟରେ ୫ ଟ୍ରିଲିୟନ ଡଲାର ବିଶିଷ୍ଟ ହେବ ବୋଲି ବଜେଟରେ ଆକଳନ କରାଯାଇଛି। ଏହାକୁ ବାସ୍ତବାଭିମୁଖୀ କରିବା ପାଇଁ ବଜେଟରେ କେତେକ ବିଷୟ ପ୍ରତି ଗୁରୁତ୍ୱ ଦିଆଯାଇଛି। ତେବେ ଏ କ୍ଷେତ୍ରରେ ଯେଉଁସବୁ ପ୍ରମୁଖ ସମସ୍ୟା ରହିଛି ତାହାକୁ ଦୂର କରିବା ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ହେବ। ସେଗୁଡ଼ିକ ହେଲା -

- ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ କ୍ରମଶଃ ସ୍ୱଳ୍ପସ୍ୱଳ୍ପ ହ୍ରାସ କରିବାକୁ ହେବ।

- ଦେଶର ମୁଦ୍ରାସ୍ଫୀତି ହାରକୁ ବର୍ତ୍ତମାନ ସ୍ତରରେ ସୀମିତ ରଖିବାକୁ ପଡ଼ିବ।

- ଜିଡିପିର ବାର୍ଷିକ ଅଭିବୃଦ୍ଧି ହାରକୁ ବଢ଼ାଇ ଉଚ୍ଚତର କରିବାକୁ ହେବ।

- ଅର୍ଥନୀତିର ସାମଗ୍ରିକ ଉତ୍ପାଦକତାକୁ ବଢ଼ାଇବାକୁ ପଡ଼ିବ।

- ଘରୋଇ ସଂଚୟ ହାରକୁ ବୃଦ୍ଧି କରିବାକୁ ହେବ।

- ଦେଶର ଚାଲୁଖାତାର ନିଅଣ୍ଟକୁ ସମ୍ଭାଳି ହେବା ସ୍ଥିତିରେ ରଖିବାକୁ ପଡ଼ିବ।

**ଉପସଂହାର:**

ଦେଶର ପ୍ରବର୍ତ୍ତମାନ ଆର୍ଥିକ ସ୍ଥିତି ଓ ଅସୁବିଧାଗୁଡ଼ିକୁ ବିଚାରକୁ ନେଇ ୨୦୧୯-୨୦ ବଜେଟ ପ୍ରସ୍ତୁତ କରାଯାଇଛି। ତଦନୁସାରେ ବିଭିନ୍ନ କ୍ଷେତ୍ର ପାଇଁ ବ୍ୟୟ ବରାଦ ସମ୍ବଳକୁ ଚାହିଁ ହୋଇଛି ଏବଂ ଅଗ୍ରାଧିକାର କ୍ଷେତ୍ର ପ୍ରତି ଅଧିକ ଧ୍ୟାନ ଦିଆଯାଇଛି। ଏଥିରେ ଆର୍ଥିକ ବିଜ୍ଞତା ଓ ଦୂରଦୃଷ୍ଟି ରହିଛି। ବଜେଟ ଦେଶର ପ୍ରଗତିକୁ ଅଗ୍ରାଧିକାର ଦେଇଛି ଏବଂ ବିଭିନ୍ନ ଜ୍ୱଳନ୍ତ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେଇଛି। ସର୍ବୋପରି ଏଥିରେ ଦେଶର ଅର୍ଥନୀତିକୁ ପାଞ୍ଚ ଟ୍ରିଲିୟନ ଡଲାର ବିଶିଷ୍ଟ କରିବାକୁ ଯଥୋଚିତ ପଦକ୍ଷେପ ଗ୍ରହଣ କରାଯାଇଛି।

ଭାରତର ଉତ୍ପାଦିତ ସାମଗ୍ରୀ ସବୁର କାରବାର ୨୦୧୬-୧୭ରେ ୫.୨ ଶତାଂଶ ବଢ଼ିଥିଲା। ଆମଦାନୀ ହାରରେ ୦.୯ ଶତାଂଶ ବୃଦ୍ଧି ଘଟିଥିବାବେଳେ ବାଣିଜ୍ୟିକ ନିଅଣ୍ଟ ହ୍ରାସରେ ଏହା ସହାୟକ ହୋଇଥିଲା। ଭାରତର ସାମଗ୍ରୀ ଓ ଉତ୍ପାଦ ରପ୍ତାନୀ-ଆମଦାନୀ ଯଥାକ୍ରମେ ୧୦ ଓ ୨୧.୧ ଶତାଂଶରେ ପହଞ୍ଚିଥିଲା। ରପ୍ତାନୀଠାରୁ ଆମଦାନୀ ଅଧିକ ହେବାରୁ ବାଣିଜ୍ୟ ନିଅଣ୍ଟ ବଢ଼ିଥିଲା। ୨୦୧୬-୧୭ରେ ଏହି ବାଣିଜ୍ୟ ନିଅଣ୍ଟ ୧୦୮.୫ ବିଲିୟନ ଡଲାର ହୋଇଥିବାବେଳେ ୨୦୧୭-୧୮ରେ ଏହା ୧୬୨.୧ ବିଲିୟନ ଡଲାରରେ ପହଞ୍ଚିଥିଲା। ଅଧିକ ତୈଳ ଆମଦାନୀ ଏବଂ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବଢ଼ିବା ଯୋଗୁଁ ଭାରତର ଆମଦାନୀ ଜନିତ ବ୍ୟୟ ଅଧିକ ହୋଇଥିଲା। ଆନ୍ତର୍ଜାତିକ କ୍ଷେତ୍ରରେ ଆର୍ଥିକ ମାନ୍ଦାବସ୍ଥା ସତ୍ୱେ ଭାରତର ବାଣିଜ୍ୟ ନିଅଣ୍ଟ ୨୦୧୮-୧୯ରେ ମାତ୍ର ୨୧.୯ ବିଲିୟନ ଡଲାର ଥିଲା। ତା'ପୂର୍ବ ବର୍ଷ ଏହି ନିଅଣ୍ଟ ପରିମାଣ ଥିଲା ୫୩.୬ ବିଲିୟନ ଡଲାର।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ସଚିବ।**

**Email ID: secy-dea@nic.in**

# ଟିକସ ପ୍ରସ୍ତାବ: ସାଧାରଣ ଜନତାଙ୍କୁ ଫାଇଦା


ଡକ୍ଟର ଅଜୟ ଭୂଷଣ ପାଣ୍ଡେ

ଅନେକ ସମ୍ଭାବନାମୟ ନିବେଶ ଜରିଆରେ ଭାରତ ତା'ର ଅର୍ଥନୀତିକୁ ୫ ଟ୍ରିଲିୟନ୍ ଡଲାରରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ସ୍ଥିର କରିଛି। ଚଳିତ ଆର୍ଥିକ ବର୍ଷ ସୁଦ୍ଧା ୩ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପହଞ୍ଚିସାରିଲାଣି ଭାରତ। କ୍ରୟକ୍ଷମତା କ୍ଷେତ୍ରରେ ଚୀନ୍ ଓ ଆମେରିକା ପରେ ଆମ ଦେଶ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ରାଷ୍ଟ୍ର।

ରିଫର୍ମ (ସଂସ୍କାର), ପରଫର୍ମ (ପ୍ରଦର୍ଶନ) ଓ ଟ୍ରାନ୍ସଫର୍ମ (ରୂପାନ୍ତର) ଭଳି ଅଭିବୃଦ୍ଧିର ତିନିଟି ମନ୍ତ୍ରକୁ ନେଇ ଭାରତ ଆଗଉଛି। ଭାରତ ଲାଗି ଏକ ରୂପାନ୍ତରମୁଖୀ ପରିବର୍ତ୍ତନର ସମୟ ଚାଲିଛି। ଟେକ୍ନୋଲୋଜି (ଜ୍ଞାନକୌଶଳ), ନବସୃଜନ (ଇନୋଭେସନ୍), ପୋଟେନ୍‌ସିଆଲ(ସମ୍ଭାବ୍ୟ କ୍ଷମତା) ଏବଂ ସମ୍ବଳର ଉପଯୁକ୍ତ ବ୍ୟବହାର କରି ସାଧାରଣ ଜନତାଙ୍କୁ ସଶକ୍ତ, ଭବିଷ୍ୟତକୁ ଅଧିକ ଉନ୍ନତ, ପ୍ରତିଷ୍ଠାନ ଗୁଡିକୁ ବ୍ୟାପକ ଆଧୁନିକୀକରଣ, ଭିତ୍ତିଭୂମିର ପୁନଃନିର୍ମାଣ, ଆର୍ଥିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ସହ ସାମାଜିକ-ସାଂସ୍କୃତିକ ବିଚାରଧାରାକୁ ନବଜାଗରିତ କରିବା ଦ୍ୱାରା ଇପ୍‌ସିତ୍ ଲକ୍ଷ୍ୟ ହାସଲ ହୋଇପାରିବ। ଏହା ଦ୍ୱାରା ପରିବର୍ତ୍ତନ ଅଣାଯାଇପାରିବ।

ଭାରତ କେବଳ ତା'ର ପୁରୁଣା ବ୍ୟବସ୍ଥାଭିତ୍ତିକ ଗତିଶୀଳତାକୁ ଛାଡି ଆଗକୁ ମାଡିଯିବାର ଲକ୍ଷ୍ୟ ସ୍ଥିର କରିନି; ବରଂ ସ୍ୱାଧୀନତା ପରବର୍ତ୍ତୀ ଏକ ବୃହତ୍ କାଳଖଣ୍ଡରେ ଯେଉଁ ଲକ୍ଷ୍ୟହାସଲରେ ସମର୍ଥ ହୋଇପାରିନି ତାହାକୁ ହାସଲ ଲାଗି ଏବେ ନକ୍ସା ପ୍ରସ୍ତୁତ କରିଛି। ତଦନୁଯାୟୀ କାର୍ଯ୍ୟ କରୁଛି। ସବୁଠୁ ବଡ଼ କଥା ହେଉଛି, ଆନ୍ତର୍ଜାତିକ ସ୍ତରରେ ଭାରତ ଅଧିକରୁ ଅଧିକ ସଫଳତା ହାସଲ କରି ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତାରେ ଏକ ଛାପ ଛାଡ଼ିବାର ପ୍ରୟାସ ଜାରି ରଖିଛି। ରାଷ୍ଟ୍ର ହିଁ ସର୍ବୋପରି- ଏଭଳି ଏକ ବିଚାରଧାରାକୁ ନାଗରିକଙ୍କ ଭିତରେ ଉଜ୍ଜିବୀତ କରି ସାମାଜିକ ସ୍ତରରେ ପରିବର୍ତ୍ତନମୁହାଁ ହେଉଛି। ଦେଶରେ ଥିବା ବ୍ୟାପକ ଅର୍ଥନୈତିକ ସୁବିଧା ସୁଯୋଗ ଜରିଆରେ ଜନତା କିଭଳି ସଶକ୍ତ ଓ ସମୃଦ୍ଧ ହେବେ, ସହାବସ୍ଥାନ ଓ ବ୍ୟବସାୟ ଅଧିକ ସହଜ ଓ ସୁଗମ ହୋଇପାରିବ, ଏପରିକି କେହି ଯେମିତି ପଛରେ ପଡି ନଯିବେ ସେଥିପ୍ରତି ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି।

ଭାରତ ଏବେ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢୁଛି। ବିଶ୍ୱର ସର୍ବବୃହତ୍ ଡିଜିଟାଲ୍ ନାଗରିକ ଚିହ୍ନଟ ପ୍ରକ୍ରିୟାରେ ପାଖାପାଖି ୯୯ ପ୍ରତିଶତ ଅର୍ଥାତ୍ ୧୨୪ କୋଟି ଲୋକଙ୍କୁ ଆଧାର ସଂଯୋଗ କରାଯାଇଛି। ପାରିବାରିକ ଆର୍ଥିକ ଅର୍ନ୍ତଭୁକ୍ତୀକରଣ ଲାଗି ୬୫



କୋଟି ପରିବାରର ୧୧୯କୋଟି ଜନତାଙ୍କର ବ୍ୟାଙ୍କଖାତା ଖୋଲାଯାଇପାରିଛି। ଯାହାକି ୯୯.୮ ପ୍ରତିଶତ ରହିଛି। ୧୧୮ କୋଟି ମୋବାଇଲ ସଂଯୋଗ ସହ ଦେଶରେ ଟେଲିଯୋଗାଯୋଗ ବା ଦୂରସଂଚାର ସାନ୍ଦ୍ରତା ୯୧.୮ ପ୍ରତିଶତରେ ପହଞ୍ଚାଯାଇପାରିଛି। ଏହାଦ୍ୱାରା ହିଁ ଭାରତ ଏକ ଦ୍ରୁତ ଆର୍ଥିକ ବିକାଶଶୀଳ ରାଷ୍ଟ୍ର ଭାବେ ଆଗେଇ ୨.୭ ଟ୍ରିଲିୟନ୍ ଡଲାର ଅର୍ଥନୀତିକୁ ଏବେ ଛୁଇଁପାରିଛି।

ସମ୍ପ୍ରତି ଭାରତ ବିଶ୍ୱର ୬ଷ୍ଠ ବୃହତ୍ ଅର୍ଥନୀତି ରାଷ୍ଟ୍ର। ଭାରତର ଏହି ଅର୍ଥନୈତିକ ପ୍ରଗତି ପଛରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଟିକସ ବ୍ୟବସ୍ଥାର। ପ୍ରାଚୀନ ଅର୍ଥଶାସ୍ତ୍ରୀ କୌଟିଲ୍ୟ 'ଅର୍ଥଶାସ୍ତ୍ର'ରେ ଦେଶର ମାନ୍ୟତା ତା'ର ଅର୍ଥନୀତିକ କ୍ଷମତାରେ ଠିଆ ହୋଇଥିବା ଉଲ୍ଲେଖ କରିଛନ୍ତି। ଅର୍ଥନୀତି ହେଉଛି ଏକ ରାଷ୍ଟ୍ରର ମେରୁଦଣ୍ଡ। ତେଣୁ ବର୍ତ୍ତମାନ ସମୟରେ ଭାରତ ଏକ ଶକ୍ତିଶାଳୀ ଅର୍ଥନୀତି, ଦ୍ରୁତ ବିକାଶ ସହ ଉତ୍ତମ ଶାସନ ଏବଂ ପାରଦର୍ଶିତାର ଆବଶ୍ୟକତା ରଖୁଛି। ଏହାକୁ ହାସଲ କରିବା ଲାଗି ଉପଯୁକ୍ତ ଟିକସ ପ୍ରସ୍ତାବ ଓ ପାରଦର୍ଶୀ ବ୍ୟବସ୍ଥା ରହିବା ଦରକାର। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଲୋଡ଼ା ଟିକସ ବ୍ୟବସ୍ଥାର ଆଧୁନିକୀକରଣ। ଫଳରେ ବିଭାଗର କାର୍ଯ୍ୟଦକ୍ଷତା ଆଧୁନିକ, ଟିକସଦାତା ଉପଯୋଗୀ ସହଜ, ସରଳ ଓ ସୁଗମ ହେବ। ଟିକସ ବ୍ୟବସ୍ଥା ନେଇ ସାଧାରଣରେ ରହିଥିବା ଅନେକ ଦ୍ୱନ୍ଦ୍ୱ, ସମସ୍ୟା ଓ ପ୍ରଶ୍ନ ଗୁଡ଼ିକର ତ୍ୱରିତ ସମାଧାନ କରାଯାଇପାରିବ। ଅଧିକରୁ ଅଧିକ ଲୋକ ଟିକସ ପୈଠ କରିବା ଲାଗି ଆଗ୍ରହ ପ୍ରକାଶ କରିବେ। ଟିକସ ନୀତିର ଦୁଇ ଅତ୍ୟାବଶ୍ୟକ ଦିଗ ପ୍ରତି ଧ୍ୟାନ ରଖିବାକୁ ପଡ଼ିବ। ପ୍ରଥମତଃ ସରକାର ନିର୍ଭରଯୋଗ୍ୟ ରାଜସ୍ୱ ସୂତ୍ରରୁ ଅଧିକ ପାଣ୍ଠି ସଂଗ୍ରହ ପାଇଁ ଦକ୍ଷତାର ସହ ସମସ୍ତ ପଦକ୍ଷେପ ଗ୍ରହଣ କରିବା ଏବଂ ଦ୍ୱିତୀୟରେ ଯେଉଁମାନେ ଟିକସ ଫାଙ୍କି କଳାଧନ ଜମା କରୁଛନ୍ତି, ଏପରିକି ଦେଶରେ ଏକ ସମାନ୍ତରାଳ ଅର୍ଥନୀତି ଚଳାଇଛନ୍ତି ସେସବୁ ଉପରେ ଦୃଢ଼ ଅଙ୍କୁଶ ଲଗାଇବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଟିକସ ପଇଠ ଲାଗି ଏକ ସକାରାତ୍ମକ ପ୍ରତିସ୍ପର୍ଦ୍ଧା ଲୋକଙ୍କ ଭିତରେ ସୃଷ୍ଟି କରାଯାଇପାରିଲେ ଅର୍ଥନୀତି ଅଧିକ ମଜବୁତ୍ ହେବା ସହ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

ସରକାର ଯେଉଁସବୁ କଲ୍ୟାଣକାରୀ ଯୋଜନା ଚଳାଇଛନ୍ତି ଏବଂ ଭିତ୍ତିଭୂମି ନିର୍ମାଣ ଚାଲିଛି ସେସବୁ ବିଶେଷକରି ଟିକସଦାତାଙ୍କ ଅର୍ଥରୁ ହେଉଛି। ଆଜିର ଅତ୍ୟାଧୁନିକ ଅର୍ଥନୀତିକ ବିଶ୍ୱରେ ଆମକୁ ଏକ ଅନ୍‌ଲାଇନ୍ ଟିକସ ପୈଠ ବ୍ୟବସ୍ଥାର ବିକାଶ କରିବା ଆବଶ୍ୟକ। ଫଳରେ କରଦାତା ଗୋଟିଏ ମାତ୍ର କ୍ଲିକ୍‌ରେ ଟିକସ ପୈଠ କରିପାରୁଥିବ। ଏକାଧିକ ଝାମେଲାରୁ କରଦାତାଙ୍କୁ ମୁକ୍ତି ମିଳିପାରିବ। ଏହା କେବଳ ଟିକସଦାତା କ୍ଷେତ୍ରରେ ନୁହେଁ; ଆୟକର ବିଭାଗର କାର୍ଯ୍ୟକୁ ମଧ୍ୟ ଅନେକାଂଶରେ ସରଳ କରିପାରିବ। ଉତ୍ତମ ସେବା, ଅଭିଯୋଗ ଶୁଣାଣି, ବିନା ବାଧାରେ ଟିକସ ପୈଠ ଓ ଯାଞ୍ଚ କରିବା ଲାଗି ଆୟକର ସଂସ୍ଥା ପାଇଁ ସହଜ ହୋଇପାରିବ। ବିଶେଷକରି ଏକ୍ଷେତ୍ରରେ ସଚ୍ଚୋଟ ଟିକସଦାତାଙ୍କୁ ପ୍ରୋତ୍ସାହନ ମଧ୍ୟ ଦିଆଯାଇପାରିବ।

ସାଧାରଣତଃ ଏକ ଭ୍ରାନ୍ତ ଧାରଣା ରହିଆସିଛି ଯେ ଟିକସ ପ୍ରଦାନ ଏକ ଜୋରିମାନା; ମାତ୍ର ଏହା ସଂପୂର୍ଣ୍ଣ ଭୁଲ୍ କଥା। ବାସ୍ତବରେ ଟିକସଦାତା ହେଉଛି ରାଷ୍ଟ୍ର ନିର୍ମାଣକାରୀ। ପୁରାତନ ଅମୂଳକ ଧାରଣାରୁ ଉପରକୁ ଉଠି ନାଗରିକମାନେ ଟିକସ ପୈଠ କଲେ ରାଷ୍ଟ୍ରର ମଙ୍ଗଳ ଓ ବହୁବିଧ ଉନ୍ନତି ହୋଇପାରିବ। ଏଥିପାଇଁ ନାଗରିକମାନଙ୍କ ଟିକସ ପ୍ରଦାନ କ୍ଷମତାକୁ ଦୃଷ୍ଟିରେ ରଖି ଟିକସ ନୀତିକୁ ଅତ୍ୟନ୍ତ ବ୍ୟବସ୍ଥିତ କରିବା ଲାଗି ପ୍ରସ୍ତାବ ପ୍ରସ୍ତୁତ କରିବାକୁ ପଡ଼ିବ। ଫୁଲରୁ ମହୁ ବାହାର ନ କରିପାରି ତାକୁ ଫୋପାଡ଼ିଦେବା ଭଳି ନୀତି ଗ୍ରହଣ ଅପେକ୍ଷା ବ୍ୟବସ୍ଥାରେ ସରଳୀକରଣ କରି ଅଧିକରୁ ଅଧିକ ଟିକସଦାତାଙ୍କୁ ଏନେଇ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଛି।

'ଦ ଫାଇନାନ୍ସ (ନଂ-୨) ବିଲ ୨୦୧୯ରେ ଏକାଧିକ ଟିକସ ଫାଇଦା ପ୍ରସ୍ତାବ ଦିଆଯାଇଛି। ୨୦୧୯-୨୦ ଆର୍ଥିକ ବର୍ଷ ଲାଗି କେନ୍ଦ୍ର ସରକାର ଆଣିଥିବା ବଜେଟ୍‌ରେ ସାଧାରଣ ନାଗରିକ ଓ ମଧ୍ୟବିତ୍ତ ଆୟକରଦାତାଙ୍କ ଲାଗି ଅନେକ ସୁବିଧା କରାଯାଇଛି। ଏହି ପରିପ୍ରେକ୍ଷୀରେ 'ଫାଇନାନ୍ସ ଆକ୍ଟ ୨୦୧୯' ଜରିଆରେ ଅନ୍ତରୀଣ ବଜେଟ୍‌ରେ ସରକାର ଏନେଇ ଏକାଧିକ ରିଆତି ଟିକସଦାତାଙ୍କ ଲାଗି ଘୋଷଣା କରିଥିଲେ। ଯାହାକି ୨୦୧୯-୨୦ ଆର୍ଥିକ ବର୍ଷରୁ ଲାଗୁ ହେଉଛି। ଏବେ ଜାଣିବା ୨୦୧୯-୨୦ ଆର୍ଥିକ ବର୍ଷରେ ମଧ୍ୟବିତ ଶ୍ରେଣୀର ଟିକସଦାତାଙ୍କୁ କି କି ଆୟକର ରିଆତି ମିଳିପାରିବ।

### ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟରେ ଟିକସ ଛାଡ଼

ଯେଉଁମାନଙ୍କର ବାର୍ଷିକ ବ୍ୟକ୍ତିଗତ ଆୟ ୫ ଲକ୍ଷ ଟଙ୍କା ବା ତା'ଠାରୁ କମ୍ ହୋଇଥିବ ସେମାନଙ୍କୁ କୌଣସି ଆୟକର (ଟିକସ) ଦେବାକୁ ପଡ଼ିବନି। ଟିକସ ପ୍ରସ୍ତାବରେ ଏହି ଘୋଷଣା କରାଯାଇଛି। ଏହାବ୍ୟତୀତ ଯାହାଙ୍କର ବାର୍ଷିକ ଆୟ ୬.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥିବ ସେମାନଙ୍କୁ ଆୟକର ଆଇନର ଧାରା ୮୦(ଗ) ଅନୁଯାୟୀ ୧.୫ ଲକ୍ଷ ଟଙ୍କାର ଟିକସ ରିଆତି ମିଳିବ। ଅର୍ଥାତ୍ ୬.୫ ଲକ୍ଷ ଟଙ୍କା ଆୟକାରୀଙ୍କୁ ମଧ୍ୟ ପ୍ରକାରାନ୍ତରେ କୌଣସି ଆୟକର ପଡ଼ିବନି।

### ଗୃହଋଣ ସୁଧ ଉପରେ ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ରିଆତି

ଯେଉଁ ବ୍ୟକ୍ତିବିଶେଷ ଘର କିଣିବା ଲାଗି ବ୍ୟାଙ୍କ ଋଣ କରିଥିବେ ସେମାନଙ୍କୁ ଆୟକର ରିଆତି ମଧ୍ୟ ପ୍ରଦାନ ବ୍ୟବସ୍ଥା ରହିଛି। ପୂର୍ବରୁ ଋଣର ସୁଧ ଉପରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼ କରାଯାଉଥିବାବେଳେ ଏଥର ଏହାକୁ ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି।

### ବିଦ୍ୟୁତ୍‌ଚାଳିତ ଯାନ ଋଣ ଉପରେ ୧.୫ ଲକ୍ଷ ଟଙ୍କା ସୁଧ ଛାଡ଼

ଯେଉଁବ୍ୟକ୍ତି ବିଦ୍ୟୁତ୍‌ଚାଳିତ ଯାନ କିଣିବା ଲାଗି ଋଣ କରିଥିବେ, ତାହାର ସୁଧ ଉପରେ ମଧ୍ୟ ସରକାର ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାଡ଼ କରିବାକୁ ଘୋଷଣା କରିଛନ୍ତି।

ଅତଏବ ଏସବୁକୁ ବିଚାରକୁ ନେଲେ ଯେଉଁ ବ୍ୟକ୍ତିଙ୍କ ଆୟ ବାର୍ଷିକ ୧୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥିବ ଏବଂ ସେ ଗୃହଋଣ କରିଥିବେ, ବିଦ୍ୟୁତ୍‌ଚାଳିତ ଯାନ କିଣିବା ଲାଗି ଋଣ ନେଇଥିବେ ଏବଂ ଆୟକର ଆଇନର ଧାରା ୮୦ସି ଅନୁଯାୟୀ କେତେକ କ୍ଷେତ୍ରରେ ଆବଶ୍ୟକ ପୁଞ୍ଜିନିବେଶ କରିଥିବେ, ସେମାନଙ୍କୁ କୌଣସି ଆୟକର ଦେବାକୁ ପଡିବନି।

ଅନ୍ୟପକ୍ଷରେ ଦରମାପ୍ରାପ୍ତ କର୍ମଚାରୀଙ୍କ ଲାଗି ଷ୍ଟାଣ୍ଡାର୍ଡ ଡିଡକ୍ସନ୍‌କୁ ମଧ୍ୟ କେନ୍ଦ୍ର ସରକାର ଏଥର ବଜେଟ୍‌ରେ ବଢାଇ ଅଧିକ ଫାଇଦା ପ୍ରଦାନ କରିଛନ୍ତି। ଗତଥର ଷ୍ଟାଣ୍ଡାର୍ଡ ଡିଡ଼କ୍ସନ ବାବଦରେ ବଜେଟ୍‌ରେ କରଦାତାଙ୍କ ଲାଗି ଟିକସ ବ୍ୟବସ୍ଥାରେ ୪୦ ହଜାର ଫାଇଦା ଦିଆଯାଉଥିଲା। ଏଥର ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

ସେହିଭଳି ଦ୍ୱିତୀୟ ସ୍ଥାନରେ ନିଜର ଘର ଥିଲେ ତାହା ଉପରେ ଭଡ଼ା ବାବଦ ଆୟକର ରିଆତି ବ୍ୟବସ୍ଥା ମଧ୍ୟ ବଜେଟ୍‌ରେ ଘୋଷଣା କରାଯାଇଛି।

ଅନୁରୂପ ଭାବେ ପୂର୍ବରୁ ଗୋଟିଏ ସ୍ଥାନରେ ଘର ଥାଇ ଅନ୍ୟ ଏକ ସ୍ଥାନରେ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଗୃହ ନିର୍ମାଣ କରୁଥିଲେ କିମ୍ବା କିଣିଲେ ତାହା ଉପରେ ମଧ୍ୟ ଟିକସ ରିଆତି ବ୍ୟବସ୍ଥା ଏଥର କରାଯାଇଛି।

ଟ୍ୟାକ୍ସ ଡିଡକ୍ସନ୍ ଆଟ୍ ସୋର୍ସ(ଟିଡିଏସ) ପାଇଁ ଥ୍ରେସ୍‌ହୋଲ୍ଡ ଲିମିଟ୍ (ଆୟକରମୁକ୍ତ ବାର୍ଷିକ ଆୟ ସୀମାଠାରୁ ଅତିରିକ୍ତ ରୋଜଗାର ଉପରେ) ମଧ୍ୟ ବିଭିନ୍ନ ପର୍ଯ୍ୟାୟରେ ବଢାଯାଇଛି।

୧- ପୂର୍ବରୁ ବ୍ୟାଙ୍କ ସୁଧ ଉପରେ ଟିକସ ଛାଡ ଲାଗି ଟିଡିଏସ୍ ପାଇଁ ଥ୍ରେସ୍‌ହୋଲ୍ଡ ସୀମା ମାତ୍ର ୧୦ ହଜାର ଟଙ୍କା ରହିଥିଲା। ଏବେ ଏହାକୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ନିମ୍ନ ଓ ମଧ୍ୟବିତ ଆୟକାରୀଙ୍କୁ ଫାଇଦା ଦେବ।

୨- ଘରଭଡ଼ା ବାବଦରେ ଆୟଜନିତ ଟିଡିଏସ ସୀମା ପୂର୍ବରୁ ୧.୮ ଲକ୍ଷ ରହିଥିବାବେଳେ ଏବେ ଏହାକୁ ୨.୪ ଲକ୍ଷ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି। ଅର୍ଥାତ୍ ପୂର୍ବରୁ ୧.୮ ଲକ୍ଷ ଟଙ୍କା ଟିକସ ଛାଡ଼ ମିଳୁଥିବାବେଳେ ଏବେ ୨.୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଫାଇଦା ମିଳିବ।

**ଅର୍ଥ ବିଲ୍ ୨୦୧୯ (ପୂର୍ଣ୍ଣାଙ୍ଗ ବଜେଟ୍)**

ବାସପଯୋଗୀ ଘର କିଣା ଉପରେ ପ୍ରୋତ୍ସାହନ: ବାସପୋଯୋଗୀ ଗୃହ କିଣିବା ଲାଗି ଋଣର ସୁଧ ଉପରେ ଟିକସ ରିଆତିକୁ ୨ ଲକ୍ଷରୁ ୩.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

ବିଦ୍ୟୁତ୍‌ଚାଳିତ ଯାନ କ୍ରୟକୁ ପ୍ରୋତ୍ସାହନ: ସ୍ୱଚ୍ଛ ଇନ୍ଧନକୁ ଗୁରୁତ୍ୱ ଦେବା ଲାଗି କେନ୍ଦ୍ର ସରକାର ଏଥର ବଜେଟ୍‌ରେ ଟିକସ ପ୍ରୋତ୍ସାହନ ବ୍ୟବସ୍ଥା କରିଛନ୍ତି। ଯେଉଁବ୍ୟକ୍ତି ବିଦ୍ୟୁତ୍‌ଚାଳିତ ଯାନ କ୍ରୟ କରିବା ଲାଗି ଋଣ ନେଇଥିବେ ତାଙ୍କୁ ଋଣ ଉପରେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ରିଆତି ମିଳିବ।

**ପ୍ୟାନ୍ ଓ ଆଧାର ଅଦଳବଦଳ ଯୋଗ୍ୟ:** ପୂର୍ବରୁ ରିଟର୍ଣ୍ଣ ଫାଇଲ କରିବା ହେଉ କିମ୍ବା କୌଣସି ବ୍ୟାଙ୍କ କାରବାର ଲାଗି ପ୍ୟାନ୍ (ପରମାନେଣ୍ଟ ଆକାଉଣ୍ଟ ନମ୍ବର) ଆବଶ୍ୟକ ପଡୁଥିଲା। ତେବେ ଏଣିକି ଏସବୁ କ୍ଷେତ୍ରରେ ପ୍ୟାନ୍ ସହ ଆଧାରକୁ ମଧ୍ୟ ବ୍ୟବହାର କରି ବ୍ୟାଙ୍କ କାରବାର କରାଯାଇପାରିବ। ଅର୍ଥାତ୍ ପ୍ୟାନ୍ ଓ ଆଧାର ଉଭୟ ନେଣଦେଣ କ୍ଷେତ୍ରରେ ବୈଧ ଓ ପରସ୍ପର ଅଦଳ ବଦଳ କରିହେବ।

**ଏନପିଏସ୍‌ରେ ପ୍ରୋତ୍ସାହନ:** କେନ୍ଦ୍ର ସରକାର ବଜେଟ୍‌ରେ ଏଥର ନେସନାଲ ପେନ୍‌ସନ୍ ସ୍କିମ୍(ଏନପିଏସ)ରେ ମଧ୍ୟ କର୍ମଚାରୀମାନଙ୍କୁ ଅନେକ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଇକ୍ୱିଟୀ ଓ ଅନ୍ୟାନ୍ୟ ସଞ୍ଚୟ କ୍ଷେତ୍ରରେ ଏଥିରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼ ବ୍ୟବସ୍ଥା ରହିଛି।

୧- ଏନପିଏସ୍ ଆକାଉଣ୍ଟ ବନ୍ଦକରି ସଂପୂର୍ଣ୍ଣ ଅର୍ଥ ଉଠାଣ କଲେ ଏହା ଉପରେ ପୂରା କରଛାଡ଼ ବ୍ୟବସ୍ଥା କରାଯାଇଛି।

୨- ଏନପିଏସ୍‌ରେ କେନ୍ଦ୍ର ସରକାରଙ୍କ ଅଂଶ ବାବଦ ଅର୍ଥ ମଧ୍ୟ ୧୪ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ପୁଞ୍ଜିନିବେଶ କର୍ମଚାରୀ ଭବିଷ୍ୟତରେ ଅଧିକ ସୁଧ ସହ ଅର୍ଥ ପାଇପାରିବେ।

୩- କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନେ ସେମାନଙ୍କ ଟାୟର-୨ ଏନପିଏସ୍ ଆକାଉଣ୍ଟରେ ଯେଉଁ ଅଂଶଧନ ଜମା କରିଥିବେ ତାହା

INTERIM BUDGET 2019-20

### କଳାଧନ ବିରୋଧରେ ଅଭିଯାନ

୧ ଲକ୍ଷ ୩୦ ହଜାର କୋଟି ଟଙ୍କା ଅଘୋଷିତ ଆୟକୁ ଟିକସ ପରିସରଭୁକ୍ତ କରାଯାଇଛି।

୫୦ ହଜାର କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ କରାଯାଇଛି।

ଅତ୍ୟଧିକ ନଗଦ ରଖିଥିବା ବ୍ୟକ୍ତିଙ୍କୁ ସେମାନଙ୍କ ଆୟ ଉତ୍ସ ଘୋଷଣା କରିବାକୁ ବାଧ୍ୟ କରାଯାଇଛି।

୩୮ ହଜାର ସେଲ୍ କମ୍ପାନୀ ଠାବ କରାଯାଇ ସେଗୁଡ଼ିକୁ ଅଣପଞ୍ଜୀକୃତ କରାଯାଇଛି।

୨୦୧୭-୧୮ ଆର୍ଥିକ ବର୍ଷରେ ୧ କୋଟିରୁ ଅଧିକ ଟିକସଦାତାଙ୍କୁ ସାମିଲ୍ କରାଯାଇଛି।



/PIB_India /PIBHindi /pibindia /pibindia pibindia.wordpress.com /pibindia pib.gov.in

> ସମ୍ପ୍ରତି ଭାରତ ବିଶ୍ୱର ୬ଷ୍ଠ ବୃହତ୍ ଅର୍ଥନୀତି ରାଷ୍ଟ୍ର। ଭାରତର ଏହି ଅର୍ଥନୈତିକ ପ୍ରଗତି ପଛରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଟିକସ ବ୍ୟବସ୍ଥାର। ପ୍ରାଚୀନ ଅର୍ଥଶାସ୍ତ୍ରୀ କୌଟିଲ୍ୟ 'ଅର୍ଥଶାସ୍ତ୍ର'ରେ ଦେଶର ମାନ୍ୟତା ତା'ର ଅର୍ଥନୀତିକ କ୍ଷମତାରେ ଠିଆ ହୋଇଥିବା ଉଲ୍ଲେଖ କରିଛନ୍ତି। ଅର୍ଥନୀତି ହେଉଛି ଏକ ରାଷ୍ଟ୍ରର ମେରୁଦଣ୍ଡ। ତେଣୁ ବର୍ତ୍ତମାନ ସମୟରେ ଭାରତ ଏକ ଶକ୍ତିଶାଳୀ ଅର୍ଥନୀତି, ଦ୍ରୁତ ବିକାଶ ସହ ଉତ୍ତମ ଶାସନ ଏବଂ ପାରଦର୍ଶିତାର ଆବଶ୍ୟକତା ରଖୁଛି। ଏହାକୁ ହାସଲ କରିବା ଲାଗି ଉପଯୁକ୍ତ ଟିକସ ପ୍ରସ୍ତାବ ଓ ପାରଦର୍ଶୀ ବ୍ୟବସ୍ଥା ରହିବା ଦରକାର। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଲୋଡ଼ା ଟିକସ ବ୍ୟବସ୍ଥାର ଆଧୁନିକୀକରଣ। ଫଳରେ ବିଭାଗର କାର୍ଯ୍ୟଦକ୍ଷତା ଆଧୁନିକ, ଟିକସଦାତା ଉପଯୋଗୀ ସହଜ, ସରଳ ଓ ସୁଗମ ହେବ।

ମଧ୍ୟ ଆଇଟି ଆଇନର ଧାରା ୮୦ସି ଅନୁଯାୟୀ ଟିକସମୁକ୍ତ ରହିଛି।

**କେବଳ ଆୟ ଉପରେ ବୀମା ପଲିସି ଟିଡିଏସ୍:** ବୀମା ପଲିସି କ୍ଷେତ୍ରରେ ମୋଟ ଜମା(ଗ୍ରସ୍ ଜମା) ଉପରେ ଟିଡିଏସ୍ କଟୁଥିବାବେଳେ ଏଣିକି କେବଳ ଆୟ ଉପରେ ଟିକସ ପଡିବ ବୋଲି ପ୍ରସ୍ତାବ ରହିଛି।


**ଆୟକର ରିଟର୍ଣ୍ଣ ପ୍ରି-ଫାଇଲିଂ:** ଆୟକର ରିଟର୍ଣ୍ଣ ଦାଖଲର ତୃତୀୟପକ୍ଷ ପରିସରକୁ ବ୍ୟାପକ ତଥା ସହଜ କରିବା, ଟିକସଦାତାଙ୍କ ଅଭିଯୋଗକୁ କମ୍ କରିବା ଲାଗି କେତେକ ପ୍ରସ୍ତାବ ବଜେଟ୍‌ରେ ଦିଆଯାଇଛି। ମାନବ ବିକାଶ ସୂଚୀରେ ଭାରତର ସ୍ଥିତିକୁ ଉପରକୁ ଉଠାଇବା ପାଇଁ ଦୂରଦୃଷ୍ଟି ସଂପନ୍ନ ଦ୍ରୁତ ଅଭିବୃଦ୍ଧି ଲାଗି ଏକ ସୁସ୍ଥ ଟିକସ ନୀତି ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଉଦାରବାଦୀ ଟିକସ ସ୍ଲାବ୍ ପ୍ରସ୍ତୁତ କରି ଅଧିକରୁ ଅଧିକ କରଦାତାଙ୍କୁ ସାମିଲ କରିବାର ପ୍ରୟାସ ହୋଇଛି। ସେମାନଙ୍କ ଆବେଦନ ଓ ଅଭିଯୋଗ ଶୁଣାଣି ତଥା ସମାଧାନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଟିକସ ପ୍ରଦାନ କ୍ଷେତ୍ରରେ ପ୍ରଶାସନିକ ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ ରଖିବା, ଅଯଥା ଟିକସବୋଝ ଆୟକରଦାତା ଉପରେ ନ ପକାଇବା, ଏକ୍ଷେତ୍ରରେ ଉଠୁଥିବା ବିବାଦକୁ ହ୍ରାସ କରିବା, ଅନ୍‌ଲାଇନ୍ ଜରିଆରେ ସରଳ ସେବା ବ୍ୟବସ୍ଥା ଗ୍ରହଣ ଉପରେ ପ୍ରାଥମିକତା ଦିଆଯାଇଛି। ବିଶେଷକରି ଅନ୍‌ଲାଇନ୍ ଜରିଆରେ ରିଟର୍ଣ୍ଣ ଫାଇଲିଂ ପଦ୍ଧତିକୁ ଅତ୍ୟନ୍ତ ସରଳ ଓ ପ୍ରଭାବୀ କରାଯାଇଛି। ଏହାଫଳରେ ଅଧିକରୁ ଅଧିକ କରଦାତାଙ୍କୁ ଏଥିପାଇଁ ଆକର୍ଷିତ କରିବା ସହ ଟିକସ ଚୋରିକୁ ରୋକିବା ବ୍ୟବସ୍ଥା କରାଯାଇଛି।

ଏହି ପ୍ରଣାଳୀରେ ଟିକସ ପୈଠ ଦ୍ୱାରା ଦେଶର ବିକାଶ କାର୍ଯ୍ୟରେ ତା'ର ପାଣ୍ଠି ବିନିଯୋଗ ହେଉଛି ବୋଲି ଜଣେ କରଦାତା ସୁନିଶ୍ଚିତ ରହିବା ସରକାରଙ୍କ ଲକ୍ଷ୍ୟ। ସେଥିଲାଗି ବ୍ୟବସ୍ଥାରେ ସମନ୍ୱୟ ଓ କାର୍ଯ୍ୟଦକ୍ଷତାକୁ ପ୍ରାଧାନ୍ୟ ଦିଆଯାଇଛି। ଏହାଫଳରେ ଆୟକର ଦାଖଲ ଲାଗି ଟିକସଦାତାଙ୍କୁ ବାଧ ନକରି ସେ କିଭଳି ସ୍ୱତଃ ଆଗେଇ ଆସି ସଙ୍କୋଚତାର ସହ ରାଷ୍ଟ୍ର ନିର୍ମାଣରେ ସହଭାଗୀ ହେବ ସେଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ଆଇନର ଛାଟ ନୁହେଁ; ବରଂ କରଦାତା ଟିକସ ପୈଠ ଲାଗି ଆପେ ଆପେ ଆଗ୍ରହ ପ୍ରକାଶ କରିବା ଉପରେ ନୀତିରେ ସରଳୀକରଣ କରାଯାଇଛି। ରିଟର୍ଣ୍ଣ ଫାଇଲିଂ ନୂତନ ଜ୍ଞାନକୌଶଳ ଜରିଆରେ କିଭଳି ସହଜ ଓ ସୁଗମ ହେବ, କରଦାତା ତାକୁ ମିଳିବାକୁ ଥିବା ରିଆତି ଓ ପ୍ରୋତ୍ସାହନ ବାବଦରେ କିପରି ଅବଗତ ହେବ ସେଥିପାଇଁ ବ୍ୟବସ୍ଥାରେ ଢାଞ୍ଚାଗତ ପରିବର୍ତ୍ତନ କରାଯାଇଛି।

ଅନୁରୂପ ଭାବେ ଆମେ ଅପ୍ରତ୍ୟକ୍ଷ ଟିକସ (ଇନ୍‌ଡାଇରେକ୍ଟ ଟ୍ୟାକ୍ସ) ବ୍ୟବସ୍ଥାକୁ ମଧ୍ୟ ସରଳ ଓ ଆଧୁନିକୀକରଣ କରିସାରିଛେ। ସାମଗ୍ରୀ ଓ ସେବା ଟିକସ (ଜିଏସଟି) ଦେଶବ୍ୟାପୀ ଲାଗୁ କରିବା ଯୋଗୁଁ ବ୍ୟବସ୍ଥାରେ କେବଳ ସରଳୀକରଣ ଆସିନି; ବରଂ ଦେଶରେ ଏକକ ତଥା ସମାନ ଟିକସ ଢାଞ୍ଚା ପ୍ରସ୍ତୁତ ହୋଇପାରିଛି। ଜୁଲାଇ ୨୦୧୭ରୁ ଭାରତରେ ଗୋଟିଏ ଦେଶ, ଗୋଟିଏ ଟିକସ ପ୍ରଣାଳୀକୁ କାର୍ଯ୍ୟକ୍ଷମ କରି ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ପାରଦର୍ଶିତା ଅଣାଯାଇପାରିଛି। ଜିଏସଟି ଲାଗୁ ଯୋଗୁଁ ୯୯ ପ୍ରତିଶତ ନିତ୍ୟ ବ୍ୟବହୃତ ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକ ଉପରେ ରିଟେଲର ପଏଣ୍ଟରେ ଶୂନ୍ୟ ଟିକସ ଅଥବା କେତେକାଂଶରେ ୫ ପ୍ରତିଶତ ଟିକସ ଭିତରେ ସୀମାବଦ୍ଧ କରାଯାଇଛି। ଫଳରେ ରାଜ୍ୟ ରାଜ୍ୟ ମଧ୍ୟରେ ବିଭିନ୍ନ ସାମଗ୍ରୀ ଉପରେ ରହୁଥିବା ଭିନ୍ନ ଭିନ୍ନ ଟିକସ ପରିମାଣକୁ ଉଚ୍ଛେଦ କରାଯାଇଛି। ଜିଏସଟି ଦ୍ୱାରା ଏକାଧିକ ଟିକସ ପରିବର୍ତ୍ତେ ଗୋଟିଏ ଟିକସ ବ୍ୟବସ୍ଥା ଲାଗୁ ହେବାରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡିକରେ ରହୁଥିବା ଟିକସ ଅସମାନତା ଦୂର ହୋଇପାରିଛି। ଏପରିକି ଗ୍ରାହକଙ୍କୁ ଭିନ୍ନ ଟିକସ ଆଳରେ ଠକୁଥିବା ମୁନାଫାଖୋର ବ୍ୟବସାୟୀ ଓ ବ୍ୟବସାୟ ଉପରେ ଅଙ୍କୁଶ ଲଗାଯାଇପାରିଛି।

ଅନୁରୂପ ଭାବେ ଆମେ ପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ମଧ୍ୟ ଆଧୁନିକୀକରଣ କାର୍ଯ୍ୟ ଚାଲୁରଖିଛେ। ଏଥିପାଇଁ ପ୍ରତ୍ୟକ୍ଷ ଟିକସ କୋଡ଼ (ଡାଇରେକ୍ଟ ଟ୍ୟାକ୍ସ କୋଡ) ପ୍ରସ୍ତୁତ କରାଯାଇଛି। ଏହା ଫଳରେ ସର୍ବାଧିକ ଟିକସ ସ୍ତରରେ ରାଜସ୍ୱ ଆୟର ରେକର୍ଡ ରଖିହେବ। ଅତ୍ୟାବଶ୍ୟକ ଟିକସ ସଂସ୍କାର ସହ ପଦ୍ଧତିରେ ସରଳୀକରଣ କରାଯାଇପାରିବ। ବରିଷ୍ଠ ନାଗରିକଙ୍କୁ ଟିକସ ରିଆତି ପ୍ରଦାନ ସହ ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ପର୍ଯ୍ୟାୟର କରଦାତାଙ୍କ ଲାଗି ଉତ୍ତମ ତଥା ପାରଦର୍ଶୀ ବ୍ୟବସ୍ଥା ସୁନିଶ୍ଚିତ କରାଯାଇପାରିବ। ବ୍ୟବସାୟ ଓ କାରବାରକୁ ଅଧିକ ସରଳୀକରଣ, ଟିକସଜନିତ ମାମଲା ଓ ବିବାଦର ସଂଖ୍ୟା ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହାସହିତ

ବିଶେଷକରି ମନି ଲାଉଣ୍ଡରିଂ, କଳାଧନ ଜମାକାରୀ ଓ ଅର୍ଥନୈତିକ ପଳାତକ, ଟିକସ ଫାଙ୍କୁଥିବା ବ୍ୟକ୍ତି ଓ ସଂସ୍ଥା ଉପରେ ନିୟନ୍ତ୍ରଣ ରଖି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସରକାର ପ୍ରତିଶ୍ରୁତିବଦ୍ଧତାର ସହ ପଦକ୍ଷେପ ନେଉଛନ୍ତି। ସଚ୍ଚୋଟ ଟିକସଦାତାଙ୍କୁ କିଭଳି ଉତ୍ତମ ସେବା ଯୋଗାଇ ଦେଇହେବ ସେ ଦିଗରେ ସରକାରଙ୍କ ପ୍ରାଥମିକତା ରହିଛି।




ଟିକସ ସ୍ତରକୁ ବୃଦ୍ଧି କରିବା, ସଂଖ୍ୟାଧିକ ଟିକସଦାତା ଯେଭଳି କର ପୈଠ କରିବା ଲାଗି ଆଗ୍ରହ ପ୍ରକାଶ କରିବେ ସେଥିଲାଗି ପ୍ରଶାସନ ବେଶ୍ ସକାରାତ୍ମକ ଦିଗରେ କାର୍ଯ୍ୟ ଜାରି ରଖିଛି। ଲାଭଜନକ ପ୍ରୋତ୍ସାହନକୁ ଧୀରେ ଧୀରେ ଓ ପର୍ଯ୍ୟାୟକ୍ରମେ ଉଠାଇ ନେବା ଦିଗରେ ପଦକ୍ଷେପ ନେଉଛି। ଟିକସ ବ୍ୟବସ୍ଥାର ଆଧୁନିକୀକରଣ ଓ ଟିକସ ଠକମାନଙ୍କୁ ରୋକିବା ଲାଗି କଠୋର ଆଇନ ପ୍ରଣୟନ କରାଯାଇଛି। ବିଶେଷକରି କଳାଧନ, ବେନାମୀ ସମ୍ପତ୍ତି, ବେଇମାନୀ କାରବାର, ଅର୍ଥନୈତିକ ଅପରାଧୀ ଆଦିଙ୍କୁ ଦମନ କରିବା ଲାଗି ଏହି କଡ଼ା ଆଇନ ଅଭିପ୍ରେତ। ଭବିଷ୍ୟତରେ ଯେଭଳି ଏଭଳି ଠକେଇ ଦୁଃସାହସକୁ ରୋକାଯାଇପାରିବ ସେଦିଗରେ ଏଭଳି କଠୋର ଆଇନ ଏକ ଅମୋଘ ଅସ୍ତ୍ର ସାବ୍ୟସ୍ତ ହେବ।

ଏକ ଉତ୍ତରଦାୟୀ ଓ କ୍ରିୟାଶୀଳ ଟିକସ ପଦ୍ଧତି ଦ୍ୱାରା ଏ ସଂକ୍ରାନ୍ତ ଅଭିଯୋଗ ଗୁଡ଼ିକର ଶୀଘ୍ର ସମାଧାନ ହେବ। ଫଳରେ ବ୍ୟବସ୍ଥାରେ ପାରଦର୍ଶିତା ଆସିପାରିବ। ନୂତନ ଜ୍ଞାନକୌଶଳ(ଟେକ୍ନୋଲୋଜି) ଉପଯୋଗ ଦ୍ୱାରା ନିୟମିତ ବ୍ୟବସାୟ ଓ କାରବାର ଅଧିକ ଗତି ଧରିଛି। ଅନ୍‌ଲାଇନ୍ ଫାଇଲିଂ ଓ ଆୟକର ବାବଦ କଟିଥିବା ଅର୍ଥ ଫେରସ୍ତ ବ୍ୟବସ୍ଥା ଏବେ କାର୍ଯ୍ୟକାରୀ କରାଯାଉଛି। ଏହାର ଫାଇଦା ସଚ୍ଚୋଟ କରଦାତା ଉଠାଇ ପାରୁଛନ୍ତି। ଭବିଷ୍ୟତରେ ରିଟର୍ଣ୍ଣ ଫାଇଲ କିମ୍ବା ଟିକସ ପ୍ରଦାନ ବାବଦ କାଗଜପତ୍ର ଚିହ୍ନଟ, ଅନୁଧାନ ଓ ସମୀକ୍ଷା ଲାଗି ଆୟକର ଅଧିକାରୀ ଓ କରଦାତାଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନାର ଆବଶ୍ୟକତା ହିଁ ପଡିବନି। ଘରେ ବସି କରଦାତା ନିଜର ଏ ସମସ୍ତ କାର୍ଯ୍ୟ କରିପାରିବେ। ଆୟକର ଅଧିକାରୀ କାର୍ଯ୍ୟାଳୟରେ ବସି ଏସବୁକୁ ଯାଞ୍ଚ ବି କରିପାରିବେ। ଖୁବ୍‌ଶୀଘ୍ର ଏନେଇ ସରକାର ଫେସ୍‌ଲେସ୍ ଆସେସ୍‌ମେଣ୍ଟ (ଇ-ଆସେସ୍‌ମେଣ୍ଟ) ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି।

ପ୍ରି-ଫାଇଲିଂ ରିଟର୍ଣ୍ଣ ବ୍ୟବସ୍ଥା ଖୁବ୍‌ଶୀଘ୍ର ପ୍ରଚଳନ କରାଯିବ। ଟିକସ ପ୍ରୋତ୍ସାହନ, ଛାଡ଼ ଏବଂ ଜୋରିମାନା ପ୍ରଦାନକୁ ଡିଜିଟାଲ କାରବାର ଜରିଆରେ କରାଗଲେ ଟିକସ ପ୍ରଦାନ ପରିସର(ଟ୍ୟାକ୍ସ ନେଟ୍) ବ୍ୟାପକ ହୋଇପାରିବ। ଏହା ମନେରଖିବାକୁ ହେବ ଯେ, ଟେକ୍ନୋଲୋଜି ପ୍ରୟୋଗରେ ଏବେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନା ମିଳିପାରୁଛି। ଇ-ଭେରିଫିକେସନ୍ କରାଯାଇପାରୁଛି। ଏହାଫଳରେ ଟିକସ ପରିସର ବୃଦ୍ଧି ସହ ଭବିଷ୍ୟତରେ ଏହା ଅଧିକ ସଂପ୍ରସାରିତ ହେବା ଆଶା କରାଯାଉଛି।

ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧିନସ୍ଥ ରାଜସ୍ୱ ବିଭାଗର ସଚିବ।
**Email ID: rsecy@nic.in**

# ଉତ୍କୃଷ୍ଟ, ନ୍ୟାୟସଂଗତ ଓ ସୁଲଭ ସ୍ୱାସ୍ଥ୍ୟ ସେବା ଆଡ଼କୁ

ଡ. ଇନ୍ଦୁ ଭୂଷଣ

**ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ର:**

ଭାରତ ଗତ ୩୦ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ସୂଚକାଙ୍କରେ ଉଲ୍ଲେଖନୀୟ ଉନ୍ନତି କରିଛି। ଏହି ସମୟ ମଧ୍ୟରେ ଦେଶରୁ ପୋଲିଓ, ଗିନିପିଗ୍ (ଏକପ୍ରକାର ସୂତା କୃମି ଜନିତ ବ୍ୟାଧି) ଯକ୍ଷ୍ମା, ପ୍ରସୂତି ଓ ନବଜାତକଙ୍କ ଧନୁଷ୍ଟଙ୍କାର (ଟିଟାନସ୍) ସମ୍ପୂର୍ଣ୍ଣ ଦୂର ହୋଇଛି। ଏହାଛଡ଼ା ଏଚ୍‌ଆଇଭି/ଏଡ୍‌ସ ଭଳି ଭୟାନକ ବ୍ୟାଧି ନିୟନ୍ତ୍ରଣକୁ ଆସିଛି। ସ୍ୱାସ୍ଥ୍ୟସେବାରେ ଉନ୍ନତି ଯୋଗୁଁ ଭାରତୀୟଙ୍କ ହାରାହାରି ପରମାୟୁ ବଢ଼ିଛି। ୧୯୯୦ରେ ଏହା ପ୍ରାୟ ୫୮ ବର୍ଷ ଥିବାବେଳେ ୨୦୧୬ରେ ୬୮.୬୫ (ପ୍ରାୟ୬୯) ବର୍ଷକୁ ବଢ଼ିଛି। ମୋଟ୍ ପ୍ରଜନନ ହାର ୧୯୯୨-୯୩ରେ ୩.୪ ଥିବାବେଳେ ୨୦୧୫-୧୬ରେ ଏହା ୨.୨କୁ ହ୍ରାସ ପାଇଛି। ଶିଶୁ ମୃତ୍ୟୁହାର ମଧ୍ୟ କମିଛି। ୧୯୯୦ରେ ଏକହଜାର ଶିଶୁଙ୍କ ମଧ୍ୟରୁ ୮୮.୫ ଜଣଙ୍କର ମୃତ୍ୟୁ ଘଟୁଥିବାବେଳେ ୨୦୧୬ରେ ଏହା ୩୪କୁ କମିଆସିଛି। ମାତୃ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ଭାରତ ମଧ୍ୟ ସହସ୍ରାବ୍ଦ ଲକ୍ଷ୍ୟ (ଏମ୍‌ଡିଜି) ହାସଲ କରିଛି। ଏହି ହାର ୧୯୯୦ରେ ଏକ ଲକ୍ଷରେ ୫୫୬ ଥିବାବେଳେ ୨୦୧୫ରେ ୧୭୪କୁ ହ୍ରାସ ପାଇଛି। ସେହିଭଳି ପାଞ୍ଚବର୍ଷ ବୟସରୁ କମ୍ ଶିଶୁଙ୍କ ମୃତ୍ୟୁହାର ଏବେ ଏକ ହଜାରରେ ୪୩ ରହିଛି। ଏହାକୁ ୪୨କୁ ହ୍ରାସ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

ଏସବୁ ସଫଳତା ସତ୍ତ୍ୱେ ଭାରତର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏବେ ମଧ୍ୟ ଅନେକ ସମସ୍ୟା ଓ ଆହ୍ୱାନ ବିଦ୍ୟମାନ। ସେସବୁର ଦୂରୀକରଣ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ସଫଳତା ହାସଲ ପାଇଁ ଭାରତ ପ୍ରୟାସୀ। ଭାରତ ଏବେ ବ୍ୟାଧିର ଏକ ତ୍ରିବୋଝ'ସମସ୍ୟାର ସମ୍ମୁଖୀନ ଯାହା ଏକ ବିରଳ ଘଟଣା। ଡିଆଁ ବା ସଂକ୍ରମଣ ଜନିତ ବ୍ୟାଧିର ସମ୍ପୂର୍ଣ୍ଣ ନିରାକରଣ କାର୍ଯ୍ୟ ଶେଷ ହୋଇ ନ ଥିବାବେଳେ ଭାରତରେ ଏବେ ଲୋକଙ୍କ ମଧ୍ୟରେ ଅଣସଂକ୍ରମିତ ବ୍ୟାଧିର ପ୍ରାବଲ୍ୟ ବୃଦ୍ଧି ପାଇଛି। ଏହା ସହିତ ବିଭିନ୍ନ ଆଘାତ ଜନିତ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ କ୍ରମଶଃ ବଢ଼ିବଢ଼ି ଚାଲିଛି।



ଭାରତରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସୀମିତ ଓ ଖଣ୍ଡିତ। ସରକାରୀ ଚିକିତ୍ସାଳୟ ସବୁ ରୋଗୀରେ ଭର୍ତ୍ତି। ରୋଗୀଙ୍କ ଅନୁପାତରେ ସରକାରୀ ଡାକ୍ତରଖାନାରେ ସୁବିଧା ସୁଯୋଗ କମ୍। ସରକାର ସ୍ୱାସ୍ଥ୍ୟସେବା ପାଇଁ ଯେଉଁ ଅର୍ଥ ଯୋଗାଉଛନ୍ତି ତାହା ମଧ୍ୟ ଯଥେଷ୍ଟ ନୁହେଁ। ଘରୋଇ କ୍ଷେତ୍ର ଭାରତରେ ଅର୍ଦ୍ଧାଧିକ ଚିକିତ୍ସା ସେବା ଯୋଗାଉଛି। ତେବେ ଏହି କ୍ଷେତ୍ରରେ ପ୍ରଭାବଶାଳୀ ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ।

ଆହୁରି ମଧ୍ୟ ସରକାରୀ ସୁବିଧା ଅଭାବରୁ ଲୋକଙ୍କୁ ଘରୋଇ ବ୍ୟବସ୍ଥାରେ ମିଳୁଥିବା ଚିକିତ୍ସା ସେବା ପାଇଁ ବ୍ୟକ୍ତିଗତ ଭାବେ ଯଥେଷ୍ଟ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ସାଧାରଣ ଲୋକ ଅର୍ଥାଭାବର ସମ୍ମୁଖୀନ ହେଉଥିବାବେଳେ ସେମାନଙ୍କ ପାଇଁ ସୁରକ୍ଷା ଓ ଯଥେଷ୍ଟ ବୀମାବ୍ୟବସ୍ଥା ଆଦିର ଅଭାବ ରହିଛି। ଏହି ସ୍ଥିତି ଉଭୟ ସହର ଓ ଗ୍ରାମାଞ୍ଚଳରେ ସମାନ। ଏକ ହିସାବ ଅନୁସାରେ ଚିକିତ୍ସାଜନିତ ବିପୁଳ ଅର୍ଥ ବ୍ୟୟ କରି ଭାରତରେ ପ୍ରତିବର୍ଷ ଛ' କୋଟି ଲୋକ


ଦାରିଦ୍ର୍ୟ ସୀମାରେଖା ତଳକୁ ଠେଲି ହୋଇଯାଉଛନ୍ତି। ଚିକିତ୍ସା ପାଇଁ ଅନେକ ଲୋକ ନିଜର ଘରବାଡ଼ି ବିକି ସର୍ବସ୍ୱାନ୍ତ ହେଉଛନ୍ତି।

ଏହି ସ୍ଥିତିର ପ୍ରମୁଖ କାରଣ ହେଲା ଭାରତରେ ସ୍ୱାସ୍ଥ୍ୟସେବା ପାଇଁ ସରକାର ପର୍ଯ୍ୟାପ୍ତ ଅର୍ଥ ଯୋଗାଉନାହାନ୍ତି। ଗତ ୨୦ବର୍ଷ ଧରି ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ଅର୍ଥ ଖର୍ଚ୍ଚ କରୁଛି ତାହା ଦେଶର ଜିଡିପିର ମାତ୍ର ୧.୨ଭାଗ (ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟୟ ବରାଦ ୨୦୧୫ ତଥ୍ୟ ଅନୁସାରେ)। ଭାରତ ତାହାର ସାଧାରଣ ସରକାରୀ ରାଜସ୍ୱର ମାତ୍ର ୨୧ଶତାଂଶ ସ୍ୱାସ୍ଥ୍ୟସେବା କ୍ଷେତ୍ର ପାଇଁ ଖର୍ଚ୍ଚ କରୁଛି। ଅପରପକ୍ଷରେ ଦେଶର ଜନସାଧାରଣ ରୋଗ ଚିକିତ୍ସା ପାଇଁ ନିଜ ପକେଟରୁ ୬୨ ଭାଗରୁ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି।

ସ୍ୱାଧୀନତା ପରଠାରୁ ଭାରତର ସ୍ୱାସ୍ଥ୍ୟସେବା ନୀତିରେ ସରକାର କେବଳ ସର୍ବନିମ୍ନ ଯୋଗାଣକାରୀ ଭୂମିକା ନିର୍ବାହ କରିଆସୁଛନ୍ତି। ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ଯୋଜନା ପ୍ରସ୍ତୁତ କରାଯାଉଥିଲେ ହେଁ ଏହାର ସଫଳ ରୂପାୟନ ଉପରେ ବିଶେଷ ନିଘା ରହୁନାହିଁ। ତେବେ ଗତ ଦଶନ୍ଧିରେ ସରକାର ଏହି ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛନ୍ତି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରର ଚାହିଦାକୁ ପୂରଣ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଲୋକଙ୍କ ଆର୍ଥିକ ସ୍ଥିତି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ବ୍ୟବଧାନ ରହିଛି ତାହାକୁ ଦୂରକରିବା ପାଇଁ ଦୃଷ୍ଟି ଦିଆଯାଇଛି।

୨୦୦୮ରେ ଭାରତରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ ହୋଇଥିଲା। କେନ୍ଦ୍ରୀୟ ସ୍ତରରେ ଏଥିରେ ପରିବାର ପିଛା ବାର୍ଷିକ ୩୦ହଜାର ଟଙ୍କାର ବୀମା ରାଶି ଯୋଗାଇଦେବାର ବ୍ୟବସ୍ଥା ଥିଲା। ଦ୍ୱିତୀୟ ସ୍ତରରେ ଥିବା ହସ୍ପିଟାଲଗୁଡ଼ିକରେ ଚିକିତ୍ସା ପାଇଁ ଏହି ରାଶି ପ୍ରଦାନ କରାଯାଉଥିଲା। ତେବେ ତୃତୀୟ ସ୍ତର ବା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଣ ପାଇଁ ରାଜ୍ୟ ସରକାରମାନେ ନିଜସ୍ୱ ଯୋଜନା କାର୍ଯ୍ୟକାରୀ କରୁଥିଲେ। ତେବେ ଏସବୁ ଯୋଜନାରେ ପ୍ରାଥମିକ ସ୍ୱାସ୍ଥ୍ୟସେବାର କୌଣସି ନେଣଦେଣ ନ ଥିଲା ଓ ଲୋକେ ଏହାର ସୁବିଧା ପାଉ ନ ଥିଲେ। ଅତଏବ ନାଗରିକଙ୍କ ବ୍ୟାଧି ପ୍ରତିଷେଧକ, ଚିକିତ୍ସା ସେବା, ଚିକିତ୍ସା ପରବର୍ତ୍ତୀ ଯତ୍ନ ଓ ଥଇଥାନ ଆଦି ଗୁରୁତ୍ୱ ପାଉନଥିଲା। ସ୍ୱାସ୍ଥ୍ୟସେବା କିଛି ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ମଧ୍ୟରେ ସୀମିତ ରହି ବିଖଣ୍ଡିତ ସ୍ଥିତିରେ ରହିଥିଲା।

ଅତଏବ ଏହି ସ୍ଥିତି ଦେଶରେ ଏକ ଶକ୍ତିଶାଳୀ ପୂର୍ଣ୍ଣାଙ୍ଗ ଓ ଫଳପ୍ରଦ ଚିକିତ୍ସା ସେବା ନୀତି ସୃଷ୍ଟି ପାଇଁ ଅପରିହାର୍ଯ୍ୟ କାରଣ ପାଲଟିଥିଲା। କିପ୍ରକାର ଚିକିତ୍ସା ଚାଲିଛି ଓ ତାହାର ଫଳାଫଳ କ'ଣ ହେଉଛି, ଚିକିତ୍ସା ସେବା ସହିତ ସମ୍ପୃକ୍ତ ବିପଦଆପଦ ଜନିତ ସ୍ଥିତି, ଲୋକଙ୍କ ଆର୍ଥିକ ସ୍ଥିତି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଣର ଆବଶ୍ୟକତା ଆଦିକୁ ଅନୁଭବ କରାଯିବା ପରେ ଏ କ୍ଷେତ୍ରରେ ନୂଆ ଚିନ୍ତନ ସୃଷ୍ଟି ହେଲା।




**ଆୟୁଷ୍ମାନ ଭାରତ:**

ଆୟୁଷ୍ମାନ ଭାରତ ବା ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ତଥା ଦୃଢ଼ ପଦକ୍ଷେପ। ୨୦୧୮ରେ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଗୁରୁତର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଏଥିରେ ଉଦ୍ୟମ ହୋଇଛି। ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଣ ଏହାର ମୁଖ୍ୟ ଲକ୍ଷ୍ୟ। ଏହି ଯୋଜନାରେ ତଳ ବା ପ୍ରାରମ୍ଭିକ ସ୍ତରରେ ହେଲ୍‌ଥ ଆଣ୍ଡ୍ ୱେଲନେସ୍ ସେଣ୍ଟରମାନ ପ୍ରତିଷ୍ଠା କରାଯାଇ ଲୋକଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା, ରୋଗର ନିଦାନ, ରୋଗୀ ପରୀକ୍ଷା, ଚିକିତ୍ସା ଓ ମାଗଣା ଔଷଧ ଯୋଗାଣର ବ୍ୟବସ୍ଥା ରହିଛି। ଆବଶ୍ୟକସ୍ଥଳେ ରୋଗୀଙ୍କୁ ହସ୍‌ପିଟାଲରେ ରଖି ଚିକିତ୍ସା ସେବା ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଏଥିରେ ମଧ୍ୟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ସଂପୃକ୍ତ। ଅଣ ସଂକ୍ରାମକ ରୋଗ ଚିହ୍ନଟ ଓ ପରୀକ୍ଷା ନିରୀକ୍ଷା ବ୍ୟବସ୍ଥା ମଧ୍ୟ ଏହି କ୍ଷେତ୍ରରେ ଏକ ଅଂଶବିଶେଷ। ୨୦୨୨ସୁଦ୍ଧା ସାରା ଦେଶରେ ୧୫୦,୦୦୦ ହେଲ୍‌ଥ ୱେଲନେସ୍ କେନ୍ଦ୍ର ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖାଯାଇଛି। ଏସବୁ କେନ୍ଦ୍ର ୭୦ ଶତାଂଶରୁ ଅଧିକ ଆଉଟ ପେସେଣ୍ଟଙ୍କ ଆବଶ୍ୟକତା ପୂରଣ କରିପାରିବେ। ମାନସିକ ଓ ଅଣ ସଂକ୍ରମିତ ରୋଗୀ ମଧ୍ୟ ଏହି ସୁବିଧା ନେଇ ପାରିବେ। ଏସବୁ କେନ୍ଦ୍ରରେ ଲୋକଙ୍କୁ ସୁସ୍ଥ ରଖିବା ପାଇଁ ଯୋଗାଭ୍ୟାସ ବ୍ୟବସ୍ଥା ରହିବ। ପରୀକ୍ଷାନିରୀକ୍ଷା ପରେ ଏସବୁ କେନ୍ଦ୍ରରେ ରୋଗୀଙ୍କୁ ପ୍ରେସ୍‌କ୍ରିପ୍‌ସନ ଦିଆଯିବ ଏବଂ ଆବଶ୍ୟକସ୍ଥଳେ ମାଗଣାରେ ଔଷଧ ପ୍ରଦାନ କରାଯିବ। ସ୍ଥାନୀୟ ଭାବେ କାର୍ଯ୍ୟ କରୁଥିବା

ସ୍ୱାସ୍ଥ୍ୟକର୍ମୀ ମଧ୍ୟ ମାଗଣାରେ ରୋଗୀଙ୍କୁ ଔଷଧ ଯୋଗାଇଦେବେ।

**ପିଏମ୍‌ଜେଏୱାଇ:**

ଦ୍ୱିତୀୟ ଯୋଜନାଟି ହେଲା ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ବା ପିଏମ୍‌ଜେଏୱାଇ। ଏହା ବିଶ୍ୱର ସବୁଠୁ ବଡ଼ ସରକାରୀ ଅର୍ଥ ଓ ଉଦ୍ୟମରେ ପରିଚାଳିତ ସ୍ୱାସ୍ଥ୍ୟ ସେବା ଯୋଜନା। ଏଥିରେ ୧୦.୭୪ କୋଟି ଗରିବ ଓ ଅଭାବଗ୍ରସ୍ତ ପରିବାରଙ୍କୁ ବାର୍ଷିକ ପ୍ରତ୍ୟେକ ପାଞ୍ଚ ଲକ୍ଷ ଟଙ୍କା ଲେଖାଏଁ ସ୍ୱାସ୍ଥ୍ୟବୀମା ସୁବିଧା ଯୋଗାଇଦିଆଯିବ। ଏଥିରେ ମୋଟ୍ ୫୦ କୋଟି ଲୋକ ଉପକୃତ ହେବେ। ଗୁରୁତର ବ୍ୟାଧି ବା ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସଂପୃକ୍ତ ଯୋଜନାର ହିତାଧିକାରୀ ଉନ୍ନତ ହସପିଟାଲରେ ଚିକିତ୍ସା ସେବା ପାଇବେ ଏବଂ ବୀମା ଅର୍ଥ ଜରିଆରେ ସରକାର ସେମାନଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ। ଏହି ବ୍ୟବସ୍ଥାରେ ନଗଦ ଅର୍ଥର ଆବଶ୍ୟକତା ନାହିଁ। କାର୍ଡଧାରୀ ନିଜ କାର୍ଡ ଦେଖାଇ ନିଜର ମନପସନ୍ଦର ପଞ୍ଜୀକୃତ ଘରୋଇ ଓ ବେସରକାରୀ ହସ୍‌ପିଟାଲରେ ଚିକିତ୍ସା ସେବା ପାଇପାରିବେ। ଏହା ଫଳରେ ରୋଗୀ ବା ସେମାନଙ୍କ ପରିବାରକୁ ବିପୁଳ ଖର୍ଚ୍ଚରୁ ରକ୍ଷା କରାଯାଇପାରିବ। ୨୦୧୮ ସେପ୍ଟେମ୍ବର ୨୩ରେ ଝାଡ଼ଖଣ୍ଡର ରାଞ୍ଚିଠାରେ ପ୍ରଧାମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କର ଏକ ପୂର୍ଣ୍ଣାଙ୍ଗ ଆଭିମୁଖ୍ୟ ବହନକାରୀ କର୍ଯ୍ୟକ୍ରମ। ପୂର୍ବରୁ ଏ କ୍ଷେତ୍ରରେ ଯେଉଁ କ୍ଷେତ୍ରୀୟ ଓ ବିଖଣ୍ଡିତ ପଦକ୍ଷେପ ନିଆଯାଉଥିଲା ଏହା ତାହାର ଅବସାନ ଘଟାଇଛି। ଚିକିତ୍ସା କ୍ଷେତ୍ରରେ ରୋଗ ନିରାକରଣ, ପ୍ରତିଷେଧକ, ପ୍ରତିରୋଧ, ପ୍ରୋତ୍ସାହନ, ଚିକିତ୍ସା, ଥଇଥାନ - ଏସବୁ ପ୍ରସଙ୍ଗ ଆୟୁଷ୍ମାନ ଭାରତ ଯୋଜନାରେ ସନ୍ନିବେସିତ ହୋଇଛି। ମୋଟାମୋଟି ଭାବେ ଆୟୁଷ୍ମାନ ଭାରତ ଯୋଜନା ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଉଦାହରଣ ସୃଷ୍ଟି କରି ସ୍ଥିତି ବଦଳାଇ ଦେଇଛି। ଏବେ ଜନସ୍ୱାସ୍ଥ୍ୟକୁ ଦେଶର ସମ୍ପଦ ଭାବେ ଗଣ୍ୟ କରାଯାଇ ଏଥିପ୍ରତି ଯଥୋଚିତ ଧ୍ୟାନ ଦିଆଯାଇଛି। ଏଥିରେ ନୂଆ ବିଚାର, ନୂଆ ପ୍ରୟାସ ଓ ନୂତନ ଆଭିମୁଖ୍ୟମାନ ରହିଛି।

**କେଉଁମାନେ ପିଏମ୍-ଜେଏୱାଇରେ ଅନ୍ତର୍ଭୁକ୍ତ:**

ଏହି ଯୋଜନା ସମାଜର ଦରିଦ୍ର ଓ ଅବହେଳିତ ବର୍ଗର ୪୦ଶତାଂଶ ଜନତାଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନଙ୍କ ସଂଖ୍ୟା ୧୦କୋଟି ୭୪ଲକ୍ଷ। ୨୦୧୧ର ଜାତିଗତ ଜନଗଣନା ଅନୁସାରେ ସାମାଜିକ ଆର୍ଥିକ ସ୍ଥିତିକୁ ନେଇ ଏହି ହିତାଧିକାରୀଙ୍କୁ ବଛାଯାଇଛି। ଉଭୟ ସହର ଓ ଗ୍ରାମାଞ୍ଚଳର ଗରିବ ଲୋକ ଏଥିରେ ଅନ୍ତର୍ଭୁକ୍ତ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାର ଅନ୍ତର୍ଭୁକ୍ତ ପରିବାରଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ହିତାଧିକାରୀ ବାଛିବାବେଳେ ସେମାନଙ୍କ ପେସା, ଜାତି, ସାମାଜିକ ସ୍ଥିତି ଓ ଅର୍ଥନୈତିକ ଅବସ୍ଥାକୁ ମଧ୍ୟ ବିଚାରକୁ ନିଆଯାଇଛି।

**ଗ୍ରାମାଞ୍ଚଳ ହିତାଧିକାରୀ:**

ଗ୍ରାମାଞ୍ଚଳରେ ଅବହେଳିତ ବର୍ଗଙ୍କୁ ବାଛିବାକୁ ଥିବା ସାତଟି ମାପକ ରହିଛି। ତଦନୁସାରେ ଯେଉଁ ପରିବାର ସେଥିରୁ ଗୋଟିଏ ପୂରଣ କରୁଛନ୍ତି ସେମାନେ ପିଏମ୍-ଜେଏୱାଇରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ସେହି ମାପକଗୁଡ଼ିକ ହେଲା –

ଡି-୧ : ଯାହାର ବଖୁରିକିଆ କଚ୍ଚା ଘର ଥିବ।

ଡି-୨ : ୧୬ରୁ ୫୯ ବର୍ଷ ବୟସରେ କୌଣସି ବ୍ୟକ୍ତି ଯେଉଁ ପରିବାରରେ ନ ଥିବେ।

ଡି-୩ : ଯେଉଁ ପରିବାରରେ ୧୬ ରୁ ୫୯ ବର୍ଷ ବୟସର କୌଣସି ପୁରୁଷ ବ୍ୟକ୍ତି ନ ଥିବେ।

ଡି-୪ : ଶାରିରିକ ଅକ୍ଷମ ବ୍ୟକ୍ତି ଯାହାଙ୍କ ପରିବାରରେ ସକ୍ଷମ ଲୋକ ନ ଥିବେ।

ଡି-୫ : ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗର ଲୋକ

ଡି-୬ : ଭୂମିହୀନ ବ୍ୟକ୍ତି ଯେ କି ସାମୟିକ ଶାରୀରିକ ଶ୍ରମ କରି ପରିବାର ପ୍ରତିପୋଷଣ କରୁଥିବେ।

(ଏସବୁ ବର୍ଗର ଲୋକେ ଏହି ସ୍ୱାସ୍ଥ୍ୟସେବା ଯୋଜନାରେ ଆପଣାଛାଏଁ ହିତାଧିକାରୀ ବିବେଚିତ ହେବେ)

**ସହରାଞ୍ଚଳ ହିତାଧିକାରୀ:**

ସହରାଞ୍ଚଳରେ ୧୧ ପ୍ରକାର ପେସାରେ ନିଯୁକ୍ତ ଗରିବ ଲୋକେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ସେମାନେ ହେଲେ, ଆବର୍ଜନା ଗୋଟାଉଥିବା ବ୍ୟକ୍ତି, ଭିକାରି, ଘରୋଇ ଚାକର, ରାସ୍ତାରେ ସାମ୍ରଗୀ ବିକୁଥିବା ଲୋକ, ମୋଚି, ପାଣିପାଇବା କାମ କରୁଥିବା ଲୋକ, ରାଜମିସ୍ତ୍ରି, ଶ୍ରମିକ, ରଙ୍ଗକାମ କରୁଥିବା ଶ୍ରମିକ, ୱେଲଡର, ସିକୁରିଟି ଗାର୍ଡ, କୁଲି ଓ ମୁଣ୍ଡରେ ବୋଝ ବୋହୁଥିବା ଅନ୍ୟାନ୍ୟ ଶ୍ରମିକ, ସଫେଇବାଲା, ସୁଇପର, ମାଳୀ, ଘରୋଇ କାମ କରୁଥିବା ବ୍ୟକ୍ତି, ବୁଣାକାର, ହସ୍ତଶିଳ୍ପ ଶ୍ରମିକ, କାରିଗର, ଦରଜି, ପରିବହନ କର୍ମଚାରୀ, ଡ୍ରାଇଭର, କଣ୍ଡକ୍ଟର, ହେଲ୍‌ପର, ଦୁଇଚକିଆ ଗାଡ଼ି ଟାଣୁଥିବା ଲୋକ, ରିକ୍ସା ଚାଳକ, ଦୋକାନ କର୍ମଚାରୀ, କ୍ଷୁଦ୍ର ପ୍ରତିଷ୍ଠାନର ସହାୟକ / ପିଅନ, ହେଲ୍‌ପର / ଡେଲିଭରି ଆସିଷ୍ଟାଣ୍ଟ, ଆଟେଣ୍ଡାଣ୍ଟ, ୱେଟର୍, ଇଲେକ୍‌ଟ୍ରିସିଆନ୍ / ମେକାନିକ୍ / ଆସେମ୍ବ୍ଲର / ରିପେୟାର ୱାର୍କର, ଧୋବୀ ଓ ଚୌକିଦାର।

ଏହି ଯୋଜନା ବାହାରେ ବିଭିନ୍ନ ରାଜ୍ୟ ସରକାର ନିଜର ମଧ୍ୟ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଯୋଜନା କାର୍ଯ୍ୟକାରୀ କରୁଛନ୍ତି।

**ଯୋଜନାର ପ୍ରମୁଖ ରୂପରେଖ:**

୧) ପିଏମ୍-ଜେଏୱାଇରେ ପ୍ରତି ଯୋଗ୍ୟ ବିବେଚିତ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ନଗଦ ବିହୀନ ବୀମା ସୁବିଧା ଦ୍ୱିତୀୟ ଓ ତୃତୀୟକ ସ୍ତରର ଚିକିତ୍ସା ପାଇଁ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଏଥିରେ ରୋଗର ନିଦାନ, ପରୀକ୍ଷା ନିରୀକ୍ଷା, ଚିକିତ୍ସା ଖର୍ଚ୍ଚ ଏବଂ ଚିକିତ୍ସା ପରବର୍ତ୍ତୀ ୧୫ଦିନ ଉପଶମ ଜନିତ ସମସ୍ତ ଖର୍ଚ୍ଚ ଏହି ବୀମା ରାଶିର ଅନ୍ତର୍ଭୁକ୍ତ।

୨) ହିତାଧିକାରୀଙ୍କ ପରିବାରର ଆକାର ଓ ବୟସ ସୀମା ଘେନି କୌଣସି କଟକଣା ନାହିଁ। ଏହାର ଅର୍ଥ ଏହି ବୀମା ସୁବିଧା ପରିବାରରୁ କେହି ଜଣେ କିମ୍ବା ସମସ୍ତେ ପାଇପାରିବେ।

୩) ହିତାଧିକାରୀ ଜମା ସୁବିଧା ପାଇବା ପୂର୍ବରୁ ଯଦି ରୋଗରେ ଆକ୍ରାନ୍ତ ହୋଇଥାନ୍ତି ତା'ହେଲେ ବୀମାଭୁକ୍ତ ହେବାର ପ୍ରଥମ ଦିନରୁ ଏହାର ସୁବିଧା ପାଇପାରିବେ। ଗ୍ରାମାଞ୍ଚଳରେ ଯେଉଁ ସ୍ୱାସ୍ଥ୍ୟବୀମା ବ୍ୟବସ୍ଥା ପୂର୍ବରୁ ପ୍ରଚଳିତ  ସେଥିରେ ବୀମାକାରୀ ପୂର୍ବରୁ ବ୍ୟାଧିଗ୍ରସ୍ତ ହୋଇଥିଲେ ତାଙ୍କୁ ବୀମାଗତ ସୁବିଧା ମିଳୁନାହିଁ।

୪) ବୀମାଭୁକ୍ତ ବ୍ୟକ୍ତି ଦେଶର ଯେକୌଣସି ସ୍ଥାନରେ ତାଲିକାଭୁକ୍ତ ହସ୍ପିଟାଲରେ କାର୍ଡ ଦେଖାଇ ମାଗଣା ଚିକିତ୍ସା ସୁବିଧା ପାଇପାରିବେ।

୫) ଏହି ଯୋଜନାରେ ଦ୍ୱିତୀୟ ଓ ତୃତୀୟକ ବର୍ଗର ୧୩୯୩ ପ୍ରକାର ବ୍ୟାଧି ଚିକିତ୍ସା ସୁବିଧା ଉପଲବ୍ଧ। ଏହାଛଡ଼ା ସଂପୃକ୍ତ ହିତାଧିକାରୀ ୨୩ ପ୍ରକାର ସ୍ପେଶାଲିଟି ଚିକିତ୍ସା ସୁବିଧା ପାଇବାକୁ ଯୋଗ୍ୟ।

**ରୂପାୟନ ଢାଞ୍ଚା:** ସହଯୋଗ ଭିତ୍ତିକ ସଂଘୀୟ ବ୍ୟବସ୍ଥାର ଆଧାର–

ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସେମାନଙ୍କ ସାମର୍ଥ୍ୟ ଓ ସାଧନ ଭିତ୍ତିରେ ରାଜ୍ୟଗୁଡ଼ିକୁ ସୁଯୋଗ ପ୍ରଦାନ କରାଯାଇଛି। ନିଜ ରାଜ୍ୟରେ ଏହି ଯୋଜନା କିପରି କାର୍ଯ୍ୟକାରୀ ହେବ ସେ ବିଷୟରେ ରାଜ୍ୟମାନେ ନିଷ୍ପତ୍ତି ଦେବାକୁ ଅଧିକୃତ। ତେବେ ସବୁ ହିତାଧିକାରୀଙ୍କୁ ବୀମା ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହେବାକୁ ପଡ଼ିବ। ଏହାଛଡ଼ା ବିଭିନ୍ନ ପ୍ରକାରର ପଦ୍ଧତି ମଧ୍ୟ ଏ କ୍ଷେତ୍ରରେ ପ୍ରସ୍ତୁତ ହୋଇଛି। ସେଗୁଡ଼ିକ ହେଲା ଇନ୍ସୁରାନ୍ସ ମୋଡ୍, ଟ୍ରଷ୍ଟ ମୋଡ୍ ଓ ମିକ୍ସଡ୍ ମୋଡ୍। ଦେଶର ୯ଟି ରାଜ୍ୟ ଏହି ଯୋଜନାକୁ ବୀମାଭିତ୍ତିରେ କାର୍ଯ୍ୟକାରୀ କରୁଛନ୍ତି। ରୋଗୀଙ୍କ ଖର୍ଚ୍ଚ ବାବଦ ରାଶି ବୀମା ବ୍ୟବସ୍ଥାରେ ସେମାନେ ହସ୍ପିଟାଲକୁ ପ୍ରଦାନ କରୁଛନ୍ତି।

**ଟ୍ରଷ୍ଟ ମୋଡ୍:** ଦେଶର ୧୭ଟି ରାଜ୍ୟ 'ଟ୍ରଷ୍ଟ ମୋଡ୍'ରେ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି। ଷ୍ଟେଟ୍ ହେଲଥ ଏଜେନ୍ସି ଗଠନ କରି ସଂପୃକ୍ତ ରାଜ୍ୟ ସରକାରମାନେ ରୋଗୀଙ୍କ ପ୍ରକୃତ ଖର୍ଚ୍ଚକୁ ବିଚାରକୁ ନେଇ ହସ୍ପିଟାଲକୁ ଦେୟ ପ୍ରଦାନ କରୁଛନ୍ତି। ଏ କ୍ଷେତ୍ରରେ ରୋଗୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ।


**ମିକ୍ସଡ୍ ମୋଡ୍:** ମିକ୍ସଡ୍ ମୋଡ୍ ବ୍ୟବସ୍ଥାରେ ଉଭୟ ବୀମା ଓ ଟ୍ରଷ୍ଟ ମୋଡ୍ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଛ'ଟି ରାଜ୍ୟ ଏହାକୁ କାର୍ଯ୍ୟକାରୀ କରୁଛନ୍ତି। ହିତାଧିକାରୀଙ୍କ ବ୍ୟାଧି ଓ ଚିକିତ୍ସା ଆବଶ୍ୟକତାକୁ ବିଚାରକୁ ନେଇ ଏହି ଦୁଇ ବ୍ୟବସ୍ଥା ମଧ୍ୟରୁ ଯେଉଁଟି ସର୍ବୋତ୍କୃଷ୍ଟ ତାହା ଯୋଗାଇ ଦିଆଯାଉଛି।

| **ପ୍ରକାର** | **ରାଜ୍ୟଙ୍କ ସଂଖ୍ୟା** |
|---|---|
| ଟ୍ରଷ୍ଟ ମୋଡ୍ | ୧୭ଟି ରାଜ୍ୟ |
| ମିକ୍ସଡ୍ ମୋଡ୍ | ୦୬ଟି ରାଜ୍ୟ |
| ଇନସୁରାନ୍ସ ମୋଡ୍ | ୦୯ଟି ରାଜ୍ୟ |
| ବୁଝାମଣା ପତ୍ର ସ୍ୱାକ୍ଷର କରି ନ ଥିବା / ଯୋଜନାରୁ ଓହରିଯାଇଥିବା | ୦୪ଟି ରାଜ୍ୟ |

**ଯୋଜନା ପାଇଁ ଅର୍ଥଯୋଗାଣ ବ୍ୟବସ୍ଥା:** ଏହା ଏକ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଏବଂ କେନ୍ଦ୍ର ସରକାର ଏଥିପାଇଁ କନସଲିଡେଟେଡ୍ ପାଣ୍ଠିରୁ ଅର୍ଥ ଯୋଗାଇ ଦେଉଛନ୍ତି। କେନ୍ଦ୍ରୀୟ ବଜେଟରେ ଏଥିପାଇଁ ବ୍ୟୟବରାଦ କରାଯାଇଛି। ଚଳିତ ବର୍ଷ ଏଥିପାଇଁ ୬୪୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି।

ପିଏମ୍‌ଜେଏୱାଇ ଯୋଜନାରେ ଖର୍ଚ୍ଚ ହେଉଥିବା ଅର୍ଥ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅଂଶଭିତ୍ତିରେ ଯୋଗାଇ ଦିଆଯାଉଛି। ଅର୍ଥମନ୍ତ୍ରଣାଳୟ ଏଥିପାଇଁ ସୂତ୍ର ନିର୍ଦ୍ଧାରଣ କରିଛନ୍ତି।

- ଉତ୍ତରପୂର୍ବ ଓ ତିନିଟି ହିମାଳୟ ରାଜ୍ୟ ପାଇଁ ଏବାବଦ ବ୍ୟୟର ୯୦ ଶତାଂଶ କେନ୍ଦ୍ର ଓ ୧୦ଶତାଂଶ ରାଜ୍ୟ ସରକାର ବହନ କରିବାର ବ୍ୟବସ୍ଥା କରାଯାଇଛି।
- ଅନ୍ୟାନ୍ୟ ରାଜ୍ୟ ଏବଂ ବିଧିକୃତ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ କେନ୍ଦ୍ର ୬୦ ଏବଂ ରାଜ୍ୟ ସରକାର ୪୦ ହାରରେ ଅର୍ଥ ଯୋଗାଇବେ।
- ବିଧିକୃତ ହୋଇ ନ ଥିବା କେନ୍ଦ୍ରଶାସିତ ଅଞ୍ଚଳ ପାଇଁ କେନ୍ଦ୍ର ସରକାର ଶତପ୍ରତିଶତ ଅର୍ଥ ଯୋଗାଇଦେବେ।



କେନ୍ଦ୍ରୀୟ ଅଂଶ ପ୍ରଦାନ ବିଧି :

ଏବାବଦ ଅର୍ଥ କେନ୍ଦ୍ର ସରକାର ଇନ୍ସ୍ୟୁରାନ୍ସ ମୋଡ୍‌ରେ ବୀମାଭୁକ୍ତ ପରିବାରଙ୍କ ପାଇଁ ସରକାରଙ୍କୁ ଯୋଗାଇଦେଉଛନ୍ତି। ରାଜ୍ୟ ସରକାର ସେଇ ଅର୍ଥ ଚିକିତ୍ସା କରିଥିବା ହସ୍‌ପିଟାଲକୁ ବୀମାଭୁକ୍ତ ପରିବାରଙ୍କ ପକ୍ଷରୁ ଦେଉଛନ୍ତି।

ଆସ୍ୟୁରାନ୍ସ ମୋଡ୍ :

ଏହି ବ୍ୟବସ୍ଥାରେ କେନ୍ଦ୍ରୀୟ ଅଂଶକୁ ହିତାଧିକାରୀଙ୍କ ବାସ୍ତବ ଖର୍ଚ୍ଚ ଅନୁସାରେ ହସ୍‌ପିଟାଲକୁ ଦିଆଯାଏ। ଏ କ୍ଷେତ୍ରରେ ଧାର୍ଯ୍ୟ ସୀମା ମଧ୍ୟରେ ସମୁଦାୟ ଅର୍ଥ କିମ୍ବା ଯାହା ସର୍ବନିମ୍ନ ତାହା ପୈଠ କରାଯାଏ। ସମ୍ପୃକ୍ତ ରାଜ୍ୟ ଯଦି ଏହାର କାର୍ଯ୍ୟକାରୀ ବ୍ୟବସ୍ଥା ତଦାରଖ କରିବାକୁ କୌଣସି ସଂସ୍ଥା ବା ଏଜେନ୍ସି ଗଠନ କରିଥାନ୍ତି ତା' ହେଲେ ସଂପୃକ୍ତ ସଂସ୍ଥା ଟେଣ୍ଡର ମାଧ୍ୟମରେ ଚିକିତ୍ସା ଖର୍ଚ୍ଚ ପରିମାଣ ନିର୍ଦ୍ଧାରଣ କରିବ। ଏବାବଦ ଅର୍ଥ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଂଶ ଭିତ୍ତିରେ ଦେବେ।

୨୦୧୯-୨୦ ବଜେଟରେ ପ୍ରତିଫଳନ :

ଆୟୁଷ୍ମାନ ଭାରତ ଯୋଜନା ପ୍ରତି ରାଜନୈତିକ ଇଚ୍ଛାଶକ୍ତି ଅଧିକ ରହିଥିବାରୁ ଚଳିତବର୍ଷ ବଜେଟରେ ତାହାର ଯଥାର୍ଥ ପ୍ରତିଫଳନ ହୋଇଛି। ନାଗରିକ ସୁସ୍ଥ ସବଳ ରହିଲେ ଦେଶର ଅର୍ଥନୀତି ଓ ସାମଗ୍ରିକ ସ୍ଥିତି ଭଲ ରହିବ ଏକଥା ସରକାର ଉତ୍ତମ ରୂପେ ହୃଦୟଙ୍ଗମ କରିଛନ୍ତି। ସେଥିପାଇଁ ଚଳିତ ବର୍ଷର ବଜେଟରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ ୬୪୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଗତବର୍ଷରେ ଏବାବଦରେ ଯୋଜନାର ପ୍ରଥମ ବର୍ଷରେ ୨୪୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ଆହୁରି ମଧ୍ୟ ଚଳିତ ବର୍ଷ ବଜେଟରେ ସ୍ୱାସ୍ଥ୍ୟ ସେବା ପାଇଁ ମୋଟ୍ ୬୨,୬୫୯ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି ଯାହା କ୍ରମାଗତ ଦୁଇଟି ଆର୍ଥିକ ବର୍ଷରେ ସର୍ବାଧିକ। ଗତବର୍ଷଠାରୁ ଏ ବାବଦରେ ବ୍ୟୟବରାଦ ୫୨,୮୦୦କୋଟି ଥିବାବେଳେ ଚଳିତ ବର୍ଷ ଏଥିରେ ୧୯ଶତାଂଶ ବୃଦ୍ଧି ଘଟିଛି।

> ୨୦୦୮ରେ ଭାରତରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ ହୋଇଥିଲା। କେନ୍ଦ୍ରୀୟ ସ୍ତରରେ ଏଥିରେ ପରିବାର ପିଛା ବାର୍ଷିକ ୩୦ହଜାର ଟଙ୍କାର ବୀମା ରାଶି ଯୋଗାଇଦେବାର ବ୍ୟବସ୍ଥା ଥିଲା। ଦ୍ୱିତୀୟ ସ୍ତରରେ ଥିବା ହସ୍‌ପିଟାଲଗୁଡ଼ିକରେ ଚିକିତ୍ସା ପାଇଁ ଏହି ରାଶି ପ୍ରଦାନ କରାଯାଉଥିଲା। ତେବେ ତୃତୀୟ ସ୍ତର ବା ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଣ ପାଇଁ ରାଜ୍ୟ ସରକାରମାନେ ନିଜସ୍ୱ ଯୋଜନା କାର୍ଯ୍ୟକାରୀ କରୁଥିଲେ। ତେବେ ଏସବୁ ଯୋଜନାରେ ପ୍ରାଥମିକ ସ୍ୱାସ୍ଥ୍ୟସେବାର କୌଣସି ନେଣଦେଣ ନ ଥିଲା ଓ ଲୋକେ ଏହାର ସୁବିଧା ପାଉ ନ ଥିଲେ। ଅତଏବ ନାଗରିକଙ୍କ ବ୍ୟାଧି ପ୍ରତିଷେଧକ, ଚିକିତ୍ସା ସେବା, ଚିକିତ୍ସା ପରବର୍ତ୍ତୀ ଯତ୍ନ ଓ ଥଇଥାନ ଆଦି ଗୁରୁତ୍ୱ ପାଉନଥିଲା। ସ୍ୱାସ୍ଥ୍ୟସେବା କିଛି ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ମଧ୍ୟରେ ସୀମିତ ରହି ବିଖଣ୍ଡିତ ସ୍ଥିତିରେ ରହିଥିଲା।

ଏଥିରୁ ସରକାରଙ୍କର ନାଗରିକଙ୍କୁ ଉତ୍କୃଷ୍ଟ, ନ୍ୟାୟୋଚିତ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବାର ଅଙ୍ଗୀକାରବଦ୍ଧତାର ପ୍ରମାଣ ମିଳେ। ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ସମାଜର ଗରିବ ଓ ଅବହେଳିତ ବର୍ଗଙ୍କୁ ଶସ୍ତାରେ ଉତ୍ତମ ଚିକିତ୍ସା ଓ ସେବା ଯୋଗାଇଦେବାକୁ ଏବଂ ଏ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି।

ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ସରକାର ଯେଉଁ ନୀତି ଆପଣାଇଛନ୍ତି ସେଥିରେ ସରକାରୀ ସେବାର ଜଣେ କ୍ରେତା ଭାବେ ସେବା ପ୍ରଦାନକାରୀଙ୍କଠାରୁ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା କ୍ରୟ କରୁଛନ୍ତି। ଏହା ଫଳରେ ଗରିବ ଲୋକଙ୍କୁ ବାସ୍ତବ ସ୍ୱାସ୍ଥ୍ୟସେବା ଯୋଗାଣ ସହଜ ହୋଇଛି। ଏ କ୍ଷେତ୍ରରେ ଘରୋଇ ଉଦ୍ୟୋଗର ସେବା ସରକାର କିଣୁଥିବାବେଳେ ସରକାରୀ ସ୍ୱାସ୍ଥ୍ୟସେବାର ଉନ୍ନତି ଓ ଏଥିପାଇଁ ମୌଳିକ ଭିତ୍ତିଭୂମିର ବିକାଶ ପ୍ରତି ମଧ୍ୟ ସମାନ ଧ୍ୟାନ ଦେଉଛନ୍ତି। ଏବେ ଦେଶର ଘରୋଇ ହସ୍‌ପିଟାଲଗୁଡ଼ିକ ଲୋକଙ୍କୁ ୬୪ ଶତାଂଶ ସ୍ୱାସ୍ଥ୍ୟ ସେବା ଯୋଗାଉଥିବାବେଳେ ସେଥିରୁ ସରକାରଙ୍କ ଦ୍ୱାରା ପଞ୍ଜିକୃତ ହସ୍‌ପିଟାଲଗୁଡ଼ିକ ମଧ୍ୟରୁ ଅର୍ଦ୍ଧେକ ଘରୋଇ। ଏହା ଫଳରେ ଘରୋଇ କ୍ଷେତ୍ରର ଚିକିତ୍ସା ସେବାର ସଂପ୍ରସାରଣ ଘଟୁଛି ଓ ସେମାନେ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ସହରରେ ନିଜନିଜର ହସ୍‌ପିଟାଲମାନ ଖୋଲି ଲୋକଙ୍କୁ ଉତ୍ତମମାନର ଚିକିତ୍ସା ସେବା ଯୋଗାଇଦେବାକୁ ଉତ୍ସାହିତ ହେବେ।

ଆୟୁଷ୍ମାନ ଯୋଜନାର ଭବିଷ୍ୟତ କ'ଣ ହେବ ତାହା କହିବାକୁ ସମୟ ଏଯାଏ ପରିପକ୍ୱ ହୋଇନାହିଁ। ତେବେ ଏ କ୍ଷେତ୍ରରେ ପ୍ରାରମ୍ଭିକ ଫଳାଫଳ ବେଶ୍ ଉତ୍ସାହଜନକ ହୋଇଛି। ନିରନ୍ତର ବିକାଶ ଲକ୍ଷ୍ୟ, ବିଶେଷତଃ ଏସ୍‌ଡିଜି ୩.୮ ଲକ୍ଷ୍ୟ ହାସଲ କ୍ଷେତ୍ରରେ ଏହା ଏକ ପ୍ରଭାବଶାଳୀ ପଦକ୍ଷେପ। ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଣ କ୍ଷେତ୍ରରେ ଏହା ନିଶ୍ଚିତ ଏକ ଫଳପ୍ରସୂ ପ୍ରୟାସ ଏଥିରେ ସନ୍ଦେହ ନାହିଁ।

ଏହି ପଦକ୍ଷେପ ଦ୍ୱାରା ଭାରତ କେବଳ ଲକ୍ଷଲକ୍ଷ ଜୀବନ ବଞ୍ଚାଇବାରେ ସଫଳ ହେବନାହିଁ, ବ୍ୟାଧିଜନିତ ବିପୁଳ ଅର୍ଥ ଖର୍ଚ୍ଚ କରି ସର୍ବସ୍ୱାନ୍ତ ହେଉଥିବା ଅଗଣିତ ପରିବାରକୁ ଏହା ରକ୍ଷା କରିପାରିବ। ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଣ ଦ୍ୱାରା ଲୋକଙ୍କ ଆର୍ଥିକ କ୍ଷତି ବନ୍ଦ ହେବା ସହ ଦେଶ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ସୁସ୍ଥ ଓ ସକ୍ଷମ ଲୋକଙ୍କୁ ନେଇ ଦ୍ରୁତଗତିରେ ଆଗକୁ ବଢ଼ିପାରିବ।

**ଲେଖକ ହେଉଛନ୍ତି ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ।**

**Email ID: i.bhushan@gov.in**

## ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୮-୧୯

# 'ନୀଳ ଆକାଶ'ର ଭାବନା ୫ ଟ୍ରିଲିୟନ ଡଲାର ଅର୍ଥନୀତି ପାଇଁ ଏକ ନକ୍ସା

କୃଷ୍ଣମୂର୍ତ୍ତି ଭି. ସୁବ୍ରମଣିଅମ, ସୁରଭି ଜୈନ

ଚଳିତ ବର୍ଷ ଆମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛୁ। ଗାନ୍ଧିଜୀ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରି ସ୍ୱାଧୀନ ଭାରତର ମୂଳଦୁଆ ପକାଇଥିଲେ। ଏବର୍ଷ ମଧ୍ୟ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ଅତଏବ ଆମେ ଏବେ ଇତିହାସର ଏକ ସନ୍ଧିକ୍ଷଣରେ ଉପନୀତ। ଏହି କ୍ଷଣ ଆମକୁ ଏକ ସୁବର୍ଣ୍ଣ ନୂତନ ଭାରତ ନିର୍ମାଣ (ଗୋଲେଡନ୍ ନ୍ୟୁଇଣ୍ଡିଆ ବା ଇଣ୍ଡିଆ #୭୫) ଗଠନର ବ୍ୟାପକ ସୁଯୋଗ ଦେଇଛି। ପ୍ରଧାନମନ୍ତ୍ରୀ ଭାରତର ଅର୍ଥନୀତିକୁ ୨୦୨୪-୨୫ସୁଦ୍ଧା ୫ ଟ୍ରିଲିୟନ ଡଲାର ବିଶିଷ୍ଟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୧୮-୧୯ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ବେଶ୍ ସଚେତନ ଭାବେ ଦେଶର ଜନତା ଓ ଅର୍ଥନୀତିକୁ ସଶକ୍ତ କରିବା ପାଇଁ ଏ ସମ୍ପର୍କରେ ଏକ କଥ୍ୟ (ଥିମ୍) ପ୍ରସ୍ତୁତ କରିଛି। ପ୍ରଧାନମନ୍ତ୍ରୀଙ୍କ ଇଚ୍ଛା ପୂରଣ ପାଇଁ ଏହା ଅଭିପ୍ରେତ। ଏଥିପାଇଁ ସର୍ଭେ ରିପୋର୍ଟରେ ଯେଉଁ ଉପଯୁକ୍ତ ଆର୍ଥିକ ଢାଞ୍ଚାର ପରିକଳ୍ପନା କରାଯାଇଛି ସେଥିରେ ବେଶ୍ ମୁକ୍ତ କଳ୍ପନା ବିଳାସ ରହିଛି ଯାହାକୁ ବ୍ଲୁ ସ୍କାଏ ଥିଙ୍କିଙ୍ଗ୍ ବା ନୀଳ ଆକାଶର ଭାବନା ବୋଲି କୁହାଯାଉଛି। ଏପରି ଏକ ପରିକଳ୍ପନାକୁ ବାସ୍ତବମୁଖୀ କରିବାକୁ ସର୍ଭେ ରିପୋର୍ଟରେ ଆବଶ୍ୟକ ମାର୍ଗ, ନୀତି, ଗୁରୁତ୍ୱପୂର୍ଣ୍ଣ ଉପକରଣ, ସାଧନ ଓ କୌଶଳ ଉପରେ ଗୁରୁତ୍ୱ ଦିଆଯାଇଛି। ଅତଏବ ଭାରତକୁ ୫ ନିୟୁତ ଡଲାର ବିଶିଷ୍ଟ ଅର୍ଥନୀତିରେ ପରିଣତ କରିବାକୁ ଏହା ଏକ ନକ୍ସା କହିଲେ ଅତ୍ୟୁକ୍ତି ହେବ ନାହିଁ। ସେଇଭଳି ଅଭିବୃଦ୍ଧିର ବିଭିନ୍ନ ଚକ୍ରରେ କିପରି ଗତି ବଢ଼ାଇବାକୁ ହେବ ଏବଂ ଜିଡିପିର ବାସ୍ତବ ଅଭିବୃଦ୍ଧି ୮% ହାରରେ ଚାଲିବ ସେଥିପାଇଁ ମଧ୍ୟ ଏହି ନକ୍ସାରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ପ୍ରୟାସ ସର୍ଭେ ରିପୋର୍ଟର ଆକାଶୀ ନୀଳ ପ୍ରଚ୍ଛଦରେ ପ୍ରତିଫଳିତ ହୋଇଛି। ସର୍ଭେ ରିପୋର୍ଟର ଏହି ପ୍ରଚ୍ଛଦ ଡିଜାଇନରେ ବିଭିନ୍ନ ଆନ୍ତଃବିଷୟକ ସମ୍ପର୍କ ମଧ୍ୟ ସ୍ଥାନିତ ହୋଇଛି।



ଏଥରର ଅର୍ଥନୈତିକ ସର୍ଭେ ରିପୋର୍ଟ ପାରମ୍ପରିକ ଭାବେ ଦେଶର ଅର୍ଥନୀତିକୁ ଭଲ ମନ୍ଦର ଦୃଷ୍ଟିକୋଣ ଭିତରେ ସୀମିତ ନ ରଖି ଏକ ଭିନ୍ନ ରୂପରେ ଉପସ୍ଥାପିତ କରିଛି। ରିପୋର୍ଟରେ ଏଥରର ଗୁରୁତ୍ୱପୂର୍ଣ୍ଣ ଭିନ୍ନ ଦୃଷ୍ଟି ହେଲା ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ଅଗ୍ରାଧିକାର କ୍ଷେତ୍ରର ଚିହ୍ନଟ। ସେଥିରେ ରହିଛି ଆର୍ଥିକ ଅଭିବୃଦ୍ଧି, ଚାହିଦା, ରପ୍ତାନୀ, ନିଯୁକ୍ତି ସୃଷ୍ଟି ଏବଂ ଏସବୁ କ୍ଷେତ୍ର ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା। ବୃହତ୍ତର ଅର୍ଥନୀତି ସହ ସଂପୃକ୍ତ ବିଭିନ୍ନ କ୍ଷେତ୍ର କିପରି ପରସ୍ପରର ପରିପୂରକ ହୋଇ କାର୍ଯ୍ୟ କରିବେ ଏଥିରେ ତା' ଉପରେ ଗୁରୁତ୍ୱ ଦିଆଯାଇଛି।

ଆନ୍ତର୍ଜାତିକ ଅନୁଭୂତି, ବିଶେଷ କରି ଉଚ୍ଚ ଅଭିବୃଦ୍ଧିଶାଳୀ ପୂର୍ବ ଏସୀୟ ଅର୍ଥନୀତି ସମୂହ କହୁଛି ଯେ ଏକ ନିରନ୍ତର ଉଚ୍ଚ ଅଭିବୃଦ୍ଧି ହାର ହାସଲ ପାଇଁ ଏକ ଅଣୁଘଟକ ସଦୃଶ ଉତ୍ତମ ସମୟ ଚକ୍ରର ଆବଶ୍ୟକତା ରହିଛି। ଏଥିରେ ସଞ୍ଚୟ, ପୁଞ୍ଜିନିବେଶ ଓ ରପ୍ତାନୀ ଏକ ଅନୁକୂଳ ଜନସାଂଖ୍ୟିକ ପର୍ଯ୍ୟାୟ ରହିବା ଉଚିତ। ନିବେଶ, ବିଶେଷ କରି ଘରୋଇ ପୁଞ୍ଜି ନିବେଶ ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହା ଚାହିଦା ବଢ଼ାଇବା ସହିତ, ଦକ୍ଷତା ସୃଷ୍ଟି କରେ, ଶ୍ରମିକଙ୍କ ଉତ୍ପାଦକତା ବଢ଼ାଏ, ନୂଆ ଟେକ୍ନୋଲୋଜିର ଉପଯୋଗ ସୁଯୋଗ ସୃଷ୍ଟି ସହିତ ନୂଆନୂଆ ନିଯୁକ୍ତି ସୃଷ୍ଟି କରେ। ଏହା ମଧ୍ୟ କ୍ରିଏଟିଭ୍ ଡେଷ୍ଟ୍ରକ୍ସନ୍ ବା ପୁରୁଣାକାଳିଆ ଯନ୍ତ୍ରପାତି, ଶ୍ରମ ପଦ୍ଧତି ଓ ଆର୍ଥିକ ବ୍ୟବସ୍ଥାର ଅବସାନ ଘଟାଇ ନୂଆ ବ୍ୟବସ୍ଥାକୁ ସୁଯୋଗ ଦିଏ। ଉପଭୋଗ ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧିର ପାରମ୍ପରିକ ବିଚାରଠାରୁ ଏହା ଭିନ୍ନ।

ପାଞ୍ଚ ଲକ୍ଷ ନିୟୁତ ଡଲାର ଅର୍ଥନୀତିର ଲକ୍ଷ୍ୟ ହାସଲ ପାଇଁ ସର୍ଭେ ରିପୋର୍ଟ ଏହି ନକ୍ସା ପ୍ରସ୍ତୁତ କରିବା ସହ ସର୍ବଦା ଅସମ ବିଶ୍ୱରେ କିପରି ଆର୍ଥିକ କ୍ଷେତ୍ରରେ ଉପଯୁକ୍ତ ଭାବେ ଆଗକୁ ବଢ଼ି ହେବ ସେଥିପାଇଁ କେତେକ କୌଶଳାତ୍ମକ ପନ୍ଥା ସମ୍ପର୍କରେ ଉଲ୍ଲେଖ କରିଛି। ସର୍ଭେ ଅଣୁ ସ୍ତରରେ ନୀତିଗତ ପ୍ରୋତ୍ସାହନ ନୀତିର ପରୀକ୍ଷାନିରୀକ୍ଷା କରିବା ସହ ବୃହତ୍ତର ସ୍ତରରେ ସେସବୁର ଉଚିତ ସମନ୍ୱୟ କରି କିପରି ଇପ୍ସିତ ଫଳ ମିଳିପାରିବ ଓ ସେଥିପାଇଁ କିଛି ଆତ୍ମନିର୍ଭରଶୀଳ ବିଭିନ୍ନ ଅର୍ଥନୈତିକ ଚକ୍ର ସୃଷ୍ଟି ହୋଇପାରିବ ସେ ବିଷୟରେ ଉଲ୍ଲେଖ କରିଛି। ଏଥିପାଇଁ ପୁଞ୍ଜି ନିବେଶକୁ ଗୁରୁତ୍ୱ ପ୍ରଦାନ କରାଯାଇ ତା' ମାଧ୍ୟମରେ ଅଭିବୃଦ୍ଧି ବଢ଼ାଇବାକୁ ଗୁରୁତ୍ୱ ଦେଇଛି।

ସ୍ୱଚ୍ଛ ଭାରତ ମିଶନ, ଜନଧନ ଯୋଜନା, ବେଟିବଚାଓ ବେଟି ପଢ଼ାଓ ଭଳି କିଛି ସରକାରୀ ଧ୍ୱଜାଧାରୀ କାର୍ଯ୍ୟକ୍ରମ ପ୍ରଭାବ ସମ୍ପର୍କରେ ସର୍ଭେରେ ଉଲ୍ଲେଖ ରହିଛି। ଏସବୁ ଯୋଜନାର ସବୁଠୁ ବଡ଼ କଥା ହେଲା ଲୋକଙ୍କ ବ୍ୟବହାରରେ ଘଟୁଥିବା ପରିବର୍ତ୍ତନକୁ ପରଖିବା। ଭାରତର ସମୃଦ୍ଧ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟ, ସାମାଜିକ ରୀତିନୀତି ଲୋକଙ୍କ ବ୍ୟବହାର ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ। ଆଦର୍ଶ ଓ ପ୍ରତିମାନ, ବ୍ୟବହାରକୁ କିପରି ପ୍ରଭାବିତ କରେ ବ୍ୟାବହାରିକ ଅର୍ଥ ଶାସ୍ତ୍ର ଏଥିପାଇଁ କେବଳ ଆବଶ୍ୟକ ସାଧନ ଓ ନିୟମ ଯୋଗାଏ ନାହିଁ, ଏହା ଏହି ଆଦର୍ଶକୁ କାର୍ଯ୍ୟରେ ଲଗାଇ ବ୍ୟବହାର ପରିବର୍ତ୍ତନରେ ସହାୟକ ହୁଏ। ଲିଙ୍ଗଗତ ସମତା, ଏକ ସୁସ୍ଥ ଓ ସୁନ୍ଦର ଭାରତ ନିର୍ମାଣ, ଟିକସ ପ୍ରଦାନ, ସଂଚୟ ଓ ଋଣର ମାନ ଆଦି କ୍ଷେତ୍ରରେ ବ୍ୟାବହାରିକ ଅର୍ଥଶାସ୍ତ୍ରର ଏହି ନୀତିକୁ ପ୍ରୟୋଗ କରି ଲୋକଙ୍କ ବ୍ୟବହାର ପରିବର୍ତ୍ତନରେ ଏକ ଉଚ୍ଚାଭିଳାଷୀ କାର୍ଯ୍ୟକ୍ରମ ଆରମ୍ଭ କରିବାର ଚିନ୍ତା କରାଯାଇପାରେ। ଅଧିକ ନିଯୁକ୍ତି ଓ ଉତ୍ପାଦନ ବୃଦ୍ଧି ପାଇଁ ସର୍ଭେରେ ଏମ୍ଏସ୍ଏମ୍ଇ କ୍ଷେତ୍ରର ଦେଖାରଖା ଓ ପ୍ରୋତ୍ସାହନ ସମ୍ପର୍କରେ ଉଲ୍ଲେଖ ଅଛି। ତା' ହେଲେ ଭାରତୀୟ ଉତ୍ପାଦନ ଓ ସଂପୃକ୍ତ କ୍ଷେତ୍ର ଆନ୍ତର୍ଜାତିକ ସ୍ତରରେ ଉତ୍ତମ ପ୍ରତିଯୋଗିତା କରିବାକୁ ସମର୍ଥ ହେବ। ଏଥିରେ ପ୍ରମାଣ ସହ କୁହାଯାଇଛି ଯେ ୧୦୦ରୁ କମ୍ ଲୋକ କାମ କରୁଥିବା ଫାର୍ମ, ଯେଉଁମାନଙ୍କ ବୟସ ୧୦ବର୍ଷରୁ ଅଧିକ ସେମାନେ ସଂଖ୍ୟା ଅନୁସାରେ ସବୁ ସଂଗଠିତ ଫାର୍ମଙ୍କ ସଂଖ୍ୟାର ଅଧାରୁ ଅଧିକ। ଏହି ସବୁ ଫାର୍ମରେ ମୋଟ୍ ଲୋକ ନିଯୁକ୍ତି ଏ କ୍ଷେତ୍ରର ସାମଗ୍ରୀକ ନିଯୁକ୍ତିର ମାତ୍ର ୧୪ଭାଗ ଏବଂ ଉତ୍ପାଦକତା ମାତ୍ର ଆଠ ଭାଗ। ଅନ୍ୟ ପକ୍ଷରେ ବଡ଼ବଡ଼ ଫାର୍ମ ଯେଉଁଠି ୧୦୦ରୁ ଅଧିକ କର୍ମଚାରୀ କାମ କରୁଛନ୍ତି ଏ କ୍ଷେତ୍ରର ମୋଟ ନିଯୁକ୍ତିର ସେମାନଙ୍କ ଅବଦାନ ତିନିଚତୁର୍ଥାଂଶ। ଏସବୁ ଫାର୍ମଙ୍କ ଉତ୍ପାଦକତା ୯୦ ଶତାଂଶ ହୋଇଥିବାବେଳେ ସେମାନଙ୍କ ସଂଖ୍ୟା ମୋଟ୍ ଫାର୍ମର ମାତ୍ର ୧୫ ଶତାଂଶ। ତେଣୁ ଏମ୍ଏସ୍ଏମ୍ଇ ଉଦ୍ୟୋଗର ସବୁ ସଂସ୍ଥା ପାଇଁ ଏକ ପ୍ରକାର ପ୍ରୋତ୍ସାହନ ନୀତିର ସମୀକ୍ଷା ଆବଶ୍ୟକ। ଏହି ଉଦ୍ୟୋଗକୁ ସହାୟତା ଯୋଗାଣ ମିଆଦ ଭିତ୍ତିକ ଓ ଆଉ କେତେକ କ୍ଷେତ୍ରରେ ପୁରୁଣା ନିୟମର ସଂଶୋଧନ ଲୋଡ଼ା। ଆହୁରି ମଧ୍ୟ ଶ୍ରମ ଆଇନର ପରିବର୍ତ୍ତନ ତଥା ସଂଶୋଧନ ଦ୍ୱାରା ଅଧିକ ନିଯୁକ୍ତି ସୃଷ୍ଟି ହେବ। ରାଜସ୍ଥାନରେ ଶ୍ରମ ଆଇନର ପରିବର୍ତ୍ତନ ଯୋଗୁଁ ସେଠାରେ ନିଯୁକ୍ତି କିପରି ବଢ଼ିଛି ତାହା ଏକ ସଫଳ ଉଦାହରଣ।

ବର୍ତ୍ତମାନ ସମୟରେ ଡେଟା ସବୁଠୁ ବଡ଼ ଇନ୍ଧନ ପାଲଟିଛି ଏବଂ ଡେଟା ଆନାଲିଟିକ୍ସ (ପରିସଂଖ୍ୟାନ ଅନୁଶୀଳନ) ନିଷ୍ପତ୍ତି ଗ୍ରହଣର ନୂଆ ଆୟୁଧ ହୋଇଛି। ଲୋକଙ୍କ କଲ୍ୟାଣ ପାଇଁ ଡେଟା ସଂଗ୍ରହ ଓ ଡେଟା ବେସ୍ ପ୍ରସ୍ତୁତି ବିଶେଷ ସହାୟକ ହେବ ଓ ସେମାନଙ୍କ ନିମନ୍ତେ ବିପୁଳ ସୁବିଧାସୁଯୋଗ ସୃଷ୍ଟି କରିବ ବୋଲି ସର୍ଭେରେ କୁହାଯାଇଛି। ଜନସ୍ୱାର୍ଥରେ ଡେଟାକୁ ସେଥିପାଇଁ "ଲୋକଙ୍କର, ଲୋକଙ୍କ ପାଇଁ ଓ ଲୋକଙ୍କ ଦ୍ୱାରା" ବୋଲି ବର୍ଣ୍ଣନା କରାଯାଇଛି। ସରକାର ଇତିମଧ୍ୟରେ ନାଗରିକଙ୍କ କଲ୍ୟାଣ ପାଇଁ ପ୍ରଶାସନିକ, ସର୍ଭେ, ଆନୁଷ୍ଠାନିକ ଓ କାରବାର କ୍ଷେତ୍ରରେ ବେଶ୍ କିଛି ଡେଟାବେସ୍ ପ୍ରସ୍ତୁତ କରିସାରିଛନ୍ତି। ତେବେ ଏସବୁ ଡେଟା ବା ତଥ୍ୟାବଳୀ ବିଭିନ୍ନ ସରକାରୀ ସଂସ୍ଥା ଓ ସଂଗଠନରେ ବିକ୍ଷିପ୍ତ ଭାବେ ରହିଛି। ଏସବୁର ଏକୀକରଣ ଓ ସମାହାର କରି ସରକାର ନାଗରିକଙ୍କ ଜୀବନ ଧାରଣର ମାନରେ ଯଥେଷ୍ଟ ଉନ୍ନତି କରିପାରିବେ। ଏହାଦ୍ୱାରା ପ୍ରମାଣମୂଳକ ନୀତି ନିର୍ଦ୍ଧାରଣ, ଲକ୍ଷ୍ୟଭିତ୍ତିକ କଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା, ବିଖଣ୍ଡିତ ବଜାରକୁ ଯୋଡ଼ିବା,

ଚଳିତ ବର୍ଷ ଆମେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛୁ। ଗାନ୍ଧିଜୀ ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରି ସ୍ୱାଧୀନ ଭାରତର ମୂଳଦୁଆ ପକାଇଥିଲେ। ଏବର୍ଷ ମଧ୍ୟ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ଅତଏବ ଆମେ ଏବେ ଇତିହାସର ଏକ ସନ୍ଧିକ୍ଷଣରେ ଉପନୀତ। ଏହି କ୍ଷଣ ଆମକୁ ଏକ ସୁବର୍ଣ୍ଣ ନୂତନ ଭାରତ ନିର୍ମାଣ (ଗୋଲେଡନ୍ ନ୍ୟୁଇଣ୍ଡିଆ ବା ଇଣ୍ଡିଆ #୭୫) ଗଠନର ବ୍ୟାପକ ସୁଯୋଗ ଦେଇଛି। ପ୍ରଧାନମନ୍ତ୍ରୀ ଭାରତର ଅର୍ଥନୀତିକୁ ୨୦୨୪-୨୫ସୁଦ୍ଧା ୫ ଟ୍ରିଲିୟନ ଡଲାର ବିଶିଷ୍ଟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୧୮-୧୯ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ବେଶ୍ ସଚେତନ ଭାବେ ଦେଶର ଜନତା ଓ ଅର୍ଥନୀତିକୁ ସଶକ୍ତ କରିବା ପାଇଁ ଏ ସମ୍ପର୍କରେ ଏକ କଥ୍ୟ (ଥିମ୍) ପ୍ରସ୍ତୁତ କରିଛି। ପ୍ରଧାନମନ୍ତ୍ରୀଙ୍କ ଇଚ୍ଛା ପୂରଣ ପାଇଁ ଏହା ଅଭିପ୍ରେତ। ଏଥିପାଇଁ ସର୍ଭେ ରିପୋର୍ଟରେ ଯେଉଁ ଉପଯୁକ୍ତ ଆର୍ଥିକ ଢାଞ୍ଚାର ପରିକଳ୍ପନା କରାଯାଇଛି ସେଥିରେ ବେଶ୍ ମୁକ୍ତ କଳ୍ପନା ବିଳାସ ରହିଛି ଯାହାକୁ ବ୍ଲ୍ୟୁ ସ୍କାଏ ଥିଙ୍କିଂ ବା ନୀଳ ଆକାଶର ଭାବନା ବୋଲି କୁହାଯାଉଛି। ଏପରି ଏକ ପରିକଳ୍ପନାକୁ ବାସ୍ତବମୁଖୀ କରିବାକୁ ସର୍ଭେ ରିପୋର୍ଟରେ ଆବଶ୍ୟକ ମାର୍ଗ, ନୀତି, ଗୁରୁତ୍ୱପୂର୍ଣ୍ଣ ଉପକରଣ, ସାଧନ ଓ କୌଶଳ ଉପରେ ଗୁରୁତ୍ୱ ଦିଆଯାଇଛି। ଅତଏବ ଭାରତକୁ ୫ ନିୟୁତ ଡଲାର ବିଶିଷ୍ଟ ଅର୍ଥନୀତିରେ ପରିଣତ କରିବାକୁ ଏହା ଏକ ନକ୍ସା କହିଲେ ଅତ୍ୟୁକ୍ତି ହେବ ନାହିଁ। ସେଇଭଳି ଅଭିବୃଦ୍ଧିର ବିଭିନ୍ନ ଚକ୍ରରେ କିପରି ଗତି ବଢ଼ାଇବାକୁ ହେବ ଏବଂ ଜିଡିପିର ବାସ୍ତବ ଅଭିବୃଦ୍ଧି ୮% ହାରରେ ଚାଲିବ ସେଥିପାଇଁ ମଧ୍ୟ ଏହି ନକ୍ସାରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ପ୍ରୟାସ ସର୍ଭେ ରିପୋର୍ଟର ଆକାଶୀ ନୀଳ ପ୍ରଚ୍ଛଦରେ ପ୍ରତିଫଳିତ ହୋଇଛି। ସର୍ଭେ ରିପୋର୍ଟରେ ଏହି ପ୍ରଚ୍ଛଦ ଡିଜାଇନରେ ବିଭିନ୍ନ ଆନ୍ତଃବିଷୟକ ସମ୍ପର୍କ ମଧ୍ୟ ସ୍ଥାନିତ ହୋଇଛି।




ସରକାରୀ ସେବା କ୍ଷେତ୍ରରେ ଉପଯୁକ୍ତ ଉତ୍ତରଦାୟିତ୍ୱ ନିର୍ବାହନ ତଥା ଶାସନରେ ନାଗରିକଙ୍କ ଅଧିକ ଅଂଶଗ୍ରହଣ ଏହାଦ୍ୱାରା ସମ୍ଭବ ହୋଇପାରିବ। ଭାରତରେ ସୁବିଧାରେ ବେପାର ବଣିଜ କରିବା ଓ ଶିଳ୍ପ ସଂସ୍ଥା ତିଆରି କରି ଔଦ୍ୟୋଗିକ ପ୍ରୟାସ ଆରମ୍ଭ କରିବା କ୍ଷେତ୍ରରେ ଯେଉଁ ବଡ଼ ପ୍ରତିବନ୍ଧକଟି ରହିଛି ତାହାକୁ ସର୍ଭେ ରିପୋର୍ଟ ଚିହ୍ନଟ କରିଛି। ସେଇଟି ହେଲା ଚୁକ୍ତିର କାର୍ଯ୍ୟକାରିତାରେ ଦକ୍ଷତା ଅଭାବ ଓ ବିବାଦ ସମାଧାନରେ ବିଫଳତା। ତେବେ ଏହା ଆଦୌ ଆଶ୍ଚର୍ଯ୍ୟଜନକ ନୁହେଁ। କାରଣ ଭାରତରେ ବିଭିନ୍ନ ଅଦାଲତରେ ୩.୫ କୋଟି ମକଦ୍ଦମା ପଡ଼ିରହିଛି ଏବଂ ସେସବୁର ବିଚାର କରିବାକୁ ବିଚାରପତିଙ୍କ ଅଭାବ ରହିଛି। ବିଧିବଦ୍ଧ ବିଚାର କରି ପଡ଼ିରହିଥିବା ମାମଲା ସଂଖ୍ୟା ଶୂନ ସ୍ତରକୁ ଆଣିବାକୁ ହେଲେ ନିମ୍ନ ଅଦାଲତଗୁଡ଼ିକରେ ଆଉ ୨୨୭୯ ଏବଂ ହାଇକୋର୍ଟଗୁଡ଼ିକରେ ୯୩ ବିଚାରପତି ନିଯୁକ୍ତିର ଆବଶ୍ୟକତା ରହିଛି। ଏତିକି ହୋଇପାରିଲେ ଏ କ୍ଷେତ୍ରରେ ବିଚାରପତିମାନଙ୍କର ଦକ୍ଷତାବୃଦ୍ଧିର ଆବଶ୍ୟକତା ବିଶେଷ ଅନୁଭୂତ ହେବନାହିଁ। ଏହି ବିଚାରପତି ପଦ ପୂରଣ ପାଇଁ ବିଶେଷ କିଛି ଆଇନଗତ ପ୍ରତିବନ୍ଧକ ନାହିଁ ଏବଂ ଏସବୁ ସରକାରୀ ଅନୁମୋଦିତ ପଦ। କେବଳ ଶୂନ୍ୟ ପଦଗୁଡ଼ିକୁ ପୂରଣ କରିବାକୁ ହେବ। ସବୁ ବିଚାରପତି ପଦ ପୂରଣ ହେଲେ ପାଞ୍ଚବର୍ଷର ପୁରୁଣା ମାମଲାଗୁଡ଼ିକର ବିଚାର ତ୍ୱରିତ କରିବା ପାଇଁ ଯାଇ ସଂପୃକ୍ତ ଜଜ୍‌ମାନଙ୍କର ଦକ୍ଷତା ବୃଦ୍ଧି କଥା ଉଠିବ। ସେତେବେଳେ ଯାଇ ବିଚାରପତିମାନଙ୍କର ଉତ୍ପାଦକତା ଦକ୍ଷତାକୁ ବିଚାରକୁ ନେଇ ହେବ। ଯେଉଁ ସବୁ ମାମଲା ପଡ଼ିରହିଛି ତାହାର ବିଚାର ଶୀଘ୍ର ସାରିବାର ପରିକଳ୍ପନା ମହତାକାଂକ୍ଷୀ ଲାଗୁଥିଲେ ହେଁ ଅସମ୍ଭବ ନୁହେଁ। ଆଇନବ୍ୟବସ୍ଥାର ଆର୍ଥିକ ଓ ସାମାଜିକ ଗୁଣିତକଗୁଡ଼ିକର ଦକ୍ଷତାକୁ ବିଚାରକୁ ନେଲେ ଭାରତ ପାଇଁ ଏ କ୍ଷେତ୍ରରେ ନିବେଶ ସର୍ବଶ୍ରେଷ୍ଠ ବୋଲି ବିବେଚିତ ହେବ।

ଅର୍ଥନୈତିକ ନୀତି ଅନିଶ୍ଚିତତା ବୃହତ୍ତର ଅର୍ଥନୀତିକ ପରିବେଶ, ବ୍ୟାପାର ଅବସ୍ଥା ଓ ଅନ୍ୟାନ୍ୟ କାରଣ ସହ ସଂପୃକ୍ତ। ଏହାଦ୍ୱାରା ପୁଞ୍ଜି ନିବେଶ ପ୍ରଭାବିତ ହୋଇଥାଏ। ଆର୍ଥିକ ନୀତିରେ ଅନିଶ୍ଚିତତା ବଢ଼ିଲେ ବ୍ୟବସ୍ଥାଗତ ବିପଦ ବଢ଼େ। ଏହାଦ୍ୱାରା ଅର୍ଥନୀତିରେ ପୁଞ୍ଜିର ବାସ୍ତବ ମୂଲ୍ୟ ହ୍ରାସ ପାଏ ଓ ଏହା ଦ୍ୱାରା ପୁଞ୍ଜି ନିବେଶ ହ୍ରାସ ପାଇପାରେ। ଅର୍ଥନୀତି କ୍ଷେତ୍ରରେ କିଛି ସ୍ୱାଭାବିକ ଓ ସାଧାରଣ ସମସ୍ୟା ଅଛି ଯାହାକୁ ନିୟନ୍ତ୍ରଣ କରିବା କଷ୍ଟ। ଏହା ସତ୍ତ୍ୱେ ଦେଶର ପୁଞ୍ଜି ନିବେଶ ପରିବେଶକୁ ଆହୁରି ଅନୁକୂଳ କରିବା ପାଇଁ ନୀତି ନିର୍ଦ୍ଧାରକମାନେ ଆର୍ଥିକ ନୀତି ନିର୍ଦ୍ଧାରଣ

ଜନିତ ଅନିଶ୍ଚିତତା ଦୂର କରିବା ଆବଶ୍ୟକ।

ଆସନ୍ତା ଦୁଇ ଦଶକ ମଧ୍ୟରେ ଭାରତର ଜନସଂଖ୍ୟା ବୃଦ୍ଧିରେ ଉଲ୍ଲେଖନୀୟ ମନ୍ଥରତା ଦେଖାଦେବ। ଏହି ସମୟ ମଧ୍ୟରେ ସମଗ୍ର ଦେଶ ଜନସାଂଖ୍ୟିକ ଲାଭ ଉଠାଇବାର ସୁଯୋଗ ପାଇଲେ ମଧ୍ୟ କେତେକ ରାଜ୍ୟରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ସମସ୍ୟା ଭାବେ ଉଭା ହେବ । ୨୦୩୦ ଦଶକରେ ଏହି ସମସ୍ୟା ଦେଖାଦେଇପାରେ। ଦେଶର ଦକ୍ଷିଣାଞ୍ଚଳ ରାଜ୍ୟ ଏବଂ ହିମାଚଳ ପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରେ ମହିଳାଙ୍କ ସ୍ୱାଭାବିକ ପ୍ରଜନନ ହାର ବାସ୍ତବ (ରିପ୍ଲେସମେଣ୍ଟ) ହାରଠାରୁ କମ୍ ରହୁଛି।

ଜାତୀୟ ମୋଟ୍ ପ୍ରଜନନ ହାର (ଟିଏଫ୍ଆର) ୨୦୨୧ସୁଦ୍ଧା ରିପ୍ଲେସମେଣ୍ଟ ହାରଠାରୁ କମ୍ ହେବ ବୋଲି ଆଶା କରାଯାଉଛି। ସେଇଭଳି ବିଭିନ୍ନ ବୟସ ବର୍ଗର ଲୋକଙ୍କ କଥା ଦେଖିଲେ ଜଣାଯାଏ ଯେ ୨୦୨୧-୨୩ ମଧ୍ୟରେ ଭାରତର କାମ କରିବା ବୟସର ଲୋକଙ୍କ ସଂଖ୍ୟା ବାର୍ଷିକ ମୋଟାମୋଟି ୯୭ ଲକ୍ଷ ବଢ଼ିବ। ୨୦୩୧ରୁ ୪୧ ମଧ୍ୟରେ ଏହି ସଂଖ୍ୟା ବାର୍ଷିକ ୪୨ ଲକ୍ଷ ହିସାବରେ ବଢ଼ିବ ବୋଲି ହିସାବ କରାଯାଇଛି। ସେଇଭଳି ପ୍ରାଥମିକ ସ୍ତରରେ ସ୍କୁଲ ଯାଉଥିବା ୫ ରୁ ୧୪ବର୍ଷ ବୟସ ପିଲାଙ୍କ ସଂଖ୍ୟା ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ। ଏହାକୁ ଦେଖି ଅଧିକାଂଶ ରାଜ୍ୟ ନୂଆ ସ୍କୁଲ ଖୋଲିବା ପରିବର୍ତ୍ତେ ବିଦ୍ୟାଳୟ ମିଶ୍ରଣ ଏବଂ ସେଗୁଡ଼ିକର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏହାଛଡ଼ା ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କ ଥଇଥାନ ଓ ଭଲମନ୍ଦ ବୁଝିବା ପାଇଁ ନୀତି ନିର୍ଦ୍ଧାରକମାନେ ଚିନ୍ତା କରିବା ଆବଶ୍ୟକ। ସେଥିପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ନିବେଶ ଏବଂ ପର୍ଯ୍ୟାୟକ୍ରମେ ଅବସର ବୟସ ସୀମା ବୃଦ୍ଧି କରାଯାଇପାରେ।

ଦେଶରେ ସ୍ୱଚ୍ଛଭାରତ ମିଶନ ବିଶେଷ ସଫଳତା ଲାଭ କରିଛି। ଗତ ଚାରିବର୍ଷ ମଧ୍ୟରେ ଦେଶର ୯୯.୨ ଶତାଂଶ ଗ୍ରାମାଞ୍ଚଳରେ ଏହା କାର୍ଯ୍ୟକାରୀ ହେଉଛି। ସର୍ବସାଧାରଣ ସ୍ୱାସ୍ଥ୍ୟ ଉପରେ ଏହାର ଅନୁକୂଳ ପ୍ରଭାବ ପଡ଼ିଲାଣି। ପାଞ୍ଚବର୍ଷରୁ କମ୍ ପିଲାଙ୍କ କ୍ଷେତ୍ରରେ ଏହାଦ୍ୱାରା ଡାଏରିଆ ଓ ମ୍ୟାଲେରିଆ ପ୍ରାଦୁର୍ଭାବ କମିଛି। ସେଇଭଳି ମୃତ ଶିଶୁ ଓ କମ୍ ଓଜନର ଶିଶୁଙ୍କ ଜନ୍ମହାର ହ୍ରାସ ପାଇଛି। ୨୦୧୫ ପୂର୍ବରୁ ଦେଶର ଯେଉଁସବୁ ଜିଲାରେ ଲୋକଙ୍କର ବ୍ୟକ୍ତିଗତ ଶୌଚାଳୟ ନ ଥିଲା ଏବେ ସେସବୁ ଜିଲାରେ ଏହି ସୁବିଧା ହୋଇଥିବାରୁ ଏହାର ସୁଫଳ ବିଶେଷ ମିଳିଛି। ଶୌଚାଳୟ ନିର୍ମାଣ ପାଇଁ ପରିବାରଙ୍କୁ ଯେତେ ଖର୍ଚ୍ଚ କରିବାକୁ ପଡ଼ିଥିଲା ଏବେ ବ୍ୟାଧିରୁ ରକ୍ଷା ପାଇବାଦ୍ୱାରା ସେସବୁ ପରିବାର ଚିକିତ୍ସା ବାବଦରେ ଯେଉଁ ଅର୍ଥ ସଂଚୟ କରିଛନ୍ତି ତାହା ୧.୭ଗୁଣ ଅଧିକ। ଆହୁରି ଗୁରୁତ୍ୱପୂର୍ଣ୍ଣ ହେଲା ଅତି ଦରିଦ୍ର ପରିବାରଗୁଡ଼ିକ ଏ କ୍ଷେତ୍ରରେ ହାରାହାରି ୨.୪ ଗୁଣ ଅଧିକ ଟଙ୍କା ସଂଚୟ କରିବାରେ ସକ୍ଷମ ହୋଇଛନ୍ତି। ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କ୍ଷେତ୍ରରେ ମଧ୍ୟ ସହାୟକ ହୋଇଛି। ଏହି ଅଭିଯାନକୁ ବଳବତ୍ତର ରଖିବାକୁ ପଡ଼ିବ।


ଏକ ଅର୍ଥନୀତିର ବିକାଶ ଓ ସମୃଦ୍ଧି କ୍ଷେତ୍ରରେ ଉର୍ଜା (ଇନ୍ଧନ)ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ କିନ୍ତୁ ଇନ୍ଧନ ବ୍ୟବହାର କ୍ଷେତ୍ରରେ ପଛୁଆ। ଭାରତର ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ୧୮ଭାଗ। ଏହା ସତ୍ତ୍ୱେ ଭାରତ ବିଶ୍ୱର ପ୍ରାଥମିକ ଉର୍ଜାର ମାତ୍ର ୬ ଶତାଂଶ ବ୍ୟବହାର କରିଥାଏ। ଭାରତରେ ଉର୍ଜା ଦାରିଦ୍ର୍ୟ, ରୋଜଗାରଜନିତ ଦାରିଦ୍ର୍ୟଠାରୁ ଅଧିକ ଉତ୍କଟ। ୨୦୧୭ ହିସାବ ଅନୁସାରେ ଆମ ଦେଶର ୫୩ ଶତାଂଶ ଲୋକ ରୋଷେଇ ପାଇଁ ସ୍ୱଚ୍ଛ ଇନ୍ଧନ (ଉର୍ଜା) ବ୍ୟବହାର କରିବାକୁ ପାଆନ୍ତି ନାହିଁ। ଚୀନରେ ଏହି ହାର ୩୦, ବ୍ରାଜିଲରେ ୪ ଓ ମାଲେସିଆରେ ଏକ ଶତାଂଶରୁ କମ୍। ଭାରତ ତାହାର ମୁଣ୍ଡପିଛା ଉର୍ଜା ବ୍ୟବହାରକୁ ଅଢ଼େଇଗୁଣ ବୃଦ୍ଧି କଲେ ୨୦୧୦ ମୂଲ୍ୟସୂଚୀ ହିସାବରେ ମୁଣ୍ଡପିଛା ଜିଡିପି ୫୦୦୦ ଆମେରିକୀୟ ଡଲାର ବଢ଼ିବ। ସେହିଭଳି ମୁଣ୍ଡପିଛା ଉର୍ଜା ବ୍ୟବହାର ଚାରିଗୁଣ ବଢ଼ିଲେ ଭାରତର ମାନବ ବିକାଶ ସୂଚକାଙ୍କ ସ୍ତର ୦.୮ ସ୍ତରକୁ ବୃଦ୍ଧି ପାଇବ। ଭାରତ ଏବେ ବିଭିନ୍ନ ଉତ୍ସରୁ ଉର୍ଜା ସଂଗ୍ରହ କରି ତାହାର ଆବଶ୍ୟକତା ପୂରଣ କରୁଛି। ଅକ୍ଷୟ ଶକ୍ତିର ଅଂଶ ୨୦୧୪-୧୫ରେ ମାତ୍ର ଛ' ଶତାଂଶ ଥିବାବେଳେ ୨୦୧୮-୧୯ରେ ଏବେ ୧୦ ଶତାଂଶକୁ ବୃଦ୍ଧି ପାଇଛି। ଏହାସତ୍ତ୍ୱେ ଆଗାମୀ ଦଶନ୍ଧିରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଭାରତକୁ ୨୫୦ ବିଲିୟନ ଡଲାର ପୁଞ୍ଜି ନିବେଶର ଆବଶ୍ୟକତା ରହିଛି। ନିରନ୍ତର ପରିବହନ ଓ ଗତାଗତ କ୍ଷେତ୍ରରେ ବିଦ୍ୟୁତ୍ ଚାଳିତ ଯାନ ଆଗାମୀ ଦିନର ଏକ ଅପରିହାର୍ଯ୍ୟ ଆବଶ୍ୟକତା। ତେଣୁ ବିଦ୍ୟୁତ୍ ଚାଳିତ ଯାନ ଅଧିକରୁ ଅଧିକ ସଂଖ୍ୟାରେ ଉତ୍ପାଦନ କରିବା ସହ ରାସ୍ତାଘାଟର ବିଭିନ୍ନ ସ୍ଥାନରେ ଚାର୍ଜିଂ ସେଣ୍ଟର ଅଧିକରୁ ଅଧିକ ଖୋଲିବାର ଆବଶ୍ୟକତା ରହିଛି।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିନରେଗା) ୨୦୦୬ରେ ଆରମ୍ଭ ହୋଇଥିଲେ ହେଁ ଏହି କାର୍ଯ୍ୟକ୍ରମର ପୁନଃବିନ୍ୟାସ ୨୦୧୫ରେ କରାଯାଇଥିଲା। ଏଥିରେ ସରକାର ଟେକ୍‌ନୋଲୋଜିର ବ୍ୟାପକ ପ୍ରୟୋଗ କରି ଏହାକୁ ଅଧିକ ସଫଳ କରିବାକୁ ଉଦ୍ୟମ କରିଥିଲେ। ଏଥି ସହିତ ହିତାଧିକାରୀଙ୍କୁ ସେମାନଙ୍କର ପ୍ରାପ୍ୟ ଦେବାକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ବ୍ୟବସ୍ଥା ବା ଡିବିଟି

ଏଥରର ଅର୍ଥନୈତିକ ସର୍ଭେ ରିପୋର୍ଟ ପାରମ୍ପରିକ ଭାବେ ଦେଶର ଅର୍ଥନୀତିକୁ ଭଲ ମନ୍ଦର ଦୃଷ୍ଟିକୋଣ ଭିତରେ ସୀମିତ ନ ରଖି ଏକ ଭିନ୍ନ ରୂପରେ ଉପସ୍ଥାପିତ କରିଛି। ରିପୋର୍ଟରେ ଏଥରର ଗୁରୁତ୍ୱପୂର୍ଣ୍ଣ ଭିନ୍ନ ଦୃଷ୍ଟି ହେଲା ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଜାତୀୟ ଅଗ୍ରାଧିକାର କ୍ଷେତ୍ରର ଚିହ୍ନଟ। ସେଥିରେ ରହିଛି ଆର୍ଥିକ ଅଭିବୃଦ୍ଧି, ଚାହିଦା, ରପ୍ତାନୀ, ନିଯୁକ୍ତି ସୃଷ୍ଟି ଏବଂ ଏସବୁ କ୍ଷେତ୍ର ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା। ବୃହତ୍ତର ଅର୍ଥନୀତି ସହ ସଂପୃକ୍ତ ବିଭିନ୍ନ କ୍ଷେତ୍ର କିପରି ପରସ୍ପରର ପରିପୂରକ ହୋଇ କାର୍ଯ୍ୟ କରିବେ ଏଥିରେ ତା' ଉପରେ ଗୁରୁତ୍ୱ ଦିଆଯାଇଛି।

କାର୍ଯ୍ୟକାରୀ ହୋଇଛି। ଆଧାର ସଂଯୁକ୍ତ ପ୍ରାପ୍ୟ ବ୍ୟବସ୍ଥା (ଏଏଲ୍‌ପି) ମଧ୍ୟ ଏହା ସହିତ ସଂଯୁକ୍ତ। ଜନଧନ, ଆଧାର ଓ ମୋବାଇଲ (ଜାମ୍) ବ୍ୟବସ୍ଥାର ସମନ୍ୱୟରେ ମନରେଗା ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ସିଧାସଳଖ ବ୍ୟାଙ୍କ ଖାତାକୁ ପଠାଇ ଦିଆଯାଉଛି। ଏହା ଫଳରେ ମଜୁରି ପ୍ରଦାନରେ ଠକେଇ, ବାଟମାରଣା, ଚୋରି ଓ ଜାଲିଆତିର ଅବସାନ ଘଟିଛି। ବିନା ବିଳମ୍ବରେ ଶ୍ରମିକ ନିଜ ମଜୁରି ପାଇପାରୁଛନ୍ତି। ଏହାଦ୍ୱାରା ଲୋକଙ୍କୁ ଜୀବିକା ନିରାପତ୍ତା ଯୋଗାଣ ସମ୍ଭବ ହୋଇଛି। ଆଧାର ଲିଙ୍କ୍ ପେମେଣ୍ଟ ବ୍ୟବସ୍ଥା ଦ୍ୱାରା ମହିଳା, ଭିନ୍ନକ୍ଷମ, ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ବଞ୍ଚିତ ଅବହେଳିତ ବର୍ଗର ଲୋକେ ବିଶେଷ ଉପକୃତ ହେଉଛନ୍ତି। ଏମ୍‌ଜି ନରେଗା କାମ ପାଇଁ ଆବଶ୍ୟକ ସ୍ଥଳେ ଡାଟା ମିଳିପାରୁଛି। ପଞ୍ଚାୟତ ଓ ଜିଲାସ୍ତରରେ ଏହାକୁ ଅଧିକ ସୁବିନ୍ୟସ୍ତ କରିବାକୁ ପଡ଼ିବ। ଲୋକେ ଟେକ୍‌ନୋଲୋଜିର ବ୍ୟବହାର ଯେତେ ଅଧିକ ଜାଣିବେ ସେତେ ଅଧିକ ଉପକୃତ ହେବେ, ସରକାରୀ ଯୋଜନାର ତଦାରଖ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଟେକ୍‌ନୋଲୋଜିର ବହୁଳ ବ୍ୟବହାର ଜରୁରୀ।

ଗତ ଦୁଇ ଦଶନ୍ଧିରେ ଉଲ୍ଲେଖନୀୟ ଅଭିବୃଦ୍ଧି ସତ୍ତ୍ୱେ ସମାବେଶୀ ଅଭିବୃଦ୍ଧି ଲକ୍ଷ୍ୟ ସାଧିତ ହୋଇପାରି ନାହିଁ। ନିଯୁକ୍ତି କ୍ଷେତ୍ରରେ ସ୍ୱଳ୍ପ ବେତନ ଓ ମଜୁରି ସହିତ ଅସମାନତା ଏବେ ମଧ୍ୟ ରହିଛି। ତେଣୁ ସ୍ୱଳ୍ପ ବେତନ ବା ମଜୁରି ପାଉଥିବା ସବୁଠୁ ଅବହେଳିତ ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏକ ସଫଳ ସର୍ବନିମ୍ନ ମଜୁରୀ ନୀତି ବିଶେଷ ଜରୁରୀ। ଏହା ହେଲେ ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକେ ବିଶେଷ ଉପକୃତ ହେବେ। ଏହା ମଧ୍ୟ ସମାବେଶୀ ଅଭିବୃଦ୍ଧି ହାସଲରେ ସହାୟକ ହୋଇପାରିବ। ଏବେ ଭାରତରେ ଯେଉଁ ସର୍ବନିମ୍ନ ମଜୁରି ବ୍ୟବସ୍ଥା ପ୍ରଚଳିତ ତାହା ଅତ୍ୟନ୍ତ ଜଟିଳ। ଦେଶର ଅନେକ ରାଜ୍ୟରେ ଅଣକୁଶଳୀ ଶ୍ରମିକଙ୍କ ପାଇଁ ବିଭିନ୍ନ ପ୍ରକାର ନିଯୁକ୍ତିରେ ୧୯୧୫ ପ୍ରକାର ସର୍ବନିମ୍ନ ମଜୁରି ବ୍ୟବସ୍ଥା ରହିଛି। ଏହାଛଡ଼ା ୧୯୪୮ର ଯେଉଁ ସର୍ବନିମ୍ନ ମଜୁରି ଆଇନ ରହିଛି ସେଥିରେ ସବୁ ଶ୍ରେଣୀର ଶ୍ରମିକ କର୍ମଚାରୀ ଅନ୍ତର୍ଭୁକ୍ତ ନୁହଁନ୍ତି। ପ୍ରତି ତିନିଜଣରେ ଜଣେ ଶ୍ରମିକ ଏହି ଆଇନଗତ ଜଟିଳତା ଯୋଗୁଁ ସର୍ବନିମ୍ନ ମଜୁରିରୁ ବଞ୍ଚିତ ହେଉଛନ୍ତି। ଅର୍ଥନୈତିକ ସର୍ଭେ ରିପୋର୍ଟରେ ସର୍ବନିମ୍ନ ମଜୁରି ନୀତିର ସମୀକ୍ଷା ଓ ସଂଶୋଧନ କରି ସବୁ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରସ୍ତାବ ଦିଆଯାଇଛି।



ସର୍ଭେର ରହସ୍ୟ ଉନ୍ମୋଚନ କରିବା ସହିତ ଏଥିରେ ଥିବା ବିଚାର ସହ ସାଧାରଣ ଲୋକଙ୍କୁ ସାମିଲ କରିବାର ଲକ୍ଷ୍ୟରେ ଏହାର ଉପସ୍ଥାପନାରେ ଗୁରୁତ୍ୱପୂର୍ଣ୍ଣ ପରବର୍ତ୍ତନ କରାଯାଇଛି। ଏହାର ପ୍ରତ୍ୟେକ ଅଧ୍ୟାୟର ଏକ ସାରାଂଶ ପ୍ରଦାନ କରାଯିବା ସହ 'ଏକ ନଜରରେ ଗୋଟିଏ ଅଧ୍ୟାୟ' ପ୍ରଦାନ କରାଯାଇଛି। ଏହା ଫଳରେ ପାଠକ ଏହି ଅଧ୍ୟାୟର ସାରାଂଶ ସହଜରେ ପଢ଼ିପାରିବେ। ଆହୁରି ମଧ୍ୟ ଛୋଟ, ଦୁଇମିନିଟ୍ ଅବଧିର ଭିଡିଓମାନ ପ୍ରତି ଅଧ୍ୟାୟ ଉପରେ ପ୍ରସ୍ତୁତ କରାଯାଇ ମୁଖ୍ୟାଂଶଗୁଡ଼ିକୁ ସ୍ଥାନିତ କରାଯାଇଛି। ଏହି ଭିଡିଓମାନ ଉଭୟ ହିନ୍ଦି ଓ ଇଂରାଜୀରେ ପ୍ରସ୍ତୁତ ହୋଇଛି।

ସମାଜ କିପରି ବ୍ୟକ୍ତି ଉପରେ ଓ ଅର୍ଥନୀତିର ଗତି କିପରି ପ୍ରତ୍ୟେକ ଆର୍ଥିକ ଏକକ ଉପରେ ପ୍ରତିବିମ୍ବିତ ହେଉଛି ସର୍ଭେ ତାହାକୁ ସ୍ୱୀକୃତି ପ୍ରଦାନ କରିଛି। ତେଣୁ ବ୍ୟକ୍ତିଙ୍କ ବ୍ୟବହାରକୁ ପ୍ରଭାବିତ କରିବା ସହ ସର୍ବାଧିକ ସୁଫଳ ପାଇବା ଏବଂ ଉଭୟ କ୍ଷୁଦ୍ର ଓ ବୃହତ୍ ସ୍ତରରେ ଅର୍ଥନୈତିକ ଅଭିବୃଦ୍ଧି ବଢ଼ାଇ ବେପାରବଣିଜ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାକୁ ନୀତିନିର୍ଦ୍ଧାରଣ କ୍ଷେତ୍ରରେ ନଜିଂ (କହୁଣୀରେ ମୃଦୁ ଆଘାତ ଦେଇ ଅନ୍ୟକୁ ପ୍ରେରିତ କରିବା)କୁ ପ୍ରଶଂସା କରିଛି। #India@୭୫ ଓ # Economy@5trillion ଲକ୍ଷ୍ୟ ହାସଲ ପାଇଁ ଏକ ମାର୍ଗ ବାହାର କରିବାକୁ ଅର୍ଥନୈତିକ ସର୍ଭେ ରିପୋର୍ଟ ସମସ୍ତଙ୍କୁ ଆହ୍ୱାନ ଜଣାଇଛି।

**ଲେଖକ ଶ୍ରୀ କୃଷ୍ଣମୂର୍ତ୍ତି ଭାରତ ସରକାରଙ୍କ ପ୍ରଧାନ ଅର୍ଥନୈତିକ ପରାମର୍ଶଦାତା ଏବଂ ସୁରଭି ଜୈନ ହେଉଛନ୍ତି ଅର୍ଥ ମନ୍ତ୍ରଣାଳୟର ବିତ୍ତ ବ୍ୟାପାର ବିଭାଗର ନିର୍ଦ୍ଦେଶିକା**

**Email ID: cea@nic.in**



ଫୋକସ୍

# ବଜେଟ ୨୦୧୯-୨୦
# ଭବିଷ୍ୟତର ସୁଯୋଗ ନେବାକୁ ଯୁବବର୍ଗଙ୍କୁ ପ୍ରୋତ୍ସାହନ

ଅମିତାଭ କାନ୍ତ

ଦକ୍ଷତା ବିକାଶ ଜରିଆରେ ଯୁବବର୍ଗଙ୍କୁ ଭବିଷ୍ୟତର ଜୀବିକା ଉପାର୍ଜନ ପାଇଁ ପ୍ରସ୍ତୁତ କରିବା, ସେମାନଙ୍କୁ ଏ କ୍ଷେତ୍ରରେ ଉଚିତ ଦିଗ୍‌ଦର୍ଶନ ଦେବା ସହିତ ଗବେଷଣା ଓ ଉନ୍ନୟନ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ରାଷ୍ଟ୍ରୀୟ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଚଳିତ ଆର୍ଥିକ ବର୍ଷର ବଜେଟ (୨୦୧୯-୨୦)ରେ ଯୁବକଯୁବତୀଙ୍କୁ ସଶକ୍ତ କରିବାର ଅଙ୍ଗୀକାର ରହିଛି। ଯୁବବର୍ଗଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ କୁଶଳୀ କରି ଭବିଷ୍ୟତର ଆହ୍ୱାନର ମୁକାବିଲା ପାଇଁ ଯୋଗ୍ୟ କରିବାକୁ ବଜେଟରେ ବ୍ୟବସ୍ଥା କରାଯାଇଛି। ସେଇ ଲକ୍ଷ୍ୟ ହାସଲ ନିମନ୍ତେ ସ୍ଥାନୀୟ ଓ ଆନ୍ତର୍ଜାତିକ ଅର୍ଥନୀତିକୁ ଦୃଷ୍ଟିରେ ରଖି ଟେକ୍‌ନୋଲୋଜି ଓ ଅନ୍ୟାନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ପରିବର୍ତ୍ତନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି।

ଅନ୍ତର୍ନିହିତ ଦକ୍ଷତା ଓ ସାମର୍ଥ୍ୟର ବିକାଶ ଘଟାଇ ଯୁବ ସମାଜକୁ ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ କରି ଗଢ଼ି ତୋଳିବାରେ ଶିକ୍ଷା ଓ ତାଲିମର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। ୨୦୧୯ର ନୂଆ ଚିଠା ଶିକ୍ଷାନୀତି ଅଭିନବତା (ଇନୋଭେସନ) ଓ ଗବେଷଣା ଉପରେ ଗୁରୁତ୍ୱ ଦେଇଛି। ଏହା ଭାରତର ଉଚ୍ଚଶିକ୍ଷାକୁ ବଦଳାଇ ବିଶ୍ୱର ଅନ୍ୟତମ ଏକ ଶ୍ରେଷ୍ଠ ଶିକ୍ଷା ବ୍ୟବସ୍ଥାରେ ପରିଣତ କରିବାକୁ ଉଦ୍ଦିଷ୍ଟ। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ମାଧ୍ୟମରେ ବହୁ ଯୁବକ ଯୁବତୀ ଔଦ୍ୟୋଗିକ ଦକ୍ଷତା ବିକାଶ ତାଲିମ ନେଇପାରିବେ। ସେଇଭଳି 'ସ୍କିଲ ଇଣ୍ଡିଆ' କାର୍ଯ୍ୟକ୍ରମରେ ମଧ୍ୟ ବିଭିନ୍ନ ବିଷୟରେ ତାଲିମ ନେବାର ସୁବିଧା ସୁଯୋଗ ଯୁବସମାଜ ପାଇଁ

ଉପଲବ୍ଧ। ଏବେ ସରକାର ଦକ୍ଷତା ବିକାଶ ପାଇଁ ନୂଆ ନୂଆ ଟେକ୍ନୋଲୋଜି ଓ ସ୍କିଲ ଉପରେ ଗୁରୁତ୍ୱ ଦେଉଛନ୍ତି। ସେଥିମଧ୍ୟରେ ରହିଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ, ବିଗ୍ ଡେଟା ଆନାଲିଟିକ୍ସ, ଥ୍ରୀ-ଡି ପ୍ରିଣ୍ଟିଂ, ଭର୍ଚୁଆଲ ରିୟଲିଟି ଏବଂ ରୋବୋଟିକ୍ସ। ଏସବୁ କ୍ରମଶଃ ଅଧିକ ଗ୍ରହଣୀୟ ହେଉଛି ଏବଂ ଏହାର ଚାହିଦା ବଢୁଛି। ବିଶ୍ୱର ପ୍ରମୁଖ ଅର୍ଥନୀତିରେ ଏବେ ଉପଯୁକ୍ତ ଓ ଯୋଗ୍ୟ ଲୋକଶକ୍ତିର ଅଭାବ ଅନୁଭୂତ ହେଉଛି। ଲୋକସଂଖ୍ୟା ବଢ଼ିବା ସହ ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଅର୍ଥନୀତି ସହ ସଂପୃକ୍ତ ବିଭିନ୍ନ କ୍ଷେତ୍ରରେ ଯେଉଁ ଦକ୍ଷ ଓ କୁଶଳୀ ଲୋକଶକ୍ତି ଆବଶ୍ୟକ ତାହା ଆବଶ୍ୟକ ପରିମାଣରେ ମିଳୁନାହିଁ। ସେ ଦୃଷ୍ଟିରୁ ଦକ୍ଷତା ବିକାଶ, ତାଲିମ ଏବଂ ନୂଆ ଟେକ୍ନୋଲୋଜି ସହିତ ପରିଚିତ ହୋଇ ସେ ସମ୍ପର୍କରେ ଜ୍ଞାନ ଆହରଣ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହା ଫଳରେ ଭାରତୀୟ ଯୁବ ସମାଜ ଦେଶ ଓ ବିଦେଶରେ ନିଯୁକ୍ତି ସୁଯୋଗ ପାଇପାରିବେ। ବିଦେଶରେ କାମ କରିବା ପାଇଁ ଇଂରାଜୀ ସହ ବିଭିନ୍ନ ଭାଷାରେ ଦକ୍ଷତା ହାସଲ ମଧ୍ୟ ଜରୁରୀ। ସେଥିପ୍ରତି ମଧ୍ୟ ସରକାର ଦୃଷ୍ଟି ଦେଇ କାର୍ଯ୍ୟ କରୁଛନ୍ତି।

ଦକ୍ଷତା ଓ ଜ୍ଞାନଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ ଗବେଷଣା ଓ ଉନ୍ନୟନର ବିଶେଷ ଗୁରୁତ୍ୱ ରହିଛି। ଏଥିପାଇଁ ଏକ ଜାତୀୟ ଗବେଷଣା ପ୍ରତିଷ୍ଠାନ (ଏନ୍‌ଆର୍‌ଏଫ୍) ପ୍ରତିଷ୍ଠା କରିବାକୁ ସରକାରଙ୍କ ପ୍ରସ୍ତାବ ନିଶ୍ଚିତ ସ୍ୱାଗତଯୋଗ୍ୟ। ଗବେଷଣା ଓ ଉନ୍ନୟନ ପାଇଁ ପ୍ରତ୍ୟେକ ମନ୍ତ୍ରଣାଳୟକୁ ଦିଆଯାଉଥିବା ଅର୍ଥକୁ ମିଶାଇ ଏହି ପ୍ରତିଷ୍ଠାନକୁ ପାଣ୍ଠି ଯୋଗାଇ ଦିଆଯିବ। ଏହି ପ୍ରତିଷ୍ଠାନ ଦେଶର ଅଗ୍ରାଧିକାର କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି ସେଥିରେ ଗବେଷଣା ଓ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ ଓ ସୁବିନ୍ୟସ୍ତ କରିବେ। ଏହାଦ୍ୱାରା ଏ କ୍ଷେତ୍ରରେ ଏକ ଉତ୍ତମ ଗବେଷଣା ପରିବେଶ ସୃଷ୍ଟି ହୋଇପାରିବ। ସ୍ୱୟମ୍ ଭଳି ଏକ ପ୍ରକାଣ୍ଡ ଅନ୍ ଲାଇନ୍ ଓପନ୍ କୋର୍ସ (ପାଠ୍ୟକ୍ରମ ସମୂହ) ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯେଉଁ ଡିଜିଟାଲ ବିଭାଜନ ଥିଲା ତାହା ଦୂର ହେବ। ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନର ମାନ ବୃଦ୍ଧି ପାଇଁ ଗ୍ଲୋବାଲ ଇନିସିଏଟିଭ୍ ଅଫ୍ ଏକାଡେମିକ୍ ନେଟ୍‌ୱାର୍କ (ଗିଆନ୍) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକ ଓ ଗବେଷକଙ୍କୁ ସଂପୃକ୍ତ କରିବା ଏହି ବ୍ୟବସ୍ଥାର ଲକ୍ଷ୍ୟ। ସେଇଭଳି ଇଂପ୍ୟାକ୍ଟିଂ ରିସର୍ଚ୍ଚ ଇନୋଭେସନ ଆଣ୍ଡ୍ ଟେକ୍ନୋଲୋଜି ବା ଇଂପ୍ରିଣ୍ଟ ଯୋଜନାରେ ଦେଶର ସବୁ ଆଇଆଇଟି ଓ ଆଇଆଇଏସ୍‌କୁ ସଂପୃକ୍ତ କରି ମିଳିତ ଉଦ୍ୟୋଗରେ ଦେଶର ପ୍ରମୁଖ ସମସ୍ୟା ବହୁଳ ଇଂଜିନିୟରିଂ ଓ ଟେକ୍ନୋଲୋଜି କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ବାହାର କରିବାକୁ ଯୋଜନା ପ୍ରସ୍ତୁତ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଇନୋଭେସନ କେନ୍ଦ୍ରରେ ପରିଣତ କରିବାକୁ ପ୍ରୟାସ ଜାରି ରହିଛି।

ଭାରତ ଷ୍ଟାର୍ଟଅପ୍‌ର ଏକ ପ୍ରୟୋଗଶାଳା ଭାବେ ଆତ୍ମପ୍ରକାଶ କରୁଛି। ତେଣୁ ଏହି ଷ୍ଟାର୍ଟଅପ୍‌ଗୁଡ଼ିକର ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ସେଥିପାଇଁ ଏଥର ବଜେଟରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଷ୍ଟାର୍ଟଅପ୍‌ଗୁଡ଼ିକୁ ଆଂଜେଲ ଟିକସ ପରିସରରୁ ମୁକ୍ତ କରାଯାଇଛି। ଏହା ଫଳରେ ଷ୍ଟାର୍ଟଅପ୍ ସମୂହ ଆୟକର ବିଭାଗର ଅନାବଶ୍ୟକ ତନଖିରୁ ମୁକ୍ତି ପାଇଛନ୍ତି। ଏଥିପାଇଁ ଏକ ଇ-ଭେରିଫିକେସନ୍ ବ୍ୟବସ୍ଥା କରାଯାଇଛି। ଦୂରଦର୍ଶନର ଏକ ସ୍ୱତନ୍ତ୍ର ବୁକେ ଚାନେଲ ଏଥିପାଇଁ ଖୋଲାଯାଇଛି ଯେଉଁଥିରେ ଷ୍ଟାର୍ଟଅପ୍‌ଗୁଡ଼ିକର ସମସ୍ୟା ସମ୍ପର୍କରେ ଖୋଲା ଆଲୋଚନା ସହିତ ସେଗୁଡ଼ିକୁ ପ୍ରୋତ୍ସାହିତ କରିବାର ବ୍ୟବସ୍ଥା ହୋଇଛି। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଋଣ ସୁବିଧା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ବଜେଟ ବ୍ୟବସ୍ଥା ଅନୁସାରେ ଏହି ସବୁ ଉଦ୍ୟୋଗର ଉଦ୍ୟୋଗୀମାନେ ଏକ ଉତ୍ସର୍ଗୀକୃତ ପୋର୍ଟାଲ ମାଧ୍ୟମରେ ମାତ୍ର ୫୯ ମିନିଟ୍ ମଧ୍ୟରେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇପାରିବେ। ଋଣ ସହାୟତା କାର୍ଯ୍ୟକ୍ରମରେ ଏହି ଉଦ୍ୟୋଗଗୁଡ଼ିକୁ ଚଳିତ ଆର୍ଥିକ ବର୍ଷରେ ୩୫୦କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ଜିଏସ୍‌ଟି ପଂଜୀକୃତ ସବୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସାନି ବୃଦ୍ଧିଶୀଳ (ଇନ୍‌କ୍ରିମେଣ୍ଟାଲ) ଋଣ କ୍ଷେତ୍ରରେ ସୁଧ ଉପରେ ୨ ଶତାଂଶ ଲେଖାଏଁ ରିଆତି ପାଇବେ। ବଜେଟ ବ୍ୟବସ୍ଥା ଅନୁସାରେ ସରକାର ନୂଆ କରି ଦେଶର କାରିଗର, ବୁଣାକାର ଓ ହସ୍ତଶିଳ୍ପୀଙ୍କ ପାଇଁ ପ୍ରଥମ କରି ଏକ ନୂଆ ମିଶନ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ଏସବୁ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସର୍ଜନାତ୍ମକ ସାମଗ୍ରୀଗୁଡ଼ିକୁ ଆନ୍ତର୍ଜାତିକ ବଜାରରେ ପହଞ୍ଚାଇବାର ବ୍ୟବସ୍ଥା କରାଯିବ। ଆବଶ୍ୟକ ପଡ଼ିଲେ ବୌଦ୍ଧିକ ସତ୍ତ୍ୱାଧିକାର ଆଇନ, ପ୍ୟାଟେଣ୍ଟ ଓ ଭୌଗୋଳିକ ସୂଚକାଙ୍କ ଆଦି ମାନ୍ୟତା ଏସବୁ କାରିଗରଙ୍କୁ ପ୍ରଦାନ କରାଯିବ। ଏହାଦ୍ୱାରା ଭାରତର ପାରମ୍ପରିକ ହସ୍ତଶିଳ୍ପ ସାମଗ୍ରୀ ଆନ୍ତର୍ଜାତିକ ବଜାରରେ ସହଜରେ ପହଞ୍ଚିବା ସହ ବଜାର ଚାହିଦାକୁ ପୂରଣ କରିପାରିବ।

ପୁଞ୍ଜି ନିବେଶ, ମାନୁଫାକଚରିଂ ଓ ରପ୍ତାନୀ ବଢ଼ାଇବାକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଏସବୁର ପ୍ରମୁଖ ଉଦ୍ଦେଶ୍ୟ ହେଲା କର୍ମନିଯୁକ୍ତି ବଢ଼ାଇବା। ଆର୍ଥିକ ଅଭିବୃଦ୍ଧି ବଢ଼ାଇବା ସହିତ 'ମେକ୍ ଇନ୍ ଇଣ୍ଡିଆ'କୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଏକ ସ୍କିମ୍ ଆରମ୍ଭ କରିବେ। ଏଥିରେ ଆନ୍ତର୍ଜାତିକ ସ୍ତରର ପ୍ରତିଷ୍ଠିତ କମ୍ପାନୀମାନଙ୍କୁ ନିଲାମରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ। ନିଲାମରେ ଯୋଗ୍ୟ ବିବେଚିତ କମ୍ପାନୀ / ସଂସ୍ଥାକୁ ଦେଶର ଉଦୀୟମାନ ତଥା ଅତ୍ୟାଧୁନିକ ଟେକ୍ନୋଲୋଜି କ୍ଷେତ୍ରରେ ବୃହତ୍ ଶିଳ୍ପ ସଂସ୍ଥା (ପ୍ଲାଣ୍ଟ) ସ୍ଥାପନ ପାଇଁ ଅନୁମତି ଦିଆଯିବ। ଏହି କମ୍ପାନୀ ସେମିକଣ୍ଡକ୍ଟର ଫ୍ୟାବ୍ରିକେସନ, ସୋଲାର ଫଟୋ ଭୋଲଟାଇକ୍ ସେଲ୍, ଲିଥିୟମ ଷ୍ଟୋରେଜ ବ୍ୟାଟେରୀ, ସୋଲାର ଇଲେକଟ୍ରି ଚାର୍ଜିଂ ଇନ୍‌ଫ୍ରାଷ୍ଟ୍ରକଚର, କମ୍ପ୍ୟୁଟର ସର୍ଭର ଓ ଲ୍ୟାପଟପ୍ ଭଳି ସାମଗ୍ରୀ ଭାରତରେ ଉତ୍ପାଦନ କରିବେ। ସୋଲାର ଷ୍ଟୋରେଜ୍ ବ୍ୟାଟେରୀ ଓ ଚାର୍ଜିଂ ବ୍ୟବସ୍ଥା ଆଦି ଭାରତରେ ଉତ୍ପାଦିତ ହେଲେ ଦେଶରେ ନିଯୁକ୍ତି ସୁଯୋଗ ବଢ଼ିବ ଓ ଏ କ୍ଷେତ୍ରରେ ଔଦ୍ୟୋଗିକ ବିକାଶ

ସାଧନ ହେବ। ଭାରତ ବିଶ୍ୱର ତୃତୀୟ ବୃହତ୍ ଉଡ୍ଡୟନ ବଜାର। ଅତଏବ ବିମାନଯାତ୍ରା ଓ ବିମାନ ଉଦ୍ୟୋଗ ସହ ସଂପୃକ୍ତ କ୍ଷେତ୍ରର ବିକାଶ ଯଥେଷ୍ଟ ଗୁରୁତ୍ୱ ବହନ କରେ। ବିଦେଶୀ ସଂସ୍ଥାଙ୍କୁ ଏ କ୍ଷେତ୍ରରେ ଅଂଶୀଦାର ଭାବେ ଗ୍ରହଣ କରି ଭାରତ ପୁଞ୍ଜି ନିବେଶକୁ ବଢ଼ାଇବାକୁ ଉଦ୍ୟମ କରୁଛି। ଏହା ହେଲେ ଏହି ଉଦ୍ୟୋଗର ବିକାଶ ସହ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

୨୦୧୭ରେ ଭାରତରେ 'ଖେଲୋ ଇଣ୍ଡିଆ ସ୍କିମ୍' ଆରମ୍ଭ ହୋଇଥିଲା। ଏହା ଖେଳକୁଦ ପ୍ରତି ଆକର୍ଷଣ ବଢ଼ାଇବା ସହ କ୍ରୀଡ଼ାକୁ ବୃତ୍ତି ଭାବେ ଗ୍ରହଣ କରିବାରେ ଯୁବ ସମାଜକୁ ସଚେତନ କରିବାରେ ସଫଳ ହୋଇଛି। ଖେଳକୁଦ ମଧ୍ୟ ଶାରୀରିକ ସୁସ୍ଥତା ରକ୍ଷାରେ ସହାୟକ ହୋଇଥାଏ ବୋଲି ଯୁବ ସମାଜ ସଚେତନ ହୋଇଛି। ସରକାର ଏହି ସ୍କିମ୍‌କୁ ସଂପ୍ରସାରିତ କରିବାକୁ ଅଙ୍ଗୀକୃତ। ଏ କ୍ଷେତ୍ରରେ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। କ୍ରୀଡ଼ାକୁ ସବୁ କ୍ଷେତ୍ରରେ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଖେଲୋ ଇଣ୍ଡିଆ ସ୍କିମ୍‌ରେ ଏକ ଜାତୀୟ କ୍ରୀଡ଼ା ଶିକ୍ଷା ବୋର୍ଡ ଗଠନ କରାଯାଇଛି। ଏହି ବୋର୍ଡ କ୍ରୀଡ଼ାବିତ୍‌ମାନଙ୍କୁ ତାଲିମ୍ ପ୍ରଦାନ କରିବ।

ଭାରତର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ବସବାସ କରିବା ସହ କୃଷି ଓ ପାରମ୍ପରିକ ଶିଳ୍ପ ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ବିକାଶ ପାଇଁ ସରକାର 'ସ୍ଫୁର୍ତ୍ତି' ନାମରେ ଏକ ସ୍କିମ୍ ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପାରମ୍ପରିକ ଶିଳ୍ପ ଓ ରୋଜଗାର ମାଧ୍ୟମଗୁଡ଼ିକର ଉନ୍ନତି, ପୁନଃ ସଂସ୍ଥାପନ ଓ ସେଗୁଡ଼ିକୁ ପୁନର୍ବାର ଚଳାଇବା ପାଇଁ ଅର୍ଥ / ପାଣ୍ଠି ଯୋଗାଣର ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଗ୍ରାମାଞ୍ଚଳରେ ସାଧାରଣ ସୁବିଧା କେନ୍ଦ୍ର (ସିଏଫ୍‌ସି) ମାନ ଖୋଲି କ୍ଲଷ୍ଟର ଭିତ୍ତିରେ ଏସବୁ ଶିଳ୍ପ ଓ ବେଉସାକୁ ସହାୟତା ଯୋଗାଇଦେବାର ବ୍ୟବସ୍ଥା ହୋଇଛି। ନିଯୁକ୍ତି ସୃଷ୍ଟି ସହ ଉତ୍ପାଦନ ବୃଦ୍ଧି କରିବାକୁ ଆବଶ୍ୟକ ସୁବିଧାସୁଯୋଗ ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ। ବାଉଁଶ, ମହୁ ଓ ଖଦୀ ଭଳି ଉଦ୍ୟୋଗକୁ ଏହି ଯୋଜନାରେ ଗୁରୁତ୍ୱ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷ ମଧ୍ୟରେ ସ୍ଫୁର୍ତ୍ତି ଯୋଜନାରେ ସାରା ଦେଶରେ ପ୍ରାୟ ୧୦୦ କ୍ଲଷ୍ଟର ନିର୍ମାଣ କରି ସେଥିରେ ପାରମ୍ପରିକ ଧନ୍ଦା ଓ ଶିଳ୍ପକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖାଯାଇଛି। ଏହା ଫଳରେ ୫୦ହଜାର କାରିଗର ଅର୍ଥନୈତିକ ଲାଭ ପ୍ରକ୍ରିୟାରେ ସଂପୃକ୍ତ ହେବାର ସୁଯୋଗ ପାଇବେ। ଆହୁରି ମଧ୍ୟ ଏସବୁ ଉଦ୍ୟୋଗର ଟେକ୍‌ନୋଲୋଜି ବିକାଶ, ଅଭିନବତାକୁ ପ୍ରୋତ୍ସାହନ, ଗ୍ରାମୋଦ୍ୟୋଗର ବିକାଶ ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମ ପାଇଁ 'ଆସ୍‌ପାୟାର୍' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ସ୍କିମ୍‌ରେ ୮୦ଟି ଜୀବିକା (ଲାଇଭ୍‌ଲିହୁଡ୍) ବିଜ୍‌ନେସ୍ ଇନ୍‌କ୍ୟୁବେଟର ଓ ୨୦ଟି ଟେକ୍‌ନୋଲୋଜି ବିଜ୍‌ନେସ୍ ଇନ୍‌କ୍ୟୁବେଟର ସ୍ଥାପନ କରିବାର ଲକ୍ଷ୍ୟ ରଖାଯାଇଛି। ଏହିସବୁ ଇନ୍‌କ୍ୟୁବେଟର ବା ଉଷ୍ମାୟନ କେନ୍ଦ୍ର ୭୫ହଜାର କୃଷି ଉଦ୍ୟୋଗୀ ସୃଷ୍ଟି କରିବେ।

ବୃତ୍ତାକାର ଅର୍ଥନୀତି (ଯେଉଁ ଆର୍ଥିକ ବ୍ୟବସ୍ଥାରେ ସମ୍ବଳର ସର୍ବାଧିକ ଉପଯୋଗ ହୁଏ)ରେ ନିୟୁତ ନିୟୁତ କର୍ମନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି ଏବଂ ଏହା ନୂଆନୂଆ ଉଦ୍ୟମିତାକୁ ପ୍ରୋତ୍ସାହିତ କରିଥାଏ। ନିରନ୍ତର ବିକାଶ ପ୍ରତି ଅଙ୍ଗୀକୃତ ସରକାର ଗ୍ରୀନ୍ ଟେକ୍‌ନୋଲୋଜି (ପ୍ରଦୂଷଣମୁକ୍ତ ପ୍ରଯୁକ୍ତି) ବ୍ୟବହାର କରି ୩୦ହଜାର କିଲୋମିଟର ଲମ୍ବର ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ତିଆରି କରିଛନ୍ତି। ଏଥିରେ ପ୍ଲାଷ୍ଟିକ୍ ଆବର୍ଜନା ଓ କୋଲ୍ଡମିକ୍ସ ଟେକ୍‌ନୋଲୋଜିର ଉପଯୋଗ ମଧ୍ୟ କରାଯାଇଛି। ଏହା ଫଳରେ ପ୍ରଦୂଷଣ ଓ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଛି। ବଜେଟରେ ସ୍ୱଚ୍ଛଭାରତ ମିଶନର ସଂପ୍ରସାରଣ ବ୍ୟବସ୍ଥା କରାଯାଇଛି। ଏଥିରେ ସବୁ ଗାଁରେ କଠିନ ବର୍ଜ୍ୟବସ୍ତୁର ପରିଚାଳନା ନିୟମିତ ଭାବେ କରାଯିବ। ଏହାଛଡ଼ା ଚାଷୀଙ୍କ ଆୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଅକ୍ଷୟ ଶକ୍ତି ଉତ୍ପାଦନରେ ବିଭିନ୍ନ ଫସଲ, ବାଉଁଶ, ଝାଟି ଓ କାଠ ଆଦିକୁ ବ୍ୟବହାର କରାଯିବ। ଏହା ଫଳରେ ଗ୍ରାମାଞ୍ଚଳ ଯୁବକମାନେ ରୋଜଗାରର ନୂଆ ସୁଯୋଗ

ଅନ୍ତର୍ନିହିତ ଦକ୍ଷତା ଓ ସାମର୍ଥ୍ୟର ବିକାଶ ଘଟାଇ ଯୁବ ସମାଜକୁ ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ କରି ଗଢ଼ି ତୋଳିବାରେ ଶିକ୍ଷା ଓ ତାଲିମର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। ୨୦୧୯ର ନୂଆ ଚିଠା ଶିକ୍ଷାନୀତି ଅଭିନବତା (ଇନୋଭେସନ) ଓ ଗବେଷଣା ଉପରେ ଗୁରୁତ୍ୱ ଦେଇଛି। ଏହା ଭାରତର ଉଚ୍ଚଶିକ୍ଷାକୁ ବଦଳାଇ ବିଶ୍ୱର ଅନ୍ୟତମ ଏକ ଶ୍ରେଷ୍ଠ ଶିକ୍ଷା ବ୍ୟବସ୍ଥାରେ ପରିଣତ କରିବାକୁ ଉଦ୍ଦିଷ୍ଟ। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ମାଧ୍ୟମରେ ବହୁ ଯୁବକ ଯୁବତୀ ଔଦ୍ୟୋଗିକ ଦକ୍ଷତା ବିକାଶ ତାଲିମ ନେଇପାରିବେ। ସେହିଭଳି 'ସ୍କିଲ ଇଣ୍ଡିଆ' କାର୍ଯ୍ୟକ୍ରମରେ ମଧ୍ୟ ବିଭିନ୍ନ ବିଷୟରେ ତାଲିମ ନେବାର ସୁବିଧା ସୁଯୋଗ ଯୁବସମାଜ ପାଇଁ ଉପଲବ୍ଧ। ଏବେ ସରକାର ଦକ୍ଷତା ବିକାଶ ପାଇଁ ନୂଆ ନୂଆ ଟେକ୍‌ନୋଲୋଜି ଓ ସ୍କିଲ ଉପରେ ଗୁରୁତ୍ୱ ଦେଉଛନ୍ତି। ସେଥିମଧ୍ୟରେ ରହିଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ, ବିଗ୍ ଡେଟା ଆନାଲିଟିକ୍ସ, ଥ୍ରୀ-ଡି ପ୍ରିଣ୍ଟିଂ, ଭର୍ଚ୍ଚୁଆଲ ରିୟଲିଟି ଏବଂ ରୋବୋଟିକ୍ସ। ଏସବୁ କ୍ରମଶଃ ଅଧିକ ଗ୍ରହଣୀୟ ହେଉଛି ଏବଂ ଏହାର ଚାହିଦା ବଢ଼ୁଛି। ବିଶ୍ୱର ପ୍ରମୁଖ ଅର୍ଥନୀତିରେ ଏବେ ଉପଯୁକ୍ତ ଓ ଯୋଗ୍ୟ ଲୋକଶକ୍ତିର ଅଭାବ ଅନୁଭୂତ ହେଉଛି। ଲୋକସଂଖ୍ୟା ବଢ଼ିବା ସହ ନିଯୁକ୍ତି ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଅର୍ଥନୀତି ସହ ସଂପୃକ୍ତ ବିଭିନ୍ନ କ୍ଷେତ୍ରରେ ଯେଉଁ ଦକ୍ଷ ଓ କୁଶଳୀ ଲୋକଶକ୍ତି ଆବଶ୍ୟକ ତାହା ଆବଶ୍ୟକ ପରିମାଣରେ ମିଳୁନାହିଁ। ସେ ଦୃଷ୍ଟିରୁ ଦକ୍ଷତା ବିକାଶ, ତାଲିମ ଏବଂ ନୂଆ ଟେକ୍‌ନୋଲୋଜି ସହିତ ପରିଚିତ ହୋଇ ସେ ସମ୍ପର୍କରେ ଜ୍ଞାନ ଆହରଣ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହା ଫଳରେ ଭାରତୀୟ ଯୁବ ସମାଜ ଦେଶ ଓ ବିଦେଶରେ ନିଯୁକ୍ତି ସୁଯୋଗ ପାଇପାରିବେ।

ପାଇବେ ଏବଂ ଏହା ନିରନ୍ତର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ସେଇଭଳି ଜଳଶକ୍ତି ମନ୍ତ୍ରଣାଳୟ ଅଧୀନରେ ନିରନ୍ତର ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏଥିରେ ଜଳର ପୁନଃ ବ୍ୟବହାର ଓ ପୁନଃଚକ୍ରୀକରଣ ଗୁରୁତ୍ୱ ପାଇବ। ଜଳ ପରିଚାଳନା କ୍ଷେତ୍ରରେ ଭାରତର ଦକ୍ଷତା, ମୋ ବିଚାରରେ ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରିବ। ଏହି ସବୁ ପ୍ରକ୍ରିୟାରେ ଉଦ୍ୟମିତା ବଢ଼ିବା ସହ ନିୟୁତ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ସଂଯୋଗ ଓ ସଂଚାର ଗୋଟିଏ ଅର୍ଥନୀତିର ଜୀବନ ନାଟିକା ସଦୃଶ। ସମସ୍ତ ପ୍ରକାର ଭୌତିକ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ଓ ପ୍ରସାର ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ, ଗ୍ରାମାଞ୍ଚଳ ହାଟ ବଜାରଗୁଡ଼ିକୁ ସଡ଼କ ସଂଯୋଗ, ଶିଳ୍ପ କରିଡର, ସମର୍ପିତ ମାଲ୍ ପରିବହନ କରିଡର, ଭାରତ ମାଳା, ସାଗର ମାଳା, ଜଳମାର୍ଗ ବିକାଶ ଓ ଉଡ଼ାନ ସ୍କିମ୍‌ରେ ଏହି ସବୁ ସଂଯୋଗ ବ୍ୟବସ୍ଥାର ନିର୍ମାଣ କାର୍ଯ୍ୟ ଚାଲିଛି। ସେହିଭଳି ଦେଶରେ ମେଟ୍ରୋ ରେଲ୍‌ର ବିକାଶ ଉପରେ ସରକାର ଜୋର ଦେଉଛନ୍ତି ଏବଂ ପିପିପି ଭିତ୍ତିରେ ଏହାକୁ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି। ଏହାଛଡ଼ା ଟ୍ରାନ୍‌ଜିଟ୍ ଭିତ୍ତିକ ବିକାଶ ଏବଂ ରେଳ ଷ୍ଟେସନଗୁଡ଼ିକର ଆଧୁନିକୀକରଣ ଯୋଜନା ଦ୍ୱାରା ବହୁ ନିଯୁକ୍ତି ସୃଷ୍ଟି ହେବ। ଉଡ଼ାନ୍ ଯୋଜନାରେ ଛୋଟଛୋଟ ସହରକୁ ବିମାନ ସେବା ଯୋଗାଣ ଫଳରେ ଲୋକେ ଯାତାୟତ ସୁବିଧା ପାଇବା ସହ ଏଥିପାଇଁ ଉଦ୍ଦିଷ୍ଟ ନୂଆ ଭିତ୍ତିଭୂମି ଯୋଗୁଁ କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ। ଏହାଛଡ଼ା ସରକାର ଡିଜିଟାଲ ସଂଯୋଗ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଉଭୟ ସହର ଓ ଗ୍ରାମାଞ୍ଚଳରେ ଯେଉଁ ଡିଜିଟାଲ ବିଭାଜନ ରହିଛି ତାହାର ଅବସାନ ଘଟାଇ ଦେଶର ପ୍ରତ୍ୟେକ ପଞ୍ଚାୟତକୁ ଭାରତ ନେଟ୍ ବ୍ୟବସ୍ଥାରେ ଡିଜିଟାଲ ସେବା ଯୋଗାଇଦେବାକୁ ଉଦ୍ୟମ ଚାଲିଛି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନ ମାଧ୍ୟମରେ ଦୁଇ କୋଟିରୁ ଅଧିକ ଗ୍ରାମାଞ୍ଚଳ ଭାରତୀୟ ଡିଜିଟାଲ ସାକ୍ଷର ହୋଇପାରିଛନ୍ତି। ଏସବୁ ବ୍ୟବସ୍ଥା



ନୂଆ ନିଯୁକ୍ତିର ସୁଯୋଗ ସୃଷ୍ଟି କରିଛି ଯାହା ଯୁବ ସମାଜ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ।

ଅର୍ଥନୀତିରେ ମହିଳାଙ୍କ ଅବଦାନ ସ୍ୱୀକୃତ। ତେଣୁ ସେମାନଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ସରକାର ଗ୍ରହଣ କରୁଛନ୍ତି। ଏଥର ବଜେଟରେ କର୍ମଜୀବୀ ମହିଳା ହଷ୍ଟେଲଗୁଡ଼ିକ ପାଇଁ ବ୍ୟୟବରାଦ ଦୁଇଗୁଣ ବଢ଼ାଯାଇ ୧୬୫ କୋଟି ଟଙ୍କା କରାଯାଇଛି। ମୁଦ୍ରା, ଷ୍ଟାଣ୍ଡଅପ୍ ଇଣ୍ଡିଆ, ସ୍ୱୟଂସହାୟିକା ଗୋଷ୍ଠୀ ଆନ୍ଦୋଳନ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ମହିଳାଙ୍କ କର୍ମନିଯୁକ୍ତି, ଉଦ୍ୟମିତା ତଥା ରୋଜଗାର ପାଇଁ ନାନାବିଧ ବ୍ୟବସ୍ଥା ହୋଇଛି। ସ୍ୱୟଂସହାୟିକା ମହିଳା ଉଦ୍ୟୋଗୀଙ୍କ ପାଇଁ ଋଣ ରିଆତି ବ୍ୟବସ୍ଥା ମଧ୍ୟ କରାଯାଇଛି। ଜନଧନ ଖାତାଧାରୀ ସ୍ୱୟଂସହାୟିକା ଗୋଷ୍ଠୀର ଯେକୌଣସି ସଦସ୍ୟାଙ୍କୁ ଜମାରାଶୀ ବ୍ୟତୀତ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିବାର ବ୍ୟବସ୍ଥା ବଜେଟରେ ହୋଇଛି। ଏହାଛଡ଼ା ପ୍ରତି ଏସ୍‌ଏଚ୍‌ଜିର ଅତି କମ୍‌ରେ ଜଣେ ମହିଳା ସଦସ୍ୟା ମୁଦ୍ରା ଯୋଜନାରେ ଏକ ଲକ୍ଷ ଟଙ୍କା ଋଣ ପାଇବାର ବନ୍ଦୋବସ୍ତ କରାଯାଇଛି। ମହିଳା କର୍ମଚାରୀଙ୍କୁ ମାତୃତ୍ୱକାଳୀନ ସୁବିଧା ଯୋଗାଇଦେବାକୁ ବଜେଟରେ ମଧ୍ୟ ପ୍ରୋତ୍ସାହନ ରାଶିର ବ୍ୟବସ୍ଥା ହୋଇଛି।

ଷ୍ଟାଣ୍ଡଅପ୍ ଇଣ୍ଡିଆ ସ୍କିମ୍ ଏହାର ଅଗଣିତ ହିତାଧିକାରୀଙ୍କୁ ମାନବିକ ମର୍ଯ୍ୟାଦା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ସଫଳ ହୋଇଛି। ସେଥିମଧ୍ୟରୁ ଅଧିକାଂଶ ମହିଳା ତଫସିଲଭୁକ୍ତ ଜାତି ଓ ଉପଜାତି ବର୍ଗର। ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ତଫସିଲଭୁକତ ଜାତି / ଉପଜାତିର ଉଦ୍ୟୋଗୀଙ୍କୁ ଅଧିକ ପରିମାଣର ଏଲ୍‌ପିଜି ପରିବହନରେ ସୁବିଧା ଯୋଗାଉଛି। ସଫେଇ କ୍ଷେତ୍ରରେ ମେସିନ୍ ଓ ରୋବୋଟ୍‌ର ବ୍ୟବହାର ଆରମ୍ଭ ହୋଇଛି। ହାତରେ ମଇଳା ଓ ଆବର୍ଜନା ସଫା କରୁଥିବା ଲୋକଙ୍କୁ ମୁକ୍ତ କରାଯାଇ ସେମାନଙ୍କୁ ମର୍ଯ୍ୟାଦାବନ୍ତ ପେସାରେ ନିୟୋଜିତ କରିବାର ପ୍ରୟାସ ଚାଲିଛି। ବ୍ୟାବସାୟିକ ବ୍ୟାଙ୍କ, ଷ୍ଟାଣ୍ଡଅପ୍ ଓ ଷ୍ଟାର୍ଟଅପ୍ ମଧ୍ୟରେ ସମନ୍ୱୟ ରକ୍ଷା ଦ୍ୱାରା ଏ କ୍ଷେତ୍ରରେ ପରିବର୍ତ୍ତନର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଏହାଦ୍ୱାରା ସମାଜର ଉପେକ୍ଷିତ ଓ ବଞ୍ଚିତ ବର୍ଗ ଲାଭବାନ ହେଉଛନ୍ତି। ଏହାର ସଫଳତାକୁ ବିଚାରକୁ ନେଇ ସରକାର ଷ୍ଟାଣ୍ଡଅପ୍ ଇଣ୍ଡିଆ ସ୍କିମ୍‌କୁ ୨୦୨୦ରୁ ୨୦୨୫ ଅର୍ଥାତ୍ ପଞ୍ଚଦଶ ଅର୍ଥ କମିଶନଙ୍କ କାର୍ଯ୍ୟକାଳ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି। ସଫେଇ ମେସିନ୍ ଓ ରୋବୋଟ୍ କ୍ରୟ ଭଳି ଚାହିଦା ଭିତ୍ତିକ କାର୍ଯ୍ୟ ପାଇଁ ବ୍ୟାଙ୍କମାନେ ଋଣ ଯୋଗାଇବେ।

ରିୟଲ୍ ଇଷ୍ଟେଟ୍ କ୍ଷେତ୍ରର ପୁନରୁଦ୍ଧାର ଓ ବିକାଶ

ପାଇଁ ବଜେଟରେ ଯେଉଁସବୁ ବ୍ୟବସ୍ଥା ହୋଇଛି ତାହାର ପ୍ରତ୍ୟେକ୍ଷ ପ୍ରଭାବ କର୍ମନିଯୁକ୍ତି ସୃଷ୍ଟି ଉପରେ ପଡ଼ିବ। ଏହାଦ୍ୱାରା ଅକୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକ ଓ କାରିଗରମାନେ ବିଶେଷ ଉପକୃତ ହେବେ। ପ୍ରଧାନମନ୍ତ୍ରୀ ଗ୍ରାମିଣ ଆବାସ ଯୋଜନାରେ ୧.୫୪ କୋଟି ସୁଲଭ ଘର ନିର୍ମାଣ କରିବାକୁ ସରକାର ଇତିମଧ୍ୟରେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାଛଡ଼ା ପ୍ରଧାନମନ୍ତ୍ରୀ ସହରୀ ଆବାସ ଯୋଜନାରେ ଗତ ପାଞ୍ଚବର୍ଷରେ ୨୬ଲକ୍ଷ ଘର ତିଆରି ସରିଛି। ୨୦୧୯ରୁ ୨୦୨୨ ମଧ୍ୟରେ ସରକାର ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧.୯୫ କୋଟି ଘର ନିର୍ମାଣ କରି ଯୋଗ୍ୟ ହିତାଧିକାରୀଙ୍କୁ ଯୋଗାଇଦେବାର ଲକ୍ଷ୍ୟ ରଖିଛନ୍ତି। ଏ କ୍ଷେତ୍ରରେ ୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଘର କ୍ରୟ ଉପରେ ଟିକସ ହ୍ରାସ କରାଯିବା ସହିତ ଇଜରାଦାରୀ (ଘରଭଡ଼ା) ଆଇନରେ ସଂଶୋଧନ କରାଯାଇଛି। ଏହା ଫଳରେ ଆବାସ ଓ ରିୟଲ ଇଷ୍ଟେଟ୍ ଉଦ୍ୟୋଗ ଲାଭବାନ ହେବ। ଏହାଦ୍ୱାରା ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ନିର୍ମାଣ ଶ୍ରମିକ, ଇଷ୍ଟେଟ୍ ଡେଭେଲପର, ବିଲଡର, ଆର୍କିଟେକ୍ଟ ଓ ଆଉ ଅନେକ ଉପକୃତ ହେବେ। 'ଷ୍ଟଡି ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯେଉଁ ଯୋଜନା ରହିଛି ସେଥିରେ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଲାଭ ପାଇଁ ଭାରତକୁ ଆକର୍ଷିତ କରିବାର ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା  ସେମାନଙ୍କ ପାଇଁ ହଷ୍ଟେଲ ଭଳି ଆବାସିକ ସୁବିଧା ଯୋଗାଣର ଚାହିଦା ବଢ଼ିବ ଓ ଏହା କର୍ମନିଯୁକ୍ତି ସୃଷ୍ଟିରେ ସହାୟକ ହେବ।

ଏସବୁ ଛଡ଼ା ସରକାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା ଲୋକଙ୍କ ସାମାଜିକ ନିରାପତ୍ତା ଓ କଲ୍ୟାଣ ପାଇଁ ଦୃଢ଼ ସଂକଳ୍ପ ହୋଇ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା ୨୦୧୯ମାର୍ଚ୍ଚ ୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ଏଯାବତ୍ ୩୦ଲକ୍ଷ ଲୋକ ସାମିଲ ହୋଇଛନ୍ତି। ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକମାନଙ୍କୁ ୬୦ବର୍ଷ ବୟସ ପରେ ମାସିକ ୩୦୦୦ ଟଙ୍କାର ପେନ୍‌ସନ୍ ଯୋଗାଇବା ଏହି ଯୋଜନାର ଲକ୍ଷ୍ୟ। ଏ କ୍ଷେତ୍ରରେ ଏକ ନୂଆ ପ୍ରୟାସରେ ପ୍ରଧାନମନ୍ତ୍ରୀ କର୍ମଯୋଗୀ ମାନଧନ ଯୋଜନାରେ ଏବେ ଦେଶର ତିନି କୋଟି ଖୁଚୁରା, ବେପାରୀ ଓ ଦୋକାନୀ ଯେଉଁମାନଙ୍କର ବାର୍ଷିକ କାରବାର ୧.୫କୋଟି ଟଙ୍କାରୁ କମ୍, ସେମାନଙ୍କୁ ମାସିକ ପେନ୍‌ସନ୍ ଯୋଗାଇଦେବାର ବ୍ୟବସ୍ଥା ହୋଇଛି। ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ଯୋଜନା ପାଇଁ ବଜେଟରେ ୫୦୦କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ କର୍ମଯୋଗୀ ମାନଧନ ଯୋଜନା ପାଇଁ ୭୫୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ବିଭିନ୍ନ ପ୍ରକାର ଶ୍ରମ ଆଇନର ସଂଶୋଧନ ଓ ସରଳୀକରଣ ପାଇଁ ସରକାର ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ସବୁ ଶ୍ରମ ଆଇନକୁ ମିଶାଇ ଏହାକୁ ଚାରିଟି ଭାଗରେ ବିଭକ୍ତ କରାଯାଇ ଶ୍ରମ କୋଡ୍ ପ୍ରସ୍ତୁତି କରାଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସହଜରେ ବ୍ୟବସାୟ କରିବା ଏବଂ ନିଯୁକ୍ତିଦାତାଙ୍କୁ ସୁବିଧା ପ୍ରଦାନ କରିବା ସହ ଶ୍ରମିକମାନଙ୍କ ଅଧିକାର ଓ କଲ୍ୟାଣ ପ୍ରତି ଉପଯୁକ୍ତ ଦୃଷ୍ଟି ଦେବା।

ଦେଶର ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସମ୍ଭାବନା ବଢ଼ାଇବା ସହ ଉଦ୍ୟମିତା ବୃଦ୍ଧି ପାଇଁ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯୁବବର୍ଗଙ୍କୁ ନିଯୁକ୍ତି ଓ ରୋଜଗାରର ସୁଯୋଗ ଦେବା ଏହି ପ୍ରୟାସର ପ୍ରଥମ ଲକ୍ଷ୍ୟ। ଏହାଦ୍ୱାରା ଉଭୟ ଯୁବବର୍ଗ ଓ ଦେଶର ଉନ୍ନତି ସାଧିତ ହେବ।

ଭାରତର ଅଧିକାଂଶ ଲୋକ ଗ୍ରାମାଞ୍ଚଳରେ ବସବାସ କରିବା ସହ କୃଷି ଓ ପାରମ୍ପରିକ ଶିଳ୍ପ ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ବିକାଶ ପାଇଁ ସରକାର 'ସ୍ଫୁର୍ତ୍ତି' ନାମରେ ଏକ ସ୍କିମ୍ ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପାରମ୍ପରିକ ଶିଳ୍ପ ଓ ରୋଜଗାର ମାଧ୍ୟମଗୁଡ଼ିକର ଉନ୍ନତି, ପୁନଃ ସଂସ୍ଥାପନ ଓ ସେଗୁଡ଼ିକୁ ପୁନର୍ବାର ଚଳାଇବା ପାଇଁ ଅର୍ଥ / ପାଣ୍ଠି ଯୋଗାଣର ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଗ୍ରାମାଞ୍ଚଳରେ ସାଧାରଣ ସୁବିଧା କେନ୍ଦ୍ର (ସିଏଫ୍‌ସି) ମାନ ଖୋଲି କ୍ଲଷ୍ଟର ଭିତ୍ତିରେ ଏସବୁ ଶିଳ୍ପ ଓ ବେଉସାକୁ ସହାୟତା ଯୋଗାଇଦେବାର ବ୍ୟବସ୍ଥା ହୋଇଛି। ନିଯୁକ୍ତି ସୃଷ୍ଟି ସହ ଉତ୍ପାଦନ ବୃଦ୍ଧି କରିବାକୁ ଆବଶ୍ୟକ ସୁବିଧାସୁଯୋଗ ଯୋଗାଇଦେବା ଏହି ଯୋଜନାର ଲକ୍ଷ୍ୟ। ବାଉଁଶ, ମହୁ ଓ ଖଦୀ ଭଳି ଉଦ୍ୟୋଗକୁ ଏହି ଯୋଜନାରେ ଗୁରୁତ୍ୱ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷ ମଧ୍ୟରେ ସ୍ଫୁର୍ତ୍ତି ଯୋଜନାରେ ସାରା ଦେଶରେ ପ୍ରାୟ ୧୦୦ କ୍ଲଷ୍ଟର ନିର୍ମାଣ କରି ସେଥିରେ ପାରମ୍ପରିକ ଧନ୍ଦା ଓ ଶିଳ୍ପକୁ ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖାଯାଇଛି। ଏହା ଫଳରେ ୫୦ହଜାର କାରିଗର ଅର୍ଥନୈତିକ ଲାଭ ପ୍ରକ୍ରିୟାରେ ସଂପୃକ୍ତ ହେବାର ସୁଯୋଗ ପାଇବେ। ଆହୁରି ମଧ୍ୟ ଏସବୁ ଉଦ୍ୟୋଗର ଟେକ୍‌ନୋଲୋଜି ବିକାଶ, ଅଭିନବତାକୁ ପ୍ରୋତ୍ସାହନ, ଗ୍ରାମୋଦ୍ୟୋଗର ବିକାଶ ଏବଂ ଅନ୍ୟାନ୍ୟ ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମ ପାଇଁ 'ଆସ୍‌ପାୟାର୍' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ସ୍କିମ୍‌ରେ ୮୦ଟି ଜୀବିକା (ଲାଇଭ୍‌ଲିହୁଡ୍) ବିଜ୍‌ନେସ୍ ଇନ୍‌କ୍ୟୁବେଟର ଓ ୨୦ଟି ଟେକ୍‌ନୋଲୋଜି ବିଜ୍‌ନେସ୍ ଇନ୍‌କ୍ୟୁବେଟର ସ୍ଥାପନ କରିବାର ଲକ୍ଷ୍ୟ ରଖାଯାଇଛି।

ଲେଖକ ହେଉଛନ୍ତି ନିତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ।
**Email ID: amitabh.kant@nic.in**

ସ୍ପଟ୍‌ଲାଇଟ୍

# ଜଳ ସମ୍ପଦର ସଂରକ୍ଷଣ ଓ ସୁବିନିଯୋଗ

ପରମେଶ୍ୱରନ୍ ଆୟାର

ନୂତନ ସରକାରଙ୍କ ବିକାଶ ଏଜେଣ୍ଡାରେ ଜଳକୁ ପ୍ରମୁଖତା ଦିଆଯାଇଛି । ଗତଥର ବଜେଟ୍ ଆଗତବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ଏନେଇ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରମ୍ବାର ଏନେଇ ଜନସଚେତନତା ସୃଷ୍ଟି ସହିତ ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ଲାଗି ଆହ୍ୱାନ ଦେଇଛନ୍ତି । ସ୍ୱଚ୍ଛ ଭାରତ ମିଶନ ଭଳି 'ଜଳ ସଞ୍ଚୟ'(ସଂଗ୍ରହ ଓ ସଂରକ୍ଷଣ)କୁ ନଭାଗିଦାରୀ ଭିତ୍ତିରେ ଗଢିତୋଳିବାକୁ ଗୁରୁତ୍ୱ ଦେଇଛନ୍ତି । ଜନଶକ୍ତି ବିନା ଜଳ ସଞ୍ଚୟ ସମ୍ଭବପର ନୁହେଁ । ତେଣୁ ଜଳ ସଞ୍ଚୟକୁ ଏକ ମିଶନ୍ ମୋଡ୍‌ରେ ଆଗେଇ ନେବାକୁ ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ନାଗରିକଙ୍କୁ ପରାମର୍ଶ ଦେଇଛନ୍ତି । ପୂର୍ବରୁ ବଜେଟ୍ ଅଭିଭାଷଣ କାଳରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜଳ ସଂରକ୍ଷଣ ଲାଗି କେନ୍ଦ୍ର ସରକାର ପ୍ରଥମଥର ପାଇଁ ଏକ ସ୍ୱତନ୍ତ୍ର 'ଜଳ ଶକ୍ତି ମନ୍ତ୍ରଣାଳୟ' ଗଠନ କରିବାକୁ ବଜେଟ୍‌ରେ ବ୍ୟବସ୍ଥା କରିଥିବା କହିଥିଲେ । ପୂର୍ବର ଜଳ ସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁର୍ନଜୀବନ ମନ୍ତ୍ରଣାଳୟ ଏବଂ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ଭଳି ଦୁଇ ଦୁଇଟି ମନ୍ତ୍ରଣାଳୟକୁ ମିଶାଇ ଏଇ ନୂତନ 'ଜଳଶକ୍ତି' ମନ୍ତ୍ରଣାଳୟ କରାଯାଇଛି । ଏହି ଜଳଶକ୍ତି ମନ୍ତ୍ରଣାଳୟ ବିଶେଷକରି ଜଳ ସଂରକ୍ଷଣ ଓ ତା'ର ସୁବିନିଯୋଗ, ଜଳ ସଂକଟର ଦୀର୍ଘସ୍ଥାୟୀ ସମାଧାନ ଆଦି ଉପରେ ଗୁରୁତ୍ୱ ଦେବ । ଜଳ ଉତ୍ସ ଗୁଡିକର ସୁପରିଚାଳନା, ଜଳ ସଂଗ୍ରହ, ସଂରକ୍ଷଣ, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା କାର୍ଯ୍ୟକୁ ତ୍ୱରାନ୍ୱିତ କରିବ । ସମସ୍ତ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା ଲାଗି ସରକାର ଯେଉଁ ନିର୍ଦ୍ଧାରିତ ଲକ୍ଷ୍ୟ ରଖିଛନ୍ତି ତାହାକୁ ପୂରଣ କରିବେ ।

**ଅଦ୍ୟାବଧି ପଦକ୍ଷେପ**

ବର୍ତ୍ତମାନ ପର୍ଯ୍ୟନ୍ତ ଭାରତରେ ଥିବା ଜଳ ଭୂଭାଗ ପରିଚାଳନାର ବିଭିନ୍ନ ଦିଗକୁ ନେଇ ୭ଟି ମନ୍ତ୍ରଣାଳୟ ଓ ୧୦ଟି ବିଭାଗ କାର୍ଯ୍ୟ କରୁଛି । ମାତ୍ରାଧିକ ମନ୍ତ୍ରଣାଳୟ ଓ ବିଭାଗ ଯୋଗୁଁ କୌଣସି ଗୋଟିଏ ବି ବିଭାଗ କିମ୍ବା ମନ୍ତ୍ରଣାଳୟ ଜଳ ସଂକ୍ରାନ୍ତ ସ୍ପଷ୍ଟ ବିବାଦର ଆବଶ୍ୟକ ସମାଧାନ କରିବାରେ ସକ୍ଷମ ହୋଇପାରୁନି । ଅନେକ କ୍ଷେତ୍ରରେ ପରସ୍ପର କାର୍ଯ୍ୟପ୍ରଣାଳୀ ମଧ୍ୟରେ ତାଳମେଳ ସଠିକ୍ ରୂପେ ରହିପାରୁନି । ପରସ୍ପର ମଧ୍ୟରେ ତଥ୍ୟ ଓ ସୂଚନା ଆଦାନ ପ୍ରଦାନ କରିବାରେ ମଧ୍ୟ ଆଗ୍ରହ ଦେଖାଉନାହାନ୍ତି । ଏଭଳିସ୍ଥିତିରେ ନିତି ଆୟୋଗ ଜଳ କ୍ଷେତ୍ରକୁ ନେଇ ଏବେ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ଜଳ ଓ ଏହାର ଉପକ୍ଷେତ୍ର ଅନ୍ତର୍ଗତ ସମସ୍ତ ତଥ୍ୟ ଓ ସୂଚନାକୁ ଏକାଠି କରିବା ସହିତ ଜଳ ପରିଚାଳନା ସୂଚକାଂକ ଏବଂ ତଦନୁଯାୟୀ ରାଜ୍ୟମାନଙ୍କ ସ୍ଥିତି ସଂକ୍ରାନ୍ତ ଏକ ସ୍ଥିତି ତାଳିକା ପ୍ରକାଶ କରିଛି । ଏହାକୁ



ଆଧାରକରି ସରକାର ପୂର୍ବରୁ ଜଳ ଓ ଏହାର ଉପକ୍ଷେତ୍ର ସଂପର୍କିତ ସମସ୍ତ ବିଭାଗ ଓ ମନ୍ତ୍ରଣାଳୟକୁ ଗୋଟିଏ ପରିସରଭୁକ୍ତ କରି ନୂତନ 'ଜଳଶକ୍ତି' ମନ୍ତ୍ରଣାଳୟ ଗଠନ କରିଛନ୍ତି। ଜଳକ୍ଷେତ୍ର ଗୁଡିକୁ ଏକାଠି କରି ଏ ଦିଗରେ ବ୍ୟାପକ ଶାସନଗତ ସଂସ୍କାର ଓ ପ୍ରଭାବୀ ପଦକ୍ଷେପ ନିଆଯାଇପାରିବ। ସମନ୍ୱିତ ଜଳ ପରିଚାଳନାକୁ ନେଇ ଆଜି ଯେଭଳି ଗୁରୁତ୍ୱ ଦିଆଯାଉଛି ପୂର୍ବରୁ କେବେ ଏଭଳି କରାଯାଇ ନଥିଲା।

ଭାରତ ଏବେ ଏକ ଜଳ ଅଭାବୀ ଭୂଖଣ୍ଡ ବୋଲି ସ୍ପଷ୍ଟ ହେଲାଣି। ଆମର ଲୋକସଂଖ୍ୟା ଓ ଏହାର ଆବଶ୍ୟକତାକୁ ଦେଖିଲେ ଭାରତରେ ବିଭିନ୍ନ ଉତ୍ସରୁ ଉପଲବ୍ଧ ଜଳ ବହୁତ କମ୍ ରହିଛି। ୨୦୩୦ ମସିହା ସୁଦ୍ଧା ଜଳ ଉପଲବ୍ଧତା ତୁଳନାରେ ଆବଶ୍ୟକତା ଅଧିକ ହେବ। ଯଦି ଜଳ ପରିଚାଳନାକୁ ଆମେ ପୂର୍ବ ଢଙ୍ଗରେ ଜାରି ରଖିବା ତେବେ ଭାରତରେ ଗୁରୁତର ଜଳ ସଂକଟ ଉପୁଜିବ। ଜଳାଭାବ ଯୋଗୁଁ ଭାରତର ଅର୍ଥନୀତି ଦୁର୍ବଳ ହୋଇପଡିବ। ପୁରୁଣା ଧାରାରେ ଚାଲିଲେ ୨୦୫୦ ମସିହା ବେଳକୁ ଜଳ ସମସ୍ୟା ଯୋଗୁଁ ଦେଶର ଆର୍ଥିକ କ୍ଷତି ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୬ ପ୍ରତିଶତ ତଳକୁ ଖସିଆସିବ। ନାଗରିକମାନେ ପାନୀୟ ଜଳ ପାଇବା ମୁସ୍କିଲ ହୋଇପଡିବ। ସଂପ୍ରତି ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନଇ ଓ ହାଇଦରାବାଦ ଭଳି ବଡ଼ ବଡ଼ ସହର ଗୁଡିକରେ ଭୂତଳ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଇବାରୁ ସେଠାରେ ବିଷମ ପରିସ୍ଥିତି ସୃଷ୍ଟି ହେଲାଣି। ସଦ୍ୟ ଉପଗ୍ରହ ପ୍ରେରିତ ଚିତ୍ର ଓ ତଥ୍ୟ ଅନୁଯାୟୀ, ଭାରତ ଭୂଖଣ୍ଡରେ ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଏଭଳି ସ୍ଥିତିରେ ସମନ୍ୱିତ ଜଳ ପରିଚାଳନା କ୍ଷେତ୍ରରେ ବଳିଷ୍ଠ ଓ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ ନ କଲେ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ମଧ୍ୟ କଷ୍ଟକର ହୋଇପଡିବ।

**କ'ଣ ରହିଛି ଆହ୍ୱାନ**

ଜଳ କ୍ଷେତ୍ରରେ କେତେକ ଅସୁବିଧା ଆମ ପାଇଁ ଆହ୍ୱାନ ସୃଷ୍ଟି କରିଛି। ବର୍ଷାଜଳ ସଂରକ୍ଷଣ, ବର୍ଜ୍ୟଜଳ ବିଶୋଧନ ଓ ଏହାର ପୁନଃବ୍ୟବହାର କରିବାରେ ଆମେ ଅସଫଳ ରହିଛେ। ସଂପ୍ରତି ଭାରତ ମୋଟ ବର୍ଷାଜଳର ମାତ୍ର ୮ ପ୍ରତିଶତ ସଂରକ୍ଷିତ ରଖିବାରେ ସମର୍ଥ ହୋଇଛି। ଯାହାକି ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରଠାରୁ ସର୍ବନିମ୍ନ। ସହରାଞ୍ଚଳରେ ରହିଥିବା ଭିତ୍ତିଭୂମିର ଉତ୍ତମ ପରିଚାଳନା ଓ ରକ୍ଷଣାବେକ୍ଷଣ ଅଭାବରୁ ୪୦ ପ୍ରତିଶତ ପାଇପ୍ ଜଳ ନଷ୍ଟ ହୋଇଯାଉଛି। ବର୍ଜ୍ୟଜଳ ପରିଚାଳନା ଓ ପୁନଃବ୍ୟବହାର ବ୍ୟବସ୍ଥା ଏକପ୍ରକାର ନଥିଲା ଭଳି। ଏଭଳି କ୍ଷେତ୍ରରେ ଇସ୍ରାଏଲ ଭଳି ରାଷ୍ଟ୍ର ଆମର ମାର୍ଗଦର୍ଶକ ହୋଇପାରିବ। କାରଣ ଏହି କ୍ଷୁଦ୍ର ରାଷ୍ଟ୍ରରେ ଗୁରୁତର ଜଳ ସଂକଟ ଥିବାବେଳେ ସେମାନେ ଶତ ପ୍ରତିଶତ ବର୍ଷାଜଳ ସଂରକ୍ଷଣ କରିବାରେ ସକ୍ଷମ ହୋଇଛନ୍ତି। ସେତିକି ନୁହେଁ; ୯୪ ପ୍ରତିଶତ ବର୍ଜ୍ୟଜଳକୁ ପୁନଃପ୍ରକ୍ରିୟାକରଣ କରି ଇସ୍ରାଏଲ ବ୍ୟବହାର କରୁଛି। ଚାଷ କ୍ଷେତ୍ରରେ ଜଳସେଚନର ୫୦ ପ୍ରତିଶତ ଚାହିଦା ଏହି ବର୍ଜ୍ୟଜଳ ପୁର୍ନବ୍ୟବହାର ଯୋଗୁଁ ହୋଇପାରିଛି।

ଏକ ହିସାବରୁ ଜଣାପଡିଛି ଆମ ଦେଶର ୮୧ ପ୍ରତିଶତ ଅଧିବାସୀ ଦିନକୁ ମାତ୍ର ୪୦ ଲିଟର ପାଣି ବିଭିନ୍ନ ଉତ୍ସରୁ ସଂଗ୍ରହ କରୁଛନ୍ତି। ମାତ୍ର ୧୮ରୁ ୨୦ ପ୍ରତିଶତ ଗ୍ରାମାଞ୍ଚଳ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ କରାଯାଇପାରୁଛି। ଏହାକୁ ଦୃଷ୍ଟିରେ ରଖି ୨୦୨୪ ସୁଦ୍ଧା ଦେଶର ସମସ୍ତ ଗ୍ରାମୀଣ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇବା କେନ୍ଦ୍ର ସରକାରଙ୍କ ପ୍ରାଥମିକତା ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ ସ୍ପଷ୍ଟ ଲକ୍ଷ୍ୟ ରଖିଛନ୍ତି। ଦୀର୍ଘସ୍ଥାୟୀ ସୂତ୍ରରେ ଇପ୍‌ସିତ ଲକ୍ଷ୍ୟ ହାସଲ କରିବା ଲାଗି ଯୋଜନା ପ୍ରସ୍ତୁତ ହୋଇଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଗ୍ରାମାଞ୍ଚଳରେ ପାଇପ୍ ପାଣି ଯୋଗାଇବା ଲାଗି ୧୦ ହଜାର କୋଟି ଟଙ୍କାର ବ୍ୟୟବରାଦ ଜଳଶକ୍ତି ମନ୍ତ୍ରଣାଳୟ ଜରିଆରେ କରାଯାଇଛି। ସେହିଭଳି ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ ଯୋଜନା ଜରିଆରେ ଅତିରିକ୍ତ ୧୦ ହଜାର କୋଟି ଟଙ୍କା ଏ କ୍ଷେତ୍ର ଲାଗି ବରାଦ କରାଯାଇଛି। ଜଳଶକ୍ତି ମନ୍ତ୍ରଣାଳୟ ଏ ଦିଗରେ ବିକେନ୍ଦ୍ରୀକରଣକୁ ପ୍ରୋତ୍ସାହିତ କରିବା ସହ ଏକ ସମନ୍ୱିତ ଜଳ ସମ୍ପଦ ସୁପରିଚାଳନା ଓ ଜଳ ସଂରକ୍ଷଣକୁ ଗୁରୁତ୍ୱ ଦେଉଛି। ଏଥିପାଇଁ ଜଳ ସଂରକ୍ଷଣ, ଜଳଉତ୍ସ ଗୁଡିକର ଦୀର୍ଘସ୍ଥାୟୀ ସୁରକ୍ଷା, ଉତ୍ତମ ଜଳ ଅମଳ ପ୍ରକ୍ରିୟା, ଯେଉଁଠାରେ ସମ୍ଭବ ଅଧିକକୁ ଅଧିକ ବର୍ଜ୍ୟଜଳର ବ୍ୟବହାର ଲାଗି ସରକାର ନିଜ ବିଭାଗର ଉଦ୍ୟମ ସହିତ ଏଥିପ୍ରତି ଜନଭାଗିଦାରୀ ବଢାଇ କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଦେଉଛନ୍ତି। କାରଣ ଜଳଉତ୍ସ ଉପରେ ପ୍ରଥମ ଅଧିକାର ନାଗରିକ ମାନଙ୍କର ରହିଛି। କିଭଳି ଜନଭାଗୀଦାରି ଯୋଗୁଁ ମହାରାଷ୍ଟ୍ରର ହିୱାର ବଜାର ଏବଂ ଉତ୍ତରାଖଣ୍ଡର ସ୍ୱଜଳ ମଡେଲ ଜରିଆରେ ଜଳ ସଂରକ୍ଷଣ କରାଯାଇପାରିଛି ତାହାକୁ ଦେଶର ସମସ୍ତ ଅଞ୍ଚଳରେ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି।

**ଜଳଶକ୍ତି ଅଭିଯାନ**

ଯେଉଁ ସବୁ ଅଞ୍ଚଳରେ ଜଳ ସମସ୍ୟା ରହିଛି, ସେ ସବୁକୁ ଚିହ୍ନଟ କରିବାକୁ ହେବ। ଅନେକ ସ୍ଥାନରେ ଜଳର ଗୁଣାତ୍ମକ ସମସ୍ୟା ମଧ୍ୟ ରହିଛି। ସେଥିଲାଗି ଭୂପୃଷ୍ଠ ଜଳ ଭିତ୍ତିକ ବହୁମୁଖୀ ଗ୍ରାମ୍ୟ ଯୋଜନା ପ୍ରସ୍ତୁତ କରିବାକୁ ପଡିବ। ଫଳରେ ଏହି ଜଳ ଉତ୍ସ ଉପରେ ଏକାଧିକ ଗ୍ରାମ ନିର୍ଭରଶୀଳ ହେବା ସହ ଏହି ଉତ୍ସ ଗୁଡିକୁ ପ୍ରଦୂଷିତ ଓ ନଷ୍ଟ ହେବାରୁ ସୁରକ୍ଷିତ ରଖିବାକୁ ପଦକ୍ଷେପ ଗ୍ରହଣ କରିବେ। ଯେଉଁ ସବୁ ଗାଁରେ ଭୂତଳ ଜଳସ୍ତର ନିମ୍ନରେ ରହିଛି ସେଥିଲାଗି 'ଭୂତଳ ଜଳ ଭିତ୍ତିଭୂମି ସଂରଚନା ଯୋଜନା' ପ୍ରତି ଗାଁରେ ଲାଗୁ କରାଯାଇ ଜଳ ପରିଚାଳନା କରାଯିବ। ଭୂପୃଷ୍ଠ ହେଉ କି ଭୂ-ଆଭ୍ୟନ୍ତର ଜଳଉତ୍ସ, କିଭଳି ଏହାର ଉତ୍ତମ ସଂରକ୍ଷଣ ହୋଇପାରିବ ସେଥିପ୍ରତି ଲୋକଙ୍କୁ ଅଧିକରୁ ଅଧିକ ସଚେତନ କରାଯିବା ସହ ଏନେଇ ପ୍ରୋତ୍ସାହନ ଦିଆଯାଉଛି। ପରିବାର ହେଉ କି ଗୋଷ୍ଠୀ କିଭଳି ଏମାନଙ୍କ ଜରିଆରେ ଅଧିକରୁ ଅଧିକ ବର୍ଷାଜଳ ସଂରକ୍ଷଣ କରିପାରିବ ସେଥିପାଇଁ ଯୋଜନାର ମଧ୍ୟ ଆବଶ୍ୟକତା ରହିଛି। ଫଳରେ ପରବର୍ତ୍ତୀ ସମୟରେ ଭୂତଳ ଜଳଉତ୍ସକୁ ଏହାଦ୍ୱାରା ସମୃଦ୍ଧ ତଥା ପୁନର୍ଜୀବିତ କରାଯାଇପାରିବ। ଏହାବ୍ୟତୀତ ଗ୍ରାମୀଣ ଜଳ

ସଂରକ୍ଷଣ ଓ ଜଳ ଅମଳର ଅନ୍ୟାନ୍ୟ ଉପାୟ ଗୁଡିକୁ ମଧ୍ୟ ପ୍ରୋତ୍ସାହିତ କରିବାକୁ ପଡିବ। ଜଳ ସଂରକ୍ଷଣ ଭିତ୍ତିଭୂମି ମଜବୁତ୍ କରିବା କ୍ଷେତ୍ରରେ କାର୍ଯ୍ୟ ସ୍ଥାନୀୟ ଗ୍ରାମବାସୀଙ୍କ ଯୋଗୁଁ କିଭଳି ସଫଳ ହେଉଛି ତା'ର ଉଦାହରଣ ଭାବେ ମଧ୍ୟପ୍ରଦେଶ ଦେବାସ୍ ଜିଲାକୁ ନିଆଯାଇପାରେ। ଉଭୟ ଜଳ ସଂରକ୍ଷଣ ଓ ଯୋଗାଣ ଲାଗି ରାଜ୍ୟ ସରକାର ଲୋକଙ୍କୁ ବିକଳ୍ପ ବ୍ୟବସ୍ଥା ଦେଇଛନ୍ତି। ଚାଷୀବନ୍ଧୀ ଲୋକମାନେ ପୋଖରୀମାନ ଖୋଳି ଜଳ ସଂରକ୍ଷଣ ଓ ଉପଯୋଗ କରିପାରୁଛନ୍ତି। ଏହାଫଳରେ ଜିଲାରେ ଭୂତଳ ଜଳସ୍ତର ୬ରୁ ୪୦ ଫୁଟ ପର୍ଯ୍ୟନ୍ତ ଉପରକୁ ଉଠିବା ସମ୍ଭବପର ହୋଇଛି। କେବଳ ସେତିକି ନୁହେଁ, ଏହି ଜିଲାରେ ଜଳସେଚନ ଅଞ୍ଚଳର ମାତ୍ରା ୧୨୦-୧୯୦ ପ୍ରତିଶତ ବୃଦ୍ଧିପାଇଛି।

ଏବେ ନବଗଠିତ ଜଳଶକ୍ତି ମନ୍ତ୍ରଣାଳୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କ ମିଳିତ ସହଯୋଗରେ ଆରମ୍ଭ କରିଛି ଜଳଶକ୍ତି ଅଭିଯାନ। ଦେଶର ୨୫୬ଟି ଜିଲାର ୧୫୯୨ଟି ଜଳବାଧିତ(ଜଳକଷ୍ଟ) ବ୍ଲକ୍ ଗୁଡିକୁ ଚିହ୍ନଟ କରି ସେସବୁ ବ୍ଲକ୍‌ରେ ଜଳ ସଂରକ୍ଷଣ କାର୍ଯ୍ୟକଳାପର ଅଗ୍ରଗତି ବଢାଇଛି। ଏହି ଅଭିଯାନରେ ୧୦୦୦ରୁ ଅଧିକ ବରିଷ୍ଠ କେନ୍ଦ୍ରୀୟ ଅଧିକାରୀ ରାଜ୍ୟ ମାନଙ୍କ ସହ ସାମିଲ ହୋଇ ଜଳ ସଂଚୟ ଓ ଜଳ ସଂରକ୍ଷଣ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବାକୁ ଯାଉଛନ୍ତି। ପ୍ରଭାବୀ ଢଙ୍ଗରେ ଏହି କାର୍ଯ୍ୟକ୍ରମକୁ ଆଗକୁ ବଢାଇବାର ପ୍ରୟାସ ଆରମ୍ଭ ହୋଇଯାଇଛି।

**ହର୍ ଘର୍ ଜଲ୍ (ସବୁ ଘରକୁ ଜଳ) ଯୋଜନା**

ପ୍ରତ୍ୟେକ ପାନୀୟ ଜଳ ଯୋଜନାରେ ଜଳ ସଂଗ୍ରହ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେବାକୁ ପଡିବ। ଜଳ ସଂରକ୍ଷଣ ନେଇ ଘରୋଇ ଅଣମଳ ବର୍ଜ୍ୟଜଳକୁ ସଂରକ୍ଷିତ କରିବାକୁ ପଡିବ। ଅଣମଳ ବର୍ଜ୍ୟ ଜଳ କହିଲେ ରୋଷେଇ ଘରୁ ଓ ଗାଧୁଆ ଘରୁ ବାହାରୁଥିବା ବର୍ଜ୍ୟଜଳକୁ ବୁଝାଇଥାଏ। ଏହାକୁ ଗ୍ରେ-ୱାଟର ମଧ୍ୟ କୁହାଯାଏ। ଘରକୁ ଯୋଗାଣ ହେଉଥିବା ମୋଟ ଜଳର ୮୦ ଭାଗ ଗ୍ରେ-ୱାଟର (ଅଣମଳ ବର୍ଜ୍ୟଜଳ) ଭାବେ ନଷ୍ଟ ହୋଇଯାଉଛି। ଏହାକୁ ସାଧାରଣ ପରିଶୋଧନ

ନୂଆ ଭାରତ ପାଇଁ ବଜେଟ୍ ୨୦୧୯

**ହର୍ ଘର୍ ଜଲ୍**



- ଜଳ ସୁରକ୍ଷା ସୁନିଶ୍ଚିତ କରି ପ୍ରତ୍ୟେକ ଭାରତୀୟଙ୍କୁ ସୁରକ୍ଷିତ ଓ ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣ।
- ନୂତନ ଜଳଶକ୍ତି ମନ୍ତ୍ରଣାଳୟର କାର୍ଯ୍ୟ ହେଲା ଜଳ ସମ୍ପଦ ଓ ଜଳ ଯୋଗାଣକୁ ସାମଗ୍ରିକ ଭାବେ ପରିଚାଳନା କରିବା।
- ଜଳ ଜୀବନ ଅଭିଯାନର ଉଦ୍ଦେଶ୍ୟ ହେଉଛି ୨୦୨୪ ମସିହା ସୁଦ୍ଧା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ପାଇପ୍ ଜଳଯୋଗାଣ।
- ଏହି ଅଭିଯାନରେ ସ୍ଥାନୀୟ ଭିତ୍ତିଭୂମି ନିର୍ମାଣ କରି ବର୍ଷାଜଳ ସଂରକ୍ଷଣ, ଭୂତଳ ଜଳବର୍ଦ୍ଧନ ଓ ଘରେ ବ୍ୟବହୃତ ଜଳର ପ୍ରକ୍ରିୟାକରଣ କରି କୃଷିକ୍ଷେତ୍ରରେ ଏହାର ପୁନଃବ୍ୟବହାର ଉପରେ ଗୁରୁତ୍ୱ।
- ଜଳଶକ୍ତି ଅଭିଯାନ ଅଧିନରେ ସରକାର ୨୫୬ଟି ଜିଲ୍ଲାର ୧୫୯୨ଟି ଜଳକ୍ଲିଷ୍ଟ ବ୍ଲକ୍ ଚିହ୍ନଟ କରିଛନ୍ତି।

କରି ପୋଖରୀ, ଗାଡିଆରେ ସଂରକ୍ଷଣ କରିବା, ଆଦ୍ରଭୂମି ନିର୍ମାଣକରି ହେଉ କିମ୍ବା ଅନ୍ୟ ସ୍ଥାନୀୟ ନିର୍ମାଣ ପ୍ରକଳ୍ପରେ ପୁନଃପ୍ରକ୍ରିୟାକରଣ କରି କୃଷି କାର୍ଯ୍ୟରେ ବିନିଯୋଗ କରିପାରିବା। କାରଣ କୃଷିକ୍ଷେତ୍ରକୁ ୮୦ ପ୍ରତିଶତ ଜଳ ଆବଶ୍ୟକ ପଡିଥାଏ।

ଗୁଜରାଟ ଭଳି କେତେକ ରାଜ୍ୟର କୃଷକ ସେମାନଙ୍କ କୃଷିକ୍ଷେତ୍ରକୁ ଏଭଳି ବର୍ଜ୍ୟଜଳ ଜରିଆରେ ଜଳସେଚିତ କରିପାରୁଛନ୍ତି। ଗୁଜରାଟରେ ୬ ଲକ୍ଷରୁ ଅଧିକ କୃଷକ କ୍ଷୁଦ୍ର ଜଳସେଚନ ଜରିଆରେ ବର୍ଜ୍ୟଜଳକୁ ବିନିଯୋଗ କରିପାରୁଛନ୍ତି; ଯାହାକି ରାଜ୍ୟର କ୍ଷୁଦ୍ର ଓ ମଧ୍ୟମ କୃଷକଙ୍କ ମୋଟ ସଂଖ୍ୟାର ୫୦ ପ୍ରତିଶତ। ଆନ୍ଧ୍ରପ୍ରଦେଶ ସରକାର ମଧ୍ୟ କୃଷି କ୍ଷେତ୍ରରେ ଜଳସେଚନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଗାମୀ ୫ ବର୍ଷ ମଧ୍ୟରେ କ୍ଷୁଦ୍ର ଜଳସେଚନ ଯୋଜନାରେ ରାଜ୍ୟ ବଜେଟ୍‌ରେ ୧୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହା ୪୦ ଲକ୍ଷ ଏକର ଜମିକୁ ଜଳସେଚିତ କରିବ। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି ଜଳ ଅମଳ ଓ ବର୍ଜ୍ୟଜଳର ପୁନଃବିନିଯୋଗ କାର୍ଯ୍ୟକ୍ରମ ସହ ଯୋଡିପାରିଲେ ଚାଷଜମିକୁ ପାଣି ମିଳିବା ସହଜ ହେବ। କେବଳ ସେତିକି ନୁହେଁ; ବର୍ଜ୍ୟଜଳକୁ ମଧ୍ୟ ଚାଷୀ ପୁନଃବିନିଯୋଗ କରିବାରେ ସଫଳ ହେବ ଓ ଜଳସେଚନ ଜନିତ ସଂକଟ ମଧ୍ୟ ଦୂର ହୋଇପାରିବ।

**ଆଉ ଏକ ଜନ ଆନ୍ଦୋଳନ ଲୋଡ଼ା: ଜଳ ସବୁରି ଚିନ୍ତା ହେଉ**

ଜଳର ଆବଶ୍ୟକତାକୁ ହୃଦ୍‌ବୋଧ କରି ଏହାର ସଂରକ୍ଷଣ ଓ ପ୍ରତିଟି ବୁନ୍ଦାର ଶ୍ରେଷ୍ଠ ଉପଯୋଗ ପ୍ରତ୍ୟକ ବ୍ୟକ୍ତିର ଧ୍ୟେୟ ଓ କର୍ତ୍ତବ୍ୟ ହେବା ଉଚିତ। ଏନେଇ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ପଡିବ। ଅନେକଙ୍କ ମନରେ ଏକ ଭ୍ରାନ୍ତ ଧାରଣା ରହିଛି ଯେ



ଜଳର ଅଭାବ ନାହିଁ। ପୃଥିବୀପୃଷ୍ଠରେ ପ୍ରଚୁର ପରିମାଣର ଜଳ ରହିଛି। ଏହା ଭୁଲ୍ କଥା। ଭୂ-ଭାଗରେ ଜଳଉତ୍ସ ସୀମିତ। ଏହାକୁ ମନଇଚ୍ଛା ଦୁରୁପଯୋଗ କରାଯିବା ଅନୁଚିତ। ଏସବୁ କାରଣରୁ କେତେକ ଅଞ୍ଚଳରେ ଜଳକୁ ନଷ୍ଟ କରାଯାଉଥିବାବେଳେ ଦେଶର ଅନ୍ୟ କେତେକ ଅଞ୍ଚଳରେ ଜଳାଭାବ ଯୋଗୁଁ ଲୋକେ ପାନୀୟ ଜଳ ଟିକିଏ ପାଇବା ଲାଗି ଅନେକ କଷ୍ଟ ସ୍ୱୀକାର କରୁଛନ୍ତି। ମାଇଲ ମାଇଲ ବାଟ ଚାଲି ଚାଲି ଯାଇ ପାନୀୟ ଜଳ ସଂଗ୍ରହଣ କରୁଛନ୍ତି। କେତେକ ଅଞ୍ଚଳରେ ଜଳାଭାବରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଆମ ଭିତରେ ଥିବା ପୁରୁଣା ମାନସିକତାକୁ ବଦଳାଇବାକୁ ପଡିବ। ଜଳର ସୁରକ୍ଷା ଓ ସଂରକ୍ଷଣ ଲାଗି ଆମ ବ୍ୟବହାର ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବାକୁ ହେବ। ଯୋଗାଯୋଗ ବ୍ୟବସ୍ଥାର ଉପଯୋଗ କରି ସମାଜରେ ବ୍ୟାପକ ସଚେତନତା ଆଣିବାକୁ ପଡିବ। ଜଳ ସଂରକ୍ଷଣ ଓ ପରିଚାଳନା କେବଳ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଦାୟିତ୍ୱ ନୁହେଁ; ବରଂ ପ୍ରତିଟି ନାଗରିକର ମଧ୍ୟ କର୍ତ୍ତବ୍ୟ। ଏନେଇ ଜାତୀୟ ସହମତି ଓ ସଚେତନତା ସୃଷ୍ଟି କରିବାକୁ ହେବ। ସମନ୍ୱିତ ଜଳ ପରିଚାଳନା ଲାଗି ପ୍ରତିଟି ନୂଆ ନୂଆ ପ୍ରସ୍ତାବ ଓ ସମ୍ଭାବନାକୁ ଆମକୁ ଖୋଜିବାକୁ ପଡିବ। ସ୍ୱଚ୍ଛ ଭାରତ ମିଶନ ଜରିଆରେ ପରିମଳ ସ୍ୱେଚ୍ଛାଗ୍ରହୀ ଭଳି ଜଳ ସଂରକ୍ଷଣ ଲାଗି ତୃଣମୂଳ ସ୍ତରରୁ ସାଧାରଣ ଜନତାଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହିତ କରିବାକୁ ପଡିବ। ଏହି କ୍ଷେତ୍ରରେ ସ୍ଥିତିକୁ ଅଧିକ ମଜବୁତ୍ ଓ ଦୃଢ଼ କରିବାକୁ ହେବ। ସରପଞ୍ଚ, ବିଡିଓ ଓ ଜିଲା ଅଧିକାରୀଗଣ ଜଳ ସଂରକ୍ଷଣ ଓ ସୁରକ୍ଷା ଲାଗି କାର୍ଯ୍ୟ କରୁଛନ୍ତି। ସେମାନେ ତୃଣମୂଳ ସହ ଅଧିକ ଯୋଡିହୋଇ ଏକ ଅନୁକୂଳ ମଡେଲ ଏଦିଗରେ ପ୍ରସ୍ତୁତ କରିବାକୁ ପଡିବ।

ଭାରତ ଭଳି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ଉନ୍ନତ ଆଭିମୁଖ୍ୟ ଓ ସମନ୍ୱିତ ଜଳ ପରିଚାଳନା କାର୍ଯ୍ୟକାରୀ କରିବା ଆରମ୍ଭ ହୋଇଛି। ସ୍ୱଚ୍ଛଭାରତ ମିଶନରେ ଯେଉଳି ଆମକୁ ସଫଳତା ମିଳିବାରେ ଲାଗିଛି, ଜଳ ପରିଚାଳନା ଓ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଅନୁରୂପ ଲକ୍ଷ୍ୟ ହାସଲ କରିବାକୁ ହେବ। ଜାତୀୟ ଜଳକୁ ଅଧିକ ସୁରକ୍ଷିତ କରିବା ସହ ବିଭାଜିତ ହୋଇ ଏଦିଗରେ କାର୍ଯ୍ୟକରୁଥିବା ଅନୁଷ୍ଠାନ, ସଂସ୍ଥା, ବିଭାଗ ଓ ଗୋଷ୍ଠୀକୁ ଏକାଠି କରି ଏକ ଦୂରଦର୍ଶୀ ତଥା ଦୀର୍ଘସ୍ଥାୟୀ ଲକ୍ଷ୍ୟ ସ୍ଥିର କରିବାକୁ ପଡିବ। ଯାହାକି ଆମ ଦେଶର ଜଳ ସଂରକ୍ଷଣ, ସୁରକ୍ଷାର ନମୁନା ଅନ୍ୟ ରାଷ୍ଟ୍ର ଲାଗି ଏକ ଅନନ୍ୟ ଉଦାହରଣ ହେବ। ଅତଏବ ଜଳ ସଂରକ୍ଷଣକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ଏବଂ ସହଯୋଗରେ ଲକ୍ଷ୍ୟ ହାସଲ ପାଇଁ ପ୍ରତିଟି ନାଗରିକଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଶା ଏ ଲକ୍ଷ୍ୟ ବି ଆମେ ହାସଲ କରିବା।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ପାନୀୟ ଜଳ ଓ ପରିମଳ ବିଭାଗର ସଚିବ।**

**Email ID: param.iyer@gov.in**

ବିଶେଷ ପ୍ରସଙ୍ଗ

# କେନ୍ଦ୍ରୀୟ ବଜେଟ୍‌ରେ ସହରାଞ୍ଚଳର ରୂପାନ୍ତରଣ ପ୍ରୟାସ

ଦୁର୍ଗାଶଙ୍କର ମିଶ୍ର

ଭାରତରେ ସହରାୟନ ପ୍ରକ୍ରିୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ୨୦୧୧ର ଜନଗଣନା ଅନୁସାରେ ଦେଶର ଜନସଂଖ୍ୟାର ୩୧.୨ ଭାଗ ବା ୩୭କୋଟି ୭୦ଲକ୍ଷ ଲୋକ ସହରାଞ୍ଚଳରେ ବସବାସ କରୁଛନ୍ତି। ୨୦୩୧ରେ ୬୦କୋଟି ଓ ୨୦୫୧ରେ ୮୦କୋଟି ଲୋକ ସହରାଞ୍ଚଳରେ ବସବାସ କରିବେ ବୋଲି ହିସାବ କରାଯାଇଛି। ସହରାଞ୍ଚଳ ବୃଦ୍ଧି ଏକ ଅପରିହାର୍ଯ୍ୟ ପ୍ରକ୍ରିୟା। ତେବେ ସହରାଞ୍ଚଳ ବଢ଼ିଲେ ଓ ନୂଆନୂଆ ସହର ସୃଷ୍ଟି ହେଲେ ସେଥିରେ ବସବାସ କରୁଥିବା ଲୋକଙ୍କୁ ସାଧାରଣ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ମୌଳିକ ଭିତ୍ତିଭୂମି ନିର୍ମାଣର ଆବଶ୍ୟକତା ରହିଛି।

ଆନ୍ତର୍ଜାତିକ ପ୍ରତିଷ୍ଠାନ ମ୍ୟାକ୍‌କିନ୍‌ସେ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି ଯେ ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣରେ ପୁଞ୍ଜି ନିବେଶ କ୍ଷେତ୍ରରେ ଭାରତ ଗୁରୁତର ସମସ୍ୟାର ସମ୍ମୁଖୀନ। ସେଥିପାଇଁ ଏ କ୍ଷେତ୍ରରେ ଭାରତର ନିବେଶ ଯଥେଷ୍ଟ କମ୍। ଅନ୍ୟାନ୍ୟ ରାଷ୍ଟ୍ର ଏ କ୍ଷେତ୍ରରେ ମୁଣ୍ଡପିଛା ୧୦୦ ଆମେରିକୀୟ ଡଲାର ଖର୍ଚ୍ଚ କରୁଥିବାବେଳେ ଭାରତ ମାତ୍ର ୧୭ ଡଲାର ଖର୍ଚ୍ଚ କରୁଛି। ୨୦୩୦ସୁଦ୍ଧା ଭାରତକୁ ଏ କ୍ଷେତ୍ରରେ ୨୦୦୯-୧୦ ମୂଲ୍ୟସୂଚୀ ଅନୁସାରେ ୧.୨ ଟ୍ରିଲିୟନ ଡଲାର ବା ୫୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ଅର୍ଦ୍ଧେକ ରାଶୀ ବିଗତ ବର୍ଷଗୁଡ଼ିକର ଆବଶ୍ୟକତା ପୂରଣ ଦିଗରେ ବ୍ୟୟ କରିବାକୁ ହେବ। ରିପୋର୍ଟରେ ଆହୁରି କୁହାଯାଇଛି ଯେ ୨୦୦୮ରେ ଭାରତର ସହରାଞ୍ଚଳଗୁଡ଼ିକର ଜିଡିପିକୁ ଅବଦାନ ଥିଲା ୫୮%। ଏସବୁ ସହରାଞ୍ଚଳ ଟିକସ ରାଜସ୍ୱର ୮୦ ରୁ ୮୫ ଶତାଂଶ ଯୋଗାଉଥିଲେ।

> "ଗଣତନ୍ତ୍ରର ସର୍ବଶ୍ରେଷ୍ଠ ଶକ୍ତି ହେଲା ଜନଭାଗିଦାରୀ। ସ୍ୱଚ୍ଛଭାରତ ଅଭିଯାନ ସରକାରଙ୍କ ପାଇଁ ନୁହେଁ ଲୋକଙ୍କ ଯୋଗୁଁ ସଫଳ ହୋଇଛି।"
>
> *- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ*

**ସହରାଞ୍ଚଳ ବିକାଶ ପାଇଁ ଅଭିଯାନ:**

୨୦୧୪ ଠାରୁ ସରକାର ସହରାଞ୍ଚଳ ବିକାଶ ପାଇଁ ଏକ ଯୋଜନାଭୁକ୍ତ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସହରାଞ୍ଚଳ ଲୋକଙ୍କ ଜୀବନଯାପନ ପ୍ରଣାଳୀରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ବିଭିନ୍ନ ପ୍ରକାର ଧ୍ୱଜାଧାରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଯୋଜନାରେ ସହରରେ ବସବାସ କରୁଥିବା ସବୁଶ୍ରେଣୀ ଓ ବର୍ଗର ଲୋକେ ଯେପରି ଉପକୃତ ହେବେ ସେଥିପାଇଁ ମଧ୍ୟ ପ୍ରଯତ୍ନ କରାଯାଇଛି। ଏଥିପାଇଁ ଆବଶ୍ୟକ ଅର୍ଥଯୋଗାଣର ପ୍ରତିଶ୍ରୁତି ଓ ବ୍ୟବସ୍ଥା ସହ ଏହାକୁ ସଫଳ କରିବା ପାଇଁ ପ୍ରଧାନମନ୍ତ୍ରୀ "ସବ୍‌କା ସାଥ୍ ସବ୍‌କା ବିକାଶ' ମନ୍ତ୍ର ଦେଇଛନ୍ତି। ଏହା ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଯୋଗାଉଛି। ସହରାଞ୍ଚଳ ବିକାଶ ପାଇଁ ସରକାର ତ୍ରିସ୍ତରୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ସେ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି।

ପ୍ରଥମ ସ୍ତରରେ ଦେଶରେ ଥିବା ୪୩୦୦ ସହରାଞ୍ଚଳ ସ୍ୱୟଂଶାସିତ ସଂସ୍ଥାଙ୍କ ପାଇଁ ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦୀନଦୟାଲ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ସହରାଞ୍ଚଳ ଜୀବନଜୀବିକା ମିଶନ ଆଦି ଧ୍ୱଜାଧାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଏସବୁ ଯୋଜନାରେ ସହରାଞ୍ଚଳର ସଫେଇ, ସୁଲଭ ମୂଲ୍ୟରେ ଆବାସିକ ବ୍ୟବସ୍ଥା ଏବଂ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଦ୍ୱିତୀୟ ସ୍ତରରେ ସାର୍ବଜନୀନ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ନାଳ ନର୍ଦ୍ଦମାର ଉନ୍ନତିକରଣ ଏବଂ ସ୍ୱିଏଜେ / ସେପ୍ଟେଜ ବ୍ୟବସ୍ଥାର ନିର୍ମାଣ ଏବଂ ବିକାଶ ୫୦୦ ସହରରେ ଅମୃତ ଯୋଜନାରେ କାର୍ଯ୍ୟକାରୀ ହେଉଛି। ତୃତୀୟ ଓ ଶେଷ ସ୍ତରରେ ସ୍ମାର୍ଟ ସିଟି ମିଶନରେ ୧୦୦ଟି ସହରର ବିକାଶ କରାଯାଇ ଏହାକୁ ଅତ୍ୟାଧୁନିକ ନଗରୀରେ ପରିଣତ କରିବାକୁ କାର୍ଯ୍ୟ ଚାଲିଛି। ଏହି ଯୋଜନାରେ ସଂପୃକ୍ତ ସହରଗୁଡ଼ିକର ମୌଳିକ ଭିତ୍ତିଭୂମିର ବିକାଶ ଏବଂ ସହରବାସୀଙ୍କ ଜୀବିକା ଓ ଜୀବନଧାରଣର ମାନରେ ଉନ୍ନତି ଆଣିବାକୁ ନାନାବିଧ ପଦକ୍ଷେପ ଗ୍ରହଣ କରାଯାଇଛି।

ଏସବୁ ଯୋଜନାର ଅଧିକାଂଶ କାର୍ଯ୍ୟ ସହଯୋଗ



ଭିତ୍ତିରେ କରାଯାଉଛି ଯେଉଁଥିରେ ନାଗରିକମାନଙ୍କୁ ସମ୍ପୃକ୍ତ କରାଯାଉଛି। ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଇତିମଧ୍ୟରେ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଖୁବ୍ କମ୍ ସମୟ ମଧ୍ୟରେ ଏହି ଯୋଜନା ବିଶେଷ ସଫଳତା ଲାଭ କରିଛି।

**ବର୍ଦ୍ଧିତ ବଜେଟ ସହାଭୟତା ଓ ପାଣ୍ଠି ଉପଲବ୍ଧତା:**

ସହରାଞ୍ଚଳ ବିକାଶ ପାଇଁ ଅଧିକ ପାଣ୍ଠିର ଆବଶ୍ୟକତା ଥିବାରୁ ତାହାକୁ ଉପଲବ୍ଧି କରି ସରକାର ବଜେଟରେ ଏଥିପାଇଁ ଆବଶ୍ୟକ ଅର୍ଥ ବରାଦ କରିଆସୁଛନ୍ତି। ୨୦୦୪-୦୫ରୁ ୨୦୧୩-୧୪ ପର୍ଯ୍ୟନ୍ତ ୧୦ବର୍ଷ ମଧ୍ୟରେ ଏଥିପାଇଁ ୧,୫୮,୧୬୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ପରବର୍ତ୍ତୀ ଛ'ବର୍ଷରେ (ଚଳିତ ଆର୍ଥିକ ବର୍ଷକୁ ମିଶାଇ) ଏବାବଦ ମୋଟ୍ ବ୍ୟୟବରାଦ ୨,୬୮,୪୫୫ କୋଟି ଟଙ୍କା। ପୂର୍ବ ୧୦ବର୍ଷ ମଧ୍ୟରେ ଏବାବଦରେ ବାର୍ଷିକ ହାରାହାରି ବ୍ୟୟ ବରାଦ ପ୍ରାୟ ୧୫,୮୦୦ କୋଟି ଟଙ୍କା ରହିଥିବାବେଳେ ପରବର୍ତ୍ତୀ ସମୟରେ ଏହା ତିନିଗୁଣ ବଢ଼ି ୪୪,୦୦୦ କୋଟି ଟଙ୍କା ହୋଇଛି। ଅବଶ୍ୟ ଏଥିରେ ଅତିରିକ୍ତ ବଜେଟ ସହାୟତା ଅର୍ଥ ରାଶୀ ଅନ୍ତର୍ଭୁକ୍ତ। ବିଭିନ୍ନ ସହରାଞ୍ଚଳ ମିଶନ (କାର୍ଯ୍ୟକ୍ରମ) ପାଇଁ ୨୦୧୯-୨୦ ବର୍ଷର ବଜେଟରେ ୪୮,୦୩୨ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଅତିରିକ୍ତ ବଜେଟ ସହାୟତା ବ୍ୟବସ୍ଥାରେ ୨୦ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଅର୍ଥାତ୍ ଏସବୁ କାର୍ଯ୍ୟକ୍ରମ ପାଇଁ ମୋଟ୍ ୬୮,୦୦୦ କୋଟିରୁ ଅଧିକ ଟଙ୍କାର ବ୍ୟୟ ବରାଦ ହୋଇଛି।

**ସହର ଅଭିବୃଦ୍ଧିର ଇଞ୍ଜିନ:**

୨୦୨୫ ସୁଦ୍ଧା ଭାରତର ଅର୍ଥନୀତିକୁ ୫ ଟ୍ରିଲିୟନ୍ ଡଲାର ବିଶିଷ୍ଟ କରିବାକୁ ଯେଉଁ ଲକ୍ଷ୍ୟ ରଖାଯାଇଛି ସେଥିପାଇଁ ଅଭିବୃଦ୍ଧି ବଢ଼ାଇବା ପ୍ରଥମ ଆବଶ୍ୟକତା। ସହର ସମୂହ ରୋଜଗାର ଓ ରାଜସ୍ୱ ସୃଷ୍ଟି କରେ ଏବଂ ଲୋକଙ୍କୁ ନିଯୁକ୍ତିର ସୁଯୋଗ ଦେଇ ଅଭିବୃଦ୍ଧି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ସେ ଦୃଷ୍ଟିରୁ ସହରାଞ୍ଚଳଗୁଡ଼ିକର ମୌଳିକ, ସାମାଜିକ ଓ ଭୌତିକ ଭିତ୍ତିଭୂମିରେ ଉନ୍ନତି ଆଣିବାକୁ ଏଥରର ବଜେଟରେ ୧୦ ସୂତ୍ରୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ୧୦ବର୍ଷ ମଧ୍ୟରେ ଦେଶର ଭିତ୍ତିଭୂମିର ବିକାଶ ପାଇଁ ୧୦୦ ଲକ୍ଷ କୋଟି ଟଙ୍କା ବ୍ୟୟ କରିବାକୁ ସରକାର ଘୋଷଣା କରିଛନ୍ତି। ଏଥିପାଇଁ ବଜେଟରେ ପ୍ରଥମଥର ପାଇଁ ଏକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ ଡଲାର ବିଶିଷ୍ଟ କରିବା ପାଇଁ ସରକାର ୧୩୦ କୋଟି ଭାରତବାସୀଙ୍କ ଆସ୍ଥା, ବିଶ୍ୱାସ ଓ ଆକାଙ୍‌କ୍ଷାକୁ ପାଥେୟ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, "ମୋର ଦୃଢ଼ ବିଶ୍ୱାସ ଯେ ଏକ ରାଷ୍ଟ୍ର ହିସାବରେ ମିଳିତ ପ୍ରୟାସ ଦ୍ୱାରା ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଆମେ ନିଶ୍ଚିତ ପାଞ୍ଚ ଟ୍ରିଲିୟନ ବିଶିଷ୍ଟ ଅର୍ଥନୀତିରେ ପରିଣତ ହେବାର ଲକ୍ଷ୍ୟ ହାସଲ କରିପାରିବା। ଏହା କେବଳ ସରକାରଙ୍କ ଲକ୍ଷ୍ୟ ନୁହେଁ, ପ୍ରତ୍ୟେକ ଭାରତୀୟଙ୍କ ଲକ୍ଷ୍ୟ।"

ବଜେଟ ୨୦୧୯-୨୦ରେ ସହରାଞ୍ଚଳର ବୃଦ୍ଧି ଓ ବିସ୍ତାରକୁ ସରକାର ଏକ ସମସ୍ୟା ନୁହେଁ ବରଂ ଏକ ସୁଯେଗା ଭାବେ ଦେଖୁଛନ୍ତି। ମ୍ୟାକକିନ୍ସ୍ ରିପୋର୍ଟ ଅନୁସାରେ ଭାରତର ସହରାଞ୍ଚଳର ବିସ୍ତାର

୨୦୩୦ସୁଦ୍ଧା ବିପୁଳ ସମ୍ଭାବନା ସୃଷ୍ଟି କରିବ। ଏହା ଜିଡିପିକୁ ୭୦ ଶତାଂଶ, ମୋଟ୍ ଟିକସ ରାଜସ୍ୱର ୮୫ ଶତାଂଶ ଯୋଗାଇବା ସହ ନୂତନ ନିଯୁକ୍ତି ପାଇଁ ୭୦ ଶତାଂଶ ସୁଯୋଗ ସୁବିଧା ଯୋଗାଇଦେବ।

ଆହୁରି ମଧ୍ୟ ସହରଗୁଡ଼ିକ ସହର-ମଫସଲ ପାର୍ଥକ୍ୟକୁ ହ୍ରାସ କରୁଥିବାରୁ ସମାବେଶୀ ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗାଇବେ। ମ୍ୟାକ୍‌କିନ୍ସ ରିପୋର୍ଟ ଅନୁସାରେ ୨୦ କୋଟି ଗ୍ରାମାଞ୍ଚଳ ଲୋକ ଯେଉଁମାନେ ସହରଗୁଡ଼ିକ ନିକଟରେ ବାସ କରୁଛନ୍ତି ଉନ୍ନତ ନିଯୁକ୍ତି, ବଜାର ଓ ଭିତ୍ତିଭୂମିର ସୁଯୋଗ ପାଇବେ। ଏହା ଫଳରେ ସେସବୁ ଲୋକଙ୍କର ଆୟ ଗ୍ରାମାଞ୍ଚଳ ଲୋକଙ୍କ ହାରାହାରି ଆୟଠାରୁ ଅଧିକ ହେବ।


**ସହରାଞ୍ଚଳ ବିକାଶ ପାଇଁ ପୁଞ୍ଜି ନିବେଶକୁ ପ୍ରୋତ୍ସାହନ:**


ସହରାଞ୍ଚଳ ପାଇଁ ବିଭିନ୍ନ ଧ୍ୱଜାଧାରୀ କାର୍ଯ୍ୟକ୍ରମ ଆରମ୍ଭ ହେବା ଠାରୁ ୨୦୧୪-୧୯ବର୍ଷ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏଯାବତ୍ ୧,୬୨,୧୬୫ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯାଇଛି। ଏହି ଅର୍ଥ ମୁଖ୍ୟତଃ ମେଟ୍ରୋ ପ୍ରୋଜେକ୍ଟ, ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନା, ଅମୃତ, ସ୍ୱଚ୍ଛଭାରତ ଯୋଜନା ଓ ସ୍ମାର୍ଟ ସିଟି ମିଶନରେ ବିନିଯୋଗ ହେଉଛି। ତେବେ ଏହି ସବୁ ଯୋଜନାରେ ମୋଟ୍ ପୁଞ୍ଜି ବିନିଯୋଗ ପରିମାଣ ୧୦,୪୫,୦୭୬ କୋଟି ରହିଛି। ଏଥିରେ ରାଜ୍ୟସମୂହ, ବିଭିନ୍ନ ସହରାଞ୍ଚଳ ପ୍ରଶାସନ, ହିତାଧିକାରୀ ଓ ଅଂଶୀଦାରମାନଙ୍କର ଅବଦାନ / ଅଂଶ ଅନ୍ତର୍ଭୁକ୍ତ। ଏଥିରୁ ସ୍ପଷ୍ଟ ହେଉଛି ଯେ ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ ଓ ବିକାଶ ପାଇଁ କେନ୍ଦ୍ର ସରକାର ସଦ୍ୱେ ଛ’ ଶତାଂଶ ଅନୁଦାନ ଯୋଗାଇଦେଇଛନ୍ତି। ସହରାଞ୍ଚଳ ବିକାଶ ପାଇଁ ଭିତ୍ତିଭୂମି ନିର୍ମାଣ ବାବଦରେ ଯେଉଁ ୧୦୦ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ହୋଇଛି ତାହା ଏ କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏହା ମଧ୍ୟ ଦେଶର ଜିଡିପି ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଟିକସ ରାଜସ୍ୱ ବୃଦ୍ଧିରେ ସହାୟକ ହେବ। ଏହା ଫଳରେ ଆସନ୍ତା ୫ବର୍ଷ ମଧ୍ୟରେ ୫ ନିୟୁତ ଡଲାର ବିଶିଷ୍ଟ ଅର୍ଥନୀତି ହାସଲ କରିବାର ଲକ୍ଷ୍ୟ ସୁଗମ ହୋଇପାରିବ। କହିବା ଅନାବଶ୍ୟକ ଯେ ଏହି ନିବେଶ ଦେଶର ଭବିଷ୍ୟତର ଆର୍ଥିକ ଅଭିବୃଦ୍ଧି ପାଇଁ ଅପରିହାର୍ଯ୍ୟ ସାବ୍ୟସ୍ତ ହେବ।

ଆନ୍ତର୍ଜାତିକ ପ୍ରତିଷ୍ଠାନ ମ୍ୟାକ୍‌କିନ୍‌ସେ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି ଯେ ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣରେ ପୁଞ୍ଜି ନିବେଶ କ୍ଷେତ୍ରରେ ଭାରତ ଗୁରୁତର ସମସ୍ୟାର ସମ୍ମୁଖୀନ। ସେଥିପାଇଁ ଏ କ୍ଷେତ୍ରରେ ଭାରତର ନିବେଶ ଯଥେଷ୍ଟ କମ୍। ଅନ୍ୟାନ୍ୟ ରାଷ୍ଟ୍ର ଏ କ୍ଷେତ୍ରରେ ମୁଣ୍ଡପିଛା ୧୦୦ ଆମେରିକୀୟ ଡଲାର ଖର୍ଚ୍ଚ କରୁଥିବାବେଳେ ଭାରତ ମାତ୍ର ୧୭ ଡଲାର ଖର୍ଚ୍ଚ କରୁଛି। ୨୦୩୦ସୁଦ୍ଧା ଭାରତକୁ ଏ କ୍ଷେତ୍ରରେ ୨୦୦୯-୧୦ ମୂଲ୍ୟସୂଚୀ ଅନୁସାରେ ୧.୨ ଟ୍ରିଲିୟନ ଡଲାର ବା ୫୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ଅର୍ଦ୍ଧେକ ରାଶୀ ବିଗତ ବର୍ଷଗୁଡ଼ିକର ଆବଶ୍ୟକତା ପୂରଣ ଦିଗରେ ବ୍ୟୟ କରିବାକୁ ହେବ। ରିପୋର୍ଟରେ ଆହୁରି କୁହାଯାଇଛି ଯେ ୨୦୦୮ରେ ଭାରତର ସହରାଞ୍ଚଳଗୁଡ଼ିକର ଜିଡିପିକୁ ଅବଦାନ ଥିଲା ୫୮%। ଏସବୁ ସହରାଞ୍ଚଳ ଟିକସ ରାଜସ୍ୱର ୮୦ ରୁ ୮୫ ଶତାଂଶ ଯୋଗାଉଥିଲେ।

“ମୁଁ ଦୃଢ଼ ନିଶ୍ଚିତ ଯେ ଏକ ରାଷ୍ଟ୍ର ହିସାବରେ ଆମର ସମ୍ମିଳିତ ଉଦ୍ୟମ ଦ୍ୱାରା ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଆମେ ନିଶ୍ଚିତ ୫ ଟ୍ରିଲିୟନ୍ ଡଲାର ବିଶିଷ୍ଟ ଅର୍ଥନୀତିରେ ପହଞ୍ଚିବା। ଏହା କେବଳ ସରକାର ନୁହେଁ ପ୍ରତ୍ୟେକ ଭାରତୀୟଙ୍କ ଲକ୍ଷ୍ୟ।”


***- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ***



**ସହର ସଂଯୋଗ: ମେଟ୍ରୋ ପ୍ରକଳ୍ପ**

ଏ ବର୍ଷର ବଜେଟରେ ଯୋଗାଯୋଗ ଓ ସଂଯୋଗକୁ ଅର୍ଥନୀତିର ଜୀବନନାଟିକା ଭାବେ ବର୍ଣ୍ଣନା କରାଯାଇଛି। ସରକାରଙ୍କ ୨୦୧୭ ମେଟ୍ରୋନୀତିରେ ସହରାଞ୍ଚଳରେ ମେଟ୍ରୋ ରେଲ ସେବାର ଭିତ୍ତିଭୂମି ସୃଷ୍ଟି କରି ଶେଷତମ ଇଲାକାକୁ ସଂଯୋଗ କରି ଲୋକଙ୍କୁ ପରିବହନ ସେବା ଯୋଗାଇବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଘରୋଇ ଅଂଶୀଦାରଙ୍କ ସହାୟତାକୁ ଅଗ୍ରାଧିକାର ଦିଆଯାଇଛି। ଏହି ପ୍ରକଳ୍ପ ପାଇଁ ଟ୍ରାନ୍‌ଜିଟ ଭିତ୍ତିକ ବିକାଶ (ଟିଓଡି) ଓ ଜମି ମୂଲ୍ୟ ଭିତ୍ତିକ ଅର୍ଥଯୋଗାଣ ଭଳି ଅଭିନବ ଅର୍ଥ ଲଗାଣ ବ୍ୟବସ୍ଥା କରାଯାଇଛି। ୨୦୧୯-୨୦ ବଜେଟରେ ୩୦୦ କିମି ନୂଆ ମେଟ୍ରୋ ରେଲ ନିର୍ମାଣର ପ୍ରସ୍ତାବ ରହିଥିବାବେଳେ ପୂର୍ବରୁ ନିର୍ମିତ ରେଲ ଲାଇନ୍ ମଧ୍ୟରୁ ୨୧୦ କିମିରେ ଚଳିତବର୍ଷ ସୁଦ୍ଧା ମେଟ୍ରୋ ଟ୍ରେନ୍ ଚଳାଚଳ କରିବାର ଲକ୍ଷ୍ୟ ରଖାଯାଇଛି। ଏହା ସହିତ ଦେଶର ୧୮ଟି ନଗରୀରେ ୬୫୭ କିମି ମେଟ୍ରୋ ରେଲ ଲାଇନ୍ ଏବେ କାର୍ଯ୍ୟକ୍ଷମ ଥିବାବେଳେ ଅନ୍ୟ ୨୭ଟି ସହରରେ ଏହି ରେଲ ପ୍ରକଳ୍ପ ଅଧୀନରେ ୮୭୩ କିମି ପଥ ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ଅଛି।




ବଜେଟରେ ପିପିପି ଯୋଜନାରେ ମେଟ୍ରୋ ରେଲ ପ୍ରକଳ୍ପର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ମଞ୍ଜୁରୀ ପାଇଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଶେଷ କରିବାକୁ ସରକାର ଆଗ୍ରହୀ। ଏହା ସହିତ ମେଟ୍ରୋ ରେଲ ପ୍ରକଳ୍ପ ସଂଲଗ୍ନ ଇଲାକାରେ ବ୍ୟାବସାୟିକ ଭିତ୍ତିରେ ଟ୍ରାନ୍‌ଜିଟ୍ ହବ୍ ନିର୍ମାଣ ମଧ୍ୟ କରାଯିବ। ଦିଲ୍ଲୀ ଓ ମିରଟ ମଧ୍ୟରେ ୮୨ କିମି ଦୈର୍ଘ୍ୟ ବିଶିଷ୍ଟ ରେଜିଓନାଲ ର୍ୟାପିଡ୍ ଟ୍ରାଂଜିଟ୍ ସିଷ୍ଟମର ଏକ କରିଡର ନିର୍ମାଣ ପାଇଁ କାମ ଆରମ୍ଭ ହୋଇଛି। ଏଥିପାଇଁ ୩୦,୨୭୪ କୋଟି ଟଙ୍କା ଖର୍ଚ୍ଚ ହେବ।

> "ଆସନ୍ତା ଦୁଇ ଦଶନ୍ଧିରେ ଭାରତରେ ସହରାୟନ ପ୍ରକ୍ରିୟା ବିଶ୍ୱର ସବୁଠୁ ବୃହତ୍ତମ ହେବ। ଏହା ଏକ ଆହ୍ୱାନ ହୋଇଥିଲେ ହେଁ ଏକ ବଡ଼ ବିରାଟ ଦାୟିତ୍ୱ ଓ ସୁଯୋଗ ମଧ୍ୟ।"
>
> *- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ*

**'ମେକ୍‌ଇନ୍ ଇଣ୍ଡିଆ'କୁ ମେଟ୍ରୋର ସହାୟତା:**

ଆବାସ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ ମେଟ୍ରୋରେଲ ବ୍ୟବସ୍ଥାକୁ ସ୍ୱଦେଶୀ ଜ୍ଞାନକୌଶଳ ଭିତ୍ତିରେ ବିକଶିତ କରିବାକୁ



ଅଗ୍ରାଧିକାର ଦେଉଛି। ସେଥିପାଇଁ ମନ୍ତ୍ରଣାଳୟ ଯେଉଁ ମେଟ୍ରୋ ଟ୍ରେନ୍ କୋଚ୍ (ଡବା) କ୍ରୟ କରିବ ସେଥିମଧ୍ୟରୁ ୭୫ ଶତାଂଶ ଭାରତରେ ତିଆରି ହୋଇଥିବା ଅନିବାର୍ଯ୍ୟ କରାଯାଇଛି। ଭାରତ ଆର୍ଥମୁଭର୍ସ ଲିମିଟେଡ୍ କମ୍ପାନୀ ଦେଶୀ କାରିଗରୀଦ୍ୱାରା ଡ୍ରାଇଭର ବିହୀନ ମେଟ୍ରୋ ଟ୍ରେନ୍ ନିର୍ମାଣ କରିବାକୁ ଚୁକ୍ତିବଦ୍ଧ ହୋଇଛି। ଏହି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମୁମ୍ବଇ ମେଟ୍ରୋ ରେଲ କରିଡର ପାଇଁ ୩୭୮ଟି ମେଟ୍ରୋ କାର୍ ତିଆରି କରିବାକୁ ନିକଟରେ ୩୦୧୫ କୋଟି ଟଙ୍କାର ଠିକା ହାସଲ କରିଛି। ଏହା ଏଯାଏ ମେଟ୍ରୋ ରେଲର ସବୁଠୁ ବଡ଼ କ୍ରୟ ଚୁକ୍ତିନାମା।


**ଏକ ଦେଶ ଏକ କାର୍ଡ:**


୨୦୧୯ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ଜାତୀୟ କମନ୍ ମୋବିଲିଟି କାର୍ଡ ପ୍ରଚଳନ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହା ଦେଶୀ ପ୍ରଯୁକ୍ତି ବିଦ୍ୟାରେ ନିର୍ମିତ ପରିବହନ କ୍ଷେତ୍ରର ପ୍ରଥମ ପେମେଣ୍ଟ ଇକୋ ସିଷ୍ଟମ। ଏଥର ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ସେ କଥା ଉଲ୍ଲେଖ କରିବା ଅବସରରେ କହିଛନ୍ତି ଯେ ଏହା ସହିତ ପରିବହନ କ୍ଷେତ୍ରରେ ଗୋଟିଏ ଦେଶ ଗୋଟିଏ କାର୍ଡ ନୀତିକୁ ପ୍ରୋତ୍ସାହିତ କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିରେ ସ୍ୱୟଂକ୍ରିୟ ଭଡ଼ା ସଂଗ୍ରହ ବ୍ୟବସ୍ଥା (ଏଏଫ୍‌ସିଏସ୍) ଓ ଜାତୀୟ ସାଧାରଣ ଯାତାୟାତ କାର୍ଡ (ଏନ୍‌ସିଏମ୍‌ସି) ସହିତ ଗୋଟିଏ ଦେଶ ଗୋଟିଏ କାର୍ଡ ପ୍ରଚଳନ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏହି କାର୍ଡ ସମସ୍ତ ପ୍ରକାର ଯାତ୍ରା ଓ କ୍ରୟ ଆଦି କାର୍ଯ୍ୟରେ ବ୍ୟବହୃତ ହୋଇପାରିବ। ଏହା ଏକ ଆନ୍ତର୍ଜାତିକ ମାନ୍ୟତାପ୍ରାପ୍ତ ବ୍ୟବସ୍ଥା। ଏହି ବ୍ୟବସ୍ଥାରେ ଖୁବ୍ କମ୍ ଦେଶ ସାମିଲ। ଭାରତ ଏଥିରେ ସାମିଲ ହୋଇ ନିଜର ମର୍ଯ୍ୟାଦା ବୃଦ୍ଧି କରିବାକୁ ପ୍ରୟାସୀ। ଏହି ବ୍ୟବସ୍ଥା ମଧ୍ୟ ରପ୍ତାନୀ ବାଣିଜ୍ୟ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

> "ଆର୍ଥିକ କ୍ଷେତ୍ରରେ ଥିବା ଲୋକ ସହରଗୁଡ଼ିକୁ ଅଭିବୃଦ୍ଧି କେନ୍ଦ୍ର ଭାବେ ବିଚାର କରନ୍ତି। ଲୋକଙ୍କ ଆର୍ଥିକ ଦୁରବସ୍ଥା ଦୂର କରିବାରେ ସହରର ସାମର୍ଥ୍ୟ ଅଛି ବୋଲି ଲୋକେ ଭାବିଥାନ୍ତି। ତେଣୁ ସୁଯୋଗ ସୁବିଧା ଆଶାରେ ଗରିବ ଅଞ୍ଚଳରୁ ଲୋକମାନେ ସହରକୁ ପଳାଇଆସିଥାନ୍ତି।"
>
> *-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ*

**ସହରାଞ୍ଚଳ ସ୍ୱଚ୍ଛଭାରତ ମିଶନ- ପରିଚ୍ଛନ୍ନ ଓ**

## ଅଭିବୃଦ୍ଧିର ଅଭିଯାନ




**ସୁସ୍ଥଭାରତ:**

ବଜେଟରେ ସହରାଞ୍ଚଳ ସ୍ୱଚ୍ଛଭାରତ ଅଭିଯାନର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ଯୋଜନାରେ ଏଯାଏ ୨୪ଟି ରାଜ୍ୟ ଓ ୯୫ ଶତାଂଶରୁ ଅଧିକ ସହର ବାହ୍ୟ ମଳତ୍ୟାଗ ମୁକ୍ତ ଭାବେ ଘୋଷିତ ହୋଇଛନ୍ତି। କଠିଣ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଦେଶରେ ଥିବା ୯୫ ଶତାଂଶ ୱାର୍ଡରେ ଏବେ ଘରକୁଘର ବୁଲି ଆବର୍ଜନ ସଂଗ୍ରହ କରାଯାଉଛି। ସେହି ଆବର୍ଜନା ମଧ୍ୟରୁ ୫୬ ଶତାଂଶର ପ୍ରଶୋଧନ ବୈଜ୍ଞାନିକ ପଦ୍ଧତିରେ କରାଯାଉଛି।

୨୦୧୮-୧୯ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉନ୍ନତ ପରିଚ୍ଛନ୍ନତା ବ୍ୟବସ୍ଥା ଓ ଏହାର ପ୍ରଭାବ ସମ୍ପର୍କରେ ଅନୁଶୀଳନ କରାଯାଇଛି। ଏଥିରେ କୁହାଯାଇଛି ଯେ ଖୋଲାରେ ମଳତ୍ୟାଗ ବନ୍ଦ ହେବା ବା ହ୍ରାସ ପାଇବା ଫଳରେ ଜନସ୍ୱାସ୍ଥ୍ୟ ଉପରେ ଏହାର ଉତ୍ତମ ପ୍ରଭାବ ପଡ଼ିଛି। ଏହା ଫଳରେ ଡାଏରିଆ, ମ୍ୟାଲେରିଆ ଯୋଗୁଁ ମୃତ୍ୟୁସଂଖ୍ୟା କମିଛି। ବିଶେଷ କରି ନବଜାତ ଓ ପାଞ୍ଚବର୍ଷରୁ କମ୍ ବୟସର ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ଅନୁକୂଳ ପ୍ରଭାବ ପରିଲକ୍ଷିତ ହୋଇଛି। ଘରେ ଶୌଚାଳୟ ନିର୍ମାଣ କରିଥିବା ଗରିବ ଲୋକଙ୍କ ବାର୍ଷିକ ଚିକିତ୍ସା ବାବଦ ବ୍ୟୟ ଯଥେଷ୍ଟ କମିଛି। ଶୌଚାଳୟ ନିର୍ମାଣ ପାଇଁ ସେମାନେ ଯେତେ ଅର୍ଥ ଖର୍ଚ୍ଚ କରିଥିଲେ ତା'ଠାରୁ ରୋଗ ଚିକିତ୍ସା ବାବଦରେ ଅଧିକ ଅର୍ଥ ସଞ୍ଚୟ କରିପାରିଛନ୍ତି। ବିଶ୍ୱବ୍ୟାଙ୍କର ଏକ ଅନୁଧ୍ୟାନ ଅନୁସାରେ ପରିଚ୍ଛନ୍ନତାର ଅଭାବ ଯୋଗୁଁ ଭାରତକୁ ବ୍ୟାଧି ଓ ତତ୍‌ସଂଲଗ୍ନ କାରଣ ପାଇଁ ଜିଡିପିର ୬.୪ ଶତାଂଶ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ତାହାକୁ ଦୃଷ୍ଟିରେ ରଖି ଆବାସ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ ୨୦୧୯ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ସୁଦ୍ଧା ଭାରତକୁ ବାହ୍ୟ ମଳତ୍ୟାଗ ମୁକ୍ତ କରିବା ପାଇଁ ଥିବା ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ପୂର୍ଣ୍ଣ କରିବାକୁ ଅଙ୍ଗୀକୃତ। ମହାତ୍ମା ଗାନ୍ଧୀଙ୍କ ପାଇଁ ସ୍ୱଚ୍ଛତା ଥିଲା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ।

**ସବୁ ଘରକୁ ପାଣି : ଅମୃତ**

ନୀତି ଆୟୋଗ ଅନୁସାରେ ଦେଶର ଅଧିକାଂଶ ଲୋକ ଜଳାଭାବର ସମ୍ମୁଖୀନ। ସେଥିମଧ୍ୟରୁ ପ୍ରାୟ ୫୦ ଭାଗ ଉତ୍କଟ ଜଳକଷ୍ଟ ଭୋଗିଥାନ୍ତି। ୨୦୧୯-୨୦ ବଜେଟରେ ଜଳନିରାପତ୍ତା ହାସଲ ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ସହିତ ସମସ୍ତଙ୍କୁ ନିରାପଦ ପାନୀୟ ଜଳ ଯୋଗାଇଦେବାକୁ ଅଗ୍ରାଧିକାର ଦିଆଯାଇଛି। ନୂଆ କରି ଗଠନ କରାଯାଇଥିବା ଜଳଶକ୍ତି ମନ୍ତ୍ରଣାଳୟ ଅଧୀନରେ ଜଳଜୀବନ ମିଶନ ଆରମ୍ଭ ହୋଇଛି। ଅନ୍ୟାନ୍ୟ ଯୋଜନା ସହ ଏହି ମିଶନରେ ଦେଶର ସବୁ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରୟାସ ଆରମ୍ଭ କରାଯାଇଛି।




୨୦୧୫ ଜୁନ୍‌ରେ ଦେଶରେ ୫୦୦ ସହରରେ ଅମୃତ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ସହରାଞ୍ଚଳରେ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଣ ସହିତ ଆବର୍ଜନା ଓ ନର୍ଦ୍ଦମା ସଫେଇ ବ୍ୟବସ୍ଥାର ସୁବିଧା ୩୧ ଶତାଂଶରୁ ୬୨ ଶତାଂଶକୁ ବଢ଼ିଛି। ଏହି ଯୋଜନାରେ ରାଜ୍ୟ ବାର୍ଷିକ ଯୋଜନାରେ (ଏସ୍‌ଏଏପି) ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୭୭୬୪୦ କୋଟି ଟଙ୍କା ଅନୁମୋଦିତ ହୋଇଛି। ଏହାଛଡ଼ା ୬୪,୭୬୧ କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ରହିଛି ଓ ୪୧୬୩ କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏ ପର୍ଯ୍ୟନ୍ତ ୫୮.୫୨ ଲକ୍ଷ ପାଣି ଟ୍ୟାପ୍ ଓ ୩୬.୯୬ ଲକ୍ଷ ସିୱର ସଂଯୋଗ କରାଯାଇଛି।

**ଜଳ ସଂରକ୍ଷଣକୁ ପ୍ରୋତ୍ସାହନ: ଜନ ଆନ୍ଦୋଳନ**


ଜଳ ସଂରକ୍ଷଣକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ଜଳଶକ୍ତି ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ଯେଉଁ ଚାରିଟି ପ୍ରମୁଖ କ୍ଷେତ୍ର ଚିହ୍ନଟ ହୋଇଛି ସେଗୁଡ଼ିକ ହେଲା ୧)ବର୍ଷାଜଳ ଅମଳ, ୨) ବ୍ୟବହୃତ ଜଳକୁ ବିଶୋଧିତ କରି ପୁନଃ ବ୍ୟବହାର, ୩) ଜଳଉତ୍ସଗୁଡ଼ିକର ପୁନରୁଦ୍ଧାର ଏବଂ ୪) ବୃକ୍ଷରୋପଣ। ଦେଶର ୭୫୬ ସହରାଞ୍ଚଳକୁ ଜଳକ୍ଲିଷ୍ଟ ଭାବେ ଚିହ୍ନଟ କରାଯାଇଛି। ସେଠାରେ ଗୃହ ନିର୍ମାଣ କ୍ଷେତ୍ରରେ ବର୍ଷା ଜଳ ସଂରକ୍ଷଣ ପାଇଁ ଆଇନଗତ ବ୍ୟବସ୍ଥା କରାଯିବା ସହ ବର୍ଜ୍ୟ ଜଳର ବିଶୋଧନ କରି ତାହାର ପୁନର୍ବ୍ୟବହାର, ଜଳ ଉତ୍ସର ପୁନରୁଦ୍ଧାର ତଥା ବ୍ୟାପକ ବୃକ୍ଷରୋପଣ ନିମନ୍ତେ ବୈଧାନିକ ବ୍ୟବସ୍ଥା ଓ ନୀତି ପ୍ରଣିତ ହୋଇଛି।

**ଉର୍ଜା ସଂରକ୍ଷଣ:**

୨୦୧୯-୨୦ ବଜେଟରେ ନିରନ୍ତର ଉର୍ଜା ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଶକ୍ତି ଅପଚୟ ଦୂର କରିବା ପାଇଁ ଏଲଇଡି ବଲ୍‌ବର ବ୍ୟବହାର ବଢ଼ାଇବାକୁ ପ୍ରୋତ୍ସାହିତ କରାଯାଇଛି। ଅମୃତ୍ ଯୋଜନାରେ ୬୨ ଲକ୍ଷ ଷ୍ଟ୍ରିଟ୍ ଲାଇଟକୁ ବଦଳାଯାଇ ଏଲ୍‌ଇଡି ଲାଇଟ୍ ଲଗାଯାଇଛି। ଏହା ଫଳରେ ୧୦.୮୫ ଲକ୍ଷ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଛି।


**ସ୍ମାର୍ଟ ସିଟି ମିଶନ: ସ୍ମାର୍ଟ ଭାରତ ଆଡ଼କୁ**

ସ୍ମାର୍ଟ ସିଟି ମିଶନ ଇତିମଧ୍ୟରେ ଚାରି ବର୍ଷ ଅତିକ୍ରମ କଲାଣି। ସବୁ ସ୍ମାର୍ଟ ସିଟିର ନିର୍ମାଣ କାର୍ଯ୍ୟ ଏବେ ବିଭିନ୍ନ ସ୍ତରରେ ପହଞ୍ଚିଛି। ଏହି ପ୍ରକ୍ରିୟାରେ ସ୍ମାର୍ଟ ସିଟିଗୁଡ଼ିକ ମଧ୍ୟରେ କିଏ ଅଧିକ ସ୍ମାର୍ଟ ହେବ ସେଥିପାଇଁ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଏହି ଯୋଜନା ମଧ୍ୟ ଲୋକଙ୍କୁ ଉତ୍ତମ ଜୀବନ ଧାରଣର ମାନ ଯୋଗାଇ ଆକାଂକ୍ଷୀ ଭାରତ ନିର୍ମାଣର ଭିତ୍ତିଭୂମି ସୃଷ୍ଟି କରିଛି। ଏହି ଯୋଜନାରେ ପାଞ୍ଚ ବର୍ଷ ମଧ୍ୟରେ ସ୍ମାର୍ଟ ସିଟିଗୁଡ଼ିକରେ ୨୦୫,୦୧୮ କୋଟି ଟଙ୍କାର ୫୧୫୧ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ସେଥିମଧ୍ୟରୁ ୬୫% ଶତାଂଶ ପ୍ରକଳ୍ପ ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ରହିଛି। ଏହିସବୁ ପ୍ରକଳ୍ପ ମଧ୍ୟରୁ କେତେକ ଅଭିନବ ପ୍ରକଳ୍ପ ହେଲା ସମନ୍ୱିତ କମାଣ୍ଡ ଓ କଣ୍ଟ୍ରୋଲ କେନ୍ଦ୍ର (ଆଇସିସିସି), ସ୍ମାର୍ଟ ଷ୍ଟ୍ରିଟ୍ / ରୋଡ୍, ପବ୍ଲିକ୍ ବାଇକ୍ ସେୟାରିଂ, ସ୍ମାର୍ଟ ସୌରଶକ୍ତି, ସ୍ମାର୍ଟ ପୋଲ୍ସ, ସ୍ମାଟ୍ ୱାଟର ମିଟର, ଇଣ୍ଟିଗ୍ରେଟେଡ୍ ସ୍ମାର୍ଟ ଟ୍ରାଫିକ / ଟ୍ରାନ୍‌ଜିଟ୍ ମ୍ୟାନେଜମେଣ୍ଟ ଆଦି ଅନ୍ୟତମ। ଏହି ସବୁ ପ୍ରୟାସ ସହରାଞ୍ଚଳର ରୂପରେଖ ବଦଳାଇଦେବ।




**୨୦୨୨ ସୁଦ୍ଧା ସମସ୍ତଙ୍କ ପାଇଁ ଆବାସ (ପିଏମ୍‌ଏୱାଇ (ଅରବାନ):**

୨୦୨୨ ସୁଦ୍ଧା ସବୁ ଗରିବ ଓ ବାସହୀନଙ୍କୁ ଘର ଯୋଗାଇଦେବାକୁ ସରକାର ଅଙ୍ଗୀକୃତ। ଏହି ଯୋଜନାରେ ପାଞ୍ଚ ଲକ୍ଷ କୋଟି ଟଙ୍କା ବ୍ୟୟରେ ୮୪ ଲକ୍ଷ ଘର ତିଆରି କରିବାକୁ ସରକାର ପ୍ରସ୍ତାବ ଅନୁମୋଦନ କରିଛନ୍ତି। ତଦନୁସାରେ ୪୮ ଲକ୍ଷ ଘରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଓ ୨୬ଲକ୍ଷର ନିର୍ମାଣ କାର୍ଯ୍ୟ ଶେଷ ହୋଇ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଛି। ନୂଆ ଟେକ୍‌ନୋଲୋଜିର ବ୍ୟବହାର କରାଯାଇ ୧୩ ଲକ୍ଷରୁ ଅଧିକ ଘର ତିଆରି ହେଉଛି। ଆନ୍ତର୍ଜାତିକ ଆବାସ ନିର୍ମାଣ କୌଶଳର ଉପଯୋଗ କରି ସରକାର ଏସବୁ ଘର ତିଆରି କରୁଛନ୍ତି। ଏଥିରେ ୫୪ଟି ଶ୍ରେଷ୍ଠ ଟେକ୍‌ନୋଲୋଜିର ଉପଯୋଗ କରାଯାଉଛି। ପ୍ରଧାନମନ୍ତ୍ରୀ ୨୦୧୯-୨୦ବର୍ଷକୁ ଟେକ୍‌ନୋଲୋଜିର ବର୍ଷ ଭାବେ ଘୋଷଣା କରିଛନ୍ତି। ଏହି ଯୋଜନାର ଉତ୍ତମ ପ୍ରଗତି ସତ୍ତ୍ୱେ ଦେଶରେ ଭଡ଼ା ଘରର ଚାହିଦା ବଢ଼ିଛି। ତେବେ ଭଡ଼ା ଆଇନର ଜଟିଳତା ଯୋଗୁଁ ଏହି କ୍ଷେତ୍ରରେ ଆବାସ ନିର୍ମାଣ ପାଇଁ ନିବେଶକ ଓ ନିର୍ମାତା ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ସରକାର ଆଦର୍ଶ ଭଡ଼ା ନିୟମ ପ୍ରସ୍ତୁତ କରୁଛନ୍ତି



> ୨୦୧୮-୧୯ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉନ୍ନତ ପରିଚ୍ଛନ୍ନତା ବ୍ୟବସ୍ଥା ଓ ଏହାର ପ୍ରଭାବ ସମ୍ପର୍କରେ ଅନୁଶୀଳନ କରାଯାଇଛି। ଏଥିରେ କୁହାଯାଇଛି ଯେ ଖୋଲାରେ ମଳତ୍ୟାଗ ବନ୍ଦ ହେବା ବା ହ୍ରାସ ପାଇବା ଫଳରେ ଜନସ୍ୱାସ୍ଥ୍ୟ ଉପରେ ଏହାର ଉତ୍ତମ ପ୍ରଭାବ ପଡ଼ିଛି। ଏହା ଫଳରେ ଡାଏରିଆ, ମ୍ୟାଲେରିଆ ଯୋଗୁଁ ମୃତ୍ୟୁସଂଖ୍ୟା କମିଛି। ବିଶେଷ କରି ନବଜାତ ଓ ପାଞ୍ଚବର୍ଷରୁ କମ୍ ବୟସର ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ଅନୁକୂଳ ପ୍ରଭାବ ପରିଲକ୍ଷିତ ହୋଇଛି। ଘରେ ଶୌଚାଳୟ ନିର୍ମାଣ କରିଥିବା ଗରିବ ଲୋକଙ୍କ ବାର୍ଷିକ ଚିକିତ୍ସା ବାବଦ ବ୍ୟୟ ଯଥେଷ୍ଟ କମିଛି। ଶୌଚାଳୟ ନିର୍ମାଣ ପାଇଁ ସେମାନେ ଯେତେ ଅର୍ଥ ଖର୍ଚ୍ଚ କରିଥିଲେ ତା'ଠାରୁ ରୋଗ ଚିକିତ୍ସା ବାବଦରେ ଅଧିକ ଅର୍ଥ ସଞ୍ଚୟ କରିପାରିଛନ୍ତି। ବିଶ୍ୱବ୍ୟାଙ୍କର ଏକ ଅନୁଧ୍ୟାନ ଅନୁସାରେ ପରିଚ୍ଛନ୍ନତାର ଅଭାବ ଯୋଗୁଁ ଭାରତକୁ ବ୍ୟାଧି ଓ ତତ୍‌ସଂଲଗ୍ନ କାରଣ ପାଇଁ ଜିଡିପିର ୬.୪ ଶତାଂଶ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି।

ଯାହା ରାଜ୍ୟ ସରକାରମାନଙ୍କୁ ଶୀଘ୍ର ଯୋଗାଇଦିଆଯିବ।

ପ୍ରଥମ ଥର ୪୫ ଲକ୍ଷ ଟଙ୍କା ଯାଏଁ ସୁଲଭ ମୂଲ୍ୟ ଗୃହ କିଣିବା ପାଇଁ କ୍ରେତାଙ୍କ ନିମନ୍ତେ ସରକାର ଏଥର ବଜେଟରେ ସୁଧ ପ୍ରଦାନର ଛାଡ଼ ସୀମାକୁ ୨ରୁ ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏହାଛଡ଼ା ଘର ବିକ୍ରୟଜନିତ ଅର୍ଥକୁ ଷ୍ଟାର୍ଟଅପ୍ ନିର୍ମାଣରେ ବିନିଯୋଗ କଲେ ସେଥିପାଇଁ ଟିକସ ଦେବାକୁ ପଡ଼ିବ ନାହିଁ।

ଆବାସ ବିତ୍ତଯୋଗାଣ କ୍ଷେତ୍ରରେ ଏବେ ଜାତୀୟ ଆବାସ ବ୍ୟାଙ୍କ ପୁନଃଅର୍ଥ ଯୋଗାଣକାରୀ ଓ ଋଣ ପ୍ରଦାନକାରୀ ସହିତ ନିୟନ୍ତ୍ରକ ଦାୟିତ୍ୱ ମଧ୍ୟ ତୁଲାଉଛି। ଆବାସ କ୍ଷେତ୍ରର ଅଭିବୃଦ୍ଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ନିମନ୍ତେ ଏହି ଦାୟିତ୍ୱ ଜାତୀୟ ଆବାସ ବ୍ୟାଙ୍କଠାରୁ କାଢ଼ିନେଇ ରିଜର୍ଭ ବ୍ୟାଙ୍କ ଉପରେ ନ୍ୟସ୍ତ ହୋଇଛି।

**ସହଜ ବସବାସ ସୁବିଧା:**

ଜନସାଧାରଣଙ୍କ ଜୀବନକୁ ସହଜ ଓ ଝଞ୍ଜାଳମୁକ୍ତ କରିବା ପାଇଁ ୨୦୧୯-୨୦ ବଜେଟ୍‌ରେ ସରକାର କେତେକ ପଦକ୍ଷେପ ନେଇଛନ୍ତି। ଆବାସ ଏବଂ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ କରି 'ଇଜ୍ ଅଫ୍ ଲିଭିଙ୍ଗ୍ ଇଣ୍ଡେକ୍ସ' ୨୦୧୮ରେ ପ୍ରକାଶ କରାଯାଇଛି। ମନ୍ତ୍ରଣାଳୟ ଦେଶର ୧୧୧ଟି ସହରର ସ୍ଥିତି ଅନୁଧ୍ୟାନ କରି ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଲକ୍ଷ୍ୟରେ ଏହି ସୂଚୀ ପ୍ରସ୍ତୁତ କରିଛନ୍ତି। ଭାରତରେ ବେପାର ବଣିଜ କରିବା ପାଇଁ କି ପ୍ରକାର ସୁବିଧାସୁଯୋଗ ରହିଛି ତାହାକୁ ଅନୁଧ୍ୟାନ କରି ବିଶ୍ୱବ୍ୟାଙ୍କ ୨୦୧୯ରେ ଏକ ରିପୋର୍ଟ ଦେଇଥିଲେ। ସେଥିରେ ଦର୍ଶାଯାଇଥିବା ଦୁର୍ବଳ ଦିଗଗୁଡ଼ିକୁ ସୁଧାରିବା କାର୍ଯ୍ୟ ହାତକୁ ନିଆଯାଇଛି। ବେପାର ବଣିଜ ପାଇଁ ଭାରତରେ ଥିବା ସୁବିଧାସୁଯୋଗ ଉତ୍ତମ ନଥିବାରୁ ବିଶ୍ୱବ୍ୟାଙ୍କ ତାଲିକାରେ ଭାରତ ୨୦୧୮ରେ ୧୮୧ରେ ଥିଲା। ତେବେ ମାତ୍ର ବର୍ଷକ ମଧ୍ୟରେ ବ୍ୟବସାୟ ପାଇଁ ଅନୁମତି ଓ ନିର୍ମାଣ ପର୍ମିଟ୍ ଆଦି ଦେବା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ପଦକ୍ଷେପ ନେବା ଫଳରେ ତାଲିକାରେ ୧୨୯ ସ୍ଥାନ ଉପରକୁ ଉଠି ୨୦୧୯ରେ ଏହା ୫୨ରେ ପହଞ୍ଚିଛି। ଅନ୍‌ଲାଇନ୍ ବିଲ୍‌ଡିଂ ଅନୁମତି ବ୍ୟବସ୍ଥା ୪୩୯ 'ଅମୃତ' ନଗରୀ ସମେତ ୧୭୦୫ ସହରରେ ଆରମ୍ଭ କରାଯାଇଛି।

**ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହନ:**

ଚଳିତ ବର୍ଷର କେନ୍ଦ୍ରୀୟ ବଜେଟରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରାଯାଇଛି। ଆବାସ ଓ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ମନ୍ତ୍ରଣାଳୟ ପକ୍ଷରୁ ସଫଳତାର ସହ ୱେବ୍ ଭିତ୍ତିକ ପିଏଫ୍‌ଏମ୍‌ଏସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ମନ୍ତ୍ରଣାଳୟର ସବୁ ପ୍ରକାର ପେମେଣ୍ଟ ବ୍ୟବସ୍ଥାକୁ ପ୍ରାୟ ଶତପ୍ରତିଶତ ଡିଜିଟାଇଜ୍ କରାଯାଇଛି। ଦେଶରେ ଥିବା ମନ୍ତ୍ରଣାଳୟର ୫୦୦ରୁ ଅଧିକ କାର୍ଯ୍ୟାଳୟରେ ଏହା କାର୍ଯ୍ୟକାରୀ ହେଉଛି। ସେହିଭଳି ସରକାରଙ୍କ ସମସ୍ତ ଆୟ (ରାଜସ୍ୱ ଓ ଅନ୍ୟାନ୍ୟ) ଡିଜିଟାଲ ବ୍ୟବସ୍ଥାରେ ସଂଗ୍ରହ କରାଯାଉଛି। ସମସ୍ତ ପ୍ରକାର ଆର୍ଥିକ କାରବାରକୁ କ୍ୟାସ୍‌ଲେସ୍ କରିବା ଲକ୍ଷ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟମ ଜାରି ରହିଛି।

ସହରାଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ଅଙ୍ଗୀକାରବଦ୍ଧ। ଲୋକେ ଯେପରି ସୁବିଧାରେ ସହରାଞ୍ଚଳରେ ବସବାସ କରିପାରିବେ ସେଥିପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। ଏକ ଉତ୍ତରଦାୟୀ ସରକାର ହିସାବରେ ଲୋକଙ୍କୁ ସ୍ୱଚ୍ଛ, ନିରନ୍ତର ବିକାଶମୁଖୀ, ସ୍ୱାସ୍ଥ୍ୟକର ପରିବେଶ ଯୋଗାଇ ଦେବାର ଉଦ୍ୟମ ଅବ୍ୟାହତ ରହିଛି। ଆମେ ଭବିଷ୍ୟତର ସହର ତିଆରି କରୁଛୁ। ସେଥିପାଇଁ ସହରର ଆବାସିକ, ସ୍ୱାସ୍ଥ୍ୟଗତ, ପରିବହନ ଓ ଯୋଗାଯୋଗ, ସାମାଜିକ ଏବଂ ସର୍ବୋପରି ଆର୍ଥିକ ଓ କର୍ମନିଯୁକ୍ତି ଦିଗ ପ୍ରତି ଯଥୋଚିତ ଦୃଷ୍ଟି ଦେବାକୁ ପଡ଼ିବ। ଆମେ ଏକ ସମାବେଶୀ, ପୂର୍ଣ୍ଣାଙ୍ଗ, ଅଂଶଗ୍ରହଣକାରୀ, ଡାଟା ପରିଚାଳିତ ଆଭିମୁଖ୍ୟ ନେଇ ସହରାଞ୍ଚଳକୁ ବଦଳାଇବାକୁ ଉଦ୍ୟମ କରୁଛୁ ଯାହା ନାଗରିକଙ୍କ କଲ୍ୟାଣ ପାଇଁ ଅଭିପ୍ରେତ। ନୂଆ ସ୍ମାର୍ଟ ସିଟି ନିର୍ମାଣ ସହ ଦେଶର ସମସ୍ତ ସହରାଞ୍ଚଳର ବିକାଶ ଘଟାଇ ୫ ଟ୍ରିଲିୟନ ଡଲାର ବିଶିଷ୍ଟ ଅର୍ଥନୀତିରେ ପରିଣତ ହେବା ସହ ଏକ ନୂଆ ଭାରତ ନିର୍ମାଣ ଏହାର ମୂଳ ଲକ୍ଷ୍ୟ।

ଲେଖକ ହେଉଛନ୍ତି କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ସଚିବ।
**Email ID: secyurban@nic.in**

# ଦ୍ରୁତ କୃଷକ କଲ୍ୟାଣ ଅଭିମୁଖୀ ବଜେଟ୍

ଡଃ. ଜଗଦୀପ ସାକ୍ସେନା

୨୦୧୯-୨୦ ଆର୍ଥିକ ବର୍ଷ ଲାଗି ଉପସ୍ଥାପିତ କେନ୍ଦ୍ର ବଜେଟ୍‌ରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଲାଗି ରେକର୍ଡ ଆବଣ୍ଟିତ ପାଣ୍ଠି ବେଶ୍ ଉତ୍ସାହଜନକ ରହିଛି। କୃଷି କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ଲାଗି ଦୂରଦୃଷ୍ଟି ମଧ୍ୟ ଚଳିତ ବଜେଟରେ ଥିବା ସ୍ପଷ୍ଟ ହୋଇଛି। ୨୦୨୨ ମସିହା ସୁଦ୍ଧା ଦେଶର ଚାଷୀଙ୍କ ଆୟକୁ ଦୁଇଗୁଣ କରିବା ଲାଗି କେନ୍ଦ୍ର ସରକାର ଯେଉଁ ପ୍ରତିଶ୍ରୁତିବଦ୍ଧତା ରଖିଛନ୍ତି ତାହାକୁ ବଜେଟ୍‌ରେ ଦୋହରାଯାଇଛି। କୃଷକଙ୍କ ଉନ୍ନତି ଓ କୃଷିକ୍ଷେତ୍ରର ବିକାଶ ତଥା ଉତ୍ପାଦନ ବୃଦ୍ଧି ଲାଗି ପ୍ରଚଳିତ ଯୋଜନାକୁ ଚାଲୁରଖି କୃଷିକ୍ଷେତ୍ର ସହ ସଂପୃକ୍ତ ଚାଷୀ ସମୁଦାୟର ସାମାଜିକ ଓ ଆର୍ଥିକ ସ୍ଥିତିକୁ ବଢାଇବା ଲାଗି କେତେକ ନୂଆ ଯୋଜନା ମଧ୍ୟ ଆରମ୍ଭ କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ କାଳରେ କହିଛନ୍ତି ଯେ, କେନ୍ଦ୍ର ସରକାର ଗାଁ, ଗରିବ ଓ ଚାଷୀଙ୍କ ସର୍ବାଙ୍ଗୀନ ଉନ୍ନତି ଲାଗି ଅଙ୍ଗୀକାରବଦ୍ଧ। କୃଷକଙ୍କ ଆଶାକୁ ପୂରଣ କରିବା ସହ କୃଷି କ୍ଷେତ୍ରରେ ସଂସ୍କାର ଆଣିବା ଲାଗି ବଜେଟ୍‌ରେ ସମସ୍ତ ବ୍ୟବସ୍ଥା କରାଯାଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ସ୍ପଷ୍ଟ ସଂକେତ ଦେଇଛନ୍ତି।



**ସମୃଦ୍ଧି ଲାଗି ସକାରାତ୍ମକ ଆବଣ୍ଟନ**

କେନ୍ଦ୍ର ସରକାର କୃଷି ଓ କୃଷିସଂକ୍ରାନ୍ତ ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ର ଲାଗି ଚଳିତ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ବ୍ୟୟବରାଦ ୧,୫୧,୫୦୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ସଂଶୋଧିତ ବଜେଟ୍ ୨୦୧୯ ଆକଳନରେ ଏହା ୮୬,୬୦୦ କୋଟି ରହିଥିଲା। ଅଧିକ ବ୍ୟୟବୃଦ୍ଧିର କାରଣ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି (ପିଏମ-କିଶାନ) ଯୋଜନା ଲାଗି ଆବଣ୍ଟିତ ହୋଇଛି ୭୫,୦୦୦ କୋଟି ଟଙ୍କା। ଆର୍ଥିକ ସହାୟତା ପ୍ରଦାନ ଲାଗି ତିନିଟି ସମାନ କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ସିଧାସଳଖ ଦେଶର କୃଷକମାନଙ୍କ ବ୍ୟାଙ୍କ ଜମାଖାତାକୁ ପଠାଯାଉଥିବା ଭଳି ଅନନ୍ୟ ଯୋଜନା ଲାଗୁ ହୋଇଛି। ଯେଉଁଥିପାଇଁ ଲାଗି କେନ୍ଦ୍ର ସରକାର ଏଥର ପୂର୍ଣ୍ଣାଙ୍ଗ ବଜେଟ୍‌ରେ ପିଏମ କିଶାନ ଲାଗି ଅତିରିକ୍ତ ୧୧ ହଜାର ୬୦୦ କୋଟି ଟଙ୍କା ବଢାଇଛନ୍ତି। ଏହି ଆର୍ଥିକ ସହାୟତା ପ୍ରଦାନ ଦ୍ୱାରା କୃଷକଙ୍କ ହାତରେ ଅର୍ଥ ରହିବ ଓ ସେମାନେ ଏହାକୁ ଜରୁରୀ କୃଷି କାର୍ଯ୍ୟ ଲାଗି ଅଲଗା ଖର୍ଚ୍ଚ କରିବେ। ଯଦ୍ୱାରା ପରୋକ୍ଷରେ ଏହା ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ। ଏହା ବ୍ୟତୀତ ସେମାନଙ୍କୁ ସାର କ୍ଷେତ୍ରରେ ମଧ୍ୟ ଅଲଗା ରିଆତି ପ୍ରଦାନ କରାଯିବ। ଯେଉଁଥିପାଇଁ ବଜେଟ୍‌ରେ ୮୦,୦୦୦ କୋଟି ରଖାଯାଇଛି ଯାହାକି ପୂର୍ବାପେକ୍ଷା ୧୪ ପ୍ରତିଶତ ବୃଦ୍ଧି। ଫସଲ, ପଶୁପାଳନ, ମତ୍ସ୍ୟଚାଷ ଆଦି କେନ୍ଦ୍ରୀୟ ଯୋଜନାରେ ଅଲଗା ଅଲଗା ପାଣ୍ଠି ମଧ୍ୟ ଆବଣ୍ଟିତ କରାଯାଇଛି। ଏହାବାଦ୍ ଧାନ ଓ ଗହମ ସମେତ ୧୩ଟି ଫସଲ ଉପରେ ସାଧାରଣ ସର୍ବନିମ୍ନ ମୂଲ୍ୟ(ଏମଏସପି) ବୃଦ୍ଧି କରାଯାଇଥିବାରୁ ଏଥିପାଇଁ ବଜେଟ୍‌ରେ ଏ ବାବଦରେ ୬ରୁ ୫୦ ପ୍ରତିଶତ ଅର୍ଥରାଶି ବଢାଇ ଦିଆଯାଇଛି। ସୁଧ ରିହାତିର ସକାରାତ୍ମକ ପ୍ରଭାବ ଯୋଗୁଁ ବଜେଟ୍‌ରେ ଏବବାଦକୁ ଗତବର୍ଷ ଅପେକ୍ଷା ପୁଣି ୨୦ ପ୍ରତିଶତ ଅର୍ଥ ବୃଦ୍ଧି କରାଯାଇ ୧୮,୦୦୦ କୋଟି ରଖାଯାଇଛି। ଏହି ସହାୟତା ସମସ୍ତ ସ୍ୱଳ୍ପମିଆଦୀ ଋଣ ଚାହୁଁଥିବା ଚାଷୀଙ୍କୁ ମିଳିବ।



ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ କରିବା ଲାଗି ବଜେଟ୍‌ରେ ୧୯,୦୦୦ କୋଟି ଟଙ୍କା କେବଳ ଗ୍ରାମାଞ୍ଚଳ ସଡ଼କ ଲାଗି ବ୍ୟୟବରାଦ କରାଯାଇଛି; ଯାହାକି ଗତବର୍ଷ ଅପେକ୍ଷା ୨୨.୫ ପ୍ରତିଶତ ଅଧିକ। ଉତ୍ତମ ସଡ଼କ ସଂଯୋଗ ଦ୍ୱାରା ବଜାର ସୁବିଧା ଚାଷୀଙ୍କୁ ମିଳିପାରିବ ଏବଂ ସେମାନେ ଚାଷକୁ ବହୁଗୁଣିତ ତଥା ବିକେନ୍ଦ୍ରୀକରଣ କରିପାରିବେ। ଧାନ, ପନିପରିବା, ମାଛ ଚାଷ, ଛତୁଚାଷ, ମହୁଚାଷ, କୁକୁଡ଼ା ପାଳନ ଆଦି ଏକସଙ୍ଗରେ କରିପାରିବେ। ଅର୍ଥମନ୍ତ୍ରୀ ବଜେଟ୍ ଅଭିଭାଷଣରେ ଗ୍ରାମୀଣ କ୍ଷେତ୍ରକୁ ଅଧିକ ସଡ଼କ ସଂଯୋଗ କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଅଧୀନରେ ଯେଉଁସବୁ ଗାଁକୁ କଂକ୍ରିଟ୍ ସଡ଼କ ନିର୍ମାଣ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ତାହାକୁ ୨୦୨୨ ଅପେକ୍ଷା ୨୦୧୯ ସୁଦ୍ଧା ଆଗୁଆ ଶେଷ କରାଯାଉଛି। ପିଏମଜିଏସ୍‌ୱାଇ-୩ ପର୍ଯ୍ୟାୟରେ ନୂଆ ସଡ଼କ ନିର୍ମାଣ ଲାଗି ମଧ୍ୟ ଯୋଜନା ପ୍ରସ୍ତୁତ ହୋଇ ବ୍ୟୟ ଅଟକଳ କରାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ୧.୨୫ ଲକ୍ଷ କିଲୋମିଟର ଗ୍ରାମୀଣ ସଡ଼କ ନିର୍ମାଣ ଲାଗି ୮୦,୨୫୦ କୋଟି ଟଙ୍କା ଆକଳନ କରାଯାଇଛି। ଏକ ଦୀର୍ଘସ୍ଥାୟୀ ବିକାଶର ଏଜେଣ୍ଡା ଉପରେ ପ୍ରତିଶ୍ରୁତିବଦ୍ଧ କେନ୍ଦ୍ର ସରକାର ଇତିମଧ୍ୟରେ ୩୦,୦୦୦ କିଲୋମିଟର ପିଏମଜିଏସୱାଇ ସଡ଼କ ନିର୍ମାଣ କରିସାରିଛନ୍ତି। ଏସବୁରେ ଗ୍ରୀନ୍ ଟେକ୍ନୋଲୋଜି, ପ୍ଲାଷ୍ଟିକ୍ ବର୍ଜ୍ୟ କୋଲ୍ଡ ମିକ୍ସ ଟେକ୍ନୋଲୋଜିକୁ ଉପଯୋଗ କରାଯାଇଛି। ଯାହାକି କାର୍ବନ(ଅଙ୍ଗାରକ) ହ୍ରାସରେ ସହାୟକ ହୋଇପାରିଛି।

ଗ୍ରାମୀଣ ସଡ଼କ ବ୍ୟତୀତ ସରକାର ବଜେଟ୍‌ରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (ପିଏମକେଏସୱାଇ) ବାବଦରେ ବ୍ୟୟବରାଦକୁ ୧୭ ପ୍ରତିଶତ ଅଧିକ କରିଛନ୍ତି। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ କୃଷିକ୍ଷେତ୍ରକୁ ଜଳସେଚନ ବ୍ୟବସ୍ଥା କାର୍ଯ୍ୟ ବେଶ୍ ତ୍ୱରାନ୍ୱିତ ହୋଇଛି। ଅଧିକ ଜମି ଜଳସେଚିତ ହେବା ସହ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ନିର୍ମାଣରେ ମଧ୍ୟ ଏହି ଯୋଜନା ସହାୟକ ହୋଇଛି। ଏହାବାଦ୍ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଯୋଗୁଁ କ୍ଷୁଦ୍ର ଜଳସେଚନ, ଜଳଛାୟା ମିଶନ ତଥା ଜଳଛତ୍ର (ୱାଟରସେଡ୍) ବିକାଶ ଏବଂ ପାରମ୍ପରିକ ଜଳଉତ୍ସ ଗୁଡ଼ିକର ଉନ୍ନତିକରଣ କରାଯାଇଛି। ଯାହାକି କୃଷିକ୍ଷେତ୍ରକୁ ଜଳସେଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି।

**ବ୍ୟବସାୟ ବୃଦ୍ଧି**

କୃଷକମାନଙ୍କୁ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପ୍ରଦାନ ସହିତ ଉତ୍ତମ ବଜାର ଉପଲବ୍ଧ କରାଇବା ଲାଗି କେନ୍ଦ୍ର ସରକାର ୨୦୧୬ ମସିହାରୁ ଇଲେକ୍‌ଟ୍ରୋନିକ୍ ନେସନାଲ ଏଗ୍ରିକଲଚର ମାର୍କେଟ (ଇ-ନାମ୍) କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସମସ୍ତ ଚାଷୀ କିଭଳି ଏଥିରୁ ପୂରା ଫାଇଦା ପାଇପାରିବେ ସେଥିପାଇଁ ଏବର୍ଷ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ସହିତ ମିଶି ଇ-ନାମ୍ ବ୍ୟବସ୍ଥାକୁ ବ୍ୟାପକ କରିବା ଲାଗି କାମ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉପଯୁକ୍ତ ମୂଲ୍ୟ ପ୍ରଦାନରେ ଏଗ୍ରିକଲଚର ପ୍ରଡ୍ୟୁସ୍ ମାର୍କେଟିଂ କୋ-ଅପରେଟିଭ ଆକ୍ଟ (ଏପିଏମସି) ଯେଭଳି ସମସ୍ୟା ସୃଷ୍ଟି ନକରେ ସେଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ। ଇଜ୍ ଅଫ ଡୁଇଙ୍ଗ୍ ବିଜ୍‌ନେସ୍ ଓ ଇଜ୍ ଅଫ୍ ଲିଭିଂ ମଧ୍ୟ କୃଷକଙ୍କ କ୍ଷେତ୍ରରେ ଲାଗୁ ହେବ। ଚାଷୀଙ୍କ ଆର୍ଥିକ ପରିସରକୁ ସୁନିଶ୍ଚିତ କରିବା ଲାଗି ଆଗାମୀ ୫ ବର୍ଷରେ ୧୦,୦୦୦ ନୂଆ କୃଷି ଉତ୍ପାଦକ ସଂଗଠନ (ଏଫପିଓ) ଗଠନ କରିବା ଲାଗି ପ୍ରସ୍ତାବ ରହିଛି। ଏଫପିଓ ସାଧାରଣତଃ ଭାବେ କୃଷିଭିତ୍ତିକ

କମ୍ପାନୀ, ଯାହାକି କୃଷି ମନ୍ତ୍ରଣାଳୟର ମାର୍ଗଦର୍ଶିକା ଓ ନୀତି ଆଧାରରେ ବଜାରୀକରଣର ଏକ ମଡେଲ ପ୍ରସ୍ତୁତ କରି ବ୍ୟବସାୟ କରିଥାଏ। ଏଫପିଓ ଚାଷୀଙ୍କୁ ତା'ର ଉତ୍ପାଦନ ବୃଦ୍ଧି କରିବା ଲାଗି ସାମର୍ଥ୍ୟ ପ୍ରଦାନ କରେ। ଦକ୍ଷତା ଉପଯୋଗ, କମ୍ ମୂଲ୍ୟରେ ଅଧିକ ଉତ୍ପାଦନ ଏବଂ ଉପଲବ୍ଧ ସମ୍ବଳର ସୁବିନିଯୋଗ ତଥା ଉତ୍ପାଦିତ ସାମଗ୍ରୀରୁ କିଭଳି ଅଧିକ ମୂଲ୍ୟ ମିଳିପାରିବ ସେନେଇ ଚାଷୀଙ୍କୁ ମାର୍ଗଦର୍ଶନ କରିଥାଏ ଏହି ସଂସ୍ଥା। କେତେକ ରାଜ୍ୟରେ ଏଫପିଓ ରେକର୍ଡ ସଫଳତା ହାସଲ କରିଥିବା କାରଣରୁ ସେଗୁଡିକର ସଂଖ୍ୟା ମଧ୍ୟ ବଢାଯାଇଛି। ଏହା ଚାଷୀଙ୍କ ଜୀବିକାର୍ଜ୍ଜନ ଶୈଳୀକୁ ଅଧିକ ସଶକ୍ତ ଓ ଦୀର୍ଘସ୍ଥାୟୀ କରିପାରିଛି।

ଏହାବ୍ୟତୀତ, ସ୍କିମ୍ ଅଫ୍ ଫଣ୍ଡ ଫର ଅପ୍‌ଗ୍ରେଡେସନ୍ ଆଣ୍ଡ ରିଜେନେରେସନ୍ ଅଫ୍ ଟ୍ରାଡିସନାଲ ଇଣ୍ଡଷ୍ଟ୍ରୀଜ୍ (ଏସଏଫୟୁଆରଟିଆଇ ବା ସଫୁର୍ତ୍ତି) ଜରିଆରେ କେନ୍ଦ୍ର ସରକାର ଅଧିକରୁ ଅଧିକ ସାଧାରଣ ସହାୟକ କେନ୍ଦ୍ର (କମନ୍ ଫ୍ୟାସିଲିଟି ସେଣ୍ଟର) ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ପାରମ୍ପରିକ ଶିଳ୍ପ କ୍ଷେତ୍ର ମଧ୍ୟ ସମୃଦ୍ଧ ହୋଇପାରିବ। ସରକାର ଏଦିଗରେ ବାଉଁଶ, ମହୁ, ଖଦୀ ଶିଳ୍ପ ଭଳି ଏକାଧିକ ପାରମ୍ପରିକ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଗୁରୁତ୍ୱ ଦେଉଛନ୍ତି। ଏସବୁ ଶିଳ୍ପକୁ ଅଧିକ ଉତ୍ପାଦନମୁଖୀ, ଲାଭଜନକ କରାଇ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ କରିବା ସହ ଆତ୍ମନିଯୁକ୍ତିର ଏକ ବ୍ୟାପକ ସୁଯୋଗ କ୍ଷେତ୍ର ସୃଷ୍ଟି କରିବାକୁ ଚାହୁଁଛନ୍ତି। ସ୍ଫୁର୍ତ୍ତୀ ଯୋଜନାରେ ୧୦୦ଟି ନୂତନ କ୍ଲଷ୍ଟର ୨୦୧୯-୨୦ ସୁଦ୍ଧା ପ୍ରତିଷ୍ଠା ଲାଗି ବଜେଟ୍‌ରେ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ଦେଶର ୫୦,୦୦୦ ଗ୍ରାମୀଣ କାରୀଗରଙ୍କୁ ସରକାର ବଜାର ସହଯୋଗ ସହ ସେମାନଙ୍କ ଦକ୍ଷତା ବିକାଶ ଲାଗି ସୁଯୋଗ ସୃଷ୍ଟି କରିବେ। ଫଳରେ ଖୁବ୍‌ଶୀଘ୍ର ଗ୍ରାମୀଣ କାରୀଗରମାନେ ଅର୍ଥନୈତିକ ପ୍ରଗତି ଶୃଙ୍ଖଳାର ଅଂଶୀଦାର ହେବେ। ଅତିରିକ୍ତ ଭାବେ ଏ କ୍ଷେତ୍ରରେ ବିଜ୍ଞାନ ଓ କାରୀଗରୀ କୌଶଳକୁ ଉପଯୋଗ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ନୂଆ ନୂଆ ଉଦ୍ଭାବନ, ଗ୍ରାମୀଣ ଶିଳ୍ପ ପ୍ରତିଷ୍ଠା ଓ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ଆସ୍‌ପାୟାର (ଷ୍ଟ୍ରେଙ୍ଗଦେନ୍ ସ୍କିମ୍ ଫର ପ୍ରମୋସନ୍ ଅଫ୍ ଇନୋଭେସନ୍ ରୁରାଲ ଇଣ୍ଡଷ୍ଟ୍ରି ଆଣ୍ଡ ଏଣ୍ଟରପ୍ରେନ୍ୟୁୟରସିପ୍) ଜରିଆରେ ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶରେ ୮୦ଟି ଜୀବିକାର୍ଜ୍ଜନ ବିଜିନେସ୍ ଇନ୍‌କ୍ୟୁବେଟର ଏବଂ ୨୦ଟି ଟେକ୍ନୋଲୋଜି ବିଜନେସ୍ ଇନ୍‌କ୍ୟୁବେଟର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରଖି ଏହି ପଦକ୍ଷେପ ଦ୍ୱାରା କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପକ୍ଷେତ୍ର ଲାଗି ପାଖାପାଖି ୭୫,୦୦୦ ଦକ୍ଷ ଉଦ୍ୟୋଗୀଙ୍କୁ ବିକଶିତ କରାଯାଇପାରିବ। ଏହା ଗ୍ରାମାଞ୍ଚଳରେ ଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)ର ଅଭିବୃଦ୍ଧି ଓ ବିକାଶ କରିବାକୁ ସମର୍ଥ ହେବ। ବିଶେଷକରି କୃଷି ପ୍ରକ୍ରିୟାକରଣ କ୍ଷେତ୍ର ଲାଗି ଏହା ଅଧିକ ଫାଇଦା ଦେଇପାରିବ। ସଂପ୍ରତି ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ଅଭିବୃଦ୍ଧି ହାର ୧ ପ୍ରତିଶତରେ ଅଟକିଥିବା ବେଳେ କୃଷିକ୍ଷେତ୍ରରେ ଏଭଳି ସଂସ୍କାର ଦ୍ୱାରା ଏହା ୩ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ ମତ ରଖିଛନ୍ତି। ଚଳିତ ବଜେଟ୍‌ରେ ନିଆଯାଇଥିବା ପ୍ରସ୍ତାବ ଓ କାର୍ଯ୍ୟକ୍ରମ କୃଷିଭିତ୍ତିକ ଖାଦ୍ୟପ୍ରକ୍ରିୟାକରଣ କ୍ଷେତ୍ର ଲାଗି ଅତ୍ୟନ୍ତ ଅନୁକୂଳ ରହିବା ଆଶା କରାଯାଉଛି।

> କେନ୍ଦ୍ର ସରକାର କୃଷି ଓ କୃଷିସଂକ୍ରାନ୍ତ ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ର ଲାଗି ଚଳିତ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ବ୍ୟୟବରାଦ ୧,୫୧,୫୦୦ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ସଂଶୋଧିତ ବଜେଟ୍ ୨୦୧୯ ଆକଳନରେ ଏହା ୮୬,୬୦୦ କୋଟି ରହିଥିଲା। ଅଧିକ ବ୍ୟୟବୃଦ୍ଧିର କାରଣ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି (ପିଏମ-କିଶାନ) ଯୋଜନା ଲାଗି ଆବଣ୍ଟିତ ହୋଇଛି ୭୫,୦୦୦ କୋଟି ଟଙ୍କା। ଆର୍ଥିକ ସହାୟତା ପ୍ରଦାନ ଲାଗି ତିନିଟି ସମାନ କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ସିଧାସଳଖ ଦେଶର କୃଷକମାନଙ୍କ ବ୍ୟାଙ୍କ ଜମାଖାତାକୁ ପଠାଯାଉଥିବା ଭଳି ଅନନ୍ୟ ଯୋଜନା ଲାଗୁ ହୋଇଛି। ଯେଉଁଥିପାଇଁ ଲାଗି କେନ୍ଦ୍ର ସରକାର ଏଥର ପୂର୍ଣ୍ଣାଙ୍ଗ ବଜେଟ୍‌ରେ ପିଏମ କିଶାନ ଲାଗି ଅତିରିକ୍ତ ୧୧ ହଜାର ୬୦୦ କୋଟି ଟଙ୍କା ବଢାଇଛନ୍ତି। ଏହି ଆର୍ଥିକ ସହାୟତା ପ୍ରଦାନ ଦ୍ୱାରା କୃଷକଙ୍କ ହାତରେ ଅର୍ଥ ରହିବ ଓ ସେମାନେ ଏହାକୁ ଜରୁରୀ କୃଷି କାର୍ଯ୍ୟ ଲାଗି ଅଲଗା ଖର୍ଚ୍ଚ କରିବେ। ଯଦ୍ୱାରା ପରୋକ୍ଷରେ ଏହା ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ। ଏହା ବ୍ୟତୀତ ସେମାନଙ୍କୁ ସାର କ୍ଷେତ୍ରରେ ମଧ୍ୟ ଅଲଗା ରିଆତି ପ୍ରଦାନ କରାଯିବ। ଯେଉଁଥିପାଇଁ ବଜେଟ୍‌ରେ ୮୦,୦୦୦ କୋଟି ରଖାଯାଇଛି ଯାହାକି ପୂର୍ବାପେକ୍ଷା ୧୪ ପ୍ରତିଶତ ବୃଦ୍ଧି। ଫସଲ, ପଶୁପାଳନ, ମତ୍ସ୍ୟଚାଷ ଆଦି କେନ୍ଦ୍ରୀୟ ଯୋଜନାରେ ଅଲଗା ଅଲଗା ପାଣ୍ଠି ମଧ୍ୟ ଆବଣ୍ଟିତ କରାଯାଇଛି।

**ପୁଞ୍ଜିନିବେଶକୁ ଆକୃଷ୍ଟ କରିବ**

ସରକାର ଅନୁଭବ କରିଛନ୍ତି ଯେ, ଅନ୍ୟାନ୍ୟ କ୍ଷେତ୍ରଭଳି କୃଷି କ୍ଷେତ୍ର ପ୍ରତି ମଧ୍ୟ କର୍ପୋରେଟ୍ ଜଗତ ପକ୍ଷରୁ ପୁଞ୍ଜିନିବେଶ ଦରକାର। ବର୍ତ୍ତମାନ ମୋଟ ମୂଲ୍ୟ ଉପରେ ମାତ୍ର ୧୪ ପ୍ରତିଶତ ପୁଞ୍ଜିନିବେଶ ଏହି କ୍ଷେତ୍ରରେ ହେଉଛି। ଏଥିରେ କୃଷକ ସମାଜରୁ ୭୮.୦୧ ପ୍ରତିଶତ ନିବେଶ କରାଯାଉଥିବାବେଳେ ୧୯.୪ ପ୍ରତିଶତ ସରକାରୀ କ୍ଷେତ୍ରରୁ ଏବଂ ଘରୋଇ କ୍ଷେତ୍ରରୁ ନିବେଶ ହାର ରହିଛି ମାତ୍ର ୨.୫ ପ୍ରତିଶତ। ତେବେ ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ କୃଷକଙ୍କ ଉତ୍ପାଦନ ଉପରେ ଅତିରିକ୍ତ ମୂଲ୍ୟପ୍ରଦାନ ଲାଗି ଘରୋଇ ଉଦ୍ୟୋଗକୁ ସରକାର ପ୍ରୋତ୍ସାହିତ କରିବେ ବୋଲି କହିଛନ୍ତି। କେବଳ କୃଷିକ୍ଷେତ୍ର ନୁହେଁ; ବାଉଁଶ ଓ କାଠ ଉତ୍ପାଦନ ଭଳି ସହଯୋଗୀ କ୍ଷେତ୍ରରେ

ମଧ୍ୟ ଉତ୍ପାଦନ ବଢ଼ାଇବା ଲାଗି ଘରୋଇ ନିବେଶ ମିଳିବ। କ୍ଷେତରେ ପବନକଳ ଓ ସୌରପ୍ୟାନେଲ ଲଗାଇ ନିଜ ବିଜୁଳି ଚାହିଦା ପୂରଣ ସହ ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ ବୃଦ୍ଧି ଲାଗି ଘରୋଇ ନିବେଶ କରାଯିବ। 'ଅନ୍ନ ଦାତା' (କୃଷକ)କୁ 'ଉର୍ଜାଦାତା'(ଶକ୍ତି ଯୋଗାଣକାରୀ)ରେ ପରିଣତ କରିବାକୁ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି। ଏଦିଗରେ କେନ୍ଦ୍ର ସରକାର କାର୍ଯ୍ୟକ୍ରମ ଆରମ୍ଭ କରିସାରିଛନ୍ତି। ଏଥିପାଇଁ ମାର୍ଚ୍ଚ ୨୦୧୯ରୁ ସ୍ୱତନ୍ତ୍ର ଯୋଜନା 'କିଶାନ ଉର୍ଜା ସୁରକ୍ଷା ଏବଂ ଉତ୍ଥାନ ମହାଭିଯାନ' (କୁସୁମ) ଆରମ୍ଭ କରାଯାଇଛି। ଏହି ଯୋଜନାରେ ସାଧାରଣ କୃଷକ, ସମବାୟ, ପଞ୍ଚାୟତ, ଏଫପିଓମାନେ ପତିତ ଜମି ଓ କୃଷିକ୍ଷେତ୍ରରେ ସୋଲାର ପାୱାର ପ୍ଲାଣ୍ଟ ବସାଇ ୫୦୦ କିଲୋୱାଟ୍‌ରୁ ୨ ମେଗାୱାଟ୍ ପର୍ଯ୍ୟନ୍ତ ସୌରଶକ୍ତି ଉତ୍ପାଦନ କରିପାରିବେ। ଏହି ଉର୍ଜାରେ ସେମାନେ ନିଜ କ୍ଷେତରେ ବ୍ୟବହୃତ ପାଣି ପମ୍ପ ଓ ଅନ୍ୟାନ୍ୟ ବୈଦ୍ୟୁତିକ ଯନ୍ତ୍ରାଂଶ ଚଳାଇବା ସହ ବଳକା ଶକ୍ତିକୁ ଗ୍ରୀଡ୍‌କୁ ବିକ୍ରିକରି ନିଜର ଆୟ ବଢ଼ାଇପାରିବ। ଏହାଦ୍ୱାରା କେବଳ ଚାଷୀଙ୍କ ଆୟ ବଢ଼ିବନି; ବରଂ ପରିବେଶ ପ୍ରଦୂଷଣମୁକ୍ତ ହେବା ସହ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।


ଦୁଗ୍ଧ ଉତ୍ପାଦନ ହେଉଛି ଅନ୍ୟତମ କ୍ଷେତ୍ର। ଯେଉଁଠି ଉଭୟ ଘରୋଇ ଓ ସମବାୟ ସଂସ୍ଥା ମିଶି କୃଷକଙ୍କ ଆୟକୁ ବହୁଗୁଣିତ କରିପାରିବେ। ସଂଖ୍ୟାଧିକ ଉଦ୍ୟୋଗୀ, ବିଶେଷକରି ଯୁବକ-ଯୁବତୀମାନେ ଗୋପାଳନ ଜରିଆରେ ଦୁଗ୍ଧ ଉତ୍ପାଦନକୁ ପୂର୍ଣ୍ଣକାଳୀନ ବୃତ୍ତି ଭାବେ ଗ୍ରହଣକରି ଜୀବିକାର୍ଜ୍ଜନ ସହ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବଜେଟ୍‌ରେ ସମବାୟ ସଂସ୍ଥା ଜରିଆରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ତତ୍‌ସଂକ୍ରାନ୍ତ ଗୋଖାଦ୍ୟ ପ୍ରସ୍ତୁତି, ଦୁଗ୍ଧ ପ୍ରକ୍ରିୟାକରଣ, ବଜାର ବ୍ୟବସ୍ଥା ଆଦି ଭିତ୍ତିଭୂମି କ୍ଲଷ୍ଟର ବଢ଼ାଇବାକୁ ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି।




ଅନୁରୂପ ଭାବେ ବିଶେଷକରି ଉପକୂଳ ଅଞ୍ଚଳରେ ମତ୍ସ୍ୟଚାଷ ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବାରେ ଅନ୍ୟତମ ଭୂମିକା ଗ୍ରହଣ କରିଛି। ମତ୍ସ୍ୟଜୀବୀ ସମ୍ପ୍ରଦାୟ ଓ ମାଛମରା ପରସ୍ପର ଚାଷ ଓ ଗ୍ରାମୀଣ ଭାରତ ସହ ଜଡ଼ିତ। ଏହାକୁ ଦୃଷ୍ଟିରେ ରଖି ଆଧୁନିକ ପ୍ରଣାଳୀରେ ମତ୍ସ୍ୟଚାଷ, ସମୁଦ୍ର ଓ ଅନ୍ୟାନ୍ୟ ବଡ଼ ଜଳଉତ୍ସରୁ ମାଛଧରିବା, ଏ ସଂକ୍ରାନ୍ତ ତାଲିମ ପ୍ରଦାନ, ଦକ୍ଷତା ବୃଦ୍ଧି, ଜାଲ ବୁଣା, ଡଙ୍ଗା ନିର୍ମାଣ ଓ ମରାମତି ଆଦି ପ୍ରଶିକ୍ଷଣ ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ମତ୍ସ୍ୟ ଉତ୍ପାଦନ ପରିଚାଳନା ଫ୍ରେମ୍‌ୱାର୍କକୁ ଅଧିକ ସଶକ୍ତ କରିବା ଲାଗି ପ୍ରଧାନମନ୍ତ୍ରୀ "ମତ୍ସ୍ୟ ସମ୍ପଦା ଯୋଜନା" (ପିଏମଏମଏସୱାଇ) ନାମରେ ନୂତନ ଯୋଜନା ଏଥର ବଜେଟ୍‌ରେ ପ୍ରସ୍ତାବ ରହିଛି। ଏହି ଯୋଜନା ମତ୍ସ୍ୟ ଉତ୍ପାଦନ ଓ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବ। ଏହାଫଳରେ ଭିତ୍ତିଭୂମି ନିର୍ମାଣ, ଆଧୁନିକୀକରଣ, ଉତ୍ପାଦନ ବୃଦ୍ଧି, ଉତ୍ପାଦନପର ପରିଚାଳନା, ଗୁଣବତ୍ତା ନିୟନ୍ତ୍ରଣ ଭଳି ଭାଲ୍ୟୁଚେନ୍ ବିକଶିତ ହୋଇପାରିବ।

ଏସବୁ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଲାଗି କେନ୍ଦ୍ର ସରକାର ପଶୁପାଳନ, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟପାଳନ ନାମକ ଗୋଟିଏ ସ୍ୱତନ୍ତ୍ର ନୂଆ ମନ୍ତ୍ରଣାଳୟ ସୃଷ୍ଟି କରିସାରିଛନ୍ତି। ଏହି କ୍ଷେତ୍ରରୁ ଅଧିକ ସମ୍ବଳ ଯୋଗାଡ କରିବା ଲକ୍ଷ୍ୟ ରହିଛି। ଯେତେବେଳେ କୌଣସି ବିପଦ କିମ୍ବା ପାଣିପାଗଜନିତ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲ ଉତ୍ପାଦନ ହ୍ରାସ ପାଉଛି, ଚାଷୀର ଆୟପନ୍ଥା ଅହେତୁକ ଭାବେ କମୁଛି, ସେତେବେଳେ ପଶୁସମ୍ପଦ (ଲାଇଭଷ୍ଟକ) ଏକ 'ଜୀବିକାର୍ଜ୍ଜନ ବୀମା' ଭଳି କାର୍ଯ୍ୟ କରୁଛି।

**ମୂଳକଥା**




କେନ୍ଦ୍ର ସରକାର ଜିରୋ ବଜେଟ୍ ଫାର୍ମିଂ(ଅଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ)କୁ ପ୍ରୋତ୍ସାହନ ଦେବାକୁ ଆଗ୍ରହ ରଖିଛନ୍ତି। କେତେକ ରାଜ୍ୟରେ ଏହା ମଧ୍ୟ ବେଶ୍ ଲୋକପ୍ରିୟ ହୋଇଛି। ତେଣୁ ଏହି ନୂତନ ବ୍ୟବସ୍ଥାକୁ ଦେଶବ୍ୟାପୀ ଲାଗୁ କରିବାକୁ କେନ୍ଦ୍ର ସରକାର ଚାହୁଁଥିବା ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ କହିଛନ୍ତି। କେତେକ ରାଜ୍ୟରେ କୃଷକମାନଙ୍କୁ ଏ ସଂକ୍ରାନ୍ତରେ ପ୍ରଶିକ୍ଷଣ ଦିଆଯାଇସାରିଛି। କର୍ଣ୍ଣାଟକ, ହିମାଚଳପ୍ରଦେଶ, କେରଳ, ଛତିଶଗଡ଼, ଉତ୍ତରାଖଣ୍ଡ ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟ ଏହି ପଦ୍ଧତିକୁ ଗ୍ରହଣ କରିସାରିଛନ୍ତି। କମ୍ ଜଳ ଓ ଅଳ୍ପ ଖର୍ଚ୍ଚରେ ଅଧିକ ଅମଳ ସମ୍ଭବ ହୋଇପାରୁଛି। ବିଦର୍ଭ ଅଞ୍ଚଳର ପଦ୍ମଶ୍ରୀ ସମ୍ମାନିତ ୭୦ ବର୍ଷ ବୟସ୍କ କୃଷକ ଶ୍ରୀ ସୁଭେଶ ପାଲେକର୍ ଏହି ଅନନ୍ୟ କୌଶଳ ଆପଣାଇବାରେ ଦେଶର ପ୍ରଥମ ଅଗ୍ରଣୀ। ଏହାକୁ ସେ 'ଜିରୋ ବଜେଟ୍ ନେଚୁରାଲ ଫାର୍ମି' (ଜେଡ୍‌ବିଏନଏଫ) ବୋଲି କହୁଛନ୍ତି। ଉପଲବ୍ଧ ପ୍ରାକୃତିକ ସମ୍ବଳକୁ ଉପଯୋଗ କରି ଉତ୍ପାଦନ ଖର୍ଚ୍ଚକୁ ଏହି ପଦ୍ଧତିରେ ବହୁପରିମାଣରେ ହ୍ରାସ କରାଯାଇପାରୁଛି। ଜିରୋ ବଜେଟ୍ ଅର୍ଥ ଏହା ନୁହେଁ କି ଚାଷୀଟି ବିନା ଖର୍ଚ୍ଚରେ ଉତ୍ପାଦନ କରୁଛି। ଏହି ଖର୍ଚ୍ଚ ପର୍ଯ୍ୟାୟକ୍ରମିକ ଫସଲ ଓ ଅନ୍ୟସୂତ୍ରରୁ ଅତିରିକ୍ତ ଆୟ ଦ୍ୱାରା ଭରଣା କରାଯାଇପାରୁଛି। ତେଣୁ କେନ୍ଦ୍ର ସରକାର ଜେଡ୍‌ବିଏନଏଫ ପଦ୍ଧିତିକୁ ଦେଶବ୍ୟାପୀ ଲାଗୁ କରିବା ଲାଗି ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି।

ଡାଲିଜାତୀୟ ଶସ୍ୟ ଉତ୍ପାଦନ ବୃଦ୍ଧି ପରେ ସରକାର ଏବେ ତୈଳବୀଜର ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ଲାଗି ପ୍ରାଧାନ୍ୟ ଦେଉଛନ୍ତି। ଡାଲିଜାତୀୟ ସାମଗ୍ରୀ ଉତ୍ପାଦନରେ ଭାରତ ଆତ୍ମନିର୍ଭରଶୀଳ ହୋଇସାରିଛି। ପୂର୍ବରୁ ଡାଲିଜାତୀୟ ପଦାର୍ଥ ବିଦେଶରୁ ଆମଦାନୀ ହେଉଥିଲା। ଏକ୍ଷେତ୍ରରେ ଅଧିକ ଉତ୍ପାଦନ କରି ବିଦେଶୀ ଜମା ଭଣ୍ଡାରକୁ ଭାରତ ଅଧିକ ସମୃଦ୍ଧ କରିବା ଲାଗି ଉଦ୍ୟମ ଆରମ୍ଭ କରିଛି। ତୈଳବୀଜ କ୍ଷେତ୍ରରେ ଦେଶ ୧୯୯୦ ଦଶକରୁ 'ୟୋଲୋ ରିଭଲ୍ୟୁସନ୍' (ପୀତ ବିପ୍ଳବ) ଆରମ୍ଭ କରିଛି। ତେବେ ନୀତି ଦୁର୍ବଳତା ଓ ଏକାଧିକ କୃଷି ସମସ୍ୟା ଯୋଗୁଁ ଏହି ବିପ୍ଳବ ସଫଳ ହୋଇ ନ ପାରି ଫିକା ପଡିଯାଇଛି। କେନ୍ଦ୍ର ସରକାର ଏହା ଉପରେ ଗତ ୫ ବର୍ଷ ହେଲା ଜୋରଦେଇ ଏଥିପାଇଁ ବଜେଟ୍ ବ୍ୟବସ୍ଥା କରିଛନ୍ତି। ତୈଳବୀଜ ଉତ୍ପାଦନ ବୃଦ୍ଧିକରି ଦେଶକୁ ଏକ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ଲାଗି ନୀତି ନିର୍ଦ୍ଧାରଣ କରାଯାଉଛି। କୃଷକଙ୍କ ସେବା ଯୋଗୁଁ ଏକ୍ଷେତ୍ରରେ ଭାରତର ତୈଳବୀଜ ଆମଦାନୀକୁ ହ୍ରାସ କରାଯାଇପାରିବ ବୋଲି ଅର୍ଥମନ୍ତ୍ରୀ ଆଶାବାଦୀ ଥିବା କହିଛନ୍ତି।

୨୦୨୨ ମସିହା ସୁଦ୍ଧା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ସବୁପ୍ରକାର କୃଷି ଭିତ୍ତିଭୂମିକୁ ସୁଦୃଢ଼ କରିବାର ଉଦ୍ୟମ ଅବ୍ୟାହତ ରଖିଛନ୍ତି। ସେତିକି ନୁହେଁ, ଏକ୍ଷେତ୍ରରେ ଘରୋଇ ଉଦ୍ୟୋଗୀଙ୍କୁ ମଧ୍ୟ ପ୍ରୋତ୍ସାହିତ କରି ଏଦିଗରେ ଆଗକୁ ବଢାଇବାକୁ ପ୍ରୟାସୀ ରହିଛନ୍ତି। ଏହାବ୍ୟତୀତ ଗ୍ରାମୀଣ ଅର୍ଥନୀତିର ପୁନରୁଦ୍ଧାର ଲାଗି ନୂଆ ନୂଆ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ଆନୁସଙ୍ଗିକ ବଜେଟ୍ ବ୍ୟବସ୍ଥା ମଧ୍ୟ କରାଯାଉଛି। କେନ୍ଦ୍ର ସରକାରଙ୍କ ଉପରୋକ୍ତ ସମସ୍ତ ପଦକ୍ଷେପ ଆଗାମୀ ଦିନରେ କୃଷି ସଂକ୍ରାନ୍ତ ସମସ୍ୟାକୁ ଦୂରକରି କୃଷକଙ୍କ ମୁହଁରେ ପୁଣିଥରେ ହସ ଫୁଟାଇବା ଆଶା କରାଯାଉଛି।

ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ପୂର୍ବତନ ମୁଖ୍ୟ ସମ୍ପାଦକ।
**Email ID: jagdeepsaxena@yahoo.com**



# ପରିବହନ ଭିତ୍ତିଭୂମି ଓ କେନ୍ଦ୍ର ବଜେଟ୍

ପ୍ରଫେସର ଜି. ରଘୁରାମ

**କୌ**ଣସି ଅର୍ଥନୀତିର ଜୀବନରେଖା ହେଉଛି ସୁଦୃଢ଼ ସଂଯୋଗ ବ୍ୟବସ୍ଥା। କେନ୍ଦ୍ର ସରକାର ସଡ଼କ ସଂଯୋଗ ଓ ଯୋଗାଯୋଗ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ଶିଳ୍ପ କରିଡର, ମାଲ ପରିବହନ ଲାଗି ନିର୍ଦ୍ଧାରିତ କରିଡ଼ର, ଭାରତମାଳା ଓ ସାଗରମାଳା ପ୍ରକଳ୍ପ, ଜଳମାର୍ଗ ବିକାଶ ଏବଂ ଉଡାଣ ଯୋଜନା ଆଦି ବିଭିନ୍ନ ସଂଯୋଗ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ବଜେଟ୍ ୨୦୧୯-୨୦ ଆଗତକରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ, ପରିବହନ କ୍ଷେତ୍ରକୁ କେନ୍ଦ୍ର ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ଏହା ବଜେଟ୍‌ରେ ସ୍ପଷ୍ଟ ହୋଇଛି। ଜଳ, ସ୍ଥଳ ଓ ଆକାଶ କ୍ଷେତ୍ରରେ ଗମନାଗମନ ଓ ପରିବହନ ଭିତ୍ତିଭୂମିକୁ ଅଧିକ ପ୍ରଭାବୀ କରିବା ପାଇଁ ଡିଜିଟାଲ କନେକ୍ଟିଭିଟିର ଉପଯୋଗ ଏବଂ ଅଧିକରୁ ଅଧିକ ବିଦ୍ୟୁତ୍‌ଚାଳିତ ଯାନ(ଇଲେକ୍ଟ୍ରିକ୍ ଭେଇକିଲ୍)ର ବ୍ୟବହାରକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଉଥିବା ଅର୍ଥମନ୍ତ୍ରୀ କହିଛନ୍ତି।

ବିଭିନ୍ନ କ୍ଷେତ୍ରରେ ରହିଥିବା ଦୀର୍ଘମିଆଦୀ ଯୋଜନାରେ ବ୍ୟାପକ ସଂସ୍କାର ଓ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଏହି ବାର୍ଷିକ ବଜେଟ୍ ପ୍ରସ୍ତୁତ କରାଯାଇଛି ଏବଂ ଏଥିପାଇଁ ଅଧିକ ବ୍ୟୟବରାଦ ହୋଇଛି। ଏଭଳି ଉକ୍ତି ଜରିଆରେ ଅର୍ଥମନ୍ତ୍ରୀ କେତେକ ଯୁଗାନ୍ତକାରୀ ପ୍ରମୁଖ ପ୍ରକଳ୍ପ ସଂପର୍କରେ ଅବତାରଣା କରିଛନ୍ତି। ଉଦାହରଣ ସ୍ୱରୂପ ଗ୍ରାମାଞ୍ଚଳରେ ସଡ଼କ ନେଟ୍‌ୱାର୍କର ତ୍ୱରିତ ବିକାଶ ଲାଗି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମଜିଏସୱାଇ)ରେ କରାଯାଉଥିବା ଆର୍ଥିକ ଆବଣ୍ଟନ। ଦେଶର ଏହା ହେଉଛି ସବୁଠୁ ସଫଳ ଯୋଜନା ମଧ୍ୟରେ ଅନ୍ୟତମ। ୨୦୦୦ ମସିହା ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୯୩ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ, ଦେଶରେ ୧୭୮,୧୮୪ ଯୋଗ୍ୟ ଗାଁକୁ ସବୁଦିନିଆ କଂକ୍ରିଟ୍ ସଡ଼କ ସଂଯୋଗ କରାଯାଇପାରିଛି। ଦୈନିକ ଦେଶରେ ୧୪୦ କିମି ସଡ଼କ ନିର୍ମାଣ ହେଉଛି। ଅବଶିଷ୍ଟ ଯେଉଁ ୭ ପ୍ରତିଶତ ଗାଁକୁ ସଡ଼କ ସଂଯୋଗ ହୋଇପାରିନି; ତାହା ହୁଏତ ଯୋଜନା

ପରିସର ଭିତରେ ଆସୁନଥିବା କିମ୍ବା ସଂପୃକ୍ତ ରାଜ୍ୟ ଏଭଳି ଗାଁକୁ ଅନ୍ୟ ଯୋଜନାରେ ସାମିଲ କରିଥିବା ହେତୁ ଏଇ ଗାଁ ଗୁଡିକ ପିଏମଜିଏସୱାଇରୁ ବଞ୍ଚିତ ରହିଥାଇପାରେ। ମୋଟ ଉପରେ ୬ ଲକ୍ଷ କିଲୋମିଟର ସବୁଦିନିଆ ସଡ଼କ ନିର୍ମାଣ କରାଯାଇପାରିଛି। ୨୦୧୩ରୁ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାରମ୍ଭ ହୋଇଛି। ଲକ୍ଷ୍ୟ ରହିଛି ପ୍ରଥମ ପର୍ଯ୍ୟାୟରେ ନିର୍ମିତ ସଡ଼କ ଗୁଡିକର ଉନ୍ନତିକରଣ। ଦିନକୁ ଦିନ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ଏହା କରାଯାଉଛି। ଏହିସବୁ ସଡ଼କ ଗୁଡିକର ରକ୍ଷଣାବେକ୍ଷଣ ଓ ମରାମତି ଲାଗି ରାଜ୍ୟମାନଙ୍କ ସହଯୋଗ ନିଆଯାଉଛି। ୮୦,୨୫୦ କୋଟି ଟଙ୍କା ଧାର୍ଯ୍ୟ ବ୍ୟୟ ଅଟକଳରେ ୧.୨୫ ଲକ୍ଷ କିଲୋମିଟର ସଡ଼କକୁ ଉନ୍ନତିକରଣ କରିବା ଲାଗି ପିଏମ୍‌ଜିଏସୱାଇର ତୃତୀୟ ପର୍ଯ୍ୟାୟ କାର୍ଯ୍ୟ ଲାଗି ଏଥର ବଜେଟ୍‌ରେ ଘୋଷଣା କରାଯାଇଛି।



ସଡ଼କ ନିର୍ମାଣର ଗତିଶୀଳତା ଓ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟର ତଦାରଖ ଲାଗି ଡିଜିଟାଲ ଜ୍ଞାନକୌଶଳର ଉପଯୋଗ କରାଯାଉଛି। ବିଭିନ୍ନ ଦୁର୍ଗମ ଇଲାକାରେ ସରକାରୀ ସେବା ଓ ସୁବିଧା ପହଞ୍ଚାଇବା ଏକ ଚ୍ୟାଲେଞ୍ଜ ଥିବାରୁ ଆବଶ୍ୟକତା ଭିତ୍ତିରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାକୁ ସେସବୁ ଅଞ୍ଚଳରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଅଧିକାଂଶ ଗ୍ରାମୀଣ କ୍ଷେତ୍ର ମାତ୍ର ଗୋଟିଏ ପାର୍ଶ୍ୱରୁ ସଡ଼କ ଦ୍ୱାରା ମୁଖ୍ୟରାସ୍ତାକୁ ସଂଯୋଗୀକୃତ ହୋଇଛି। ଏହାଫଳରେ ସେବାପ୍ରଦାନକାରୀ ସଂସ୍ଥା ଓ ବ୍ୟକ୍ତିବିଶେଷ ଏସବୁ ଗାଁକୁ ଯିବା ଆସିବା କରିବା ଲାଗି ଅନାଗ୍ରହ ପ୍ରକାଶ କରୁଛନ୍ତି। ଉଭୟପାର୍ଶ୍ୱରୁ ଗ୍ରାମଗୁଡିକୁ ସଡ଼କ ସଂଯୋଗ କରାଗଲେ ଗୋଟିଏ ଗ୍ରାମରୁ ଅନ୍ୟ ଗାଁକୁ ଯିବା ଆସିବା ସହଜ ତଥା ଲାଭଦାୟକ ହୋଇପାରନ୍ତା। ଏହାକୁ ବିଚାର କରି ଗୋଟିଏ ଗାଁରୁ ଅନ୍ୟ ଗାଁ ସହ ସଡ଼କ ସଂଯୋଗର କାର୍ଯ୍ୟ କରାଯାଉଛି।




ଆମେ ଶିଳ୍ପାଞ୍ଚଳ କରିଡ଼ରକୁ ଦେଖିଲେ ଦେଶରେ ରହିଛି ୫ଟି କରିଡ଼ର। ସର୍ବାଧିକ ଅତ୍ୟାଧୁନିକ ଯୋଜନାବଦ୍ଧ ଶିଳ୍ପାଞ୍ଚଳ କରିଡ଼ର ହେଉଛି ପ୍ରଥମତଃ ଦିଲ୍ଲୀ-ମୁମ୍ବଇ ଇଣ୍ଡଷ୍ଟ୍ରିଆଲ କରିଡ଼ର। ଅନ୍ୟ କରିଡ଼ର ଗୁଡିକ ମଧ୍ୟରେ ଚେନ୍ନଇ-ବେଙ୍ଗାଲୁରୁ, ବେଙ୍ଗାଲୁରୁ-ମୁମ୍ବଇ, ଅମୃତସର-କଲକାତା ଏବଂ ବିଶାଖପାଟନମ୍-ଚେନ୍ନଇ ଶିଳ୍ପାଞ୍ଚଳ କରିଡ଼ର ରହିଛି। ଶିଳ୍ପକୁ ସରକାର ଗୁରୁତ୍ୱ ଦେଉଥିବାରୁ ଏଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ କରିଡ଼ ନିର୍ମାଣ ବେଳେ କେବଳ କରିଡ଼ର ଉପରେ ଧ୍ୟାନ ନଦେଇ ବରଂ କରିଡର ସହ ସଂଲଗ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ବିକାଶ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି।

ରେଳବାଇ କ୍ଷେତ୍ରରେ ମଧ୍ୟ ନିର୍ଦ୍ଧାରିତ ମାଲପରିବହନକୁ ପ୍ରାଧାନ୍ୟ ଦିଆଯାଇ ଫ୍ରେଟ୍

କରିଡର (ଡିଏଫସି) ସ୍ଥାପନ କରାଯାଇଛି । ଦିଲ୍ଲୀ-ମୁମ୍ବଇ କରିଡ଼ର ଓ ଅମୃତସର-କୋଲକାତା କରିଡର ହେଉଛି ଦେଶର ପରିବହନ କ୍ଷେତ୍ର ଲାଗି ଗୋଟିଏ ଗୋଟିଏ ମେରୁଦଣ୍ଡ ସଦୃଶ୍ୟ ।

ଏହା କହିବା ଉଚିତ ହେବ ଯେ, ୨୦୧୬ ବଜେଟରେ କୋଲକାତା-ମୁମ୍ବଇ, ଦିଲ୍ଲୀ-ଚେନ୍ନଇ ଓ ଖଡ଼ଗପୁର-ବିଜୟୱାଡା ରେଲୱେ ଫ୍ରେଟ୍ (ମାଲପରିବହନ) କରିଡ଼ର ସଂପର୍କରେ ଘୋଷଣା କରାଯାଇଥିଲା । ବିଶାଖପାଟଣା-ଚେନ୍ନଇ ଶିଳ୍ପାଞ୍ଚଳ କରିଡ଼ର ଦିଲ୍ଲୀ-ଚେନ୍ନଇ ଓ ଖଡ଼ଗପୁର-ବିଜୟୱାଡା ଡିଏଫସିକୁ ସହାୟତା କରିପାରିବ । ଚଳିତ ବଜେଟ୍ ପଶ୍ଚିମାଞ୍ଚଳ ଓ ପୂର୍ବାଞ୍ଚଳ ଡିଏଫସି ଉପରେ ଗୁରୁତ୍ୱ ଦେଇଛି; ଯାହାକି ସଂପ୍ରତି ନିର୍ମାଣାଧୀନ ରହିଛି । ଏହି ଦୁଇଟି କରିଡ଼ର ନିର୍ମାଣକୁ ସଂପୂର୍ଣ୍ଣ କରିବା ଲାଗି ଲକ୍ଷ୍ୟ ରଖାଯାଇଛି । ସରକାରୀ ଓ ଘରୋଇ ସହଭାଗିତା (ପିପିପି)ରେ ଆଧୁନିକୀକରଣକୁ ସୁଦୃଢ଼ କରିବା ସରକାରଙ୍କ ନୀତି ବୋଲି ବଜେଟ୍‌ରେ ସ୍ପଷ୍ଟ କରାଯାଇଛି । ୨୦୩୦ ମସିହା ପାଇଁ ଏବାବଦରେ ମୋଟ ୫୦ ଲକ୍ଷ କୋଟି ଟଙ୍କା ନିବେଶ କରିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସଂପ୍ରତି ରେଳ ଜରିଆରେ ପ୍ରତି ଟନ୍ କିଲୋମିଟର ମାଲପରିବହନ ୩୫ ପ୍ରତିଶତ ଥିବାବେଳେ ୨୦୩୨ ସୁଦ୍ଧା ଏହାକୁ ୫୦ ପ୍ରତିଶତରେ ପହଞ୍ଚାଇବା ଲକ୍ଷ୍ୟ ସ୍ଥିର ହୋଇଛି । ପରିବେଶ ଦୃଷ୍ଟିକୋଣରୁ ଏହା ଏକ ପ୍ରମୁଖ ଟାର୍ଗେଟ ବୋଲି କୁହାଯାଇପାରିବ । ଏଥିପାଇଁ ଉପଯୁକ୍ତ ପୁଞ୍ଜିନିବେଶ ଓ ଗ୍ରାହକ ସେବାଭିତ୍ତିକ କରାଗଲେ ଲକ୍ଷ୍ୟଧାର୍ଯ୍ୟ ହାସଲ ଅସମ୍ଭବ ନୁହେଁ ।

ଏହା ସ୍ମରଣ ମଧ୍ୟ ରଖିବାକୁ ହେବ ଯେ, ପ୍ରାୟ ସମସ୍ତ ଭିତ୍ତିଭୂମି କ୍ଷେତ୍ରରେ ସେବାକ୍ଷେତ୍ର ପ୍ରଥମେ ଘରୋଇକରଣ ହୋଇଥାଏ । ଏହାପରେ ଆବଶ୍ୟକ ହେଲେ ବୃହତ୍ ଭିତ୍ତିଭୂମି କ୍ଷେତ୍ରରେ ଏହାକୁ ଲାଗୁ କରାଯାଇପାରେ । ଉଦାହରଣ ଭାବେ ବିମାନ ଚଳାଚଳ ଓ ଜାହାଜ ଚଳାଚଳ କ୍ଷେତ୍ରକୁ ନିଆଯାଇପାରେ; ଏଠାରେ ପ୍ରଥମେ ସେବାକ୍ଷେତ୍ରକୁ ଘରୋଇକରଣ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ବିମାନ ବନ୍ଦର ଓ ପୋର୍ଟ ନିର୍ମାଣ ଭିତ୍ତିଭୂମି ବିକାଶ ଲାଗି ସରକାରୀ-ଘରୋଇ ସହଭାଗିତା (ପିପିପି) ଜରିଆରେ ଲାଗୁ କରାଯାଉଛି । ଅନ୍ୟାନ୍ୟ ନିର୍ମାଣ କ୍ଷେତ୍ରରେ ପିପିପି ଚାଲୁରହିଥିବାବେଳେ ରେଳବାଇ କ୍ଷେତ୍ରରେ ଏହା ପଛରେ ରହିଛି ।




ବିଶେଷକରି ସଡ଼କ ନିର୍ମାଣ କ୍ଷେତ୍ରରେ ପିପିପି ପରୀକ୍ଷଣ ଉତ୍ସାହଜନକ ରହିଛି । ପ୍ରଗତି ଲାଗି ପିପିପିର ଆବଶ୍ୟକତା ରହିଛି । ଟୋଲ୍ ଆଦାୟ, ଅଣଟୋଲ ଆୟ, ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ, କାର୍ଯ୍ୟାନ୍ୱୟନ-ରକ୍ଷଣାବେକ୍ଷଣ-ହସ୍ତାନ୍ତର(ଓଏମଟି), ହାଇବ୍ରିଡ୍ ଆନୁଇଟି ମଡେଲ ଇତ୍ୟାଦି ଜରିଆରେ ଏହି କ୍ଷେତ୍ରକୁ କେବଳ ଫାଇଦା ମିଳିନି; ବରଂ ଦୃଢ଼ ଆସ୍ଥା ମଧ୍ୟ ସୃଷ୍ଟି ହୋଇପାରିଛି । ନବେ ଦଶକ ଆରମ୍ଭରୁ ଚଳିତ ଶତାବ୍ଦୀ ପହଞ୍ଚିବା ଭିତରେ ବୃହତ୍ ପ୍ରକଳ୍ପ ଲାଗି ଦୂରଦୃଷ୍ଟି ଲକ୍ଷ୍ୟରେ ପୁଞ୍ଜିନିବେଶ କରାଯାଇ ସଫଳତା ମିଳିଛି । ସ୍ୱର୍ଣ୍ଣ ଚତୁଃଭୂଜ ଯୋଜନାରୁ ଆରମ୍ଭ ହୋଇଥିବା ଏହି ପିପିପି ପରୀକ୍ଷଣ ପରବର୍ତ୍ତୀ ସମୟରେ ଜାତୀୟ ରାଜପଥ ଉନ୍ନୟନ ପ୍ରକଳ୍ପ(ଏନଏଚଡିପି) ଏବଂ ସଂପ୍ରତି ଭାରତମାଳାରେ ମଧ୍ୟ ଉପଯୋଗୀ ହୋଇଛି । ଭାରତମାଳାରେ ପ୍ରଥମ ପର୍ଯ୍ୟାୟରେ ୩୪,୮୦୦ କିଲୋମିଟର ଦୀର୍ଘ ରାଜପଥ ନିର୍ମାଣ ଲାଗି ୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଦ୍ୱିତୀୟ ପର୍ଯ୍ୟାୟ ଭାରତମାଳାରେ ୩୦୦୦ କିଲୋମିଟର ଏକ୍ସପ୍ରେସ୍‌ୱେ, ୪୦୦୦ କିମିର ଗ୍ରୀନ୍‌ଫିଲ୍ଡ ସଡ଼କପଥ ସହ ରାଜ୍ୟ ସରକାରଙ୍କ ସଡ଼କ ନିର୍ମାଣ ଲାଗି ମଧ୍ୟ ଗୁରୁତ୍ୱ ଦିଆଯାଉଛି । ସଡ଼କ ନିର୍ମାଣ କ୍ଷେତ୍ରରେ କେତେକ ଆଇନଗତ ବିବାଦ ବିଶେଷକରି ଜମି ଅଧିଗ୍ରହଣରେ ଅହେତୁକ ବିଳମ୍ବ, ଆଇନଗତ ଜଟିଳତା, ପରିବେଶ ମଞ୍ଜୁରୀଜନିତ ସମସ୍ୟା ଯୋଗୁଁ ପ୍ରକଳ୍ପ ଡେରି ହେବା ସହ ବ୍ୟୟଭାର ମଧ୍ୟ ବଢ଼ୁଛି ।

ପିଏମଜିଏସୱାଇ ଏବଂ ଏଚଏନଡିପି/ଭାରତମାଳା ପରିଯୋଜନା ଗୁଡ଼ିକରେ କେନ୍ଦ୍ର ସରକାରଙ୍କ ପଦକ୍ଷେପ ରାଜ୍ୟ ସରକାରମାନଙ୍କୁ ମଧ୍ୟ ନିଜ ନିଜ କ୍ଷେତ୍ରରେ ସଡ଼କ ଭିତ୍ତିଭୂମି ସୁଧାରିବା ଲାଗି ପ୍ରୋତ୍ସାହିତ କରୁଛି । କେତେକ ରାଜ୍ୟ ମଧ୍ୟ ରାଜ୍ୟ ସଡ଼କ ଉନ୍ନୟନ ନିଗମ ଗଠନ କଲେଣି । ପିପିପି ଜରିଆରେ କେତେକ ଗୁରୁତ୍ୱପୂର୍ଣ୍ଣ କରିଡ଼ରକୁ ବିକଶିତ କରୁଛନ୍ତି । ଯେଉଁ ସବୁ ଗାଁର ଜନସଂଖ୍ୟା ଅପେକ୍ଷାକୃତ କମ୍ ଓ ସେଗୁଡ଼ିକ ପିଏମଜିଏସୱାଇ ନିୟମାବଳୀ

ଭିତରେ ଆସୁନାହିଁ, ସେଠାରେ ସଡ଼କ ନିର୍ମାଣ ଲାଗି କେତେକ ରାଜ୍ୟ ମଧ୍ୟ 'ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା' (ଏମଏମଜିଏସୱାଇ) ନାଁରେ ନିଜସ୍ୱ ଯୋଜନା କରିଛନ୍ତି।

ଭାରତରେ ମୋଟ ଘରୋଇ ଉତ୍ପାଦକୁ ବଢାଇବା ଦିଗରେ ଏକାକୀ ସଡ଼କ ନେଟୱାର୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସଡ଼କପଥରେ ମାଲ ପରିବହନ ୬୦ ପ୍ରତିଶତ ହେଉଛି। ଟ୍ରକ୍ ସଂସ୍ଥାକୁ ଏହା ପ୍ରକାରାନ୍ତରେ ବୃହତ୍ ଫାଇଦା ଦେଉଛି। ଟ୍ରକ୍ ଜରିଆରେ ମାଲ ପରିବହନରେ ଉନ୍ନତି ସହ ଭରସା ମଧ୍ୟ ବଢିଛି। ଗାଡି ଗୁଡିକର ଉପଯୁକ୍ତ ବିନିଯୋଗ ମଧ୍ୟ ହେଉଛି। ପରିବହନ କ୍ଷେତ୍ରରେ ଯେଉଁ ବିଭ୍ରାଟ ସୃଷ୍ଟି ହେଉଥିଲା ତାହା ଡିଜିଟାଲ ଜ୍ଞାନକୌଶଳର ଉପଯୋଗ ତଥା ସୁବିଧା ସୁଯୋଗ ଯୋଗାଣ ଶୃଙ୍ଖଳାରେ ଅଧିକ ସହଜ ହୋଇଛି। ବିଦ୍ୟୁତ୍‌ଚାଳିତ ଯାନ ଉପରେ ଏବେ ସରକାର ଗୁରୁତ୍ୱ ଦେଉଛନ୍ତି। ବିଦ୍ୟୁତ୍‌ଚାଳିତ ଯାନ ବିକ୍ରି ଓ ଚଳାଚଳ ବୃଦ୍ଧି ଲାଗି ଏଦିଗରେ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଦିଆଯିବା ଲାଗି ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ଏହାକୁ ଅଧିକରୁ ଅଧିକ ଗ୍ରହଣକଲେ ପ୍ରଦୂଷଣ ସ୍ତର କମିବା ସହିତ ଅଙ୍ଗାରକାମ୍ଳର କୁପ୍ରଭାବ ହ୍ରାସ ପାଇବ।

ଭାରତମାଳା ଭଳି ସାଗରମାଳା ପ୍ରକଳ୍ପ ମଧ୍ୟ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳଲାଗି ଏକ ସମନ୍ୱିତ ପୁଷ୍ପହାର ସଦୃଶ୍ୟ ପରିଯୋଜନା। ଆମଦାନୀ ଓ ରପ୍ତାନୀକୁ ତ୍ୱରାନ୍ୱିତ କରିବା ସହ ପଛେଇ ଯାଇଥିବା ଉପକୂଳ ପରିବହନ ବ୍ୟବସ୍ଥାକୁ ଏହା ଅଧିକ ବିକଶିତ କରିବା ଆଶା ରଖେ। ଅବଶ୍ୟ ପରିବହନ ବ୍ୟବସ୍ଥାକୁ ଅନ୍ତିମ ବ୍ୟକ୍ତି ନିକଟରେ ପହଞ୍ଚାଇବା ଲାଗି ଉପକୂଳ ପରିବହନ ଏକ ଚ୍ୟାଲେଞ୍ଜ। କାରଣ ଏଥିପାଇଁ ଜଳ ଓ ସ୍ଥଳ ଦୁଇ ଦୁଇଟି ବ୍ୟବସ୍ଥାରେ ପରିବହନ ସମ୍ପର୍କ। ଭାରତରେ ବନ୍ଦର କ୍ଷମତା ଏବେ କ୍ରମାଗତ ବିକଶିତ ହେବାରେ ଲାଗିଛି। ଆମଦାନୀ ଓ ରପ୍ତାନୀ ଚାହିଦାକୁ ଦେଖି ଘରୋଇ ସହଭାଗିତାରେ ପୁରୁଣା ବନ୍ଦର ଗୁଡିକର ବିକାଶ ସହ ନୂତନ ବନ୍ଦର ପ୍ରତିଷ୍ଠା କରାଯାଉଛି।




## ସ୍ୱାସ୍ଥ୍ୟସେବାର ବ୍ୟାପକତା

- ବିଶ୍ୱର ସ୍ୱର୍ବବୃହତ୍ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ ଉଦ୍‌ଘାଟିତ
- ୧୦ ଲକ୍ଷରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଲାଭ ମିଳିସାରିଛି
- ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର ମାଧ୍ୟମରେ ସୁଲଭ ଦରରେ ଔଷଧ ଯୋଗାଣ
- ଅତ୍ୟାବଶ୍ୟକ ଔଷଧ, ହୃଦୟ ପାଇଁ ଷ୍ଟେଣ୍ଟ ଓ ଆଣ୍ଠୁ ପ୍ରତ୍ୟାରୋପଣ ଉପକରଣର ମୂଲ୍ୟ ହ୍ରାସ
- ଏପର୍ଯ୍ୟନ୍ତ ୨୧ଟି ଏମ୍ସ କାର୍ଯ୍ୟକ୍ଷମ ହୋଇସାରିଛି। ୨୦୧୪ ମସିହାରେ ଏଥିମଧ୍ୟରୁ ୧୪ଟି ଏମ୍ସ ସମ୍ପର୍କରେ ଘୋଷଣା ହୋଇଥିଲା।
- ୨୨ତମ ଏମ୍ସ ପ୍ରତିଷ୍ଠା ହେବ ହରିଆଣାରେ

/PIB_India /PIBHindi /pibindia /pibindia /pibindia.wordpress.com /pibindia pib.gov.in

ବିଭିନ୍ନ କ୍ଷେତ୍ରରେ ରହିଥିବା ଦୀର୍ଘମିଆଦୀ ଯୋଜନାରେ ବ୍ୟାପକ ସଂସ୍କାର ଓ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଏହି ବାର୍ଷିକ ବଜେଟ୍ ପ୍ରସ୍ତୁତ କରାଯାଇଛି ଏବଂ ଏଥିପାଇଁ ଅଧିକ ବ୍ୟୟବରାଦ ହୋଇଛି। ଏଭଳି ଉକ୍ତି ଜରିଆରେ ଅର୍ଥମନ୍ତ୍ରୀ କେତେକ ଯୁଗାନ୍ତକାରୀ ପ୍ରମୁଖ ପ୍ରକଳ୍ପ ସଂପର୍କରେ ଅବତାରଣା କରିଛନ୍ତି। ଉଦାହରଣ ସ୍ୱରୂପ ଗ୍ରାମାଞ୍ଚଳରେ ସଡ଼କ ନେଟୱାର୍କର ତ୍ୱରିତ ବିକାଶ ଲାଗି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମଜିଏସୱାଇ)ରେ କରାଯାଉଥିବା ଆର୍ଥିକ ଆବଣ୍ଟନ। ଦେଶର ଏହା ହେଉଛି ସବୁଠୁ ସଫଳ ଯୋଜନା ମଧ୍ୟରେ ଅନ୍ୟତମ।୨୦୦୦ ମସିହା ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୯୩ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇଛି।

ଜଳମାର୍ଗ ବିକାଶ ପ୍ରକଳ୍ପ ଜରିଆରେ ଅନ୍ତର୍ଦେଶୀୟ ଜଳପଥ ପରିବହନ ମଧ୍ୟ ଆମ ପାଇଁ ଏକ ବୃହତ୍ ସମ୍ଭାବନା ସୃଷ୍ଟି କରିଛି। ଜାତୀୟ ଜଳମାର୍ଗ ବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ଟର୍ମିନାଲ ନିର୍ମାଣକୁ ଏହି ପ୍ରକଳ୍ପରେ ସାମିଲ କରାଯାଇଛି। ତେବେ ଅନ୍ତିମ ବ୍ୟକ୍ତି ଓ ସ୍ଥାନକୁ ପରିବହନ ସଂଯୋଗ ସୁନିଶ୍ଚିତ କରିବା ଲାଗି ଦୁଇ(ଜଳ ଓ ସ୍ଥଳଭାଗରେ) ପରିବହନ ମାର୍ଗ ବିକାଶିତ କରିବା ଏକ ଆହ୍ୱାନ। ଅନ୍ତର୍ଦେଶୀୟ ଜଳପଥକୁ ଅଧିକ ପ୍ରତିଯୋଗିତାମୂଳକ କରିବା ଲାଗି ନଦୀ ସଂଯୋଗୀକରଣ, ରାତ୍ରିକାଳୀନ ପରିବହନ ଭଳି ରହିଥିବା କେତେକ ଗୁରୁତର ସମସ୍ୟାକୁ ଦୂର କରିବାକୁ ପଡିବ।

ଦୀର୍ଘବର୍ଷର ମନ୍ଥରତା ପରେ ବିମାନ ଚଳାଚଳ କ୍ଷେତ୍ରରେ ଏବେ ପୁଣି ଫେରିଛି ଘରୋଇ-ସରକାରୀ ସହଭାଗିତାରେ ବିମାନ ବନ୍ଦର ବିକାଶ କାର୍ଯ୍ୟ। ପ୍ରାରମ୍ଭିକ ପର୍ଯ୍ୟାୟରେ ୫ଟି ବିମାନ ବନ୍ଦର(କୋଚିନ୍, ହାଇଦ୍ରାବାଦ, ବେଙ୍ଗାଲୁରୁ, ମୁମ୍ବଇ ଓ ଦିଲ୍ଲୀ)କୁ



୨୦୦୪-୦୭ ମସିହା ମଧ୍ୟରେ ସଂପୂର୍ଣ୍ଣ କରାଯାଇ ପାରିଛି । ଟେଣ୍ଡର ପ୍ରକ୍ରିୟା, ବିଡିଂ, ଠିକାଦାରୀ ଏବଂ ପରିବେଶ ମଞ୍ଜୁରୀ ଓ ବିମାନ ବନ୍ଦର ଘରୋଇକରଣ ଭଳି ପ୍ରସଙ୍ଗ ଯୋଗୁଁ କାର୍ଯ୍ୟ ବନ୍ଦ ହୋଇଯାଇଥିଲା । କିଛିବର୍ଷ ଭିତରେ ନଭୀମୁମ୍ବଇ( ମହାରାଷ୍ଟ୍ର) ଓ ମୋପା (ଗୋଆ)ଭଳି କେତେକ ବିମାନ ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ ତଥା ବେଶ୍ ସକ୍ରିୟ ରହିଛି । ବିଶାଖାପାଟଣାର ଭୋଗପୁରୁମ୍ କାର୍ଯ୍ୟକୁ ମଧ୍ୟ ରାଜ୍ୟରେ ନୂତନ ସରକାର ଆସିବା ପରେ ସମୀକ୍ଷା କରାଯାଇଛି । ଓଏମ୍‌ଟି ଫ୍ରେମ୍‌ୱାର୍କ ଜରିଆରେ ଜଣେ ବିଡରକୁ ସମସ୍ତ ୬ଟି ବିମାନ ବନ୍ଦରର ଆଧୁନିକୀକରଣ କାର୍ଯ୍ୟ ଏନଏଚଏଆଇ କର୍ତ୍ତୃପକ୍ଷ ପ୍ରଦାନ କରିଛନ୍ତି । ଗ୍ରାହକ ସେବାରେ ଉନ୍ନତି ଏବଂ ଏକାଧିକ ବିମାନ ବନ୍ଦର ପ୍ରତିଷ୍ଠା କରି କେବଳ ଯାତାୟତକୁ ସୁଗମ ନୁହେଁ; ବରଂ ରାଜସ୍ୱ ଆଦାୟ ମଧ୍ୟ ବଢାଯାଇପାରିଛି ।

ଆମେ ଶିଳ୍ପାଞ୍ଚଳ କରିଡ଼ରକୁ ଦେଖିଲେ ଦେଶରେ ରହିଛି ୫ଟି କରିଡ଼ର । ସର୍ବାଧିକ ଅତ୍ୟାଧୁନିକ ଯୋଜନାବଦ୍ଧ ଶିଳ୍ପାଞ୍ଚଳ କରିଡ଼ର ହେଉଛି ପ୍ରଥମତଃ ଦିଲ୍ଲୀ-ମୁମ୍ବଇ ଇଣ୍ଡଷ୍ଟ୍ରିଆଲ କରିଡ଼ର । ଅନ୍ୟ କରିଡ଼ର ଗୁଡିକ ମଧ୍ୟରେ ଚେନ୍ନଇ-ବେଙ୍ଗାଲୁରୁ, ବେଙ୍ଗାଲୁରୁ-ମୁମ୍ବଇ, ଅମୃତସର-କଲକାତା ଏବଂ ବିଶାଖପାଟନମ୍-ଚେନ୍ନଇ ଶିଳ୍ପାଞ୍ଚଳ କରିଡ଼ର ରହିଛି । ଶିଳ୍ପକୁ ସରକାର ଗୁରୁତ୍ୱ ଦେଉଥିବାରୁ ଏଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ତେବେ କରିଡ଼ ନିର୍ମାଣ ବେଳେ କେବଳ କରିଡ଼ର ଉପରେ ଧ୍ୟାନ ନଦେଇ ବରଂ କରିଡର ସହ ସଂଲଗ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ବିକାଶ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି ।

ସାଧାରଣ ଲୋକଙ୍କ ପାଇଁ ସ୍ୱଳ୍ପସମୟରେ ଦେଶର ବିଭିନ୍ନ ସହରରେ ପହଞ୍ଚିବା ଲାଗି (ସର୍ଭିସ୍ କନେକ୍ଟିଭିଟି) ସରକାରଙ୍କ ସୁପରିଚାଳିତ 'ଉଡାନ୍' ଯୋଜନା ପ୍ରଶଂସନୀୟ । ନିର୍ଦ୍ଧାରିତ ବିମାନସେବା କମ୍ପାନୀଙ୍କୁ ଏନେଇ ତୃତୀୟ ପର୍ଯ୍ୟାୟର ଲେଟର୍ସ ଅଫ୍ ଇଣ୍ଟେଣ୍ଟ ଜାରି କରାଯାଇସାରିଛି । ଉଭୟ ନିୟନ୍ତ୍ରିତ (ରିଆତିଯୁକ୍ତ) ଓ ଅଣନିୟନ୍ତ୍ରିତ ଦରରେ ସମନ୍ୱୟ ରକ୍ଷାକରି କ୍ରିୟାଶୀଳ ବିମାନ ବନ୍ଦର ଓ ରୁଟ୍‌ରେ ସେବା ପ୍ରଦାନ କରିବାକୁ ନୀତି ନିର୍ଦ୍ଧାରିତ ହୋଇଛି । ଏୟାର ଇଣ୍ଡିଆ ଭଳି ସରକାରୀ ବିମାନ ସେବା କମ୍ପାନୀର ଘରୋଇକରଣ ଉପରେ ମଧ୍ୟ ବିଚାର କରାଯାଉଛି । କ୍ରମାଗତ କ୍ଷତିରେ ଚାଲୁଥିବା ଏହି ସଂସ୍ଥାକୁ ଅଧିକ ସରକାରୀ ସହାୟତା ନଦେଇ ଘରୋଇକରଣ କରାଯିବା ଉପରେ ଏଥର ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି ।

ସର୍ବୋପରି, ଏଥର ବଜେଟ୍‌ରେ ପୂର୍ବରୁ ଯେଉଁସବୁ କାର୍ଯ୍ୟ ତଥା ପ୍ରକଳ୍ପ ଚାଲିଛି ତାହାର ଗତିକୁ ତ୍ୱରାନ୍ୱିତ କରିବା ଲାଗି ଗୁରୁତ୍ୱ ଦିଆଯାଉଛି । ଭିତ୍ତିଭୂମିର ଗତିଶୀଳ ବିକାଶ କରାଇବା ହେଉଛି ସରକାରଙ୍କ ପ୍ରାଥମିକତା । ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ୫ ବର୍ଷ ଲାଗି ଲକ୍ଷ୍ୟ ସ୍ଥିର ହୋଇଛି । ବିଶେଷକରି ଭିତ୍ତିଭୂମି କ୍ଷେତ୍ର ଲାଗି ୧୦୦ ଲକ୍ଷ କୋଟି ଟଙ୍କା ପୁଞ୍ଜିନିବେଶ କରିବାକୁ ସ୍ଥିର ହୋଇଛି । ଏଥିପାଇଁ ବ୍ୟାପକ ଯୋଜନା, ତଦାରଖ ବ୍ୟବସ୍ଥା ଏବଂ କ୍ରିୟାନ୍ୱୟନର ନକ୍ସା କେନ୍ଦ୍ର ସରକାର ପ୍ରସ୍ତୁତ କରିସାରିଛନ୍ତି ।

ଏସବୁ ସତ୍ତ୍ୱେ ଏବେ ବି ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ପିପିପି ଜରିଆରେ ପୁଞ୍ଜି ଯୋଗାଡ଼ ଏବଂ ସମସ୍ତଙ୍କ ନିକଟରେ ସେବା ଓ ସଂଯୋଗ ପହଞ୍ଚାଇବା ଲାଗି ଏକାଧିକ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବା ସବୁଠୁ ବଡ଼ ଆହ୍ୱାନ ହୋଇ ରହିଛି ।

**ଲେଖକ ହେଉଛନ୍ତି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ବାଙ୍ଗାଲୋରର ନିର୍ଦ୍ଦେଶକ ।**
**Email ID: director@iimb.ac.in**

# ସମର୍ଥ ଭାରତ : ସମୃଦ୍ଧ ଭାରତ

ଅଭୟ ଦ୍ୱିବେଦୀ

୨୦୧୫ ମସିହାରେ ଆମରି ଦେଶର ଗୋଟିଏ ଗାଁର ଚିତ୍ର ଅନୁଶୀଳନ କରିବା । ଗୁଜରାଟ ଶବରକଣ୍ଠ ଜିଲ୍ଲାର ଏ ଗାଁ ର ନାମ ଆକୋଦୋରା । ଲୋକସଂଖ୍ୟା ୧୨୦୦ । ପ୍ରାୟ ସମସ୍ତେ କୃଷକ । ସମସ୍ତଙ୍କ ହାତରେ ସ୍ମାର୍ଟ୍ ଫୋନ୍ । ପୂରା ଗାଁ ୱାଇ-ଫାଇ ଦ୍ୱାରା ସଂଯୁକ୍ତ । ଗାଁର ଅଙ୍ଗନବାଡି, ପ୍ରାଇମେରୀ(ପ୍ରଥମରୁ ଅଷ୍ଟମ) ଏବଂ ଉଚ୍ଚ ମାଧ୍ୟମିକ(ନବମରୁ ଦ୍ୱାଦଶ) ବିଦ୍ୟାଳୟର ପ୍ରତିଟି କକ୍ଷରେ ସିସିଟିଭି କ୍ୟାମେରା । ପିଲାମାନେ ବିଦ୍ୟାଳୟରେ ପ୍ରବେଶ କରି ପରିଚୟପତ୍ର (ଆଇଡି) ମେସିନରେ ସ୍ୱାଇପ୍ କରିବାମାତ୍ରେ ମା ବାପାଙ୍କୁ ମୋବାଇଲରେ ସନ୍ଦେଶ ମିଳିଯାଏ । ମୋବାଇଲରେ ଗୋଟିଏ ସ୍ୱତନ୍ତ୍ର ଆପ୍ ମାଧ୍ୟମରେ ପିଲାମାନଙ୍କ ଉପରେ ନଜର ରଖିହୁଏ । ବିଦ୍ୟାଳୟରେ ବ୍ଲାକ୍‌ବୋର୍ଡ ବଦଳରେ ସ୍ମାର୍ଟବୋର୍ଡ ବ୍ୟବସ୍ଥା ରହିଛି । ଚକ୍ ବଦଳରେ କମ୍ପ୍ୟୁଟର ଏବଂ ପ୍ରୋଜେକ୍ଟର ବ୍ୟବହାର କରାଯାଏ । ଫଳରେ ବୋର୍ଡରେ ଯାହା ଲେଖାଯାଏ ତାହା ସାଇତି ରଖି ପରେ ପ୍ରିଣ୍ଟ କରିହୁଏ । (ଏହି କ୍ଷେତ୍ରରେ ଦକ୍ଷିଣ କୋରିଆ ରାଷ୍ଟ୍ର ଆଉ ପାଦେ ଆଗରେ ଅଛି । କୌଣସି ଦିନ ଛାତ୍ର/ଛାତ୍ରୀ ଶ୍ରେଣୀରେ ଅନୁପସ୍ଥିତ ରହିଲେ , ବିଦ୍ୟାଳୟର ୱେବ୍‌ସାଇଟରୁ ସେମାନେ ସେହି ଦିନର ପାଠପଢ଼ା ସଂପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରିପାରନ୍ତି ।) ଗ୍ରାମବାସୀମାନେ Reuters Market Live (RML) ସାହାଯ୍ୟରେ କୃଷି ସଂପର୍କୀୟ ସମସ୍ତ ତଥ୍ୟ: ଯଥା: ପାଣିପାଗ, କୃଷିଜାତ ଦ୍ରବ୍ୟର ମୂଲ୍ୟ ଇତ୍ୟାଦି ମୋବାଇଲରେ ପାଇଯାଆନ୍ତି ଏବଂ ଡିଜିଟାଲ ଡିସ୍‌ପ୍ଲେ ବୋର୍ଡରୁ ସଂଗ୍ରହ କରନ୍ତି । ଏହି ଗାଁରେ ଗୋଟିଏ ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । କୌଣସି ରୋଗୀ ଗୁରୁତର ରୋଗରେ ଆକ୍ରାନ୍ତ ହେଲେ , ଭିଡିଓ କନ୍‌ଫେରେନ୍ସ ଏବଂ ସ୍ୱତନ୍ତ୍ର ସଫ୍ଟୱେୟାର ସାହାଯ୍ୟରେ ହ୍ୱରଙ୍କକ୍ଷ୍ୱର ଯସବଶଭକ୍ଷ୍ୱସସ୍ୱ ମାଧ୍ୟମରେ ବିଶେଷଜ୍ଞମାନଙ୍କ ପରାମର୍ଶ ନେଇହୁଏ । ଫଳରେ ଆଉ ରୋଗୀକୁ ବଡ ହସ୍‌ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ରହେନାହିଁ। ଗ୍ରାମବାସୀମାନେ ନଗଦ କାରବାର କରନ୍ତି ନାହିଁ । ସମସ୍ତଙ୍କର ବ୍ୟାଙ୍କରେ ଖାତା ରହିଛି , ଏଟିଏମ୍ ଅଛି । ନେଟ୍ ବ୍ୟାଙ୍କି ଏବଂ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ସହିତ ସମସ୍ତେ ଅଭ୍ୟସ୍ତ । ଗାଁର ଚା’ ଓ ତେଜରାଜି ଦୋକାନରେ ମଧ୍ୟ ନଗଦ ଦେବାକୁ ପଡେନାହିଁ। ମୋବାଇଲ ବ୍ୟାଙ୍କିଙ୍ଗ୍‌ରେ କାମ ଚଳିଯାଏ। ଯେହେତୁ ସବୁ ବ୍ୟାଙ୍କ ଖାତା ଆଧାର କାର୍ଡ ସହିତ ସଂଯୁକ୍ତ, ସମସ୍ତ ସରକାରୀ ସାହାଯ୍ୟ ଯଥା: ବାର୍ଦ୍ଧକ୍ୟ ଭତ୍ତା, ପେନ୍‌ସନ୍ ଇତ୍ୟାଦି ଆପଣାଛାଏଁ ଖାତାକୁ ଆସିଯାଏ ।

୨୦୧୫ ମସିହାରେ ଏ ହେଉଛି ଆମ ଦେଶର ପ୍ରଥମ ଡିଜିଟାଲ ଗାଁ - ଯେଉଁଠି ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାବସାୟିକ କାରବାର ସବୁ କିଛି ହାଇଟେକ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁମ୍ବାଇରେ ଏକ ସ୍ୱତନ୍ତ୍ର ଉତ୍ସବରେ ଆକୋଦାରାକୁ ଦେଶର ପ୍ରଥମ ଡିଜିଟାଲ ଗ୍ରାମ ଘୋଷଣା କରୁଥିବାବେଳେ ଗ୍ରାମବାସୀମାନେ ଭିଡିଓ କନେଫେରେନ୍ସରେ ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ । ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦେଶର ସମୁଦାୟ ୬, ୪୦,୮୬୭ ଗ୍ରାମ ମଧ୍ୟରୁ (୨୦୧୧ ମସିହା ଜନଗଣନା ଆଧାରରେ) ଏକ ଲକ୍ଷ ଗ୍ରାମକୁ ୧୦,୦୦୦ କୋଟି ଟଙ୍କା ବ୍ୟୟରେ ଏହିଭଳି ଡିଜିଟାଲ ଗ୍ରାମ (ସଂକ୍ଷେପରେ ଡିଜିଗାଁ)ରେ ପରିଣତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଆଧାରରେ ଆଗାମୀ ୩୦ ବର୍ଷ ମଧ୍ୟରେ ଦେଶର ପ୍ରତିଟି ଗ୍ରାମ ଡିଜି ଗାଁ ରେ ପରିଣତ ହୋଇଯିବ ଏବଂ ଡିଜିଟାଲ ଭାରତ ସ୍ୱପ୍ନ ସଫଳ ହେବ। ଡିଜି ଗାଁ ହେଉଛି ଡିଜିଟାଲ ଭାରତର ପ୍ରମୁଖ ଅଙ୍ଗ।

ଜୁଲାଇ ୫ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ଶାସନକାଳର ପ୍ରଥମ ବଜେଟ ପରିବେଷଣ କରିବା ସମୟରେ ଆଗାମୀ ୫ ବର୍ଷ ମଧ୍ୟରେ ଦେଶକୁ ୫ ଟ୍ରିଲିୟନ ଡଲାର ରାଷ୍ଟ୍ରରେ ପରିଣତ କରିବାର ସ୍ୱପ୍ନ ସଞ୍ଚାର କରିଛନ୍ତି ।


୨୦୧୪ ମସିହାରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ସମୟରେ ଅର୍ଥବ୍ୟବସ୍ଥାର ଆକାର ଥିଲା ୧.୮୫ ଟ୍ରିଲିୟନ ଡଲାର ।

ପ୍ରତି ବର୍ଷ ୮% ଅଭିବୃଦ୍ଧି ହାରରେ ଏହି ପାଞ୍ଚ ବର୍ଷ ମଧ୍ୟରେ ୨୦୧୯ ମସିହାରେ ଏହା ୨.୬୭ ଟ୍ରିଲିୟନ ଡଲାରରେ ପରିଣତ ହୋଇଛି । ୨୦୨୪ ମସିହାରେ ଏହା ପ୍ରାୟ ଦୁଇ ଗୁଣ ହୋଇ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ଉପନୀତ ହେବ ବୋଲି ଆକଳନ କରାଯାଉଛି । ବଜେଟ ପରିବେଷଣ ସମୟରେ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି - ପାଞ୍ଚ ବର୍ଷ ପୂର୍ବେ ବିଶ୍ୱ ଅର୍ଥନୀତି ତାଲିକାରେ ଭାରତର ସ୍ଥାନ

ଥିଲା ୧୧ତମ । ଆଜି ଆମ ଦେଶ ଷଷ୍ଠ ସ୍ଥାନକୁ ଉତ୍ତୀର୍ଣ୍ଣ ହୋଇଛି । ୨୦୧୯-୨୦ ଆର୍ଥିକ ବର୍ଷର ମନ୍ତ୍ର ହେଉଛି - transform, reform, and perform । ଏହି ପରିପ୍ରେକ୍ଷୀରେ ଚଳିତ ବଜେଟ୍‌ରେ ନବ ଭାରତର ନିର୍ମାଣ ନିମନ୍ତେ ସୁଦୃଢ଼ ଭିତ୍ତିଭୂମି, ଡିଜିଟାଲ ଇଣ୍ଡିଆର ସମର୍ଥ ରୂପରେଖ, ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନା ନିମନ୍ତେ ବିଶେଷ ରିହାତି, ଦକ୍ଷତା ବିକାଶ ନିମନ୍ତେ ଉଦାର ପୁଞ୍ଜି ବିନିଯୋଗ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି । ନୂତନ ଭାରତର ନିର୍ମାଣରେ ଷ୍ଟାର୍ଟଅପ ଯୋଜନା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଭୂମିକା ଓ ଚଳିତ ବଜେଟ୍‌ରେ ଏହାର ଗୁରୁତ୍ୱ ଏବଂ ଓଡିଶା ଉପରେ ତାହାର ପ୍ରଭାବ - ଏହି ଦିଗ ଉପରେ ଅନୁଶୀଳନ କରିବା ।

**ଷ୍ଟାର୍ଟଅପ୍ ଯୋଜନା:**

ଚଳିତ ବର୍ଷ ଜୁନ୍ ୨୦ ତାରିଖରେ ସଂସଦର ଉଭୟ ଗୃହକୁ ଉଦ୍‌ବୋଧନ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଷ୍ଟାର୍ଟଅପ୍ ଯୋଜନା ସଂପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ସେ କହିଥିଲେ - " ଷ୍ଟାର୍ଟଅପ୍ ଯୋଜନାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସରକାର ଏହାର ନୀତି ନିୟମରେ ବ୍ୟାପକ ସଂସ୍କାର ଆଣିବାର ଯୋଜନା ରଖିଛନ୍ତି । ୨୦୧୪ ମସିହାରୁ ୨୦୧୮ ମସିହା ମଧ୍ୟରେ ୪୦,୦୦୦ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରାଯାଇଛି । ୨୦୨୪ ସୁଦ୍ଧା ଏହି ସଂଖ୍ୟା ୧ ଲକ୍ଷକୁ ବୃଦ୍ଧି ପାଇବ ବୋଲି ଉଦ୍ୟମ ରହିଛି । ୩୨ଟି ୟୁନିକର୍ଣ୍ଣ ସହିତ ସାରା ବିଶ୍ୱରେ ଆମେରିକା ଏବଂ ଚୀନ ପରେ ଆମ ଦେଶର ସ୍ଥାନ ତୃତୀୟ । ୧୦୦ ବିଲିୟନ ଡଲାର ପୁଞ୍ଜି ଅତିକ୍ରମ କରିଥିବା ଷ୍ଟାର୍ଟଅପ୍ , ୟୁନିକର୍ଣ୍ଣ ନାମରେ ଅଭିହିତ । ଏଥି ନିମନ୍ତେ ପ୍ରତିଟି ରାଜ୍ୟରେ ଅନୁକୂଳ ବାତାବରଣ ସୃଷ୍ଟି କରାଯାଉଛି । ସେଥି ମଧ୍ୟରୁ ଓଡିଶା ଅନ୍ୟତମ । ପ୍ରମୋସନ୍ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ୍ ଟ୍ରେଡ୍ (Promotion of Industry and Internal Trade) ବିଭାଗ ତରଫରୁ ଷ୍ଟାଟ୍‌ଅପ୍ ଇଣ୍ଡିଆ ଭିଜନ୍-୨୦୨୪ ପ୍ରସ୍ତୁତ କରାଯାଇଛି । ଏଥିରେ ୫୦୦ ନୂତନ ଇନ୍‌କ୍ୟୁବେଟର (incubators), ୧୦୦ ଇନୋଭେସନ୍ ଜୋନ୍ (innovation zones ) ଏବଂ ୧୦,୦୦୦ କୋଟି ଟଙ୍କାର ପୁଞ୍ଜି ବ୍ୟବସ୍ଥା କରାଯିବ ।" ଚଳିତ ବର୍ଷ ବଜେଟ୍‌ରେ ଷ୍ଟାର୍ଟଅପ୍ ଯୋଜନା ନିମନ୍ତେ ଏହି ଆଧାରରେ ବ୍ୟାପକ ସରଳୀକରଣ ସହିତ ସୁବିଧା ସୁଯୋଗ ପ୍ରବର୍ତ୍ତନ କରାଯାଇଛି ।




୧) ଡିଡି ଚାନେଲରେ ଷ୍ଟାର୍ଟଅପ୍ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପ୍ରଚଳନ ହେବ । ଏଥିରେ ଷ୍ଟାର୍ଟଅପ୍ ସମ୍ପର୍କରେ ବିଭିନ୍ନ କ୍ରମରେ ବିସ୍ତୃତ ଆଲୋଚନା ଅନୁଷ୍ଠିତ ହେବ । ଫଳରେ ଶିକ୍ଷିତ ଯୁବପିଢ଼ି ଏହାପ୍ରତି ଆକୃଷ୍ଟ ହୋଇପାରିବେ ।

୨) ଷ୍ଟାର୍ଟଅପ୍ ପ୍ରତିଷ୍ଠା ନିମନ୍ତେ ଯାହା ସବୁ ପ୍ରତିବନ୍ଧକ ରହିଥିଲା, ଏହି ବଜେଟ୍‌ରେ ତାହାର ସରଳୀକରଣ କରାଯାଇଛି । ୨୦୧୭ ମସିହାରେ 'ଟ୍ୟାକ୍ସ ପେମେଣ୍ଟ' କ୍ଷେତ୍ରରେ ସାରା ବିଶ୍ୱରେ ଆମ ଦେଶର ସ୍ଥାନ ଥିଲା ୧୭୨ । ଏହି ସରଳୀକରଣ ଫଳରେ ଚଳିତ ବର୍ଷ ଏହା ୧୨୧କୁ ଉତ୍ତୀର୍ଣ୍ଣ ହୋଇଛି । ଆହୁରି ମଧ୍ୟ ଏ ଦିଗରେ ପ୍ରୟାସ ଜାରି ରହିଛି ।

୩) ଚଳିତ ବଜେଟ୍‌ରେ ୧୦୦ ଇନ୍‌କ୍ୟୁବେଟର୍ ଘୋଷଣା କରାଯାଇଛି । ଏମାନେ ସ୍ୱତନ୍ତ୍ର ଭାବେ ଶିକ୍ଷିତ ଯୁବପିଢ଼ିଙ୍କୁ ଷ୍ଟାର୍ଟଅପ୍ ପ୍ରତିଷ୍ଠା ଦିଗରେ ମାର୍ଗଦର୍ଶନ କରିବେ ।

୪)ଆୟକର ଆଇନର ଧାରା ୫୪ଜିବି ଆଧାରରେ ଟ୍ୟାକ୍ସ ରିହାତି ୨୦୧୯ ପର୍ଯ୍ୟନ୍ତ ଘୋଷଣା କରାଯାଇଥିଲା । ତାହାର ସମୟ ସୀମା

୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବଢ଼ାଇ ଦିଆଗଲା ।

୫) ଷ୍ଟାର୍ଟଅପ୍ ପ୍ରତିଷ୍ଠାରେ ଯେଉଁ ପୁଞ୍ଜି ବିନିଯୋଗ ହେବ, ତାହାର ଉତ୍ସ ସଂପର୍କରେ ଆୟକର ବିଭାଗ ଯାଞ୍ଚ କରିବ ନାହିଁ । ଫଳରେ ପୁଞ୍ଜି ସଂଗ୍ରହ ଆହୁରି ସୁବିଧା ହେବ । ଏହି ବ୍ୟବସ୍ଥାକୁ ସରଳୀକରଣ କରାଯାଇଛି ।

ଭାରତ ସରକାରଙ୍କ ସହାୟତାରେ ଓଡିଶା ରାଜ୍ୟ, ଷ୍ଟାର୍ଟଅପ୍ ପ୍ରତିଷ୍ଠା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୨୦୨୦ ସୁଦ୍ଧା ଷ୍ଟାର୍ଟଅପ୍ କ୍ଷେତ୍ରରେ ଏହା ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ ହେବାର ଯୋଜନା ରହିଛି । ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଅର୍ଥାତ ୨୦୨୪ ସୁଦ୍ଧା, ୧୦୦୦ ଷ୍ଟାର୍ଟଅପ୍ ପ୍ରତିଷ୍ଠା ପାଇଁ ଧାର୍ଯ୍ୟଲକ୍ଷ୍ୟ କରାଯାଇଛି । ଏଥି ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ତିନୋଟି କ୍ଷେତ୍ରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

୧) ଜୀବିକା ଭତ୍ତା: ପ୍ରତ୍ୟେକ ଷ୍ଟାର୍ଟଅପ୍‌କୁ ଗୋଟିଏ ବର୍ଷ ପର୍ଯ୍ୟନ୍ତ ପ୍ରତି ମାସ ୨୦,୦୦୦ଟଙ୍କା ଭତ୍ତା ପ୍ରଦାନ କରାଯିବ ।

୨) ପ୍ରତ୍ୟେକ ଷ୍ଟାର୍ଟଅପ୍‌କୁ ନୂତନ ପ୍ରଡକ୍ଟ ବିକାଶ ଏବଂ ମାର୍କେଟିଂ ନିମନ୍ତେ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

୩) ଆବଶ୍ୟକତା ଅନୁଯାୟୀ ପ୍ରତିଟି ଷ୍ଟାର୍ଟଅପ୍‌କୁ ସରକାର ଆର୍ଥିକ ସହାୟତା ଯୋଗାଇଦେବେ ।

**ଦକ୍ଷତା ବିକାଶ କାର୍ଯ୍ୟକ୍ରମ:**

ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭାରତ ସରକାରଙ୍କର ବହୁ ଆକାଂକ୍ଷିତ ଯୋଜନା । ଆମ ଶିକ୍ଷିତ ଯୁବପିଢ଼ିକୁ ବିଶ୍ୱ ମାନଦଣ୍ଡରେ ଯୋଗ୍ୟ, ସମର୍ଥ ଏବଂ ଦକ୍ଷ କରି ଗଢ଼ି ତୋଳିବା ଏହି ଯୋଜନାର ଆଭିମୁଖ୍ୟ । ଆମ ଦେଶରେ ସାମଗ୍ରୀକ ଶ୍ରମଶକ୍ତି ମଧ୍ୟରୁ କୁଶଳୀ ଶ୍ରମିକଙ୍କ ହାର ମାତ୍ର ୫%; ଯେଉଁଠି ଦକ୍ଷିଣ କୋରିଆରେ ଏହା ୯୬%, ଜର୍ମାନ ୭୫%, ଇଂଲଣ୍ଡ ୬୮% ଏବଂ ଆମେରିକା ୫୨% । ଏହି ତଥ୍ୟ ଆଧାରରେ ଏହି ଯୋଜନାର ଗୁରୁତ୍ୱ ଅନୁଭବ କରିହେବ । ଯେତେବେଳେ ୫%କୁ ୯୫%ରେ ପରିଣତ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଛି, ଏହାର ଗତି ଓ ଦ୍ରୁତି କେତେ କ୍ଷିପ୍ର ହେବ, ତାହା ସହଜରେ ଆକଳନ କରାଯାଇପାରେ । ଏହାର ଆଉ ଏକ ଉଜ୍ଜଳ ଦିଗ ମଧ୍ୟ ରହିଛି । ଆମ ଦେଶରେ ୫୦% ଜନସଂଖ୍ୟାର ହାରାହାରି ବୟସ ୨୫ ଏବଂ ୬୫%ଙ୍କ ବୟସ ୩୫ ବର୍ଷରୁ କମ୍ । ୨୦୨୦ ମସିହାରେ ଜଣେ ଭାରତୀୟଙ୍କ ହାରାହାରି ବୟସ ହେବ ୨୯ ବର୍ଷ । ସେହି ସ୍ଥଳେ ଚୀନ ୩୭ ଏବଂ ଜାପାନ ୪୮ । ଏହି ତଥ୍ୟ ଅନୁଯାୟୀ – ଯୌବନର ଉଦ୍ଦାମତାରେ ପରିପୂର୍ଣ୍ଣ ଯୁବ ଭାରତୀୟଙ୍କ ସକାଶେ ସାରା ବିଶ୍ୱ ନିଅଣ୍ଟ ପଡିବା କଥା । କିନ୍ତୁ ବିଶ୍ୱରେ ଆଧିପତ୍ୟ ଜାହିର କରିବା ପାଇଁ ଆମେ କେତେ ସମର୍ଥ ?

ପିପୁଲଷ୍ଟ୍ରଙ୍ଗ ନାମକ ଏକ ଗବେଷଣା ସଂସ୍ଥା, କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ୍ ଏବଂ ଭାରତ ସରକାରଙ୍କ ଇଣ୍ଡିଆ ସ୍କିଲ୍‌ର ମିଳିତ ସହଯୋଗରେ ପ୍ରକାଶିତ ୨୦୧୮ ବାର୍ଷିକ ରିପୋର୍ଟରେ 'ଇଂଜିନିୟରିଂ ଛାତ୍ର ଛାତ୍ରୀଙ୍କର ରୋଜଗାର ପାଇବାର ସମ୍ଭାବନା ସର୍ବାଧିକ' ବୋଲି ଉଲ୍ଲେଖ ରହିଛି । ଦେଶରେ ପ୍ରତି ବର୍ଷ ପ୍ରାୟ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଇଂଜିନିୟରିଂ ଡିଗ୍ରୀ ହାସଲ କରୁଛନ୍ତି । ତେଣୁ ଆଶା କରିବା ସ୍ୱାଭାବିକ ଆମ ଇଂଜିନିୟରିଂ ଯୁବ ଶକ୍ତି ସାରା ବିଶ୍ୱରେ ଉପସ୍ଥିତି ଜାହିର କରିବେ । କିନ୍ତୁ ଏହାର ଏକ ଭିନ୍ନ ଚିତ୍ର ରହିଛି । 'ଆସ୍‌ପାୟାରିଂ ମାଇଣ୍ଡସ୍' ନାମକ ନିଯୁକ୍ତି-ଭିତ୍ତିକ ଗବେଷଣା ସଂସ୍ଥାର ୨୦୧୯ ରିପୋର୍ଟ ଅନୁଯାୟୀ – "ଇଂଜିନିୟରିଂ ପାଶ କରୁଥିବା ଯୁବ ଗୋଷ୍ଠୀଙ୍କ ମଧ୍ୟରୁ ୮୦% କୌଣସି କ୍ଷେତ୍ରରେ ନିଯୁକ୍ତି ପାଇବା ନିମନ୍ତେ ଯୋଗ୍ୟ ନୁହଁନ୍ତି । ମାତ୍ର ୫% ଇଂଜିନୟର ଯଥାର୍ଥ କୋଡ୍ ଲେଖିବାର ସାମର୍ଥ୍ୟ ରଖିଛନ୍ତି ।" ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କର 'କୌଶଳ ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରାଳୟ'ର ୨୦୧୭-୧୮ ବାର୍ଷିକ ରିପୋର୍ଟ ଆଧାରରେ – ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ (୨୦୧୭-୨୦୨୨) ୩୪ଟି ଶିଳ୍ପ କ୍ଷେତ୍ରରେ ପ୍ରାୟ ୧୩ କୋଟି କୁଶଳୀ ଶ୍ରମିକଙ୍କର ଆବଶ୍ୟକତା ରହିଛି । ଏହି ଆବଶ୍ୟକତା ପୂରଣ କରିବା ପାଇଁ କେନ୍ଦ୍ର ସରକାର ୨୦୧୫ ମସିହାରେ 'ରାଷ୍ଟ୍ରୀୟ କୌଶଳ ବିକାଶ ମିଶନ' ନାମରେ ଏକ ଅଭିଯାନ ଆରମ୍ଭ କରିଛନ୍ତି । ଏହାର ଆଭିମୁଖ୍ୟ ହେଉଛି ଶିକ୍ଷିତ ଯୁବ ବର୍ଗକୁ ଜ୍ଞାନ କୌଶଳ ତାଲିମ ମାଧ୍ୟମରେ ୪୩ଟି କ୍ଷେତ୍ରରେ କୁଶଳୀ କାରିଗରରେ ପରିଣତ କରିବା । ପ୍ରଥମ ବର୍ଷ ୨୦୧୫-୧୬ରେ

୨୦୧୫ ମସିହାରେ ଏ ହେଉଛି ଆମ ଦେଶର ପ୍ରଥମ ଡିଜିଟାଲ ଗାଁ – ଯେଉଁଠି ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାବସାୟିକ କାରବାର ସବୁ କିଛି ହାଇଟେକ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁମ୍ବାଇରେ ଏକ ସ୍ୱତନ୍ତ୍ର ଉତ୍ସବରେ ଆକୋଦାରାକୁ ଦେଶର ପ୍ରଥମ ଡିଜିଟାଲ ଗ୍ରାମ ଘୋଷଣା କରୁଥିବାବେଳେ ଗ୍ରାମବାସୀମାନେ ଭିଡିଓ କନେଫେରେନ୍ସରେ ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିଲେ । ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦେଶର ସମୁଦାୟ ୬, ୪୦,୮୬୭ ଗ୍ରାମ ମଧ୍ୟରୁ (୨୦୧୧ ମସିହା ଜନଗଣନା ଆଧାରରେ) ଏକ ଲକ୍ଷ ଗ୍ରାମକୁ ୧୦,୦୦୦ କୋଟି ଟଙ୍କା ବ୍ୟୟରେ ଏହିଭଳି ଡିଜିଟାଲ ଗ୍ରାମ (ସଂକ୍ଷେପରେ ଡିଜିଗାଁ)ରେ ପରିଣତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ଆଧାରରେ ଆଗାମୀ ୩୦ ବର୍ଷ ମଧ୍ୟରେ ଦେଶର ପ୍ରତିଟି ଗ୍ରାମ ଡିଜି ଗାଁ ରେ ପରିଣତ ହୋଇଯିବ ଏବଂ ଡିଜିଟାଲ ଭାରତ ସ୍ୱପ୍ନ ସଫଳ ହେବ । ଡିଜି ଗାଁ ହେଉଛି ଡିଜିଟାଲ ଭାରତର ପ୍ରମୁଖ ଅଙ୍ଗ ।

ଏହି ବିଭାଗରେ ଖର୍ଚ୍ଚ ହୋଇଥିଲା ୧୦୦୭ କୋଟି ଟଙ୍କା । ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ବିଭାଗରେ ୨୭୦୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଚଳିତ ଆର୍ଥିକ ବର୍ଷରେ ବ୍ୟୟ ବରାଦ ରହିଛି ୮୦୦୦ କୋଟିରୁ ଅଧିକ । ଏହିଥିରୁ ଏହାର ଗୁରୁତ୍ୱ ଅନୁଭବ କରି ହେବ ।

୨୦୧୮ ନଭେମ୍ବର ମାସରେ କେନ୍ଦ୍ର ସରକାର ଏକ କୋଟି ଶିକ୍ଷିତ ଯୁବତୀ/ଯୁବକଙ୍କୁ 'ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା' ରେ ୨୦୨୦ ସୁଦ୍ଧା ତାଲିମ ଦେବା ପାଇଁ ସ୍ଥିର କରିଛନ୍ତି । କିନ୍ତୁ ୨୦୨୨ ମସିହା ସୁଦ୍ଧା ଦକ୍ଷତା ବିକାଶ କାର୍ଯ୍ୟକ୍ରମର ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ ରୋଜଗାର ପ୍ରୋତ୍ସାହନ ଯୋଜନା,ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା,ଜାତୀୟ ଆପ୍ରେଣ୍ଟିସ୍ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ, ସରକାର ୪୦ କୋଟି ଶିକ୍ଷିତ ଯୁବପିଢ଼ିଙ୍କୁ ତାଲିମ ମାଧ୍ୟମରେ ଦକ୍ଷତା ବିକାଶ କରିବାର ଯୋଜନା ପ୍ରସ୍ତୁତ କରିଛନ୍ତି । ଆଗାମୀ ବର୍ଷରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବ୍ୟାପକ ଓ ପ୍ରଯୁକ୍ତିବିଦ୍ୟାଭିତ୍ତିକ ସ୍ତରକୁ ଉନ୍ନୀତ କରିବା ନିମନ୍ତେ ଅର୍ଥମନ୍ତ୍ରୀ ଚଳିତ ବଜେଟରେ ଘୋଷଣା କରିଛନ୍ତି । ସେ କହିଛନ୍ତି- "To prepare our youth to also take up jobs overseas, we will increase focus on skill-sets needed abroad including language training. We will also lay focus on new-age skills like artificial intelligence, Internet of Things, big data, 3-D printing, virtual reality and robotics."। ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ଶାସନ କାଳର ପ୍ରଥମ ବର୍ଷରେ ପ୍ରାଥମିକତା ସ୍ୱରୂପ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଥିଲା । ଆମ ଦେଶର ଯୁବ ପିଢ଼ିକୁ ଉପଯୁକ୍ତ ତାଲିମ ମାଧ୍ୟମରେ ଯୋଗ୍ୟ, ସମର୍ଥ ଏବଂ ଦକ୍ଷ କରି ଗଢ଼ି ତୋଳିବା ନିମନ୍ତେ ଯୋଜନା ପ୍ରସ୍ତୁତ କରାଗଲା ।

ଭୁବନେଶ୍ୱରରେ ପ୍ରତିଷ୍ଠିତ ସ୍କିଲ ଡେଭଲପମେଣ୍ଟ ଇନ୍ଷ୍ଟିଚ୍ୟୁଟ୍ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଏକ ପ୍ରମୁଖ ସଂସ୍ଥା । ଦେଶର ତୈଳ ଓ ପ୍ରାକୃତିକ ଗ୍ୟାସ ବିଭାଗର ଆଠଟି ସଂସ୍ଥା ଏହାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଭାରତ ସରକାରଙ୍କ ସ୍କିଲ ଇଣ୍ଡିଆ ମିଶନ୍ ଆଧାରରେ ଏହି ସଂସ୍ଥା କାର୍ଯ୍ୟ କରୁଛି । ଅନ୍ତର୍ଜାତୀୟସ୍ତରରେ କୁଶଳୀ କର୍ମଚାରୀଙ୍କର ଯେଉଁ ଚାହିଦା ରହିଛି, ତାହା ପୂରଣ କରିବା ଦିଗରେ ଏହି ସଂସ୍ଥା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

ଏ ସମସ୍ତ ଉଦ୍ୟମ ସତ୍ତ୍ୱେ ରାଜ୍ୟ ଏବଂ ଜାତୀୟସ୍ତରରେ ଭବିଷ୍ୟତର ଚାହିଦା ମେଣ୍ଟାଇବା ସମ୍ଭବ ହେବ ନାହିଁ ବୋଲି ଆକଳନ କରାଯାଉଛି । ତଥାପି ସମୃଦ୍ଧ ଭାରତ ଗଠନ ନିମନ୍ତେ ବିଭିନ୍ନ ବିକଳ୍ପ ରହିଛି । ପ୍ରଥମତଃ: ଘରୋଇ ସଂସ୍ଥାକୁ ଦକ୍ଷତା ବିକାଶ କ୍ଷେତ୍ରରେ ପ୍ରବେଶ କରିବା ନିମନ୍ତେ ଅନୁମତି ପ୍ରଦାନ କରାଯାଇପାରିବ । ଗୋଟିଏ ସଂସ୍ଥାର ବାର୍ଷିକ କାରବାର ସହିତ କୁଶଳୀ କର୍ମଚାରୀ ନିର୍ମାଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିହେବ । ଦ୍ୱିତୀୟ : ନୀତି ଆୟୋଗଙ୍କ ପରାମର୍ଶ ଅନୁଯାୟୀ ବିଦ୍ୟାଳୟ ପାଠ୍ୟକ୍ରମରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସାମିଲ କରାଯାଇ ପାରିଲେ ପ୍ରାଥମିକସ୍ତରରୁ ଏହାର ଭିତ୍ତିଭୂମି ସ୍ଥାପନ ହୋଇ ପାରିବ । ନିମ୍ନରେ ଏହାର ବିସ୍ତୃତ ରୂପରେଖ ଉପସ୍ଥାପନା କରାଯାଇଛି ।

ଆମ ଦେଶରେ ପିଲା କେଉଁ ବିଷୟ ଅଧ୍ୟୟନ କରିବ, ତାହା ପିଲା ନୁହେଁ , ମା ବାପାମାନେ ହିଁ ସ୍ଥିର କରିଥାନ୍ତି । ସେମାନଙ୍କର ଦୃଷ୍ଟିଭଙ୍ଗୀ ଏତେ ସଂକୀର୍ଣ୍ଣ , କେତୋଟି ଘଷାପିଟା ଚାକିରି/ବୃତ୍ତି ବ୍ୟତୀତ ସେମାନେ ଆଉ ଅଧିକ ଦୂର ଦେଖି ପାରନ୍ତି ନାହିଁ । ସେ କ୍ଷେତ୍ରରେ ପିଲାର ଆଗ୍ରହ ଗୌଣ ହୋଇ ପଡେ । କେଉଁ କ୍ଷେତ୍ରରେ ପିଲାର ଆଗ୍ରହ ରହିଛି, ତାହା ଜାଣିବା ସମ୍ଭବ ହୁଏ ନାହିଁ । ତେଣୁ 'ଦକ୍ଷତା ବିକାଶ ଅଭିଯାନ' ଯଦି ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରାଯାଇ ପାରନ୍ତା, ତେବେ ପିଲାମାନଙ୍କର ବ୍ୟକ୍ତିତ୍ୱର ବିକାଶ ସହିତ ମନୋବଳ ଆହୁରି ଦୃଢ଼ ହୋଇପାରନ୍ତା । ପ୍ରାଥମିକସ୍ତରରେ ବ୍ୟକ୍ତିତ୍ୱର ବିକାଶ ହିଁ ଦକ୍ଷତାର ବିକାଶ । ନିଜକୁ ସଠିକ ଭାବେ ଉପସ୍ଥାପନା କରିବା (ଲେଖା ଏବଂ କହିବା ଉଭୟ) - ସଫଳ ବ୍ୟକ୍ତିତ୍ୱର ପରିଚାୟକ ଏବଂ ଦକ୍ଷତା ବିକାଶର ମାନଦଣ୍ଡ । ପ୍ରାଥମିକସ୍ତରରେ (୬ରୁ ୧୧ ବର୍ଷ ପିଲାଙ୍କ ନିମନ୍ତେ) ନିଜକୁ ଉପସ୍ଥାପନା କରିବାର କଳା ଏବଂ ମନୋବଳ




## Key Numbers


(in ₹ crore)

| | 2017-18 (Actuals) | 2018-19 (Budget Estimates) | 2018-19 (Revised Estimates) | 2019-20 (Budget Estimates) |
|---|---|---|---|---|
| Revenue Receipts | 14,35,233 | 17,25,738 | 17,29,682 | 19,62,761 |
| Capital Receipts | 7,06,740 | 7,16,475 | 7,27,553 | 8,23,588 |
| Total Receipts | 21,41,973 | 24,42,213 | 24,57,235 | 27,86,349 |
| Total Expenditure | 21,41,973 | 24,42,213 | 24,57,235 | 27,86,349 |
| Revenue Deficit | 4,43,600 | 4,16,034 | 4,10,930 | 4,85,019 |
| Effective Revenue Deficit | 2,52,566 | 2,20,689 | 2,10,630 | 2,77,686 |
| Fiscal Deficit | 5,91,062 | 6,24,276 | 6,34,398 | 7,03,760 |
| Primary Deficit | 62,110 | 48,481 | 46,828 | 43,289 |

/PIB India /PIBHindi /pibindia /pibindia /pibindia.wordpress.com /pibindia pib.gov.in PIB/KBK

ବୃଦ୍ଧି କରିବାର କୌଶଳ, ଶିକ୍ଷା ସହିତ ତାଲିମ ଦିଆଯାଇପାରିବ । ସପ୍ତମ ଓ ଅଷ୍ଟମ ଶ୍ରେଣୀର ପିଲାମାନଙ୍କ ନିମନ୍ତେ ଉପରୋକ୍ତ ପ୍ରସଙ୍ଗ ସହ - ସର୍ଜନା କଳାର ବିକାଶ, ସମସ୍ତଙ୍କ ସହ ମିଳିମିଶି ରହିବା ଓ କାମ କରିବାର ମନୋବଳ ବୃଦ୍ଧି କରାଯାଇପାରିବ । ନବମ ଓ ଦଶମ ଶ୍ରେଣୀରେ ଉପରୋକ୍ତ ସମସ୍ତ ପ୍ରସଙ୍ଗ ସହ - ନିଜକୁ ପ୍ରେରଣା ଦେଇପାରିବା ଭଳି ଶକ୍ତି ଏବଂ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରିବାର ଦକ୍ଷତା ଶିକ୍ଷା ଦିଆଯାଇପାରିବ । ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ - ଆତ୍ମବଳ ଜାଗ୍ରତ କରିବା ସହିତ ପାରସ୍ପରିକ ସମ୍ବେଦନଶୀଳତା ବୃଦ୍ଧି ନିମନ୍ତେ ତାଲିମ ଦିଆଯାଇ ପାରିବ ଏବଂ ଉଚ୍ଚତମ ଶ୍ରେଣୀରେ - ସମସ୍ୟା ସମାଧାନର ସୂତ୍ର ଏବଂ ଜୀବନତମାମ ଶିକ୍ଷା ଅର୍ଜନ ନିମନ୍ତେ ଆଗ୍ରହ ସୃଷ୍ଟି କରିବାର କୌଶଳ ଶିକ୍ଷା ଦିଆଯାଇପାରିବ ।

ଆମ ଦେଶରେ ଏବଂ ଆମ ରାଜ୍ୟରେ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ବିଶେଷ ଉନ୍ନତି ନ ହେବା ପର୍ଯ୍ୟନ୍ତ, ଏହାର ସଫଳ ରୂପାୟନ ଆଶା କରିବା ସମ୍ଭବ ନୁହେଁ। ଅନ୍ତତଃ ଗୋଟିଏ ପଞ୍ଚାୟତର ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ଥିବା ଗୋଟିଏ ବିଦ୍ୟାଳୟକୁ ମଡେଲ ଭାବେ ଗ୍ରହଣ କରାଯାଇ ଏହି ପାଠ୍ୟକ୍ରମ ଲାଗୁ କରାଯାଇ ପାରିଲେ, ଆମେ ତାହାର ଫଳାଫଳ ଅବଶ୍ୟ ଜାଣିପାରିବା । ଏଥି ନିମନ୍ତେ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ହେବା ସହିତ ସ୍ୱତନ୍ତ୍ର ତାଲିମଦାତାଙ୍କର ଆବଶ୍ୟକତା ରହିଛି । ଦକ୍ଷତା ବିକାଶ ଯୋଜନାରେ ଯେଉଁ ଅର୍ଥ ବରାଦ କରାଯାଉଛି, ତାହାର କିଛି ଅଂଶରେ ଏ ପାଠ୍ୟକ୍ରମ ପ୍ରଚଳନ କରାଯାଇ ପାରିବ। ଦ୍ୱାଦଶ ଶ୍ରେଣୀ ପାସ କରିଥିବା କିଶୋରଟିଏ ଯେତେବେଳେ ଅଫୁରନ୍ତ ଆତ୍ମବିଶ୍ୱାସ ଓ ଦୃଢ଼ ମନୋବଳ ନେଇ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବ, ସେତେବେଳେ 'ଦକ୍ଷତା' 'ବ୍ୟକ୍ତିତ୍ୱ'ର ଏକ ବୃହତ୍ତର ଅଂଶରେ ପରିଣତ ହୋଇ ସାରିଥିବ । ଦେଶର ୨,୫୦,୦୦୦ ପଞ୍ଚାୟତରୁ ବର୍ଷକୁ ଅନ୍ୟୁନ ଏକ କୋଟିରୁ ଊର୍ଦ୍ଧ୍ୱ ଦକ୍ଷ ଓ କୁଶଳୀ ଯୁବପିଢ଼ି ଜନ୍ମ ନେଇ ନିଜସ୍ୱ ପ୍ରେରଣା ବଳରେ ଆଗକୁ ଆଗକୁ ମାଡି ଚାଲିବେ । ଏ ପାଠ୍ୟକ୍ରମର ରୂପରେଖ କ'ଣ ରହିବ, ତାହା ସମାଜର ବାସ୍ତବ ସତ୍ୟ ସହିତ ପରିଚିତ ବିଶାରଦମାନେ ହିଁ ପ୍ରଣୟନ କରିବେ ।




ଆଜିର ଯୁବ ପିଢ଼ି ଅଫୁରନ୍ତ ଶକ୍ତିର ଉତ୍ସ । କେବଳ ସେମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ଓ ତାଲିମର ଆବଶ୍ୟକତା ରହିଛି । କିଛି ବର୍ଷ ପୂର୍ବେ ଜଣେ ବନ୍ଧୁ ତାଙ୍କର ଅଭିଜ୍ଞତା ବଖାଣୁଥାନ୍ତି । ତାଙ୍କ ପୁଅ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାଉଥାଏ । ଏୟାରପୋର୍ଟରେ ବିଦାୟକାଳୀନ ଶେଷ ଉପଦେଶ ଛଳରେ ବନ୍ଧୁ ତାଙ୍କ ପୁଅକୁ କହିଲେ - ମନ ଦେଇ ପାଠ ପଢ଼ିବୁ । ସବୁବେଳେ ମନେ ରଖିଥିବୁ , କଠିନ ପରିଶ୍ରମର ବିକଳ୍ପ ନାହିଁ । ପୁଅ ତୁରନ୍ତ ଉତ୍ତର ଦେଇଥିଲା - "ଆପଣଙ୍କ ସମୟରେ କଠିନ ପରିଶ୍ରମ ହିଁ ସଫଳତାର ମାପକ ଥିଲା । ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ଆପଣଙ୍କୁ ଘଣ୍ଟା ଘଣ୍ଟା ଧରି ଲାଇନରେ ଠିଆ ହେବାକୁ ପଡୁଥିଲା । କୌଣସି ପୁସ୍ତକ ଖୋଜିବା ପାଇଁ ଲାଇବ୍ରେରୀରେ ହନ୍ତସନ୍ତ ହେବାକୁ ପଡୁଥିଲା । ଏ ଥିଲା କଠିନ ପରିଶ୍ରମ । କିନ୍ତୁ ଆମ ପିଢ଼ି କଠିନ ପରିଶ୍ରମରେ ନୁହେଁ, ସ୍ମାର୍ଟ ପରିଶ୍ରମରେ ବିଶ୍ୱାସ କରେ (We don't believe in Hard Work . We believe in Smart Work). । ଆମେ ଆଜି କେତୋଟି ସେକେଣ୍ଡ ମଧ୍ୟରେ ବ୍ୟାଙ୍କ୍‌ରୁ ଟଙ୍କା ଉଠେଇ ପାରୁଛୁ । ଅଙ୍ଗୁଳି ଅଗରେ କଂପ୍ୟୁଟର ସାହାଯ୍ୟରେ ଯେକୌଣସି ପୁସ୍ତକ ଖୋଜି ପାଉଛୁ । ତେଣୁ ଆମ ପାଇଁ 'କଠିନ ପରିଶ୍ରମ' ମୂଲ୍ୟହୀନ ଶବ୍ଦାବଳୀ ।" ଏ ହେଉଛି ସମୟର ଆବଶ୍ୟକତା । ଏହି ଅନୁସାରେ ଆମେ ସେମାନଙ୍କୁ ଗଢ଼ି ତୋଳିବା ପାଇଁ ପ୍ରୟାସ କରିବା ।

**ଲେଖକ ହେଉଛନ୍ତି ବରିଷ୍ଠ ସ୍ତମ୍ଭକାର ।**
**Email ID: akdubey23@hotmail.com**

# କେନ୍ଦ୍ର ବଜେଟ୍ ୨୦୧୯-୨୦ରେ କୃଷି ଓ ଗ୍ରାମ୍ୟ ବିକାଶ

ନଟବର ଖୁଣ୍ଟିଆ

ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଗଠିତ ସରକାରଙ୍କ ଦ୍ୱିତୀୟ ପାଳିରେ ଗଠିତ ସରକାରଙ୍କର ପ୍ରଥମ ବଜେଟ୍ ପାର୍ଲାମେଣ୍ଟରେ ଗତ ଜୁଲାଇ ୫ ତାରିଖରେ ଉପସ୍ଥାପନ କରିଛନ୍ତି। ତାଙ୍କର ଏହି ୨୦୧୮-୧୯ର କେନ୍ଦ୍ର ବଜେଟ୍ ମଧ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀ ହିସାବରେ ପ୍ରଥମ ବଜେଟ୍। ଅର୍ଥମନ୍ତ୍ରୀ ଭାରତୀୟ ଅର୍ଥନୀତିର ଦୀର୍ଘମିଆଦୀ ବିକାଶର ଦୂରଦୃଷ୍ଟି ସମ୍ପନ୍ନ ବିକାଶର ଧାରାକୁ ତ୍ୱରାନ୍ୱିତ କରି ଭାରତୀୟ ଅର୍ଥନୀତିକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହି ଲକ୍ଷ୍ୟ ୨୦୨୪-୨୫ ସୁଦ୍ଧା ହାସଲ ହେବାର ପ୍ରୟାସ ରଖି ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ୫ ଟ୍ରିଲିୟନ୍ ଡଲାରରେ ପହଞ୍ଚିବ ବୋଲି ଆଶା ପୋଷଣ କରିଛନ୍ତି। ତ୍ୱରିତ ଜିଡିପି ଅଭିବୃଦ୍ଧି ହାସଲ କରିବାକୁ ହେଲେ ବିଭିନ୍ନ କ୍ଷେତ୍ରର ବିକାଶ କରିବା ସହିତ ଆମ ଦେଶର ପ୍ରାଥମିକ କ୍ଷେତ୍ର କୃଷି ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ନଦେଲେ କୃଷି ଉପରେ ନିର୍ଭର କରୁଥିବା ୫୦ ପ୍ରତିଶତ ଲୋକଙ୍କର ବିକାଶ ହେବନାହିଁ କିମ୍ବା ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୈତିକ ଶକ୍ତି ହେବ ନାହିଁ ବୋଲି ଅନୁଭବ କରି ପ୍ରଧାନମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିବା ଚାଷୀମାନଙ୍କର ଆୟକୁ କିପରି ୨୦୨୨ ସୁଦ୍ଧା ଦ୍ୱିଗୁଣିତ କରାଯିବ ସେଥିପାଇଁ ବଜେଟ୍‌ରେ ବିଭିନ୍ନ ପ୍ରାବଧାନ କରିଛନ୍ତି। ଚାଷୀର ଆୟ ଦୁଇଗୁଣ ହେଲେ ଜିଡିପି ଅଭିବୃଦ୍ଧି ତ୍ୱରାନ୍ୱିତ ହେବ, ଯାହାଫଳରେ ଆମର ଅର୍ଥନୀତିର ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବା ପାଇଁ ପଥ ସୁଗମ ହେବ। ଚାଷୀର ଆୟ ବୃଦ୍ଧି କରିବାକୁ ହେଲେ ଚାଷର ଉତ୍ପାଦନ ଖର୍ଚ୍ଚକୁ ହ୍ରାସ କରି ଉତ୍ପାଦନ, ଉତ୍ପାଦିକା ଶକ୍ତିକୁ ବୃଦ୍ଧି କଲେ ଚାଷୀର ଆୟ ବଢ଼ିବ। ଏଥିପାଇଁ କୃଷି କ୍ଷେତ୍ରରେ ଏପରି ସବୁ ପଦକ୍ଷେପ ନେବାକୁ ହେବ ଯାହାଦ୍ୱାରା ଚାଷୀ ତା'ର ଉତ୍ପାଦର ଲାଭଜନକ ମୂଲ୍ୟ ପାଇପାରିବ। ଏବେ ଆସନ୍ତୁ କେନ୍ଦ୍ର ବଜେଟ୍‌ରେ କୃଷି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କି କି ପଦକ୍ଷେପ ନିଆଯାଇଛି ତାହାର ସମ୍ୟକ ଆଲୋଚନା କରିବା।

ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଭାଷଣରେ କୃଷିର ଉତ୍ପାଦିକାଶକ୍ତି ବୃଦ୍ଧି କରିବାକୁ ବିଭିନ୍ନ ପ୍ରକାର ଆଧୁନିକ ଚାଷ ପ୍ରଣାଳୀକୁ ଆପଣେଇବା ପାଇଁ ପ୍ରସ୍ତାବ ରଖିଥିବା ବେଳେ କିପରି ଶୂନ୍ୟ ବଜେଟ୍ ଚାଷ କରି ଉତ୍ପାଦନ ଖର୍ଚ୍ଚ କମ୍ କରି ଅଧିକ ଉତ୍ପାଦନ ହେବ ସେଥିପାଇଁ ଗୁରୁତ୍ୱ ଦେବାକୁ କହିଛନ୍ତି। ଶୂନ୍ୟ ବଜେଟ୍ ଚାଷ କହିଲେ ବୁଝାଏ ପରିବେଶ ସୁରକ୍ଷାକୁ ଗୁରତ୍ୱ ଦେଇ ବର୍ତ୍ତମାନର ରାସାୟନିକ ସାର ଓ ରୋଗପୋକ ମରା ଔଷଧ ପ୍ରୟୋଗରୁ କ୍ଷାନ୍ତ ହୋଇ ଚାଷୀ ତାର ଚତୁଃପାର୍ଶ୍ୱରେ ଥିବା ଜୈବିକ କୃଷିଜାତ ବର୍ଜ୍ୟ ବସ୍ତୁରୁ ଜୈବିକ ଖତସାର ପ୍ରସ୍ତୁତ କରି ଚାଷରେ ପ୍ରୟୋଗ କରି ଉତ୍ପାଦନ କରିବା। ଜୈବିକ ଚାଷ ପ୍ରଣାଳୀରେ ଚାଷ କରି ଉତ୍ପାଦନ ଯଥେଷ୍ଟ ବୃଦ୍ଧି କରିବାରେ ବିଭିନ୍ନ



ଦୃଷ୍ଟାନ୍ତ ଆଜି ଦେଖାଗଲାଣି । ଅର୍ଥମନ୍ତ୍ରୀ ଆମର ମୌଳିକ ଚାଷ ପ୍ରଣାଳୀକୁ ଧୀରେ ଧୀରେ ପ୍ରତ୍ୟାବର୍ତ୍ତନ ପାଇଁ ଉପଦେଶ ଦେବା ସହିତ ତାହା କିପରି ଚାଷୀମାନଙ୍କ ଦ୍ୱାରା ଗ୍ରହଣୀୟ ହେବ ଏବଂ ଚାଷୀ ତା'ର ଉତ୍ପାଦନର ଲାଭଜନକ ମୂଲ୍ୟ ପାଇବ ସେଥିପାଇଁ ବଜେଟ୍ ପ୍ରସ୍ତାବରେ ମତ ରଖିଛନ୍ତି ଏବଂ ସେଦିଗରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଦିନ ପରେ ଦିନ ଅଧିକରୁ ଅଧିକ ରାସାୟନିକ ସାର ପ୍ରୟୋଗ ଓ ରୋଗ ପୋକ ନାଶକ ଔଷଧ ପରିବେଶକୁ ମଧ୍ୟ ଦୂଷିତ କରି ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିବାରେ ସହାୟକ ହେଉଛି । ତେଣୁ ଜୈବିକ ଚାଷ ପ୍ରତି ଗୁରୁତ୍ୱ ଦେବା ପାଇଁ ଅର୍ଥମନ୍ତ୍ରୀ ଯେଉଁ ପ୍ରସ୍ତାବ ରଖିଛନ୍ତି, ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । କିନ୍ତୁ କେବଳ ବଜେଟ୍‌ରେ ଘୋଷଣା କଲେ ହେବନାହିଁ, ଏହି ଜୈବିକ ଚାଷ ପ୍ରଣାଳୀ । କିପରି ଚାଷୀଙ୍କ ନିକଟରେ ପହଞ୍ଚିବ ତାକୁ ନିଶ୍ଚିତ କରାଯିବା ଆବଶ୍ୟକ । ଏଥିରେ ଯେଉଁ ଅନୁଷ୍ଠାନମାନେ ଏହି ଚାଷ ପ୍ରଣାଳୀ ଉପରେ କାମ କରୁଛନ୍ତି ଆବଶ୍ୟକ ସ୍ଥଳେ ସେମାନଙ୍କର ସାହାଯ୍ୟ ଓ ସହଯୋଗ ନେବାକୁ ଉଦ୍ୟମ ହେବା ଆବଶ୍ୟକ ।

ଜୈବିକ ଚାଷ ପାଇଁ ବିଭିନ୍ନ ରାଜ୍ୟ ଭିନ୍ନ ଭିନ୍ନ ପଦକ୍ଷେପ ନେଉଛନ୍ତି । ଦେଖାଯାଉଛି ଯେ, ଜୈବିକ ଚାଷୀ ଏକ ଗତାନୁଗତିକ ରୀତିରେ କିଛି କିଛି ଅର୍ଥ ବ୍ୟୟ ବରାଦ କରି ବିନା ନିଷ୍ଠା ସହ କାର୍ଯ୍ୟକାରୀ କରୁଛନ୍ତି । ଯେଉଁମାନେ ଜୈବିକ ଚାଷ କଥା କହୁଛନ୍ତି ସେମାନେ ଦାବି କରୁଛନ୍ତି ଯେ, ଜୈବିକ ପ୍ରଣାଳୀରେ ଚାଷକଲେ ଅମଳ ଯଥେଷ୍ଟ ହେଉଛି ଏବଂ ଖର୍ଚ୍ଚ କମ୍ ହେଉଛି । ଏକଥାକୁ ଅନେକ ସମୟରେ କୃଷିବୈଜ୍ଞାନିକମାନେ ମାନିବାକୁ ପ୍ରସ୍ତୁତ ନୁହଁନ୍ତି । ଏଠାରେ ଏକ ପ୍ରସ୍ତାବ ଦିଆଯାଇପାରେ ଯେ, ପ୍ରତ୍ୟେକ ରାଜ୍ୟ ସରକାର ଗୋଟିଏ ଗୋଟିଏ ବ୍ଲକ୍‌ରେ କିମ୍ବା ପରିସ୍ଥିତିକୁ ଦେଖି ଗୋଟିଏ ଗୋଟିଏ ଜିଲ୍ଲାରେ ପ୍ରଥମେ ଜୈବିକ ଚାଷ ପାଇଁ ସୁପାରିସ କରୁଥିବା ଅନୁଭୂତି ସମ୍ପନ୍ନ ଲୋକଙ୍କୁ ନେଇ ଜୈବିକ ଚାଷର ପ୍ରସାର କରନ୍ତୁ । ଅନୁଭୂତିକୁ ଆଧାର କରି ଜୈବିକ



ଚାଷ ଅବା ଶୂନ୍ୟ ବଜେଟ୍ କୃଷିର ସମ୍ପ୍ରସାରଣ ହେଉ । ହଠାତ୍ ଜୈବିକ ଚାଷକୁ ସାରା ଦେଶରେ ପ୍ରବର୍ତ୍ତନ ନକରି ଧୀରେ ଧୀରେ ପ୍ରସାର କରି ଦେଖନ୍ତୁ ତା'ର ଫଳାଫଳ କ'ଣ ହେଉଛି । ଫଳାଫଳ ସପକ୍ଷରେ ଗଲେ ଚାଷୀମାନଙ୍କର ଏହି ଶୂନ୍ୟ ବଜେଟ୍ କୃଷି କିପରି ଗ୍ରହଣୀୟ ହୋଇପାରିବ ତାହାର ବ୍ୟବସ୍ଥା କରନ୍ତୁ । କୃଷି ସମ୍ପ୍ରସାରଣରେ ଗୋଟିଏ କଥା କୁହାଯାଏ 'Seeing is believing- ଦେଖିଲେ ବିଶ୍ୱାସ ଆସେ' । ଥରେ ଚାଷୀ ତା' ଆଖିରେ ଶୂନ୍ୟ ବଜେଟ୍ କୃଷିର ସଫଳତା ଦେଖିଲେ ସେ ଅଧିକ ଅର୍ଥ ଖର୍ଚ୍ଚ କରି ରସାୟନ କୃଷିକୁ ଆଦରିବ କାହିଁକି ? ସୁତରାଂ ଶୂନ୍ୟ ବଜେଟ୍ କୃଷିକୁ ଧୀରେ ଧୀରେ ପ୍ରୟୋଗ କରି ଚାଷୀମାନଙ୍କର ବିଶ୍ୱାସ ଜନ୍ମାଇବା ପ୍ରତି ପ୍ରାଥମିକତା ଦିଆଯିବା ଉଚିତ୍ ।

ଅର୍ଥମନ୍ତ୍ରୀ ୨୦୧୯-୨୦ ବଜେଟ୍‌ରେ କୃଷି ମନ୍ତ୍ରଣାଳୟ ପାଇଁ ୧.୩ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ଯାହାକି ପୂର୍ବବର୍ଷ ତୁଳନାରେ ୭୮ ପ୍ରତିଶତ ଅଧିକ । ଏହା ମୂଳରେ ରହିଛି ୭୫ ହଜାର କୋଟି ଟଙ୍କାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ପାଇଁ ବ୍ୟୟବରାଦ । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଦେଶର ସମସ୍ତ ଚାଷୀମାନଙ୍କୁ ବାର୍ଷିକ ୬ ହଜାର କରି ଟଙ୍କା ତିନିଗୋଟି କିସ୍ତିରେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଦିଆଯିବ । ଏହି ଟଙ୍କାକୁ ଚାଷୀମାନେ ବିଭିନ୍ନ ଋତୁରେ ଯେଉଁ ଚାଷ କରିବେ ସେଥିପାଇଁ ଆବଶ୍ୟକ ହେଉଥିବା ନିବେଶ କରିବେ । ଅବଶ୍ୟ ସମସ୍ତେ ନିବେଶରେ ଖର୍ଚ୍ଚ ନକରି ନିଜର ଜରୁରୀ ଆବଶ୍ୟକତାକୁ ଚାହିଁ ଅନ୍ୟ ଖର୍ଚ୍ଚ କିଛି କରିନେବେ । କିନ୍ତୁ ଏହି ଯେଉଁ ୭୫ ହଜାର କୋଟି ଟଙ୍କା ଗ୍ରାମାଞ୍ଚଳର ଚାଷୀମାନଙ୍କ ପାଖକୁ ଯିବ ତାହା ଗ୍ରାମାଞ୍ଚଳରେ ଖର୍ଚ୍ଚ ହୋଇ ଗ୍ରାମାଞ୍ଚଳ ଅର୍ଥନୀତିକୁ ଚଳଚଞ୍ଚଳ କରିବ । କୃଷକମାନଙ୍କୁ ଚିହ୍ନଟ କରିବା, ତାଲିକା ପ୍ରସ୍ତୁତ କରିବା ଏବଂ ସେମାନଙ୍କର ବ୍ୟାଙ୍କ ଖାତାର ସର୍ବଶେଷ ବିବରଣୀ ସଂଗ୍ରହ କରିବା ରାଜ୍ୟ ସରକାରମାନଙ୍କ ଦାୟିତ୍ୱ । ରାଜ୍ୟ ସରକାରମାନେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଚାଷୀ ଚିହ୍ନଟ କରି ସେମାନଙ୍କର ଆବଶ୍ୟକ ବିବରଣୀ କେନ୍ଦ୍ର ସରକାରଙ୍କୁ ଦେଲେ କେନ୍ଦ୍ର ସରକାର ଚାଷୀଙ୍କୁ କିସ୍ତି ପଇଠ କରିବେ । ଯେଉଁ ରାଜ୍ୟ ସରକାର ଯେତେଶୀଘ୍ର ଏହି ତାଲିକା ପଠାଇବେ ସେ ରାଜ୍ୟର ଚାଷୀମାନେ ସେତେଶୀଘ୍ର ଅର୍ଥ ପାଇଁ ଚାଷରେ ବିନିଯୋଗ କରିବେ ।

୨୦୨୨ ସୁଦ୍ଧା ଚାଷୀର ଆୟକୁ ଦୁଇଗୁଣା କରିବାକୁ ହେଲେ କେବଳ ଉତ୍ପାଦିକାଶକ୍ତି ବୃଦ୍ଧି କଲେ ହେବ ନାହିଁ । ତା'ସାଙ୍ଗକୁ ଚାଷୀ ତା'ର ଉତ୍ପାଦିତ ଦ୍ରବ୍ୟକୁ କିପରି ମୂଲ୍ୟଯୁକ୍ତ କରି ଲାଭଜନକ ବିକ୍ରି କରିପାରିବେ ସେଥିପାଇଁ ପ୍ରୟାସ ଆରମ୍ଭ ହୋଇଛି ।

କେନ୍ଦ୍ର ସରକାର ମକ ବ୍ୟବସ୍ଥା ଗଠନ ପାଇଁ ନାବାର୍ଡ ମାଧ୍ୟମରେ ଆର୍ଥିକ ଓ ପରିଚାଳନାଗତ ସାହାଯ୍ୟ କିଛି ପରିମାଣରେ ଯୋଗାଇ ଦେଉଛନ୍ତି। ଏହି ବ୍ୟବସ୍ଥାର ନାମ ରଖାଯାଇଛି କୃଷକ ଉତ୍ପାଦକ ସଂଗଠନ। ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ୩୫୦୦ ପାଖାପାଖି କୃଷକ ଉତ୍ପାଦକ ସଂଗଠନ ଗଠନ ହୋଇଥିବା ବେଳେ ଆଉ ୩୦୦୦ ସଂଗଠନ ଗଠନର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି। କେନ୍ଦ୍ର ବଜେଟ୍‌ରେ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ୧୦ ହଜାର ନୂଆ କୃଷକ ଉତ୍ପାଦକ ସଂଗଠନ ଗଠନ କରିବେ, ଆଉ ସେମାନେ ଯେପରି କୃଷିଜାତ ଦ୍ରବ୍ୟକୁ ସଠିକ୍ ମୂଲ୍ୟରେ ବିକ୍ରି କରିବା ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିବେ ତାହାକୁ ନିଶ୍ଚିତ କରିବେ। ଏହି ସଂଗଠନମାନେ କେବଳ ଉତ୍ପାଦର ବିକ୍ରୟ ପାଇଁ କାମ କରିବେ ନାହିଁ– ସଦସ୍ୟମାନେ କିପରି ବିଭିନ୍ନ ପ୍ରକାର ନିବେଶ ଯଥା– ବିହନ, ସାର, ରୋଗ ପୋକମରା ଔଷଧ ଆଦି ସହଜରେ ଓ ସୁବିଧାରେ ପାଇପାରିବେ ତାହାର ବ୍ୟବସ୍ଥା କରିବେ। କିନ୍ତୁ ଏହି ସଂଗଠନମାନେ ଗ୍ରାମାଞ୍ଚଳରେ କୃଷକମାନଙ୍କ ଦ୍ୱାରା ଗଠିତ। କୃଷକମାନଙ୍କ ପାଖରେ ଯଥେଷ୍ଟ ପୁଞ୍ଜି ନାହିଁ ବିନିଯୋଗ କରିବାକୁ। ସେମାନଙ୍କ ନିକଟରେ ଉନ୍ନତ ଜ୍ଞାନକୌଶଳ, ପରିଚାଳନା ଦକ୍ଷତା ଓ ବିପଣନ ଦକ୍ଷତା ନାହିଁ। ଯାହା ସରକାରୀ ସାହାଯ୍ୟ ମିଳୁଛି ତାହା ଯଥେଷ୍ଟ ନୁହେଁ। ଏହି ଦୃଷ୍ଟିରୁ ସରକାର ଆଉ ୧୦ ହଜାର ନୂତନ କୃଷକ ଉତ୍ପାଦକ ସଂଗଠନ ଗଠନ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବାବେଳେ ଏହି ସଂଗଠନମାନେ କିପରି ବୈଷୟିକଜ୍ଞାନ ଆହରଣ କରି ବ୍ୟବସାୟିକ ଢଙ୍ଗରେ ସଂଗଠନର ପରିଚାଳନା କରି ଚାଷୀଙ୍କ ଦ୍ରବ୍ୟକୁ ଉପଯୁକ୍ତ ମୂଲ୍ୟ ଦେଇ କ୍ରୟ କରି ସ୍ଥାନୀୟ, ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ଏବଂ ଏପରିକି ଅନ୍ତର୍ଜାତୀୟ ବଜାରରେ ବିକ୍ରି କରିପାରିବେ, ସେଥିପାଇଁ ଚିନ୍ତା କରାଯିବା ଉଚିତ୍।

ସାରା ଭାରତବର୍ଷରେ ଯଦି ଆଜି ଦୁଗ୍‌ଧ ସହଜରେ ଉପଲବ୍ଧ ହେଉଛି ଏବଂ ଦୁଗ୍ଧ ଚାଷୀମାନେ ସେମାନଙ୍କର ଦୁଗ୍ଧଜାତ ଦ୍ରବ୍ୟର ତୁଳନାତ୍ମକ ଭାବେ ଅଧିକ ମୂଲ୍ୟ ପାଉଛନ୍ତି ତାହା ସମ୍ଭବ ହୋଇଛି ଅମୁଲ୍ ମଡେଲ୍‌ରେ। ବିଭିନ୍ନ ରାଜ୍ୟରେ ଦୁଗ୍ଧ ସଂଗ୍ରହ କରାଯାଇ, ପ୍ରକ୍ରିୟାକରଣ କରି ବିକ୍ରି କରାଯାଉଛି। ସେହି ଅମୁଲ ମଡେଲ୍ ଢାଞ୍ଚାରେ ପ୍ରତି ଜିଲ୍ଲାରେ ଗଠିତ ହେଉଥିବା କୃଷକ ଉତ୍ପାଦନ ସଂଗଠନକୁ ଏକତ୍ର କରି ଜିଲ୍ଲା ୟୁନିଅନ ଗଠିତ ହୁଅନ୍ତା ଆଉ ଜିଲ୍ଲା ୟୁନିଅନଗୁଡ଼ିକ ରାଜ୍ୟସ୍ତରରେ ଏକ ରାଜ୍ୟସ୍ତରୀୟ ଶୀର୍ଷ ୟୁନିଅନ ଗଠନ କରନ୍ତେ। ପ୍ରତି ରାଜ୍ୟରେ ଗଠିତ ରାଜ୍ୟସ୍ତରୀୟ ୟୁନିଅନ ନେଇ ଜାତୀୟସ୍ତରରେ ଗଠିତ ହୁଅନ୍ତା ଏକ ଜାତୀୟସ୍ତରୀୟ ୟୁନିଅନ। ଗ୍ରାମପଞ୍ଚାୟତସ୍ତରରେ ସଂଗଠନମାନେ ଚାଷୀମାନଙ୍କ ଠାରୁ କୃଷିଜାତ ଦ୍ରବ୍ୟ ସଂଗ୍ରହ କରି ଜିଲ୍ଲାସ୍ତରୀୟ ୟୁନିୟନରେ ପ୍ୟାକେଜିଂ କରି, ଆଧୁନିକ ଯୋଜନାରେ ସାଇତି ରଖି ବଜାରରେ ବିକ୍ରୟ କରିବାକୁ ହେବ। ଯେଉଁସବୁ କୃଷିଜାତ ଦ୍ରବ୍ୟ ଜିଲ୍ଲାସ୍ତରରେ ପ୍ରକ୍ରିୟାକୃତ ହେବ ଯଦି ସେସବୁକୁ ବିକ୍ରୟ କରିବା ଜିଲ୍ଲାସ୍ତରରେ ସହଜ ହେବନାହିଁ; ତେବେ ସେ ଦାୟିତ୍ୱ ବହନ କରିବ ରାଜ୍ୟସ୍ତରୀୟ ୟୁନିଅନ। ଜାତୀୟସ୍ତରୀୟ ୟୁନିଅନ ପ୍ରକ୍ରିୟାକରଣ ଆଦି କାର୍ଯ୍ୟରେ ସମ୍ପୃକ୍ତି ହେବନାହିଁ। ଏହାର ମୂଳକାମ ହେବ ଗବେଷଣା କରି କିପରି ଖାଦ୍ୟଶସ୍ୟଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ହୋଇପାରିବ, କେଉଁ ରାଜ୍ୟରେ ଓ ଦେଶ ବାହାରେ ବିକ୍ରୟ ହୋଇପାରିବ ସେସବୁର ତଦାରଖ କରିବ। ଏହା ଏକ ଉପଦେଶ ଦେବା ସଂସ୍ଥା ହେବ। ଏହି ଚାରିସ୍ତରୀୟ ପରିଚାଳନା ପାଇଁ ଆବଶ୍ୟକ ଅର୍ଥ ପ୍ରାଥମିକ ଅବସ୍ଥାରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ବହନ କରନ୍ତୁ। ଧୀରେ ଧୀରେ ଏହି ସଂସ୍ଥାମାନେ ଅନୁଭୂତି ସମ୍ପନ୍ନ ହେଲେ ନିଜ ଗୋଡ଼ରେ ନିଜେ ଛିଡ଼ା ହେବେ ଆଉ ଭବିଷ୍ୟତରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁଦାନ ଉପରେ ନିର୍ଭର କରିବେ ନାହିଁ। ଏ ବିଷୟରେ ଚିନ୍ତା କରାଯିବା ଉଚିତ୍।

କୃଷି ବିକାଶ କରିବାକୁ ହେଲେ କୃଷି ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମିର ସମ୍ପ୍ରସାରଣ ଆବଶ୍ୟକତା ଅଛି। ଏହି ଭିତ୍ତିଭୂମି କେବଳ ସରକାରୀ ପୁଞ୍ଜିବିନିଯୋଗରେ ସମ୍ଭବ ହେବନାହିଁ। ଏଥିପାଇଁ ପର୍ଯ୍ୟାପ୍ତ ପୁଞ୍ଜି ଆବଶ୍ୟକ। ଏଥିପାଇଁ ଘରୋଇ ପୁଞ୍ଜି ବିନିଯୋଗର ଯଥେଷ୍ଟ ଆବଶ୍ୟକତା ଅନୁଭବ କରି ବଜେଟ୍‌ରେ ଅର୍ଥମନ୍ତ୍ରୀ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପାଇଁ କେବଳ କୃଷିଜାତ ଦ୍ରବ୍ୟ ପାଇଁ ନୁହେଁ, କୃଷି ଆନୁଷଙ୍ଗିକ ବୃତ୍ତିରୁ ଉତ୍ପାଦିତ ଦ୍ରବ୍ୟର ପ୍ରକ୍ରିୟାକରଣ ପାଇଁ ମଧ୍ୟ ଘରୋଇ ପୁଞ୍ଜି ବିନିଯୋଗ ପାଇଁ ଆହ୍ୱାନ କରିଛନ୍ତି। ଗ୍ରାମାଞ୍ଚଳରେ ଗମନାଗମନ ସୁବିଧା ହେଲେ କୃଷି ଓ କୃଷି ଆନୁସଙ୍ଗିକ ବୃତ୍ତିର ବିକାଶ ହେବା ସ୍ୱାଭାବିକ। ସୁତରାଂ ଗ୍ରାମାଞ୍ଚଳରେ ଗମନାଗମନ ବିସ୍ତାରକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ ଆସନ୍ତା ପାଞ୍ଚବର୍ଷରେ ୧,୨୫,୦୦୦ କିଲୋ ମିଟର ରାସ୍ତା ନିର୍ମାଣ ପାଇଁ ୮୦,୨୫୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ୨୦୧୯-୨୦ ବର୍ଷ ପାଇଁ ଖର୍ଚ୍ଚ ହେବ ୧୯,୦୦୦ କୋଟି ଟଙ୍କା ଗ୍ରାମ୍ୟ ରାସ୍ତା ନିର୍ମାଣରେ।

ଗ୍ରାମାଞ୍ଚଳବାସୀଙ୍କୁ ଗୃହ ଯୋଗାଇଦେବା ପାଇଁ ଅର୍ଥମନ୍ତ୍ରୀ ମଧ୍ୟ ତାଙ୍କ ବଜେଟ୍ ଭାଷଣରେ ଗୁରୁତ୍ୱ ଦେବା ସହିତ ୨୦୧୯-୨୦ରୁ ୨୦୨୧-୨୨ ମଧ୍ୟରେ ୧୯.୯ ନିୟୁତ ଗୃହ ନିର୍ମାଣ ପାଇଁ ଘୋଷଣା କରିଛନ୍ତି। ଏନ୍‌ଡିଏ ସରକାର ୨୦୧୬-୧୭ରୁ ୨୦୧୮-୧୯ ମଧ୍ୟରେ ୧୦ ଲକ୍ଷ ଗୃହ ନିର୍ମାଣ କରିଛନ୍ତି ଗ୍ରାମାଞ୍ଚଳରେ ଆଉ ବ୍ୟୟ ହୋଇଛି ୮୨ ହଜାର କୋଟି ଟଙ୍କା। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପାଳନ ହେବାବେଳେ ଗ୍ରାମାଞ୍ଚଳରେ ସମସ୍ତଙ୍କ ଗୃହ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ୨୦୧୯-୨୦ ବଜେଟ୍‌ରେ ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ପାଇଁ ୨୫,୮୫୩ କୋଟି ଟଙ୍କାର ବ୍ୟୟବରାଦ ହୋଇଛି।

ଗ୍ରାମାଞ୍ଚଳରେ ଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ଅର୍ଥମନ୍ତ୍ରୀ ବଜେଟ୍ ଭାଷଣରେ କହିଛନ୍ତି ଯେ, ୨୦୨୪ ସୁଦ୍ଧା ସମଗ୍ର ଗ୍ରାମାଞ୍ଚଳରେ ପାନୀୟଜଳ ଯୋଗାଇ ଦିଆଯିବ।

ମତ୍ସ୍ୟଚାଷର ବିକାଶ ଓ ସମ୍ପ୍ରସାରଣ ପାଇଁ ଅର୍ଥମନ୍ତ୍ରୀ ନୂତନ କରି ଏକ ନୂତନ ମତ୍ସ୍ୟଚାଷ ବିକାଶ ଫଣ୍ଡ୍

ସୃଷ୍ଟି କରିବା କଥା କହିଛନ୍ତି । ଏହି ଫଣ୍ଡ୍ ନୂତନ କରି ଗଠନ କରାଯାଇଥିବା ମତ୍ସ୍ୟ, ପଶୁପାଳନ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟରେ ରହିବ । ଗୋରୁମାନଙ୍କର ଫୁଟ୍ ଓ ମାଉଥ୍ ରୋଗକୁ ନିୟନ୍ତ୍ରଣ କରିବାକୁ ୫୦୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ଫୁଟ୍ ଓ ମାଉଥ୍ ରୋଗକୁ ଆମେ ଫାଟୁଆ ରୋଗ କହୁ । ଦୁଗ୍ଧ ଉତ୍ପାଦନ ପାଇଁ ଗୁରୁତ୍ୱ ଦେଇ ସମବାୟ ମାଧ୍ୟମରେ ଗୋଖାଦ୍ୟ ଉତ୍ପାଦନ କରି ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ସାଙ୍ଗକୁ ଦୁଗ୍ଧ କିଣି ପ୍ରକ୍ରିୟାକରଣ ଏବଂ ବିପଣନ ପାଇଁ ଉଚିତ୍ ପଦକ୍ଷେପ ନେବେ ।



ଆମ ଦେଶରେ ଖାଇବା ତେଲର ଅଭାବ ଥିବାରୁ ଆମେ ବିଦେଶରୁ ଖାଇବା ତେଲ ଆମଦାନୀ କରିବା ଫଳରେ ବୈଦେଶିକ ମୁଦ୍ରା ଖର୍ଚ୍ଚ ହେଉଛି । ଖାଇବା ତେଲ ଆମଦାନୀ କରିବା ବନ୍ଦ କରି ନିଜ ଦେଶରେ ଯଥେଷ୍ଟ ତୈଳବୀଜ ଚାଷ କରିବା ପାଇଁ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ଦେଇଛନ୍ତି ଅର୍ଥମନ୍ତ୍ରୀ ।

ଗ୍ରାମାଞ୍ଚଳରେ ନିଯୁକ୍ତି ସମ୍ଭାବନାକୁ ତ୍ୱରାନ୍ୱିତ କରିବା ପାଇଁ ବାଉଁଶ ଚାଷ ଓ ମହୁ ଚାଷକୁ ପ୍ରୋତ୍ସାହନ କରି ମହୁ ଉତ୍ପାଦନ ବୃଦ୍ଧି କରିବା ସହିତ ବାଉଁଶରୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ପ୍ରକାର ହସ୍ତଶିଳ୍ପ ବସ୍ତୁ ପ୍ରସ୍ତୁତ କରାଯିବ । ପାରମ୍ପରିକ ହସ୍ତଶିଳ୍ପ ବସ୍ତୁ ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିବା ଯନ୍ତ୍ରପାତିର ଉନ୍ନତିକରଣ କରାଯିବ । ୨୦୧୯-୨୦ରେ ୧୧ଟି ଚକ ଗଠନ କରାଯାଇ ୫୦ ହଜାର ଗ୍ରାମ୍ୟ କାରିଗରଙ୍କୁ କର୍ମନିଯୁକ୍ତି ଯୋଗାଇ ଦିଆଯିବ । ଏହାଦ୍ୱାରା ବେକାରୀ ଦୂର କରିବାକୁ ଉଦ୍ୟମ କରାଯାଇଛି । ଗ୍ରାମାଞ୍ଚଳବାସୀଙ୍କୁ ସବୁ ସୁବିଧା ଯୋଗାଇଦେବାକୁ ରନ୍ଧନ ଗ୍ୟାସ୍ ଓ ବିଦ୍ୟୁତ୍ ସମସ୍ତଙ୍କୁ ଯୋଗାଇ ଦେବାର ପ୍ରତିଶ୍ରୁତି ବଜେଟ୍‌ରେ ଅର୍ଥମନ୍ତ୍ରୀ ଦେଇଛନ୍ତି । କୃଷି କ୍ଷେତ୍ରରେ ଅଧିକରୁ ଅଧିକ ଯୁବ ଉଦ୍ୟୋଗୀ ପ୍ରବେଶ କରି ଆତ୍ମନିଯୁକ୍ତି କରିବା ସହିତ କୃଷିଜାତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରି ଚାଷୀମାନଙ୍କୁ ଉପଯୁକ୍ତ ମୂଲ୍ୟ ଦେବାରେ ସାହାଯ୍ୟ କରିବାକୁ ୭୫ ହଜାର ଯୁବ ଉଦ୍ୟୋଗୀଙ୍କୁ ୨୦୧୯-୨୦ରେ ତାଲିମ୍ ଦିଆଯିବାର ପ୍ରସ୍ତାବ ରଖାଯାଇଛି ।

ଚାଷୀମାନେ ଉତ୍ପାଦନ କରୁଥିବା କୃଷିଜାତ ଦ୍ରବ୍ୟ କିପରି ଦେଶର ବିଭିନ୍ନ ଅଞ୍ଚଳରେ ଉପଯୁକ୍ତ ମୂଲ୍ୟରେ ବିକ୍ରି ହେବ ସେଥିପାଇଁ କେନ୍ଦ୍ର ସରକାର ଜାତୀୟ କୃଷି ବଜାର ସୃଷ୍ଟି କରିଛନ୍ତି । ଯାହାକୁ ସଂକ୍ଷେପରେ ଇ-ନାମ କୁହାଯାଉଛି । ଦେଶରେ ଥିବା ବିଭିନ୍ନ ମଣ୍ଡିକୁ ଇଲେକ୍‌ଟ୍ରୋନିକ୍ସ ମାଧ୍ୟମରେ ଯୋଡ଼ାଯାଇଛି । ଯେଉଁ ମଣ୍ଡି ଏହି ବିପଣନ ବ୍ୟବସ୍ଥା ମାଧ୍ୟମରେ ଯୋଡ଼ି ହେଉଛନ୍ତି, ସେହି ମଣ୍ଡିକୁ କୃଷକ ତା'ର ଉତ୍ପାଦ ଆଣିଲେ ଦେଶସାରା ଯେଉଁ ମଣ୍ଡିମାନେ ସଂଯୁକ୍ତ ହୋଇଛନ୍ତି ସେମାନେ ନିଜର ଉତ୍ପାଦକୁ ଦେଇପାରିବେ ଏବଂ ମୂଲ୍ୟ ଠିକ୍ ହେଲା ପରେ ମଣ୍ଡି ମାଧ୍ୟମରେ ଅନ୍ୟ ମଣ୍ଡିକୁ ପଠାଯାଇପାରିବ । ଚାଷୀର ଆକାଉଣ୍ଟରେ ଉତ୍ପାଦର ମୂଲ୍ୟ ସଙ୍ଗେ ସଙ୍ଗେ ଜମା ହୋଇଯିବ । ଏହି ଇ-ନାମ ବ୍ୟବସ୍ଥାକୁ କେନ୍ଦ୍ର ସରକାର ଦେଶସାରା ପ୍ରସାର କରିବାକୁ ପ୍ରସ୍ତାବ ରଖିଛନ୍ତି । ଏହାଦ୍ୱାରା କୃଷକମାନେ ନିଜ ନିଜର ଉତ୍ପାଦିତ ଦ୍ରବ୍ୟର ଲାଭଜନକ ମୂଲ୍ୟ ପାଇବାକୁ ସମର୍ଥ ହେବେ ।

କେନ୍ଦ୍ର ବଜେଟ୍ ୨୦୧୯-୨୦କୁ ଅନୁଧ୍ୟାନ କଲେ ସହଜରେ ଅନୁଭୂତ ହୁଏ ଯେ, କେନ୍ଦ୍ର ସରକାର କୃଷି ଓ ଗ୍ରାମାଞ୍ଚଳ ବିକାଶ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରାବଧାନ କହିଛନ୍ତି; ଯାହାକି ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ଚାଷୀର ଆୟ ୨୦୨୨ ସୁଦ୍ଧା ଦ୍ୱିଗୁଣ କରିବା ପାଇଁ ପଥ ପ୍ରଦର୍ଶକ ହେବ । କିନ୍ତୁ କଥା ହେଲା କୃଷି ଏକ ରାଜ୍ୟ ଅଧିନ କ୍ଷେତ୍ର । କେନ୍ଦ୍ର ସରକାର କୃଷି ଓ ଗ୍ରାମାଞ୍ଚଳର ବିକାଶ ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିବେ, ଅଧିକ ଅର୍ଥ ଯୋଗାଇବେ; କିନ୍ତୁ ପ୍ରକୃତ କ୍ଷେତ୍ରରେ ଏସବୁ ଯୋଜନାକୁ କାର୍ଯ୍ୟକାରୀ କରିବେ ରାଜ୍ୟ ସରକାରମାନେ । ଯଦି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସଠିକ୍ ତାଳମେଳ ରହିବ ଆଉ ରାଜ୍ୟ ସରକାରମାନେ ଯୋଜନାଗୁଡ଼ିକୁ ସଠିକ୍ ଭାବରେ କାର୍ଯ୍ୟ କରିବାକୁ ନିଷ୍ଠାପର ଉଦ୍ୟମ କରିବେ ତେବେ କେନ୍ଦ୍ର ବଜେଟ୍‌ରେ କୃଷି ଓ ଗ୍ରାମାଞ୍ଚଳ ବିକାଶ ପାଇଁ ଆସିଥିବା ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହୋଇ କୃଷି ଓ ଗ୍ରାମାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରି ଲକ୍ଷ୍ୟ ହାସଲ କରିବାରେ ସଫଳ ହେବ ।

**ଲେଖକ ହେଉଛନ୍ତି ପୂର୍ବତନ ବ୍ୟାଙ୍କର, କୃଷି ନିବେଶକ ଓ ବରିଷ୍ଠ ସ୍ତମ୍ଭକାର ।**

# କେନ୍ଦ୍ର ବଜେଟ୍‌ରେ ଟିକସ ସଂସ୍କାର

ଦିଲିପ କୁମାର ବିଷୋୟୀ

**ସ୍ୱା**ଧୀନତାର ସତୁରୀ ବର୍ଷ ଥିଲା ଅଧିକାର ସାବ୍ୟସ୍ତର ସମୟ । ଏବେ କିନ୍ତୁ ଆରମ୍ଭ ହୋଇଛି କର୍ତବ୍ୟ ସଂପାଦନାର ସମୟ ।

ଲୋକସଭାରେ କେନ୍ଦ୍ର ବଜେଟ୍ ୨୦୧୯-୨୦ ଉପସ୍ଥାପନ କଲାବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସିତାରମଣଙ୍କର ଏହି ଉକ୍ତି ଦେଶର ଅର୍ଥନୀତିକୁ ଏକ ନୂତନ ଦିଶା ଦେଇଛି ।

ବିଶ୍ୱ ଅର୍ଥନୀତି ଏକ ଚରମ ଅନିଶ୍ଚିତତା ଭିତରେ ଗତି କରୁଛି । ଚୀନ-ଆମେରିକା ବାଣିଜ୍ୟ ବିବାଦ, ଇରାନର ଅର୍ଥନୈତିକ ବାସନ୍ଦ ଆଦି ଘଟଣା ଚିନ୍ତାର କାରଣ ହୋଇଛି ।

ଏହିଭଳି ପରିସ୍ଥିତିରେ ଦେଶର ଅର୍ଥନୀତି ମଧ୍ୟ ଏକ ସଂକଟ ଦେଇ ଗତି କରୁଛି । ଘରୋଇ ପୁଞ୍ଜି ନିବେଶ ହେଉ ନାହିଁ । ସରକାରୀ ପୁଞ୍ଜି ନିବେଶର କ୍ଷେତ୍ର ସଂକୁଚିତ ହେବାରେ ଲାଗିଛି । ବଜାରରେ କିଣା-ବିକାରେ ମାନ୍ଦାବସ୍ଥା ଲାଗି ରହିଛି । ଦେଶରେ ଶିଳ୍ପ ଉତ୍ପାଦନ ବୃଦ୍ଧି ପାଉ ନାହିଁ । ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ହାର ୨୦୧୭-୧୮ ବର୍ଷରେ ୪.୪% ଥିବା ବେଳେ ଏହା ୨୦୧୮-୧୯ରେ ୩.୬ ପ୍ରତିଶତକୁ ଖସି ଆସିଛି । ସେହିଭଳି ରପ୍ତାନୀ କ୍ଷେତ୍ର ମଧ ନୈରାଶ୍ୟଜନକ ରହିଛି । ରପ୍ତାନୀ ଅଭିବୃଦ୍ଧି ହାର ୭୦%ରୁ ୧୨%କୁ ଖସି ଆସିଛି । କୃଷି କ୍ଷେତ୍ରରେ ଚରମ ବିପର୍ଯ୍ୟୟ ଦେଖା ଦେଇଛି । କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ୨୦୧୪-୧୫ରୁ ୨୦୧୮-୧୯ ମଧ୍ୟରେ ନୈରାଶ୍ୟ ଜନକ ଭାବେ ବାର୍ଷିକ ହାରାହାରି ୨.୯% ରହିଛି । ନିଯୁକ୍ତି କ୍ଷେତ୍ର ବ୍ୟପକ ଭାବେ ସଂକୁଚିତ ହୋଇଛି । ଦେଶର ବେକାରୀ ହାର ବିଗତ ୪୫ ବର୍ଷରେ ସବୁଠାରୁ ଅଧିକ ୬.୧%ରେ ପହଂଚିଛି ।

ଦେଶର ସାମଗ୍ରୀକ ଘରୋଇ ଉତ୍ପାଦନ ବା ଜିଡିପିରେ ହ୍ରାସ ପାଇବାରେ ଲାଗିଛି । ଗତ ପାଂଚ ବର୍ଷରେଏହା ୮ % ରୁ ୬.୮% ଖସି ଆସିଲାଣି ।

ଦେଶର ପ୍ରଥମ ସ୍ୱୟଂ ସମ୍ପୂର୍ଣ୍ଣ ମହିଳା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କର ଜୀବନର ପ୍ରଥମ କେନ୍ଦ୍ର ବଜେଟ ୨୦୧୯-୨୦ ବର୍ଷ ପାଇଁ ଉପସ୍ଥାପନ କଲା ବେଳେ ତାଙ୍କ ସମ୍ମୁଖରେ ଦୁଇଟି ପରସ୍ପର ବିରୋଧୀ ବିକଳ୍ପ ଥିଲା । ଏକ ଲୋକପ୍ରୀୟ ବଜେଟ ଉପସ୍ଥାପନ କରି ନିର୍ବାଚନରେ ବିଜେପି ସରକାରକୁ ପୁନର୍ବାର କ୍ଷମତାକୁ ଆଣିଥିବା ଦେଶବାସୀଙ୍କୁ କୃତଜ୍ଞତା ଜଣାଇବା । ଅନ୍ୟ ପକ୍ଷରେ ଦେଶର ଅର୍ଥନୀତିକୁ ସଜାଡି ଏକ ଉଚ୍ଚ ଅଭିବୃଦ୍ଧି ହାର ହାସଲ କରିବାର ରାସ୍ତାକୁ ଆଣିବାର ଲକ୍ଷ୍ୟରେ ଏକ କଠୋର, ସଂସ୍କାର ମୂଳକ ବଜେଟ ଉପସ୍ଥାପନ କରିବା । ସୀତାରମଣ ଦ୍ୱିତୀୟ ବିକଳ୍ପକୁ ବାଛି ନେଇଥିଲେ ।

ଅର୍ଥନୈତିକ ସର୍ଭେ ରପୋର୍ଟ ଅନୁଯାୟୀ ଦେଶକୁ ଆଗାମୀ ପାଂଚ ବର୍ଷରେ ପାଂଚ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଂଚାଇବାକୁ ହେଲେ ବାର୍ଷିକ ୮% ଅଭିବୃଦ୍ଧି ହାର ହାସଲ କରିବାକୁ ହେବ । ଏହି ଉଚ୍ଚ ଲକ୍ଷ୍ୟ ହାସଲ କରିବା ଏକ ଦୁର୍ବାର ଆହ୍ୱାନ ।

ପ୍ରଥମ ବର୍ଷରୁ ହିଁ ଏଥିପାଇଁ ପ୍ରସ୍ତୁତି ର ଆବଶ୍ୟକତା ରହିଛି । ସେଥିପାଇଁ ଏକ ବାସ୍ତବବାଦୀ ବଜେଟ ଉପସ୍ଥାପନ କରି ସରକାର ପ୍ରକୃତ ସ୍ଥିତି ସହ ସାମନା-ସାମନି ହେଉଛନ୍ତି ।

ଦେଶର ଅର୍ଥନୀତିରେ ଏକ ଉଚ୍ଚ ଅଭିବୃଦ୍ଧି ହାସଲ କରିବାକୁ ହେଲେ ଘରୋଇ ପୁଞ୍ଜି ନିବେଶକୁ ଉତ୍ସାହିତ କରି ଶିଳ୍ପ ଉତ୍ପାଦନ ଓ ରପ୍ତାନୀ ବୃଦ୍ଧି କରିବାକୁ ହେବ । କୃଷି କ୍ଷେତ୍ର ଓ ଭିତିଭୂମୀରେ ରେ ଉନ୍ନତି ଆଣି ନିଯୁକ୍ତି ସୃଷ୍ଟି କରି ଘରୋଇ ଆହରଣ ବୃଦ୍ଧି କରିବାକୁ ହେବ । ଘରୋଇ ପୁଞ୍ଜି ନିବେଶକୁ ଉତ୍ସାହିତ କରିବାକୁ ହେବ ।

ବାସ୍ତବତାକୁ ହୃଦୟଙ୍ଗମ କରି, ସଞ୍ଚମତା ରକ୍ଷା କରି ସରକାର ଦେଶର ଅର୍ଥନୀତିକୁ ସଜାଡିବାର ପ୍ରୟାସ ଏହି ବଜେଟ୍ ରେ କରିଛନ୍ତି ।

କେନ୍ଦ୍ରୀୟ ଟିକସ ରାଜସ୍ୱ ହ୍ରାସ ପାଇବା ସରକାରଙ୍କ ପାଇଁ ଏକ ଗଭୀର ଉଦ୍‌ବେଗର କାରଣ। ଟିକସ-ଜିଡିପି ଅନୁପାତ ୨୦୧୮-୧୯ ଆର୍ଥିକ ବର୍ଷରେ ୦.୩% ହ୍ରାସ ପାଇ ୧୦.୯% ପହଂଚିଥିଲା। ଏହା ୨୦୧୮-୧୯ ବର୍ଷରେ ୧୧.୪ % ହେବ ବୋଲି ମୂଳ ବଜେଟ୍ ରେ ଆକଳନ କରାଯାଇଥିଲା।

ପ୍ରତ୍ୟକ୍ଷ କର ୨୦୧୮-୧୯ ବର୍ଷରେ ୧୪.୪% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବା ବେଳେ ତାହା ୧୩.୪% ବୃଦ୍ଧି ପାଇଥିଲା । ପରୋକ୍ଷ କର ବଜେଟ୍ ର ମୂଳ ଆକଳନରୁ ୧୬% କମ୍ ରହିଥିଲା ।

ତେବେ ସରକାର ଚଳିତ ବଜେଟରେ ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ଟିକସ ଆୟ ୨୪.୬୧ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରିଛନ୍ତି । ଟିକସ ଆଦାୟରେ ପ୍ଲବନତା

୧.୭% ହେବ ବୋଲି ଆଶା କରା ଯାଇଛି । ବିମୁଦ୍ରାୟନର ବର୍ଷ ୨୦୧୬-୧୭ରେ ଏହା ୧.୭% ଥିବା ବେଳେ ପରବର୍ତି ବର୍ଷରେ ଏହା ହ୍ରାସ ପାଇ ୨୦୧୭-୧୮ରେ ୧% ଏବଂ ୨୦୧୮-୧୯ରେ ମାତ୍ର ୦.୭%କୁ ଖସି ଆସିଛି । (ଜିଡିପି ତୁଳନାରେ ଟିକସର ଅଭିବୃଦ୍ଧି ଅନୁପାତିକ ହାରକୁ ଟିକସ ପ୍ଲାବନତା କୁହାଯାଏ । )

ବଜେଟ୍ ରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଫଳରେ ପରୋକ୍ଷ କର ରୁ ୨୫,୦୦୦ କୋଟି ଟଙ୍କା ଏବଂ ପ୍ରତ୍ୟକ୍ଷ କରରୁ ୬୦୦୦ କୋଟି ଟଙ୍କା ମିଳିବ ବୋଲି ଆଶା କରାଯାଇଛି ।

**ପ୍ରତ୍ୟକ୍ଷ କର:**

ବଜେଟ୍‌ରେ ଆକଳନ କରା ଯାଇଛି ଯେ ଉଭୟ କରପୋରେଟ୍ ଟିକସ ଓ ବ୍ୟକ୍ତିଗତ ଟିକସ ମିଶି ସଂଶୋଧିତ ଆକଳନରୁ ୬% ବୃଦ୍ଧି ପାଇବ । କିନ୍ତୁ ୨୦୧୮-୧୯ର ପ୍ରକୃତ ଆୟକୁ ବିଚାରକୁ ନେଲେ ଏହା ୧୮.୬% ବୃଦ୍ଧି ପାଇବାର ଆବଶ୍ୟକତା ରହିଛି ।

ବଜେଟରେ ସରକାର ଧନୀ ବ୍ୟକ୍ତିଙ୍କ ଆୟ ଉପରେ ଉଚ୍ଚ ହାରରେ ସରଚାର୍ଜ ଲାଗୁ କରିଛନ୍ତି । ବାର୍ଷିକ ୨ରୁ ୫ କୋଟି ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କ ଉପରେ ପଡୁଥିବା ଟିକସର ହାର ବର୍ତମାନ ବାସ୍ତବରେ ୩% ପଏଂଟ ବୃଦ୍ଧି ପାଇବ ଏବଂ ୫ କୋଟିରୁ ଅଧିକ ଆୟକାରୀଙ୍କ ପାଇଁ ଏହା ୭% ପଏଂଟ ବୃଦ୍ଧି ପାଇବ । ଏହି ସରଚାର୍ଜ ବାବଦକୁ ୧୨,୦୦୦ କୋଟି ଟଙ୍କା ଅଧିକ ପ୍ରତ୍ୟକ୍ଷ କର ରାଜସ୍ୱ ମିଳିବ ବୋଲି ସରକାର ହିସାବ କରିଛନ୍ତି ।

ଧନୀଙ୍କ ଉପରେ ଏହି ଟିକସକୁ ଧନୀ ବ୍ୟକ୍ତିମାନେ ବିରୋଧ କରିବା ସ୍ୱାଭାବିକ । ଏହା ସେମାନଙ୍କୁ ଅଧିକ ଉପାର୍ଜନ କରିବାରୁ ନିରୁତ୍ସାହିତ କରିବ ବୋଲି ସେମାନେ ଯୁକ୍ତି କରୁଛନ୍ତି । କିନ୍ତୁ ବଜେଟର ଏହି ପଦକ୍ଷେପ ସ୍ୱାଗତ ଯୋଗ୍ୟ । କାରଣ ବର୍ତମାନ ପରିସ୍ଥିତିରେ ଗରୀବ ଓ ମଧ୍ୟବିତଙ୍କଠାରୁ କୌଣସି ଟିକସ ଆଦାୟ କରିବା ସମୀଚୀନ ନୁହେଁ ।

ତେବେ ଏହି ସରଚାର୍ଜର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ ଏହା ବର୍ତମାନ ବିଦେଶୀ ପୁଞ୍ଜି ନିବେଶକ ପାଇଁ ଲାଗୁ ହେବ । ଅଧିକାଂଶ ବିଦେଶୀ ନିବେଶକ ମାନେ ଟ୍ରଷ୍ଟ ମାଧ୍ୟମରେ ଦେଶର ଷ୍ଟକ ବଜାରେରେ ଓ ବଣ୍ଡ ବଜାରରେ ପୁଞ୍ଜି ଲଗାଉଛନ୍ତି । କରପୋରେଟ ପୁଞ୍ଜି ନିବେଶ କଲେ ସେମାନଙ୍କୁ ସର୍ବନିମ୍ନ ବିକଳ୍ପ ଟକସ ୧୮.୫% ଏବଂ ଅଂଶଧନ ବିତରଣ ଟିକସ ୨୦% ହିସାବରେ ଦେବାକୁ ହେବ । ଏହି ଟିକସକୁ ଏଡାଇବା ପାଇଁ ବିଦେଶୀ ନିବେଶକମାନେ ଟ୍ରଷ୍ଟ ମାଧ୍ୟମରେ ପୁଞ୍ଜି ବିନିଯୋଗ କରୁଛନ୍ତି । ବର୍ତମାନ ଟ୍ରଷ୍ଟକୁ ଏକ ବ୍ୟକ୍ତି ବା ଗୋଷ୍ଠୀ ଭାବେ ଧରା ଯାଉଥିବାରୁ ଟ୍ରଷ୍ଟ ମାଧ୍ୟମରେ ପୁଞ୍ଜି ବିନିଯୋଗ କରୁଥିବା ବିଦେଶୀ ନିବେଶକ ଗୁଡିକୁ ଏହି ସରଚାର୍ଜ ଦେବାକୁ ପଡିବ ।

ବିଦେଶୀ ନିବେଶକଗୁଡିକୁ ବର୍ତମାନ ଦୀର୍ଘ ମିଆଦି ପୁଞ୍ଜି ଲାଭ ଉପରେ ବାସ୍ତବରେ ୧୨% ପରିବର୍ତେ ୧୪.୨୫% ଟକସ ଏବଂ ସ୍ୱଳ୍ପ ମିଆଦି ପୁଞ୍ଜି ଲାଭ ଉପରେ ୧୭.୯% ପରିବର୍ତେ ୨୧.୪% ଟିକସ ଦେବାକୁ ହେବ ।

ବିଦେଶୀ ନିବେଶକମାନେ ବଜେଟର ଏହି ପ୍ରସ୍ତାବକୁ ବିରୋଧ କରୁଛନ୍ତି । ତେବେ ଅର୍ଥ ମନ୍ତ୍ରୀ ସୀତାରମଣ ସାଂସଦରେ ଏହାର ଯଥାର୍ଥତା ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି । ସେ ବିଦେଶୀ ପୁଞ୍ଜି ନିବେଶକ ମାନଙ୍କୁ ଏହି ସରଚାର୍ଜରୁ ରକ୍ଷା ପାଇବାକୁ ଚାହୁଁଥିଲେ ଟ୍ରଷ୍ଟ ବଦଳରେ କରପୋରେଟ ଫଣ୍ଡ ଭାବେ ପୁଞ୍ଜି ନିବେଶ କରିବାକୁ ପରାମର୍ଶ ଦେଇଛନ୍ତି ।

ସର୍ବନିମ୍ନ କରପୋରେଟ ଟିକସ ୨୫% ପାଇଁ ମୋଟ କାରବାରର ସୀମା ୨୫୦ କୋଟି ଟଙ୍କାରୁ ୪୦୦ କୋଟି ଟଙ୍କାକୁ ବୃଦ୍ଧି କରା ଯାଇଛି । ଏହା ଫଳରେ ବର୍ତମାନ ଦେଶର ପ୍ରାୟ ସମସ୍ତ ଅର୍ଥାତ ୯୯.୩% କମ୍ପାନୀ ଉପକୃତ ହେବେ । କେବଳ ମାତ୍ର ୦.୭% କମ୍ପାନୀଙ୍କୁ ୩୦% ହାରରେ କରପୋରେଟ ଟିକସ ଦେବାକୁ ହେବ । ସରକାର କରପୋରେଟ ଟିକସକୁ ହ୍ରାସ କରିବେ ବୋଲି ଆଗରୁ ପ୍ରତିଶ୍ରୁତି ଦେଇଥିଲେ । ବର୍ତମାନ ଅଧିକାଂଶ କମ୍ପାନୀ ୨୫% ଟିକସ ବନ୍ଧନୀ ମଧ୍ୟକୁ ଆସି ଯାଇଛନ୍ତି । ଏହା ଛଡା ବଜେଟରେ ଦେବାଳିଆ କମ୍ପାନୀ ଗୁଡିକୁ

ବିଶ୍ୱ ଅର୍ଥନୀତି ଏକ ଚରମ ଅନିଶ୍ଚିତତା ଭିତରେ ଗତି କରୁଛି । ଚୀନ-ଆମେରିକା ବାଣିଜ୍ୟ ବିବାଦ, ଇରାନର ଅର୍ଥନୈତିକ ବାସନ୍ଧ ଆଦି ଘଟଣା ଚିନ୍ତାର କାରଣ ହୋଇଛି । ଏହିଭଳି ପରିସ୍ଥିତିରେ ଦେଶର ଅର୍ଥନୀତି ମଧ୍ୟ ଏକ ସଂକଟ ଦେଇ ଗତି କରୁଛି । ଘରୋଇ ପୁଞ୍ଜି ନିବେଶ ହେଉ ନାହିଁ । ସରକାରୀ ପୁଞ୍ଜି ନିବେଶର କ୍ଷେତ୍ର ସଂକୁଚିତ ହେବାରେ ଲାଗିଛି । ବଜାରରେ କିଣା-ବିକାରେ ମାନ୍ଦାବସ୍ଥା ଲାଗି ରହିଛି । ଦେଶରେ ଶିଳ୍ପ ଉତ୍ପାଦନ ବୃଦ୍ଧି ପାଉ ନାହିଁ । ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ହାର ୨୦୧୭-୧୮ ବର୍ଷରେ ୪.୪% ଥିବା ବେଳେ ଏହା ୨୦୧୮-୧୯ରେ ୩.୬ ପ୍ରତିଶତକୁ ଖସି ଆସିଛି । ସେହିଭଳି ରପ୍ତାନୀ କ୍ଷେତ୍ର ମଧ ନୈରାଶ୍ୟଜନକ ରହିଛି । ରପ୍ତାନୀ ଅଭିବୃଦ୍ଧି ହାର ୭୦%ରୁ ୧୨%କୁ ଖସି ଆସିଛି । କୃଷି କ୍ଷେତ୍ରରେ ଚରମ ବିପର୍ଯ୍ୟୟ ଦେଖା ଦେଇଛି । କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ୨୦୧୪-୧୫ରୁ ୨୦୧୮-୧୯ ମଧ୍ୟରେ ନୈରାଶ୍ୟ ଜନକ ଭାବେ ବାର୍ଷିକ ହାରାହାରି ୨.୯% ରହିଛି । ନିଯୁକ୍ତି କ୍ଷେତ୍ର ବ୍ୟପକ ଭାବେ ସଂକୁଚିତ ହୋଇଛି । ଦେଶର ବେକାରୀ ହାର ବିଗତ ୪୫ ବର୍ଷରେ ସବୁଠାରୁ ଅଧିକ ୬.୧%ରେ ପହଂଚିଛି । ଦେଶର ସାମଗ୍ରୀକ ଘରୋଇ ଉତ୍ପାଦନ ବା ଜିଡିପିରେ ହ୍ରାସ ପାଇବାରେ ଲାଗିଛି । ଗତ ପାଂଚ ବର୍ଷରେଏହା ୮ % ରୁ ୬.୮% ଖସି ଆସିଲାଣି । ଦେଶର ପ୍ରଥମ ସ୍ୱୟଂ ସମ୍ପୂର୍ଣ୍ଣ ମହିଳା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କର ଜୀବନର ପ୍ରଥମ କେନ୍ଦ୍ର ବଜେଟ ୨୦୧୯-୨୦ ବର୍ଷ ପାଇଁ ଉପସ୍ଥାପନ କଲା ବେଳେ ତାଙ୍କ ସମ୍ମୁଖରେ ଦୁଇଟି ପରସ୍ପର ବିରୋଧୀ ବିକଳ୍ପ ଥିଲା ।

ଜାତୀୟ କମ୍ପାନୀ ଟ୍ରିବ୍ୟୁନାଲ ମାଧ୍ୟମରେ କିଣୁଥିବା କମ୍ପାନୀଗୁଡ଼ିକୁ ମଧ୍ୟ କରପୋରେଟ ଟକସରେ ରିହାତି ବ୍ୟବସ୍ଥା ଦେଇଛନ୍ତି ।

ସରକାରଙ୍କର ଏହି ପଦକ୍ଷେପ ଫଳରେ କରପୋରେଟ କ୍ଷେତ୍ରରେ ପୁଞ୍ଜି ଲଗାଣ ବୃଦ୍ଧି ପାଇବ। ପୂର୍ବରୁ ୨୫୦ କୋଟି ଟଙ୍କା ଭିତରେ କାରବାର କରୁଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାନୁଷ୍ଠାନଗୁଡ଼ିକ ସେମାନଙ୍କର ଉତ୍ପାଦନ ପରିସର ବୃଦ୍ଧି କରିବାରେ ଉତ୍ସାହିତ ହେବା ବେଳେ ବଡ କମ୍ପାନୀ ଗୁଡ଼ିକ ଟିକସ ରିହାତି ପାଇ ସେମାନଙ୍କର କାରବାର ବୃଦ୍ଧି କରିବାକୁ ଇଚ୍ଛା ପ୍ରକାଶ କରିବେ । କେବଳ ସେତିକି ନୁହେଁ ଦେବାଳିଆ କମ୍ପାନୀଗୁଡ଼ିକୁ କିଣିବା ପାଇଁ କରପୋରେଟ ହାଉସମାନେ ପୁଞ୍ଜି ଖଟେଇବାକୁ ଉତ୍ସାହିତ ହେବେ ।

କର୍ପୋରେଟ ଟିକସ ହ୍ରାସ ଫଳରେ ଦେଶରେ ଘରୋଇ ପୁଞ୍ଜି ଲଗାଣରେ ଉନ୍ନତି ଆସିବ ବୋଲି ଆଶା କରାଯାଏ । ଏହି ପ୍ରକ୍ରିୟା ଅରମ୍ଭ ହେଲେ କରପୋରେଟ ଜଗତ ଆତ୍ମବିଶ୍ୱାସ ଫେରିପାଇବ ଏବଂ ଆଗମୀ ଦିନରେ ଅଧିକରୁ ଅଧିକ ଘରୋଇ ପୁଞ୍ଜି ଶିଳ୍ପ କାରଖାନା ଓ ଭିତିଭୂମୀ ନିର୍ମାଣ କ୍ଷେତ୍ରକୁ ଆସିବ ।

ବଜେଟରେ ଆଶା କରାଯାଉଥିଲା ଯେ ସରକାର ପାଂଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଆୟକର ସମ୍ପୂର୍ଣ୍ଣ ଛାଡ କରିବେ । କିନ୍ତୁ ତାହା ହେଲା ନାହିଁ । ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଗତ ଫେବୃଆରୀ ମାସରେ କାମଚଳା ବଜେଟ ଉପସ୍ଥାପନ କଲାବେଳେ ମଧ୍ୟବିତ ତଥା ବେତନ ଭୋଗୀ କର୍ମଚାରୀମାନଙ୍କୁ ରିହାତି ଦେଇ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୈଣସି ଆୟକର ନ ପଡିବାର ବ୍ୟବସ୍ଥା କରିଥିଲେ। ସେହି ବ୍ୟବସ୍ଥାକୁ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ବଜାୟ ରଖାଯାଇଛି ।

ତେବେ ସରକାର ସୁଲଭ ଗୃହ ନିର୍ମାଣକୁ ଉତ୍ସାହିତ କରିବା ପାଇଁ ଗୃହ ଋଣ ଉପରେ ସୁଧରେ ଅଧିକ ଟିକସ ରିହାତି ଦେଇଛନ୍ତି । ଆୟକର ଦାତାମାନେ ୪୫ଲକ୍ଷ ଟଙ୍କାର ଗୃହ ପାଇଁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ସୁଧ ରିହାତି ପାଇପାରିବେ । ଏହା ଫଳରେ ବର୍ତମାନ ଘର ବାବଦକୁ ମୋଟ ୩.୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଉପରେ ଆୟକର ରିହାତି ମିଳିବ । ମଧ୍ୟବିତ ଆୟକର ଦାତାଙ୍କୁ ପନ୍ଦର ବର୍ଷରେ ମୋଟ ସାତ ଲକ୍ଷ ଟଙ୍କାର ଲାଭ ମିଳିବ । ଏହା ଫଳରେ ସରକାରଙ୍କର ୨୦୨୨ ସୁଦ୍ଧା ୧.୯୫ କୋଟି ଘର ନିର୍ମାଣ କରିବା ଏବଂ ଘରକୁ ପାଇଖାନା, ବିଜୁଳି ଏବଂ ଇନ୍ଧନ ଗ୍ୟାସ ସଂଯୋଗ ଦେବା ଲକ୍ଷ୍ୟ ସାକାର ହେବ।

**ପରୋକ୍ଷ କର:**

ପରୋକ୍ଷ କର ସଂପର୍କରେ ସରାକାର ଅଧିକ ସଚେତନ ଅଛନ୍ତି ଏବଂ ପରୋକ୍ଷ କର ଆଦାୟ ଲକ୍ଷ୍ୟ ନିର୍ଦ୍ଧାରଣ କରିବାରେ ଅଧିକ ଯତ୍ନବାନ ହେଇଛନ୍ତି ।

ବଜେଟ ଆକଳନରେ ଜିଏସ୍‌ଟି ଆଦାୟକୁ ୧୪% ହ୍ରାସ କରାଯାଇ ୫.୨୬ ଲକ୍ଷ କୋଟି ଟଙ୍କା ରଖା ଯାଇଛି । ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ଜିଏସ୍‌ଟି ଆଦାୟ ହ୍ରାସ ପାଇବା ଘଟଣାକୁ ବିଚାରକୁ ନେଇ ସରକାର ଜିଏସ୍‌ଟି ଆଦାୟ ଲକ୍ଷ୍ୟରେ ସଂଶୋଧନ କରିଛନ୍ତି । ଜିଏସ୍‌ଟି ରେଟ ହ୍ରାସ ପାଉଥିବାରୁ କର ସଂଗ୍ରହ ହ୍ରାସ ପାଉଛି । ଜିଏସ୍‌ଟି ବଜେଟର ପରିସର ବାହାରେ ଥିବାରୁ ସରକାର ଜିଏସ୍‌ଟିରୁ ରାଜସ୍ୱ ଆଦାୟ ଉପରେ ବିଶେଷ ଆଶା ରଖି ନାହାଁନ୍ତି ।

ତେବେ ଅବକାରୀ ଶୁଳ୍କ ଆଦାୟ ୩ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଅବକାରୀ ଶୁଳ୍କ ୨୦୧୮-୧୯ ବର୍ଷରେ ୨.୩୧ ଲକ୍ଷ କୋଟି ଟଙ୍କା ଥିଲା । ପେଟ୍ରୋଲ ଓ ଡିଜେଲ ଉପରେ ଲିଟର ପ୍ରତି ଏକ ଟଙ୍କା ସେସ୍ ଏବଂ ସିଗାରେଟ ଓ ତମାଖୁ ଉପରେ ଶୁଳ୍କ ବୃଦ୍ଧି ଯୋଗୁ ଅଧିକ ଅବକାରୀ ଶୁଳ୍କ ମିଳିବ ବୋଲି ଆଶା କରାଯାଇଛି ।

ଅନେକଗୁଡ଼ିଏ ସାମଗ୍ରୀ ଉପରେ ସୀମା ଶୁଳ୍କ ବୃଦ୍ଧି ଯୋଗୁ ସେ ବାବଦରେ ମୋଟ ଆଦାୟ ୧.୫୬ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରା ଯାଇଛି ।

ସରକାର ଅବକାରୀ ଶୁଳ୍କ ବା ସୀମା ଶୁଳ୍କ ମାଧ୍ୟମରେ ଦେଶରେ ଶିଳ୍ପାୟନକୁ କ୍ରିୟାଶୀଳ କରିବାକୁ ଉଦ୍ୟମ କରିଛନ୍ତି ।

ମେକ-ଇନ୍-ଇଣ୍ଡିଆକୁ ସଫଳ କରିବାକୁ ସାମଗ୍ରୀ

## ସଂସ୍କାର ପଦକ୍ଷେପ

୧.ଜିଏସ୍‌ଟି କ୍ଷେତ୍ରକୁ ସରଳୀକରଣ କରାଯାଇ ମାସିକିଆ ରିଟର୍ଣ୍ଣର ବ୍ୟବସ୍ଥା କରା ଯାଇଛି । ପାଂଚ କୋଟିରୁ କମ୍ କାରବାର କରୁଥିବା ବ୍ୟବସାୟ ସଂସ୍ଥା ପାଇଁ ଏଣିକି ପ୍ରତି ତିନି ମାସରେ ଥରେ ରିଟର୍ଣ୍ଣ ଭର୍ତି କରିବାର ବ୍ୟବସ୍ଥା କରା ଯାଇଛି । ଜାନୁୟାରୀ ୨୦୨୦ରୁ ଇଲେକ୍ଟ୍ରୋନିକ ଇନଭଏସିଂ ପ୍ରଚଳନ ହେବା ସଙ୍ଗେ ସଙ୍ଗେ ଇ-ୱେ ବିଲ୍ ବ୍ୟବସ୍ଥାର ଉଚ୍ଛେଦ ହେବ । ଏହା ଛଡା ନ୍ୟାସନାଲ ଅପେଲେଟ ଅଥରିଟି ପ୍ରତିଷ୍ଠା, ଟିକସ ଦେୟ ପାଇଁ ଇଲେକ୍ଟ୍ରୋନିକ କ୍ୟାସ ରେଜିଷ୍ଟରରେ ଥିବା ନଗଦକୁ ଗୋଟିଏ ହେଡରୁ ଅନ୍ୟ ଏକ ହେଡକୁ ନେବା, ମୋଟ ବକେୟା ଟିକସ ଉପରେ ସୁଧ ଲାଗୁ କରିବା ଆଦି ପଦକ୍ଷେପ ଦେଶର ବ୍ୟବସାୟୀ ଏବଂ ଶିଳ୍ପପତିଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବ ।

୨.ଶୁଳ୍କ ମୁକ୍ତ ସ୍କ୍ରିପସ୍‌ରେ ହେଉଥିବା ଜାଲିଆତି କାରବାର ଏବଂ ଅସାଧୁ ବ୍ୟବହାରକୁ ରୋକିବା ପାଇଁ ଏବଂ ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ ମୂଲ୍ୟର ସ୍କ୍ରିପସ୍‌କୁ ଡ୍ରବ୍ୟାକ୍ କରିବା ଉପରେ କଡା ଆଭିମୂଖ୍ୟ ଗ୍ରହଣ କରି ଏହାକୁ ଧର୍ତବ୍ୟ ଏବଂ ଜାମିନ ବିହୀନ ଅପରାଧ ଘୋଷଣା କରାଯାଇଛି ।

୩.ଦେଶ ଜିଏସ୍‌ଟି ଟିକସ ପ୍ରଶାସନକୁ ଆସିବାର ଦୁଇ ବର୍ଷ ହେଲାଣି । ତଥାପି ଅନେକ ଶିଳ୍ପାନୁଷ୍ଠାନ ଓ ବ୍ୟବସାୟୀକ ପ୍ରତିଷ୍ଠାନ କ୍ଷେତ୍ରରେ ଏବେବି ବିଗତ ଦିନର ଭାଟ ପ୍ରଶାସନ କାଳର ଟିକସ ସଂକ୍ରାନ୍ତିୟ ବିବାଦମାନ ଲାଗି ରହିଛି । ଟକସ ବିବାଦକୁ ହ୍ରାସ କରିବା ଏବଂ ଟିକସ ପ୍ରଶାସନକୁ ପୁନର୍ବିନ୍ୟାସ କରିବା ଉଦ୍ଦେଶ୍ୟରେ ଅର୍ଥମନ୍ତ୍ରୀ ଲିଗାସୀ ଡିସ୍‌ପ୍ୟୁଟ ରିଜୋଲ୍ୟୁସନ ସ୍କିମ୍‌ର ପ୍ରସ୍ତାବ ରଖିଛନ୍ତି । ଏହା ଫଳରେ ବାଣିଜ୍ୟ ଏବଂ ଶିଳ୍ପ କ୍ଷେତ୍ରରେ ବହୁ ଦିନରୁ ପଡି ରହିଥିବା ଟିକସ ବିବାଦ ଗୁଡ଼ିକର ତୁରନ୍ତ ସମାଧାନ ହୋଇପାରିବ ।

୪.ଡିଜିଟାଲ ଅର୍ଥନୀତି ଏବଂ ଷ୍ଟାର୍ଟ ଅପ୍ ମାଧ୍ୟମରେ ସରକାର ବର୍ତମାନର ପ୍ରଚଳିତ ଆୟକର ଆକଳନ ବ୍ୟବସ୍ଥାକୁ ପରିବର୍ତନ କରିବାକୁ ଯାଉଛନ୍ତି । କୌଣସି ମଣିଷର ଉପସ୍ଥିତି ବିନା ଫେସ୍‌ଲେସ୍ ଇ-ଆସେସମେଂଟକୁ ସରକାର ସମ୍ଭବ କରିବାକୁ ଯାଉଛନ୍ତି। ଏହି ଭଳି ବ୍ୟବସ୍ଥା ପରବର୍ତି କାଳରେ ପରୋକ୍ଷ ଟିକସ

ପାଇଁ ବି ଲାଗୁ ହେବ ଏଥିରେ ସନ୍ଦେହ ନାହିଁ ।

୫.କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ୫୯ ମିନିଟ୍‌ରେ ମିଳି ପାରିବ । ଜିଏସ୍‌ଟି ତାଲିକାଭୁକ୍ତ ସମସ୍ତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ନୂଆ ଋଣ କଲେ ଇଂଟେରେଷ୍ଟ ସବ୍‌ଭେନ୍‌ସନ ସ୍କିମରେ ୨% ସୁଧ ଛାଡ ପାଇଁ ୩୫୦ କୋଟି ଟଙ୍କାର ପ୍ରବଧାନ କରା ଯାଇଛି ।

୬.ସେଣ୍ଟ୍ରାଲ୍ ପବ୍ଲିକ ସେକ୍ଟର ଏଣ୍ଟରପ୍ରାଇଜ୍ ଏକ୍ସଚେଞ୍ଜ ଟ୍ରେଡ୍ ଫଣ୍ଡରେ ବର୍ତ୍ତମାନ ସାଧାରଣ ନାଗରିକ ପୁଞ୍ଜି ନିବେଶ କରି ପାରିବେ ଏବଂ ଆୟକର ଆଇନର ଧାରା ୮୦ଗ ରେ ଟିକସ ରିହାତି ପାଇପାରିବେ । ଅର୍ଥମନ୍ତ୍ରୀ ନିର୍ମଳା ସିତାରମଣ ତାଙ୍କ ବଜେଟ୍ ଅଭିଭାଷଣରେ କହିଛନ୍ତି ଯେ ସିପିଏସ୍‌ଇ ଇଟିଏଫ ଟିକସ ସଂଚୟ ମ୍ୟୁଚୁଆଲ ଫଣ୍ଡ ଢ଼ାଂଚାରେ ହେବ ।

୭.ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରି ଟିକସ ପ୍ରଶାସନକୁ ସ୍ୱଚ୍ଛ, ନିରପେକ୍ଷ ଏବଂ କାର୍ଯ୍ୟଦକ୍ଷ କରିବାର ପ୍ରୟାସ ଏଥରର ବଜେଟରେ କରାଯାଇଛି । ଟିକସ ବିଭାଗର ଡାଟାବେସ ସହ ବ୍ୟାଙ୍କ, ଷ୍ଟକ୍ ଏକ୍ସଚେଞ୍ଜ, ପ୍ରୋଭିଡେଣ୍ଟ ଫଣ୍ଡ୍ ଭଳି ସଂସ୍ଥାର ଡାଟାବେସ୍‌କୁ ସଂଯୋଗୀକରଣ ଫଳରେ କେବଳ ଟିକସ ଠକେଇ ଘଟଣା ନୁହେଁ ଆୟକର ଦାତାଙ୍କ ସହ ବିନା ପ୍ରତ୍ୟକ୍ଷ ସାକ୍ଷାତରେ ଟିକସ ଆକଳନ କରାଯାଇ ପାରିବ । ବର୍ତମାନ ଆୟକର ବିଭାଗର ଜିଏସ୍‌ଟି ଓ ରେଜିଷ୍ଟ୍ରାର ଅଫ କମ୍ପାନୀଜ ନେଟ୍‌ୱାର୍କ ସହ ସଂଯୋଗ ରହିଛି ।

୮.ଟିକସ କମିଶନରଙ୍କୁ ଦାତବ୍ୟ ଟ୍ରଷ୍ଟ ଗୁଡିକ ସଂପର୍କରେ ତଥ୍ୟ ସଂଗ୍ରହ ନିମନ୍ତେ ଅଧିକ କ୍ଷମତା ଦିଆ ଯାଇଛି । ଟ୍ରଷ୍ଟ ଗୁଡିକ ଯଦି ଅନ୍ୟାନ୍ୟ ଆଇନ ଉଲଘଂନ କରୁଥାନ୍ତି ତାହେଲେ ସେମାନଙ୍କୁ ମିଳୁଥିବା ଟିକସ ରିହାତି ପ୍ରତ୍ୟାହୃତ କମିଶନର କରି ପାରିବେ । ଟ୍ରଷ୍ଟଗୁଡିକୁ ଗତ ବର୍ଷଠାରୁ ଏକ ନୂଆ ଫର୍ମରେ ଫରେନ କଣ୍ଟ୍ରିବ୍ୟୁସନ୍ ଆକ୍ଟ ୨୦୧୦ ଆଦି ଆଇନ ଗୁଡିକ ସଂପର୍କରେ ବିଷଦ ଘୋଷଣାମାନ ଦେବାକୁ ପଡୁଛି ।

୯.ସମ୍ପତ୍ତି କିଣୁଥିବା ବା ବିଦେଶ ଗସ୍ତ କରୁଥିବା ଧନୀ ବ୍ୟକ୍ତିମାନଙ୍କୁ ଟ୍ୟାକ୍ସ ରିଟର୍ଣ୍ଣ ଦେବାକୁ ବାଧ୍ୟତାମୂଳକ କରାଯିବା ଫଳରେ ଅଧିକରୁ ଅଧିକ ଲୋକ ବର୍ତମାନ ଟ୍ୟାକ୍ସ ପରିସରକୁ ଆସିବେ ।

ଆମଦାନୀ ବଦଳରେ ଦେଶରେ ତାହାର ଉତ୍ପାଦନକୁ ଉତ୍ସାହିତ କରିବାକୁ ଏବଂ ଦେଶୀୟ ଶିଳ୍ପକୁ ସମାନ ସୁଯୋଗ ଦେବାକୁ ଅନେକ ଗୁଡିଏ ସାମଗ୍ରୀ ଉପରେ ଥିବା ସୀମା ଶୁଳ୍କକୁ ବୃଦ୍ଧି କରା ଯାଇଛି । ସେହିଭଳି ଦେଶରେ ଉତ୍ପାଦନକୁ ବୃଦ୍ଧି କରିବାକୁ ଆବଶ୍ୟକ କଂଚାମାଲ ଏବଂ ଅନ୍ୟାନ୍ୟ ଶିଳ୍ପ ଉତ୍ପାଦନ ପାଇଁ ବ୍ୟବହାର ହେଉଥିବା ସାମଗ୍ରୀ ଉପରେ ସୀମା ଶୁଳ୍କ ହ୍ରାସ କରା ଯାଇଛି । ନାପଥା, ପ୍ରୋପଲିନ୍ ଅକ୍ସାଇଡ୍, ସିଆର୍ ଜିଓ ଷ୍ଟୀଲ ଆଦି ବିଭିନ୍ନ ସାମଗ୍ରୀ ଉତ୍ପାଦନରେ ବ୍ୟବହାର ହେଉଥିବରୁ ଏହି ସବୁ ସାମଗ୍ରୀ ଉପରେ ସୀମା ଶୁଳ୍କ ହ୍ରାସ କରା ଯାଇଛି ।

ଅନ୍ୟ ପକ୍ଷରେ କାଜୁ ବାଦାମ, ପିଭିସି, ଅଟୋ ପାର୍ଟ, ସିସିଟିଭି କ୍ୟାମେରା, ଆଇପି କ୍ୟାମେରା, ଡିଜିଟାଲ ଆଣ୍ଡ ନେଟ୍‌ୱାର୍କ ଭିଡିଓ ରେକର୍ଡର ଆଦି ଉପରେ ବେସିକ କଷ୍ଟମ ଡ୍ୟୁଟି ବୃଦ୍ଧି କରି ଭାରତୀୟ ଉତ୍ପାଦକଙ୍କୁ ସମାନ ସୁଯୋଗ ଦେବାପାଇଁ ପ୍ରୟାସ କରା ଯାଇଛି । । ସ୍ପ୍ଲିଟ୍ ଏସିର ଇନଡୋର ଓ ଆଉଟଡୋର ୟୁନିଟ ଉପରେ ବେସିକ କଷ୍ଟମ ଡ୍ୟୁଟି କୁ ୧୦%ରୁ ୨୦ %କୁ , ସିସିଟିଭି ଏବଂ ଆଇପି କ୍ୟାମେରା ଉପରେ ୧୫%ରୁ ୨୦କୁ ବୃଦ୍ଧି କରା ଯାଇଛି । ତେବେ ବର୍ତମାନ ଭାରତରେ ପ୍ରସ୍ତୁତ ହୋଇ ପାରୁଥିବା ମାଇକ୍ରୋଫୋନ, ରିସିଭର, ସିମ ସକେଟ ଏବଂ ସେଲୁଲାର ମୋବାଇଲ ଫୋନରେ ବ୍ୟବହୃତ କନେକ୍ଟର ଭଳି ଇଲେକ୍ଟ୍ରୋନିକ ସାମଗ୍ରୀ ଉପରେ ଯେଉଁ ବେସିକ୍ କଷ୍ଟମ ଡ୍ୟୁଟି ଛାଡ ଥିଲା ତାହାକୁ ଉଠାଇ ଦିଆ ଯାଇଛି ।

ଦେଶୀୟ ପ୍ରସ୍ତୁତକାରୀଙ୍କୁ ଉତ୍ସାହିତ କରିବା ପାଇଁ କେତେକ କଞ୍ଚାମାଲ ଏବଂ କ୍ୟାପିଟାଲ ଗୁଡସ୍ ଯଥା କୃତ୍ରିମ ବୃକକ୍ , ଡିସପୋଜେବଲ ଷ୍ଟେରୀଲାଇଜଡ୍ ଡାଏଲସର ଏବଂ ଆଣବିକ କେନ୍ଦ୍ରରେ ବ୍ୟବହୃତ ହୋଇଥିବା ଇନ୍ଧନ୍ ଉପରେ ସୀମା ଶୁଳ୍କ ହ୍ରାସ କରା ଯାଇଛି । ସୁନା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଧାତୁ ଉପରେ ସୀମା ଶୁଳ୍କକୁ ୧୦%ରୁ ୧୨.୫ ପ୍ରତିଶତକୁ ବୃଦ୍ଧି କରା ଯାଇଛି ।

ଭାରତରେ ପ୍ରସ୍ତୁତ ହେଉ ନଥିବା ପ୍ରତିରକ୍ଷା ଯନ୍ତ୍ରପାତିର ଆମଦାନୀ ଉପରୁ ବେସିକ କଷ୍ଟମ ଡ୍ୟୁଟି ଜୁନ୍ ୩୦, ୨୦୨୪ ପର୍ଯ୍ୟନ୍ତ ଛାଡ କରା ଯାଇଛି । ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଏହା ସହାୟକ ହେବ ।

ଭାରତକୁ ବିଶ୍ୱର ଇଲେକ୍ଟ୍ରିକ ଗାଡି ଉତ୍ପାଦନର ଏକ ହବ୍‌ରେ ପରିଣତ କରିବାକୁ ବଜେଟରେ ପ୍ରୟାସ ଆରମ୍ଭ କରାଯାଇଛି । ଏଥିପାଇଁ ସରକାର ବଜେଟରେ ଆସନ୍ତା ତିନି ବର୍ଷରେ ଦଶ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାର ପ୍ରସ୍ତାବ ରଖିଛନ୍ତି । ଇଲେକ୍ଟ୍ରିକ କାର ପ୍ରଚଳନକୁ ପ୍ରୋତ୍ସାହନ ଦେବାକୁ ଏହାର ଯନ୍ତ୍ରାଂଶ ଉପରେ ଆମଦାନୀ ଶୁଳ୍କ ଛାଡ କରି ଦିଆ ଯାଇଛି । ସେପଟେ ଜିଏସ୍‌ଟି ପରିଷଦକୁ ମଧ୍ୟ ଇଲେକ୍ଟ୍ରିକ କାର୍ ଉପରେ ଥିବା ଟିକସକୁ ୧୨%ରୁ ୫%କୁ ଖସାଇ ଦେବାପାଇଁ ସରକାର ପ୍ରସ୍ତାବ ଦେଇଛନ୍ତି । ବଜେଟରେ ଇଲେକ୍ଟ୍ରିକ କାରକୁ ପ୍ରୋତ୍ସାହନ ଦେବାକୁ ଏକ ନିର୍ଣ୍ଣାୟକ ନିଷ୍ପତି ନିଆଯାଇଛି ।

ପେଟ୍ରୋଲ ଓ ଡିଜେଲ ଉପରେ ଏକ ଟଙ୍କା ସ୍ୱତନ୍ତ୍ର ଅତିରିକ୍ତ ଅବକାରୀ ଶୁଳ୍କ ଏବଂ ଏକ ଟଙ୍କା ରାସ୍ତା ଓ ଭିତିଭୂମୀ ସେସ୍ ଏହି ଭଳି ଭାବରେ ପ୍ରତି ଲିଟର ଉପରେ ଦୁଇ ଟଙ୍କା ଟିକସ ଲାଗୁ କାରାଯାଇଛି । ଏହି ସଂକ୍ରାନ୍ତିୟ ବିତିୟ ବିଧେୟକରେ ଅତିରିକ୍ତ ଶୁଳ୍କ ପ୍ରତି ଲିଟରରେ ତିନି ଟଙ୍କା ପର୍ଯ୍ୟନ୍ତ ଏବଂ ସେସ୍ ଦୁଇ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବାର ବ୍ୟବସ୍ଥା କରାଯାଇଛି ।

ସରକାର ପେଟ୍ରୋଲ ଡିଜେଲ ସେସ୍ ରାସ୍ତାଘାଟ ତଥା ଭିତିଭୂମୀ ନିର୍ମାଣ କ୍ଷେତ୍ରରେ ବିନିଯୋଗ କରିବେ ।


ଦେଶର ବୀମା, ବିମାନ ସେବା,ଏକକ ଖୁଚୁରା ବ୍ୟବସାୟ ଓ ଗଣମାଧ୍ୟମ କ୍ଷେତ୍ରକୁ ବିଦେଶ ପୁଞ୍ଜି ନିବେଶ ପାଇଁ ଖୋଲି ଦିଆ ଯାଇଛି । ଏହାଫଳରେ ପ୍ରତ୍ୟକ୍ଷ ବିଦେଶ ପୁଞ୍ଜି ନିବେଶକୁ ପ୍ରୋତ୍ସାହନ ମିଳିବ ।

ବଜେଟରେ ଆଞ୍ଜେଲ ଟିକସ ବିବାଦର ସମାଧାନ କରାଯାଇଛି । ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ଷ୍ଟାର୍ଟ ଅପ୍ ବା ନିବେଶକମାନଙ୍କୁ ଆଉ ଯାଂଚ ପ୍ରକ୍ରିୟାରେ ସାମିଲ କରାଯିବନାହିଁ ଯଦି ସେମାନେ ପୂର୍ବରୁ ଆବଶ୍ୟକ ତଥ୍ୟ ପ୍ରକାଶ କରିଥିବେ । ଷ୍ଟାର୍ଟ ଅପ୍ ର ସଂଜ୍ଞାକୁ ପରିବର୍ଦ୍ଧିତ କରାଯିବା ସଙ୍ଗେ ସଙ୍ଗେ ଏହା ସମୟ ସୀମାକୁ ସାତ ବର୍ଷରୁ ଦଶ ବର୍ଷକୁ ବୃଦ୍ଧି କରା

ଯାଇଛି । ଷ୍ଟାର୍ଟ ଅପ୍ କ୍ଷେତ୍ରରେ ପୁଞ୍ଜି ନିବେଶକୁ ଉତ୍ସାହିତ କରିବାକୁ କ୍ୟାପିଟାଲ ଗ୍ରେନ୍ ଛାଡ ସମୟ ସୀମାକୁ ବୃଦ୍ଧି କରିଛନ୍ତି । ଗୃହ ବିକ୍ରୀ ଲବ୍ଧ ଅର୍ଥ ଷ୍ଟାର୍ଟ ଅପ୍ ରେ ନିବେଶ କଲେ ଏହି ସୁବିଧା ମିଳିବ । ସରକାର ଷ୍ଟାର୍ଟ ଅପ୍ ପାଇଁ ଏକ ସ୍ୱତନ୍ତ୍ର ଟିଭି ଚ୍ୟାନେଲ ଆରମ୍ଭ କରିବାର ପ୍ରସ୍ତାବ ରଖିଛନ୍ତି ।

ପ୍ରକୃତ ପକ୍ଷେ ଷ୍ଟାର୍ଟ ଅପ୍ କମ୍ପାନୀ, ଭେଂଚର କ୍ୟାପିଟାଲ ଓ ଆଞ୍ଜେଲ ପୁଞ୍ଜି ଲଗାଣକାରୀ ସଂସ୍ଥାମାନେ ଆୟକର ବିଭାଗର ଯାଂଚରେ ଅତିଷ୍ଠ ହୋଇ ପଡିଥିଲେ । ତେବେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟର ହସ୍ତକ୍ଷେପ ଫଳରେ ଏହି ବିବାଦର ସମାଧାନ ହୋଇଥିଲା । ବାଣିଜ୍ୟ ମନ୍ତ୍ରଣାଳୟର ଓ ଅର୍ଥ ମନ୍ତ୍ରଣାଳୟର ଅଧିକାରୀ ଏବଂ ଷ୍ଟାର୍ଟଅପ୍ କମ୍ପାନୀ, ଭେଂଚର କ୍ୟାପିଟାଲ ଓ ଆଞ୍ଜେଲ ଫଣ୍ଡିଂ କମ୍ପାନୀର ପ୍ରତିନିଧିମାନଙ୍କ ମଧ୍ୟରେ ଅପୋଷ ଆଲୋଚନା ପରେ ଷ୍ଟାର୍ଟ ଅପ କମ୍ପାନୀଗୁଡିକର ତାଲିକାଭୁକ୍ତ ହେବାର ପଦ୍ଧତିରେ ସରଳୀକରଣ ହୋଇ ପାରିଥିଲା । ଏଥରର ବଜେଟରେ ଏହାକୁ ଆହୁରି ଏକ ପାଦ ଆଗକୁ ନେଇ ଅର୍ଥମନ୍ତ୍ରୀ ଆବଶ୍ୟକ ତଥ୍ୟ ଷ୍ଟାର୍ଟଅପ୍ କମ୍ପାନୀ ପକ୍ଷରୁ ପୂର୍ବରୁ ପ୍ରକାଶ କରା ଯାଇଥିଲେ ଆଉ ମୂଲ୍ୟାୟନକୁ ପ୍ରଶ୍ନ କରା ଯାଇପାରିବ ନାହିଁ । ଏହାଛଡା ଏକ ଇ-ଭେରିଫିକେସନ ବ୍ୟବସ୍ଥା ଟିକସ ଅଧିକାରୀ ମାନଙ୍କ ପାଇଁ କରାଯିବ ଯାହା ମାଧ୍ୟମରେ ସେମାନେ ପୁଞ୍ଜି ନିବେଶକାରୀଙ୍କ ର ପରିଚୟ ଓ ସେମାନଙ୍କର ପୁଞ୍ଜିର ଉତ୍ସକୁ ସ୍ୱୀକୃତି ଦେଇ ପାରିବେ ।

ସରକାର ଟଙ୍କା ନେଣ-ଦେଣ କାରବାରରେ ସ୍ୱଚ୍ଛତା ଆଣିବା ପାଇଁ ଡିଜିଟାଲ ପେମେଂଟକୁ ବଜେଟ୍‌ରେ ପ୍ରୋତ୍ସାହନ ଦେବା ସଙ୍ଗେ ସଙ୍ଗେ ନଗଦ ଟଙ୍କା କାରବାର ଉପରେ ରୋକ ଲଗାଇବାର ବନ୍ଦୋବସ୍ତ କରିଛନ୍ତି ।




ଡିଜିଟାଲ ପେମେଂଟ କ୍ଷେତ୍ରରେ ଦୁଇଟି ଘୋଷଣା ହୋଇଛି । କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ନୂଆ ପେମେଂଟ ପ୍ଲାଟଫର୍ମ ଏବଂ ଏମ୍‌ଡିଆର୍ ଦେୟ ଛାଡର ବ୍ୟବସ୍ଥା କରା ଯାଇଛି । ପେମେଂଟ ପ୍ଲାଟଫର୍ମରେ ବର୍ତମାନ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକ ସେମାନଙ୍କର ବିଲ୍‌ଗୁଡିକ ସହଜରେ ଦାଖଲ କରିବା ସଙ୍ଗେ ସଙ୍ଗେ ଠିକଣା ସମୟରେ ସେମାନଙ୍କ ଦେୟ ପଇଠ କରି ପାରିବେ । ଏମ୍‌ଡିଆର ଦେୟ ଛାଡ କରି ସରକାର ଛୋଟ ଛୋଟ ବ୍ୟବସାୟକୁ ଡିଜିଟାଲ ପେମେଂଟ ରାସ୍ତାକୁ ଆଣିବା ପାଇଁ ଉଦ୍ୟମ କରିଛନ୍ତି । ବଜେଟରେ ଡିଜିଟାଲ ପେମେଂଟରେ ବ୍ୟବସାୟ ଦେୟକୁ ଛାଡ କରି ସରକାର ବାର୍ଷିକ ୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କାରବାର କରୁଥିବା ବ୍ୟବସାୟୀଙ୍କୁ ସେମାନଙ୍କର ଗ୍ରାହକଙ୍କୁ ଡିଜିଟାଲ ପେମେଂଟର ସୁବିଧା ଦେବାକୁ ଉତ୍ସାହିତ କରିଛନ୍ତି । ଏହି ବ୍ୟବସାୟ ଦେୟ ବର୍ତମାନ ସଂପୃକ୍ତ ବ୍ୟାଙ୍କ ବା ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଭରଣା କରିବେ ।

ଅନ୍ୟ ପକ୍ଷରେ ନଗଦ କାରବାରକୁ ନିରୁତ୍ସାହିତ କରିବାକୁ ବଜେଟରେ ଉଦ୍ୟମ କରାଯାଇଛି । ବର୍ଷକୁ ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନଗଦ ଉଠାଣ ଉପରେ ୨% ଟିଡିଏସ୍ ଲାଗୁ ହେବ । ବ୍ୟବସାୟ-ବ୍ୟବସାୟ ଭିତରେ ହେଉଥିବା ନେଣଦେଣ କାରବାରରେ ମଧ୍ୟ ଡିଜିଟାଲ ପେମେଂଟକୁ ଲାଗୁ କରିବାକୁ ଏହି ପଦକ୍ଷେପ ନିଆ ଯାଇଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ ଅର୍ଥମନ୍ତ୍ରୀ ସୀତାରମଣ ବଜେଟରେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ଘୋଷଣା କଲା ବେଳେ ଟିକସ ଫାଙ୍କି ଉପରେ ନିଜର କଠୋର ମନୋଭାବ ପ୍ରଦର୍ଶନ କରିଥିଲେ ।

ଅର୍ଥମନ୍ତ୍ରୀ ବଜେଟ ଅଭିଭାଷଣରେ ତାମିଲ ଭାଷାର ପ୍ରାଚୀନ ସଙ୍ଗମ ସାହିତ୍ୟ ଯୁଗର 'ପୁରାଣାନୁରୁ' ମହାକାବ୍ୟର ଏକ ପଂକ୍ତି ଉଦ୍ଧାର କରି କହିଥିଲେ ଯେ ଏକ ଛୋଟ ଚାଷ ଜମିରୁ ଉତ୍ପାଦନ ହୋଇଥିବା ଧାନରୁ କେଇ ଆଞ୍ଜୁଳା ଚାଉଳ ଗୋଟେ ହାତୀକୁ ସନ୍ତୁଷ୍ଟ କରି ପାରିବ । ଯଦି ହାତୀ ଚାଉଳ ପାଇଁ ସେ କ୍ଷେତରେ ପ୍ରବେଶ କରେ ତାହେଲେ ସେ ସମସ୍ତ ଧାନ କ୍ଷେତକୁ ଦଳି ଚକଟି ନଷ୍ଟ କରିଦେବ । ସେ ପରୋକ୍ଷରେ ଟିକସ ଫାଙ୍କୁଥିବା ଅସାଧୁ ଶିଳ୍ପପତି, ବ୍ୟବସାୟୀ ଏପରିକି ସାଧାରଣ କରଦାତାଙ୍କୁ ପରୋକ୍ଷରେ ଚେତାବନୀ ଦେଇଥିଲେ ଯେ "ଆମେ କାହାକୁ ଦଳି ଚକଟି ଦେବାକୁ ଚାହୁଁ ନାହୁଁ ।"

**ଲେଖ ହେଉଛନ୍ତି ଅର୍ଥନୈତିକ ସାମ୍ବାଦିକ ।**

## ଆପଣ ଜାଣନ୍ତି କି ?

# ଦେଶର ପ୍ରଥମ ସ୍ୱଦେଶୀ ବିକଶିତ ପେ-ମେଣ୍ଟ ପ୍ଲାଟ୍‌ଫର୍ମ ନେସନାଲ କମନ୍ ମୋବିଲିଟି କାର୍ଡ

ଦେଶର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ହୋଇଛି ନେସନାଲ କମନ୍ ମୋବିଲିଟି କାର୍ଡ(ଏନସିଏମସି)। ୪ ମାର୍ଚ୍ଚ ୨୦୧୯ରୁ ଦେଶବ୍ୟାପୀ ଏହି ସ୍ୱତନ୍ତ୍ର କାର୍ଡର ପ୍ରଚଳନ ଆରମ୍ଭ କରାଯାଇଛି। ବିଭିନ୍ନ ବ୍ୟାଙ୍କ ଗ୍ରାହକଙ୍କ ଲାଗି ଜାରି କରୁଥିବା ଡେବିଟ୍, କ୍ରେଡିଟ୍ ଓ ପ୍ରିପେଡ୍ କାର୍ଡ ଭଳି ଏନସିଏମସି ଅନ୍ୟତମ। 'ଗୋଟିଏ ଦେଶ, ଗୋଟିଏ କାର୍ଡ' ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ଏବଂ ଜଣେ ବ୍ୟକ୍ତି ଏକାଧିକ କାରବାର ଲାଗି ଏକାଧିକ କାର୍ଡ ସାଥୀରେ ନନେଇ ମାତ୍ର ଗୋଟିଏ କାର୍ଡ ଜରିଆରେ ଡିଜିଟାଲ ପେ-ମେଣ୍ଟ କରିବା ସୁବିଧା ଏଥିରେ ରହିଛି। ଦେଶର ଯେକୌଣସି ସହରର ମେଟ୍ରୋ ଟ୍ରେନ୍, ସହରତଳି ଟ୍ରେନ୍, ବସ୍, ଟୋଲ୍, ପାର୍କିଂ ଭଡ଼ା ପୈଠ କରିବା ତଥା ରିଟେଲ ଓ ସପିଂମଲ୍ ଆଦିରେ ଅର୍ଥପ୍ରଦାନ ଲାଗି 'ମେକ୍‌ଇନ୍ ଇଣ୍ଡିଆ' ବ୍ୟବସ୍ଥାରେ ସ୍ୱଦେଶୀ ଜ୍ଞାନକୌଶଳକୁ ଆପଣାଯାଇ ଏନସିଏମସି କାର୍ଡ ପ୍ରସ୍ତୁତ କରାଯାଇଛି। ଏହା ଅଫ୍‌ଲାଇନ୍‌ରେ ବି କାର୍ଯ୍ୟକ୍ଷମ ହୋଇପାରିବ। ପୂର୍ବରୁ ଏସବୁ ସ୍ଥଳରେ ବିଦେଶୀ ପ୍ରସ୍ତୁତ କାର୍ଡ କାର୍ଯ୍ୟକ୍ଷମ ଥିଲା; ମାତ୍ର ପେ-ମେଣ୍ଟ ଗେଟ୍‌ୱେ (ଅର୍ଥ ପୈଠ ବ୍ୟବସ୍ଥା)କୁ ଅଧିକ ସୁରକ୍ଷିତ କରିବା ଲାଗି ସ୍ୱଦେଶୀ ଜ୍ଞାନକୌଶଳରେ ଏହି ନୂତନ କାର୍ଡ ପ୍ରସ୍ତୁତ ହୋଇଛି। ସ୍ୱୀକାର (ସ୍ୱଚାଳିତ କିରାୟା: ଅଟୋମେଟିକ୍ ଫେୟାର କଲେକ୍‌ସନ୍ ସିଷ୍ଟମ୍) ଓ ସ୍ୱାଗତ (ସ୍ୱଚାଳିତ ଗେଟ୍) କାର୍ଡ ବ୍ୟବସ୍ଥା ଭଳି ଏନସିଏମସି ମାନକ ରହିଛି। ସବୁ କ୍ଷେତ୍ରରେ ଗ୍ରାହକ ଜଣକ ଏକାଧିକ କାର୍ଡ ନନେଇ ଏଇ ଗୋଟିଏ କାର୍ଡରେ ଦେଶବ୍ୟାପୀ ଯାତ୍ରାକାଳୀନ ଟ୍ରେନ୍, ବସ୍, ଟୋଲ୍, ପାର୍କିଂ ଭଳି ଖୁଚୁରା ପୈଠ ସହ ମାସିକ ପାସ୍ ଓ ରେଳ ଟିକଟ ଲାଗି ଅର୍ଥ ପୈଠ ଏହି କାର୍ଡ ଜରିଆରେ କରିପାରିବ। ସ୍ୱତନ୍ତ୍ର ଆପ୍ଲିକେସନ୍ ଜରିଆରେ ଅପରେଟରମାନେ ଗ୍ରାହକଙ୍କୁ ଏହି ସୁବିଧା ଦେଉଛନ୍ତି। ଏଥିରେ ଆର୍ଥିକ କାରବାର ସଂକ୍ରାନ୍ତ ସୁରକ୍ଷା ଅଧିକ ଓ କମ୍ ବିପଦ (ରିସ୍କ) ରହିଛି।

ଗ୍ରାହକମାନଙ୍କୁ ସହଜ ଯାତ୍ରାକାଳୀନ ଟିକଟ ଏବଂ ସପିଂ କରିବା ସୁବିଧା ପ୍ରଦାନ ଲାଗି ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏନସିଏମସି ବ୍ୟବସ୍ଥା ହୋଇଛି। ଏକାଧିକ କାର୍ଡ ପରିବର୍ତ୍ତେ ଗୋଟିଏ କାର୍ଡରେ ସମସ୍ତ ପେ-ମେଣ୍ଟ ସୁବିଧା ମିଳିପାରୁଛି। ଅଟୋମେଟିକ୍ ଫେୟାର କଲେକ୍ସନ୍ ସିଷ୍ଟମ୍(ଏଏଫସି) ଓ ବ୍ୟାଙ୍କିଂ ଇଣ୍ଟରଫେସ୍ ଭଳି ଏଇ ସ୍ୱତନ୍ତ୍ର କାର୍ଡ ଅଧିକ ଭେଣ୍ଡର ଉପଯୋଗୀ ହୋଇପାରିଛି। ଏନସିଏମସି ଦ୍ୱାରା ଛୋଟ ଛୋଟ କାରବାରକୁ ମଧ୍ୟ ଡିଜିଟାଲ କରିବା ପାଇଁ ସରକାର ପ୍ରୋତ୍ସାହିତ କରୁଛନ୍ତି। ନେସନାଲ ଇନ୍‌ଫରମେଟିକ୍ସ ସେଣ୍ଟର(ଏନଆଇସି), ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ଼ଭାନ୍ସ କଂପ୍ୟୁଟିଙ୍ଗ୍ (ସି-ଡାସ୍), ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ(ବିଆଇସି), ନେସନାଲ ପେ-ମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ(ଏନପିସିଆଇ) ଏବଂ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଏହି କାର୍ଡ ପ୍ରସ୍ତୁତ କରାଯାଇଛି।

ଏହି ନୂତନ କାର୍ଡ ବଳରେ ପରିଚାଳନା ଓ ଅପରେଟିଂ ଖର୍ଚ୍ଚ ହ୍ରାସ ସହ ଡିଜିଟାଲ କାରବାରକୁ ବ୍ୟାପକ କରାଯାଇପାରିବ। ଅପରେସନ୍‌କୁ ସହଜ, ଦକ୍ଷ ତଥା ତ୍ରୁଟିପୂର୍ଣ୍ଣ ଢଙ୍ଗରେ କରାଯିବା ଲାଗି ଏଥିରେ ଡାଟା ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି। ଏନସିଏମସି ଦ୍ୱାରା ସରକାରଙ୍କ ଡିଜିଟାଲ କାରବାର କେବଳ ବଢ଼ିବନି; ବରଂ ଗ୍ରାହକମାନେ ଛୋଟ ଛୋଟ ପେ-ମେଣ୍ଟ ଗୋଟିଏ କାର୍ଡରେ କରିବା ଦ୍ୱାରା ସେମାନଙ୍କ ସମସ୍ୟା ମଧ୍ୟ କମିଯିବ।

## କେନ୍ଦ୍ର ବଜେଟ୍ ୨୦୧୯-୨୦ର କେତେକ ପ୍ରମୁଖ ବିନ୍ଦୁ

**ଦଶନ୍ଧି ପାଇଁ ୧୦ ବିନ୍ଦୁ ସମ୍ବଳିତ ଲକ୍ଷ୍ୟ:**

- ଜନ ସହଯୋଗ ସହିତ ଟିମ୍ ଇଣ୍ଡିଆ ଗଠନ: ସ୍ୱଳ୍ପ ସରକାର ଅଧିକ ଶାସନ
- ପ୍ରଦୂଷଣମୁକ୍ତ ଭାରତ ମାଧ୍ୟମରେ ସବୁଜ ଧରିତ୍ରୀ ଓ ନୀଳ ଆକାଶ
- ଅର୍ଥନୀତିର ପ୍ରତ୍ୟେକ କ୍ଷେତ୍ରରେ ଡିଜିଟାଲ୍ ଭାରତର ପ୍ରବେଶ
- ଅନ୍ୟାନ୍ୟ ମହାକାଶ ଉପଗ୍ରହ କାର୍ଯ୍ୟକ୍ରମ ସମେତ ଗଗନଯାନ, ଚନ୍ଦ୍ରଯାନ ଉତ୍କ୍ଷେପଣ
- ସାମାଜିକ ଓ ଭୌତିକ ଭିତ୍ତିଭୂମି ନିର୍ମାଣ
- ଜଳ, ଜଳ ପରିଚାଳନା ଓ ସ୍ୱଚ୍ଛ ନଦୀ
- ନୀଳ ଅର୍ଥନୀତି
- ଖାଦ୍ୟ ଶସ୍ୟ, ତୈଳ ଓ ଡାଲିଜାତୀୟ ଫସଲ, ଫଳ ଓ ପନିପରିବା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଓ ରପ୍ତାନି ବୃଦ୍ଧି
- ଆୟୁଷ୍ମାନ ଭାରତ ମାଧ୍ୟମରେ ସୁସ୍ଥ ସମାଜ ଗଠନ, ସୁସ୍ଥ ମହିଳା ଓ ଶିଶୁ, ନାଗରିକ ସୁରକ୍ଷା
- ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ, ଯାନବାହନ, ଇଲେକ୍ଟ୍ରୋନିକ୍ସ, ବ୍ୟାଟେରୀ ଓ ଡାକ୍ତରୀ ଉପକରଣ ଆଦି ମେକ୍ ଇନ୍ ଇଣ୍ଡିଆ ଅଧୀନରେ ନିର୍ମାଣ ଉପରେ ଗୁରୁତ୍ୱ।

**ପାଞ୍ଚ ଟ୍ରିଲିୟନ୍ ଡଲାର ଅର୍ଥନୀତି ଆଡ଼କୁ**

- ଚଳିତ ବର୍ଷ ଭାରତୀୟ ଅର୍ଥନୀତି ୩ ଟ୍ରିଲିୟନ ଡଲାର ଅର୍ଥନୀତି ହେବ।
- ଭାରତକୁ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତି କରିବାକୁ ସରକାରଙ୍କ ଲକ୍ଷ୍ୟ।
- ନିମ୍ନଲିଖିତ କ୍ଷେତ୍ରରେ ପୁଞ୍ଜିନିବେଶ ଆବଶ୍ୟକ-

  ଭିତ୍ତିଭୂମି

  ଡିଜିଟାଲ୍ ଅର୍ଥନୀତି

  କ୍ଷୁଦ୍ର ଓ ଛୋଟ ଫାର୍ମରେ ନିଯୁକ୍ତି ସୃଷ୍ଟି।
- ପୁଞ୍ଜି ଲଗାଣର ସକାରାତ୍ମକ ପରିବୃତ୍ତ ସୃଷ୍ଟି ପାଇଁ ପଦକ୍ଷେପ।
- ବିଜିନେସ୍ କରିବାରେ ସୁବିଧା ଯୋଗୁଁ ମୁଦ୍ରା ଋଣ ଜରିଆରେ ସାଧାରଣ ଜନତାଙ୍କ ଜୀବନରେ ପରିବର୍ତ୍ତନ।

**ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ପଦକ୍ଷେପ**

- ପ୍ରଧାନମନ୍ତ୍ରୀ କର୍ମଯୋଗୀ ମାନଧନ ଯୋଜନା
- ବାର୍ଷିକ ୧.୫ କୋଟି ଟଙ୍କାରୁ କମ୍ ବେପାର କରୁଥିବା ତିନିକୋଟି ଖୁଚୁରା ବେପାରୀ ଓ ଛୋଟ ଦୋକାନୀଙ୍କ ପାଇଁ ପେନ୍‌ସନ
- ସରଳ ପଞ୍ଜୀକରଣ- କେବଳ ଆଧାର, ବ୍ୟାଙ୍କ୍ ଖାତା ଓ ସ୍ୱ-ଘୋଷଣା ଆବଶ୍ୟକ
- ଯେଉଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ବସ୍ତୁ ଓ ସେବାକର ସହ ପଞ୍ଜୀକୃତ, ସେମାନଙ୍କ ପାଇଁ ଦୁଇ ପ୍ରତିଶତ ସୁଧ ଛାଡ଼ ପାଇଁ ଚଳିତ ବଜେଟ୍‌ରେ ୩୫୦ କୋଟି ଟଙ୍କାର ବ୍ୟବସ୍ଥା
- ଏଭଳି ଉଦ୍ୟୋଗ ପାଇଁ ଟଙ୍କା ପୈଠ ସକାଶେ ଏକ ପ୍ଲାଟ୍‌ଫର୍ମ ନିର୍ମାଣ ଉଦ୍ଦେଶ ହେଉଛି ସେମାନଙ୍କ ପାଉଣା ପ୍ରାପ୍ତିକୁ ବିଳମ୍ବରୁ ମୁକ୍ତ କରିବା।

**ସାମାଜିକ ଷ୍ଟକ୍ ଏକ୍ସଚେଞ୍ଜ**

- ସେବି ଅଧୀନରେ ପୁଞ୍ଜିଯୋଗାଣ ପାଇଁ ମଞ୍ଚ ନିର୍ମାଣ, ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ପଞ୍ଜୀକରଣ

- ମ୍ୟୁଚୁଆଲ୍ ଫଣ୍ଡ, ଋଣ କିମ୍ବା ଇକ୍ୱିଟି ଭାବରେ ପୁଞ୍ଜିଯୋଗାଣ
- ପଞ୍ଜୀକୃତ କମ୍ପାନୀଗୁଡ଼ିକ ପାଇଁ ସର୍ବନିମ୍ନ ପବ୍ଲିକ୍ ସେୟାରହୋଲ୍ଡିଂ ପରିମାଣକୁ ୨୫ରୁ ୩୫ ପ୍ରତିଶତକୁ ବୃଦ୍ଧି କରିବାକୁ ସେବିର ବିଚାର
- ବିଦେଶୀ ପୋର୍ଟଫୋଲିଓ ପୁଞ୍ଜି ଲଗାଣକାରୀଙ୍କ ପାଇଁ କେଓ୍ୱାଇସି ନିୟମକୁ ସହଜ କରିବା
- ସରକାରୀ ଟ୍ରେଜେରୀ ବିଲ୍ ଓ ସିକ୍ୟୁରିଟିରେ ଖୁଚୁରା ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା

**ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ)**

- ସମ୍ପୃକ୍ତ ପକ୍ଷଙ୍କ ସହ ଆଲୋଚନା ପରେ ବିମାନ ଚଳାଚଳ, ଗଣମାଧ୍ୟମ, ବୀମା ଆଦି କ୍ଷେତ୍ରରେ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ପାଇଁ ସୁଯୋଗ ବିସ୍ତାର
- ବୀମା ଇଣ୍ଟରମେଡିଆରୀଙ୍କ ପାଇଁ ଶତପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ଲଗାଣ
- ସିଙ୍ଗଲ୍ ବ୍ରାଣ୍ଡ ରିଟେଲ୍ କ୍ଷେତ୍ରରେ ଏଫ୍‌ଡିଆଇ ପାଇଁ ବ୍ୟବସ୍ଥା
- ଦେଶରେ ପ୍ରତ୍ୟେକ ବର୍ଷ ବୈଶ୍ୱିକ ପୁଞ୍ଜି ଲଗାଣକାରୀ ବୈଠକ ଆୟୋଜନ

**ଟିକସ ସରଳୀକରଣ**

- ପାନ୍ ଜାଗାରେ ଆଧାର ଓ ଆଧାର ଜାଗାରେ ପାନ୍ ବ୍ୟବହାରର ସୁବିଧା
- ପାନ୍ ନଥିଲେ ମଧ୍ୟ, ଆଧାର ବ୍ୟବହାର କରି ଟିକସ ଜମା କରିହେବ
- ଯେଉଁ ଯେଉଁ ସ୍ଥଳରେ ପାନ୍ ଆବଶ୍ୟକ, ସେ ସବୁଠି ଆଧାର ଉପଯୋଗ କରିହେବ
- ଶୀଘ୍ର ଓ ସୁବିଧାରେ ରିଟର୍ଣ୍ଣ ଫାଇଲ୍ କରିବା ବ୍ୟବସ୍ଥା
- ପରିଚୟ ବିହନ ଟିକସ ଆକଳନ

**ଜୀବନଧାରଣରେ ସୁଗମତା**

- ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାରେ ୩୦ ଲକ୍ଷ ଶ୍ରମିକ୍ ସାମିଲ। ଏହି ଯୋଜନାରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଷାଠିଏ ବର୍ଷ ପରେ ମାସିକ ୩୦୦୦ ହଜାର ଟଙ୍କା ପେନ୍‌ସନ୍ ଦିଆଯିବା ବ୍ୟବସ୍ଥା।
- ଉଜାଲା ଯୋଜନାରେ ୩୫ କୋଟି ଏଲ୍‌ଇଡି ବଲ୍‌ବ ବିତରଣ କରି ଶକ୍ତି ସଂରକ୍ଷଣ ଦ୍ୱାରା ବାର୍ଷିକ ୧୮,୩୪୧ କୋଟି ଟଙ୍କା ସଞ୍ଚୟ।
- ସୌର ଚୁଲି ଓ ବ୍ୟାଟେରୀ ଚାର୍ଜର ପାଇଁ ଅନୁରୂପ ଅଭିଯାନ।
- ରେଳଷ୍ଟେସନ୍ ଆଧୁନିକୀକରଣ ପାଇଁ ବୃହତ୍ କାର୍ଯ୍ୟକ୍ରମ।

**ନାରୀ ତୁ ନାରାୟଣୀ**

- ନାରୀ କୈନ୍ଦ୍ରିକ ନୀତି ବଦଳରେ ନାରୀ ନେତୃତ୍ୱ ଆଧାରିତ ନୀତି ଉପରେ ଗୁରୁତ୍ୱ।
- ଲିଙ୍ଗଗତ ବଜେଟ୍ ପାଇଁ କମିଟି ଗଠନ
- ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ପାଇଁ ସୁଧ ଛାଡ଼ ବ୍ୟବସ୍ଥା ସବୁ ଜିଲ୍ଲାକୁ ସମ୍ପ୍ରସାରିତ
- ଜନଧନ ବ୍ୟାଙ୍କ ଖାତା ଥିବା ପ୍ରତ୍ୟେକ ପ୍ରକୃତ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ୫୦୦୦ ଟଙ୍କା ଓଭରଡ୍ରାଫ୍ଟ ସୁବିଧା
- ମୁଦ୍ରା ଯୋଜନା ଅଧିନରେ ପ୍ରତ୍ୟେକ ସ୍ୱୟଂସହାୟକ ଗୋଷ୍ଠୀର ଜଣେ ସଦସ୍ୟାଙ୍କୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ଼।

**ଭାରତର କୋମଳ ଶକ୍ତି**

- ଭାରତୀୟ ପାସପୋର୍ଟ ଥିବା ଏନ୍‌ଆର୍‌ଆଇଙ୍କୁ ଆଧାର ପ୍ରଦାନ କରିବା ପ୍ରସ୍ତାବ
- ପାରମ୍ପରିକ ଶିଳ୍ପୀ/କାରିଗରୀଙ୍କୁ ବିଶ୍ୱ ବଜାର ସହ ଯୋଡ଼ିବା ପାଇଁ ଅଭିଯାନ
- ମାର୍ଚ୍ଚ ୨୦୧୮ରେ ଆଫ୍ରିକାରେ ୧୮ଟି ନୂତନ କୂଟନୈତିକ କାର୍ଯ୍ୟାଳୟ ଖୋଲିବା ପାଇଁ ଅନୁମୋଦନ
- ୧୭ଟି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ କରିବା କାର୍ଯ୍ୟ ଜାରୀ।

***ଉତ୍ସ: ପତ୍ର ସୂଚନା କାର୍ଯ୍ୟାଳୟ***

# ନୂଆ ଭାରତ ଓ ନୂଆ ଓଡିଶାର ମୂଳଦୁଆ ପକେଇବାର ବଜେଟ୍‌: ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

ବଜେଟ୍ ନୂଆ ଭାରତ ଓ ନୂଆ ଓଡିଶାର ମୂଳଦୁଆ ପକେଇବାର ବଜେଟ୍ । ଏ ବଜେଟ୍ ଭାରତବର୍ଷର ଚାଷୀ, ଯୁବକ, ମହିଳା, ଗରିବ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ୍ ବୋଲି ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ତଥା ୨୦୧୯-୨୦ ଆର୍ଥିକ ବର୍ଷର ବଜେଟ୍ ଲୋକସଭାରେ ଉପସ୍ଥାପିତ ହେବା ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବଜେଟ୍ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କୃତଜ୍ଞତା ଜଣାଇବା ସହ ଏହି ବଜେଟରୁ ଓଡିଶା ଭଳି ରାଜ୍ୟ ବିଶେଷ ଭାବରେ ଲାଭ ପାଇବ ବୋଲି ସେ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶର ପୂର୍ଣ୍ଣାଙ୍ଗ ବଜେଟ ଲୋକସଭାରେ ଭାରତର ପ୍ରଥମ ବିଧିବଦ୍ଧ ମହିଳା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ହୋଇଯାଇଛି । ଏହି ବଜେଟ୍ ଭବିଷ୍ୟତର ବଜେଟ୍ । ଆଗାମୀ ୧୦ ବର୍ଷରେ ଭାରତର ପ୍ରଗତିର ପ୍ରବାସ କେଉଁଭଳି ହେବ ଏହି ବଜେଟ ତା'ର ପ୍ରତିଫଳନ । ଗୋଟିଏ ନୂଆ ଭାରତ ଗଢିବାର ଯେଉଁ ପ୍ରତିବଦ୍ଧତା ଭାରତର ସବୁ ଲୋକମାନଙ୍କର ଅଛି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ୧୦ ବର୍ଷିଆ ଖସଡାର ୫ ବର୍ଷର ସ୍ପଷ୍ଟ ଯୋଜନା ଏହି ବଜେଟ୍‌ରେ ଉପସ୍ଥାପିତ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଦେଶର ସର୍ବାଧିକ ଲୋକମାନଙ୍କର ଆର୍ଥିକ ଉନ୍ନତି, ସମସ୍ତଙ୍କୁ ମୌଳିକ ସୁବିଧା ତଥା ଘର, ବିଜୁଳି, ସ୍ୱଚ୍ଛ ଇନ୍ଧନ ନାଁରେ ଏଲପିଜି ସଂଯୋଗ, ଶୌଚାଳୟ, ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ, ଗ୍ରାମାଂଚଳରେ ଗମନାଗମନ ବ୍ୟବସ୍ଥା, ରୋଜଗାରର ବ୍ୟବସ୍ଥା, କୃଷି ଉତ୍ପାଦିତ ଜିନିଷର ବଜାରୀକରଣ ବ୍ୟବସ୍ଥା ଏ ସବୁ ଉପରେ ବଡ ନିବେଶ ଏହି ପୂର୍ଣ୍ଣାଙ୍ଗ ବଜେଟରେ ସ୍ପଷ୍ଟ ଚିତ୍ର ରହିଛି । ଏହା ବ୍ୟତିତ ରେଳ, ରାସ୍ତା, ଜଳପଥ, ଗ୍ୟାସଗ୍ରୀଡ୍, ଇଂଟରନେଟ୍ ପାଇଁ ଆଇୱେ ଏହି ସବୁ ଗୁଡିକରେ ମଧ୍ୟ ଚଳିତ ବର୍ଷ ଓ ଆଗାମୀ ୫ ବର୍ଷରେ କଣ କଣ ନିବେଶ କରାଯିବ ଏ ବିଷୟରେ ମଧ୍ୟ ବଜେଟରେ ଉଲ୍ଲେଖ କରାଯାଇଛି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବଜେଟରେ ମଧ୍ୟମ ବର୍ଗୀୟ ଲୋକଙ୍କ ଉପରେ କୌଣସି ଅତିରିକ୍ତ କର ବୋଝ ନାହିଁ । ଏହା ଏକ ଯୁଗାନ୍ତକାରୀ ବଜେଟ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପୁନର୍ବାର ଯେଉଁ ଜନାଦେଶ ମିଳିଛି, ଜନାଦେଶର ଅର୍ଥକୁ ସାମ୍ନାରେ ରଖି ଏହି ବଜେଟ୍‌କୁ ଅଣାଯାଇଛି । ଏହି ବଜେଟ୍‌ରେ ଓଡିଶା ଭଳି ରାଜ୍ୟ ବିଶେଷ ଲାଭାର୍ଥୀ ହେବ । ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ତୃତୀୟ ପର୍ଯ୍ୟାୟରେ ୧ ଲକ୍ଷ ୨୫ ହଜାର କିମି ରାସ୍ତା ବନିବ । ୮୦ ହଜାର କୋଟି ଟଙ୍କା ଏଥିରେ ଖର୍ଚ୍ଚ ହେବ । ଓଡିଶା ଏହାର ସିଂହ ଭାଗ ପାଇବ ।

ସେହିପରି ପାଖାପାଖି ୨ କୋଟି ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେବ । ପିଇବା ପାଣି, ବିଜୁଳି, ଗ୍ୟାସ ସଂଯୋଗ, ଶୌଚାଳୟ କାର୍ଯ୍ୟକ୍ରମ ଓ ମତ୍ସ୍ୟ ସମ୍ପଦକୁ ଯୋର ଦିଆଯିବ । ସାଗରମାଳା ଭାରତମାଳା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ । ସେହିଭଳି ଓଡିଶାର ଭିତିଭୂମିରେ ଅଧିକ ନିବେଶ ହେବ, ସ୍ୱେଶାଲ ଇନଭେଷ୍ଟମେଂଟ୍ କରିଡର ହେବ । ସାଢେ ୪୦୦ କିମି ଉପକୂଳ ଓଡିଶା ସବୁଠୁ ଏହାର ଲାଭ ପାଇବ । ୫ ଟ୍ରିଲିୟନ ଅର୍ଥନୀତିର ଯେଉଁ ଯୋଜନା ବନାଯାଉଛି, ଓଡିଶାର ବଡ ଭୂମିକା ଏଥିରେ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨ କୋଟି ଘର ବନିଲେ ଓଡିଶା ଏହାର ଲାଭ ପାଇବ । ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫନୀ ପ୍ରଭାବିତ ଅଂଚଳ ପାଇଁ ୫ ଲକ୍ଷ ଘର ମାଗିଥିବା ବେଳେ ଓଡିଶା ଏହି ବଜେଟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସିଂହ ଭାଗ ଘର ପାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ବିଗତ ଦିନ ମାନଙ୍କରେ ଓଡିଶା ଯେଭଳି ପାଖାପାଖି ୧୦ ଲକ୍ଷ ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିଲା ତେବେ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ମାଗିଥିବା ଘର ବ୍ୟତିତ ଅଧିକ ଘର ଓଡିଶାକୁ ମିଳିବା ନିଶ୍ଚିତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ସାମ୍ପ୍ରତୀକି

# ମିଶନ ମୋଡ୍‌ରେ ସବୁ ଘରେ ୨୦୨୪ ସୁଦ୍ଧା ଜଳ ପହଁଚାଇବା ପାଇଁ ଇସ୍ପାତ ମନ୍ତ୍ରଣାଳୟର ସହଯୋଗର ହାତ: ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

୨୦୧୯-୨୦ କେନ୍ଦ୍ରୀୟ ବଜେଟରେ ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ ପାଣି ପହଂଚାଇବାର ଲକ୍ଷ୍ୟ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ତଥା ଇସ୍ପାତ ମନ୍ତ୍ରଣାଳୟ ମିଶି ମିଶନ ମୋଡ୍‌ରେ କାମ କଲେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପୂରଣ ହୋଇ ପାରିବ ବୋଲି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାବତଙ୍କୁ ପତ୍ର ଲେଖି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଉଭୟ ମନ୍ତ୍ରଣାଳୟ ମଧ୍ୟରେ ଭଲ ସହଯୋଗ ପାଇଁ ସେ ତାଙ୍କ ମନ୍ତ୍ରଣାଳୟର ଅଧିକାରୀ ମାନଙ୍କୁ ଜଳ ଶକ୍ତି ମନ୍ତ୍ରଣାଳୟର ଅଧିକାରୀ ମାନଙ୍କ ସହ ସମ୍ପର୍କରେ ରହି କାମ କରିବାକୁ ନିର୍ଦ୍ଦେଶ ଦେଇଥିବା ଶ୍ରୀ ପ୍ରଧାନ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଜଳ ସଂରକ୍ଷଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଧାରଣ ନାଗରିକଙ୍କୁ ସଚେତନତା ହୋଇ ଜନଶକ୍ତି ପାଇଁ ଜଳଶକ୍ତି ଅଭିଯାନ ପାଇଁ ଆହ୍ୱାନ କରିଥିବା ବେଳେ ଏହି ଜଳ ଜୀବନ ମିଶନରେ ଇସ୍ପାତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ, ସବୁ ସ୍ତରରେ ଜଳରୁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ନେବାକୁ ହେଲେ ଇସ୍ପାତ ଭଳି ପଦାର୍ଥର ଆବଶ୍ୟକ ରହିଥାଏ । ଫଳରେ ଜଳର ଲିକେଜ୍ କମ୍ ହେବା ସହ ରକ୍ଷଣାବେକ୍ଷଣ ଖର୍ଚ୍ଚକୁ ମଧ୍ୟ କମ୍ କରାଯାଇପାରିବ । ଷ୍ଟିଲ ପାଇପର ବ୍ୟବହାର ସୁବିଧାଦାୟକ ତଥା ଷ୍ଟିଲରେ ପ୍ରତିରୋଧକ କ୍ଷମତା ଅଧିକ ରହିଥାଏ । ଶ୍ରୀ ପ୍ରଧାନ ଏହି ପତ୍ରରେ ଆହୁରି କହିଛନ୍ତି ଯେ ଏହାବ୍ୟତୀତ ଷ୍ଟିଲ ବ୍ୟବହାର ଦ୍ୱାରା ଖର୍ଚ୍ଚ ମଧ୍ୟ କମ୍ ହୋଇଥାଏ । ଇସ୍ପାତ୍‌ର ବ୍ୟବହାର ଜଳସେଚନ ଉଦ୍ଦେଶ୍ୟରେ ମଧ୍ୟ କରାଯାଇପାରେ । ପାଣି ଟାଙ୍କି ଓ ଜଳ ଭଣ୍ଡାର ପ୍ରଭୃତି ଏ ସମ୍ବନ୍ଧିତ କ୍ଷେତ୍ରରେ ଷ୍ଟିଲ ଉପକରଣ ଭାବରେ ସହାୟକ ହୋଇଥାଏ । ସେହିପରି ଜଳ କ୍ଷେତ୍ରରେ ଇସ୍ପାତର ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟସେବାକୁ ମଧ୍ୟ ଲାଭ ହେବ । ଇସ୍ପାତ୍ ମାଧ୍ୟମରେ କମ୍ ଲିକେଜ୍ ହେବା କାରଣରୁ ଜଳବାହିତ ରୋଗ କମିବ । ଗଣମାଧ୍ୟମ ରିପୋର୍ଟ ଅନୁସାରେ ଦିଲ୍ଲୀରେ ଜଳ ପରିବହନ ବିତରଣରେ ୪୫ ପ୍ରତିଶତ ଲିକେଜ୍ ହେଉଛି । ଷ୍ଟିଲ୍ ଦ୍ୱାରା ଏହାକୁ ରୋକାଯାଇପାରିବ ବୋଲି ସେ କହିଛନ୍ତି । ଇସ୍ପାତ୍ ମନ୍ତ୍ରାଳୟ "ହର୍ ଘର ଜଲ୍" ଅଥବା ସବୁ ଘରକୁ ପାଣି ମିଶନରେ ସମସ୍ତ ପ୍ରକାଶ ସହଯୋଗ ଓ ସମର୍ଥନ ଦେବ । ଇସ୍ପାତ୍ ମନ୍ତ୍ରଣାଳୟ ଏବଂ ଜଳ ଶକ୍ତି ମନ୍ତ୍ରଣାଳୟ ଏହାକୁ ଏକ ମିଶନ ମୋଡରେ ନେଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ଉଭୟ ମନ୍ତ୍ରଣାଳୟ ମଧ୍ୟରେ ସହଯୋଗ ବଢାଇବା ନେଇ ଇସ୍ପାତ୍ ମନ୍ତ୍ରାଳୟର ଅଧିକାରୀମାନଙ୍କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ।

# ସିଏସ୍‌ସି-ଭିଏଲ୍‌ଇ ୱାର୍କସପର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ ଠାରେ ଗତ ଜୁଲାଇ ୧୬ ତାରିଖରେ କମନ୍ ସର୍ଭିସ୍ ସେଂଟର(ସିଏସ୍‌ସି) ଦିବସ ଅବସରରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିଏସ୍‌ସି ଓମେନ୍ ଭିଲେଜ୍ ଲେଭେଲ୍ ଏଂଟ୍ରପ୍ରିନର୍ସ (ଭିଏଲଇ) ୱାର୍କସପ୍‌କୁ କେନ୍ଦ୍ର ବୈଦ୍ୟୁତିକ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରବିଶଙ୍କର ପ୍ରସାଦ ଓ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ସଞ୍ଜୟ ଧୋତ୍ରେଙ୍କ ଉପସ୍ଥିତିରେ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଘରର ସମସ୍ତ ପ୍ରକାର ପରିଚାଳନାରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ କହିବା ସହ ଭିଏଲଇ ଦ୍ୱାରା ସେମାନଙ୍କ ଦକ୍ଷତାର କିପରି ଲାଭ ଉଠାଯାଇପାରିବ ତା'ଉପରେ ଆଲୋକପାତ କରିଥିଲେ । ଭିଏଲଇ ଗ୍ରାମାଂଚଳରେ ଉଦ୍ୟମଶୀଳତାକୁ ଗତି ଦେବ, ବିଶେଷତଃ ମହିଳାମାନଙ୍କର ଆତ୍ମବିଶ୍ୱାସକୁ ପରିପ୍ରକାଶ କରିବ ଓ ସେମାନଙ୍କୁ ସଶକ୍ତ ମଧ୍ୟ କରିବ । ଏହା ଗାଁରେ ଅର୍ଥବ୍ୟବସ୍ଥାର ବିକାଶ କରିବା ସହ ସମସ୍ତଙ୍କୁ ସେବା ମଧ୍ୟ

## ସାମ୍ପ୍ରତୀକି




ଯୋଗାଇବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ସିଏସସି ମାଧ୍ୟମରେ ଏଲପିଜି ଗ୍ୟାସର ପଞ୍ଜୀକରଣ ଓ ରିଫିଲ ଭରିବା ଓଡିଶା ରାଜ୍ୟରୁ ଆରମ୍ଭ ହୋଇଛି । ଏହି ମଡେଲ୍ ଏଲପିଜି ବିତରଣ ନେଟୱ୍ୱାର୍କକୁ ବିସ୍ତାର କରିବାରେ ସାହାଯ୍ୟ କରିପାରିବ । ଏହାବ୍ୟତିତ ସିଏସସି ଗାଁରେ ରାଜସ୍ୱ ବୃଦ୍ଧି କରିବା ସହ ମହିଳାମାନଙ୍କ ପାଇଁ ଆର୍ଥିକ ଅବସରର ଦ୍ୱାର ଖୋଲିବ ଏବଂ ସେମାନଙ୍କୁ ଉଦ୍ୟମୀ କରିବ । ଏହାସହ ଗାଁରେ ଏସଏଚଜି ପରମ୍ପରାକୁ ଉତଥାନ କରିବା ପାଇଁ ପ୍ରୋତ୍ସାହିତ କରିପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଦେଶରେ ଏଲପିଜି ବ୍ୟବହାରକୁ ବୃଦ୍ଧି କରିବା ପାଇଁ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ସିଏସସି ସହ ଏଲପିଜି ବିତରଣକୁ ଏକୀଭୂତ କରିବାର ଏକ ଭଲ ସୁଯୋଗ । ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏହାର ଲାଭ ଉଠାଇବା ପାଇଁ ପ୍ରସ୍ତୁତି ଚାଲିଥବା ଶ୍ରୀ ପ୍ରଧାନ କହିଛନ୍ତି ।


# Rates for Subscription of Journals

| S. No. | Name of the Journal | Subscription Price Per Copy Rs | Subscription for 1 Year Rs | Subscription for 2 Year Rs | Subscription for 3 Year Rs | Subscription for Special Issue Rs |
|---|---|---|---|---|---|---|
| 1. | Yojana* | 22 | 230 | 430 | 610 | 30 |
| 2. | Kurukshetra* | 22 | 230 | 430 | 610 | 30 |
| 3 | Ajkal* | 22 | 230 | 430 | 610 | 30 |
| 4. | Bal Bharti* | 15 | 160 | 300 | 420 | 20 |
| 5. | Employment News# | 12 | 530 | 1000 | 1400 | NA |

## ସାମ୍ପ୍ରତୀକି

# ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଉଦି ଆରବର ଶକ୍ତି ମନ୍ତ୍ରୀ ଖାଲିଦ୍ ଅଲ୍‌ଫଲିଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା



କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ଜୁଲାଇ ୨୫ରେ ସାଉଦି ଆରବର ଶକ୍ତି ମନ୍ତ୍ରୀ ଖାଲିଦ ଅଲଫଲିଙ୍କ ସହ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ଆଲୋଚନା ସମୟରେ ଉଭୟ ଦେଶ ମଧ୍ୟରେ ବିଶେଷ ଭାବରେ ହାଇଡ୍ରୋ କାର୍ବନ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧିକୁ ନେଇ ଆଲୋଚନା ହୋଇଥିବା ଜଣା ପଡିଛି ।

ସାକ୍ଷାତ ଆଲୋଚନା ସମୟରେ ଶ୍ରୀ ପ୍ରଧାନ ସଂପ୍ରତି ଏସିଆନ ପ୍ରିମିୟମରେ ବୃଦ୍ଧି ପ୍ରସଙ୍ଗ, ଷ୍ଟ୍ରେଟ ଅଫ ହରମୁଜ୍‌ରେ ଅଶାନ୍ତି କାରଣରୁ ତୈଳ ଓ ଏଲଏନଜି ଟ୍ୟାଙ୍କର ଚଳାଚଳ ପ୍ରଭାବିତ ହେବା ସମ୍ପର୍କରେ ଉଲ୍ଲେଖ କରି ଏ ନେଇ ଭାରତର ଚିନ୍ତା ସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ । ଏହା ବ୍ୟତୀତ ଏହି ଆଲୋଚନା ବେଳେ ଓପେକ ପ୍ଲସ ସଦସ୍ୟ ମାନଙ୍କ ଦ୍ୱାରା ପ୍ରଡକ୍ସନ କଟ୍‌କୁ ସଂପ୍ରସାରିତ କରିବା ନିଷ୍ପତି ଫଳରେ ତୈଳ ମୂଲ୍ୟରେ ଅସ୍ଥିରତା ତଥା ଭାରତର ଅର୍ଥନୀତି ଉପରେ ଏହାର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ମଧ୍ୟ ଭାରତର ଉଦବେଗ ସମ୍ପର୍କରେ ମଧ୍ୟ ଶ୍ରୀ ପ୍ରଧାନ ତାଙ୍କୁ ଅବଗତ କରାଇଥିଲେ । ଆଲୋଚନା କାଳରେ ଶ୍ରୀ ପ୍ରଧାନ ତାଙ୍କୁ ତୈଳ ବଜାର ସନ୍ତୁଳନରେ ସାଉଦି ଆରବକୁ ନେତୃତ୍ୱର ଭୂମିକା ନେବାକୁ ଅନୁରୋଧ କରିଥିଲେ । ଶ୍ରୀ ପ୍ରଧାନ ଶ୍ରୀ ଖାଲିଦ୍‌ଙ୍କୁ ବୈଶ୍ୱିକ ତୈଳ ବଜାରର ପାରଦର୍ଶିତା ପାଇଁ ଏସିଆନ ପ୍ରିମିୟମ ପ୍ରସଙ୍ଗର ସମାଧାନ କରିବାକୁ ଅନୁରୋଧ କରିଥିଲେ । ସମସ୍ତ ଦେଶ ମାନଙ୍କର ସ୍ୱାର୍ଥକୁ ଆଖି ଆଗରେ ରଖି ଦାୟିତ୍ୱବାନ ମୂଲ୍ୟ ନିର୍ଧାରଣ ପାଇଁ ମଧ୍ୟ ଅନୁରୋଧ କରିଥିଲେ । ସାଉଦି ଆରବ ଭାରତର ଶକ୍ତି କ୍ଷେତ୍ରର ଦୀର୍ଘକାଳୀନ ସହଯୋଗୀ ହୋଇଥିବା କାରଣରୁ ସେ ଭାରତର ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ପ୍ରୋଗ୍ରାମରେ ଭାଗ ନେବାକୁ ସାଉଦି ଆରାମକୋକୁ ନିମନ୍ତ୍ରଣ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ଶ୍ରୀ ଖାଲିଦ୍‌ଙ୍କ ସହ ଭାରତରେ ତୈଳ ଓ ଗ୍ୟାସ କ୍ଷେତ୍ରରେ ମେଗା ପୁଂଜିନିବେଶ ସମ୍ପର୍କରେ ସମୀକ୍ଷା କରିଥିଲେ ।

# ଓଏଏଲ୍‌ପି ଦ୍ୱାରା ପୁରସ୍କୃତ ୩୨ ବ୍ଲକ ପାଇଁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ଚୁକ୍ତି ସ୍ୱାକ୍ଷର



କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଓପନ୍ ଏକ୍ରେଜ୍ ଲାଇନସେସିଂ ପଲିସି (ଓଏଏଲ୍‌ପି) ଅଧୀନରେ ଗତ ଜୁଲାଇ ୧୬ ତାରିଖରେ ଦ୍ୱିତୀୟ ଓ ତୃତୀୟ ବିଡ୍ ରାଉଣ୍ଡରେ ପୁରସ୍କୃତ ୩୨ ବ୍ଲକ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି ।

ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ କ୍ରୁଡ୍ ଅଏଲ୍ ଏବଂ ଗ୍ୟାସର ଉତ୍ପାଦନ ବଢାଇବା ସରକାରଙ୍କ ପ୍ରାଥମିକତା । ଦେଶରେ ରିଫାଇନାରୀର ନେଟ୍‌ୱାର୍କ ଏବଂ ବଜାର ପ୍ରତିଷ୍ଠିତ ଅଛି । ଆଗାମୀ ଦିନରେ ଉର୍ଜା ଓ ପେଟ୍ରୋଲିୟମ କ୍ଷେତ୍ରରେ ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ବେଳେ ଆଜିର ଓଏଲଏପି କଂଟ୍ରାକ୍ଟ ଏହି ଦିଗରେ ବୃହତ ପଦକ୍ଷେପ ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଆଗାମୀ ଦିନରେ ଭାରତ ୫ ଟ୍ରିଲିୟନର ଅର୍ଥନୀତି ହେବାକୁ ଯାଉଛି । ଏଥିପାଇଁ ଉର୍ଜା ସୁରକ୍ଷା ଆବଶ୍ୟକ । ଆଗାମୀ କିଛି ବର୍ଷରେ ଭାରତ ଉର୍ଜା ବ୍ୟବହାର କ୍ଷେତ୍ରରେ ଚିନକୁ ଟପିବ । ଗତ ୫ ବର୍ଷରେ ଉର୍ଜା ଓ ପେଟ୍ରୋଲିୟମ କ୍ଷେତ୍ରରେ ବହୁ ସଂସ୍କାର ଅଣାଯାଇଛି ।

ଓଏଲଏପିର ସଫଳ ବିଡରଙ୍କୁ ଶ୍ରୀ ପ୍ରଧାନ ଆଶ୍ୱାସନା ଦେଇଛନ୍ତି ଯେ, ଆଲୋଚନା ଓ ବୁଝାମଣା ମାଧ୍ୟମରେ କୌଣସି ବିଷୟର ସମାଧାନ କରାଯାଇପାରିବ ଏବଂ କୌଣସି ପ୍ରକଳ୍ପ ବିଳମ୍ବ ହେବା ଉଚିତ୍ ନୁହେଁ ।

# ବଜେଟ୍‌କୁ ନାଗରିକ ଅନୁକୂଳ, ବିକାଶ ଅନୁକୂଳ ଓ ଭବିଷ୍ୟତ ଅନୁକୂଳ ଭାବେ ବର୍ଣ୍ଣନା କଲେ ପ୍ରଧାନମନ୍ତ୍ରୀ



- ନାଗରିକ ଅନୁକୂଳ, ବିକାଶ ଅନୁକୂଳ ଓ ଭବିଷ୍ୟତ ଅନୁକୂଳ ଏହି ବଜେଟ୍ ପାଇଁ ମୁଁ ଦେଶର ପ୍ରଥମ ମହିଳା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ତାଙ୍କ ଦଳକୁ ଅଭିନନ୍ଦନ ଜଣାଉଛି।

- ଏହି ବଜେଟ୍ ଦେଶକୁ ପ୍ରଗତିଶୀଳ କରିବ ଓ ଲୋକଙ୍କୁ ସଶକ୍ତ କରିବ। ଏହି ବଜେଟ୍‌ରୁ ଗରିବଙ୍କୁ ଶକ୍ତି ଓ ଯୁବପିଢ଼ୀଙ୍କୁ ଏକ ଉନ୍ନତ ଭବିଷ୍ୟତ ମିଳିବ।

- ମଧ୍ୟବିତ୍ତ ଶ୍ରେଣୀ ଉନ୍ନତି କରିବେ ଓ ଏହି ବଜେଟ୍ ଯୋଗୁଁ ବିକାଶ ତ୍ୱରାନ୍ୱିତ ହେବ।

- ଏହି ବଜେଟ୍ ଦ୍ୱାରା ଟିକସ ବ୍ୟବସ୍ଥାର ସରଳୀକରଣ ହେବ ଓ ଭିତ୍ତିଭୂମିର ଆଧୁନିକୀକରଣ ହେବ।

- ଏହି ବଜେଟ୍ ଦ୍ୱାରା ଉଦ୍ୟୋଗ ଓ ଉଦ୍ୟୋଗୀ ସଶକ୍ତ ହେବେ। ଦେଶର ବିକାଶ ପ୍ରକ୍ରିୟାରେ ମହିଳାଙ୍କ ଯୋଗଦାନ ଅଧିକ ହେବ।

- ଏହି ବଜେଟ୍ ଦ୍ୱାରା ଶିକ୍ଷାକ୍ଷେତ୍ର ଅଧିକ ଉନ୍ନତ ହେବ। ଏହା କୃତ୍ରିମ ବୁଦ୍ଧିମତ୍ତା ଓ ମହାକାଶ ଗବେଷଣାର ସୁଫଳକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ସାହାଯ୍ୟ କରିବ।

- ଗତ ୫ ବର୍ଷ ଭିତରେ ହତାଶାର ବାତାବରଣ ଭିତରୁ ଦେଶ ମୁକୁଳି ଆସିପାରିଛି ଓ ବର୍ତ୍ତମାନ ଆଶା ଓ ଆତ୍ମପ୍ରତ୍ୟୟର ସହ ଭରିଉଠିଛି।

- ବିଜୁଳି, ରନ୍ଧନ ଗ୍ୟାସ୍ ଓ ସଡ଼କ ଭଳି ଅଧିକାର ପାଇଁ ଜନସାଧାରଣ ଲଢୁଥିଲେ ଏବଂ ଆବର୍ଜନା, ଦୁର୍ନୀତି ଓ ଭିଆଇପି ସଂସ୍କୃତି ଭଳି ଆହ୍ୱାନଗୁଡ଼ିକର ମୁକାବିଲା କରୁଥିଲେ। ଆମେ ଲଗାତାର ଚେଷ୍ଟା କରି ଏହିସବୁ ସମସ୍ୟାଗୁଡ଼ିକୁ ହଟାଇ ଦେଇଛୁ।

- ଆଜି ଲୋକଙ୍କ ମନରେ ଅନେକ ଆଶା ଓ ଆକାଂକ୍ଷା ରହିଛି। ଏହି ବଜେଟ୍ ସେସବୁକୁ ପୂରଣ କରିବାର ପ୍ରତିଶ୍ରୁତି ବହନ କରେ।

- ୨୦୨୨ ମସିହାର ୭୫ତମ ସ୍ୱାଧୀନତା ଦିବସର ବର୍ଷ ପାଇଁ ଏହି ବଜେଟ୍ ନକ୍ସା ପ୍ରସ୍ତୁତ କରିବ।

- ଗତ ୫ ବର୍ଷ ଭିତରେ ଗରିବ, କୃଷକ, ଅନୁସୂଚିତ ଜାତି ଓ ଅବହେଳିତ ବର୍ଗଙ୍କ ସଶକ୍ତିକରଣ ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆସନ୍ତା ୫ ବର୍ଷ ଭିତରେ ଏହି ସଶକ୍ତିକରଣ ଯୋଗୁଁ ସେମାନେ ବିକାଶର ଏକ ଶକ୍ତିକେନ୍ଦ୍ର ଭାବେ ଉଭା ହେବେ।

- ୫ ଟ୍ରିଲିଅନ୍ ଡଲାର ଅର୍ଥନୀତିର ସ୍ୱପ୍ନ ପୂରଣ କରିବା ପାଇଁ ଏହି ଶକ୍ତିକେନ୍ଦ୍ର ଇନ୍ଧନ ଯୋଗାଇବ।

- କୃଷି କ୍ଷେତ୍ରରେ ଢାଞ୍ଚାଗତ ସଂସ୍କାର ପାଇଁ ଏହି ବଜେଟ୍‌ରେ ପଦକ୍ଷେପ ନିଆଯାଇଛି। ପିଏମ୍ କିଷାନ ଯୋଜନା ମାଧ୍ୟମରେ ୮୭ ହଜାର କୋଟି ଟଙ୍କା କୃଷକଙ୍କୁ ପ୍ରଦାନ କରିବା, ୧୦ ହଜାରରୁ ଅଧିକ କୃଷକ ଉତ୍ପାଦକ ସଂଗଠନ ପ୍ରତିଷ୍ଠା କରିବା, ମତ୍ସ୍ୟଜୀବୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା କିମ୍ବା ଜାତୀୟ ୱେରହାଉସିଂ ଗ୍ରୀଡ୍ ସ୍ଥାପନ କରିବା- ଏସବୁ ୨୦୨୨ ମସିହା ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

- ଆପଣଙ୍କ ଆଶା, ଆପଣଙ୍କ ସ୍ୱପ୍ନ ଓ ଆପଣଙ୍କ ପ୍ରତିବଦ୍ଧତାର ଏକ ଭାରତ ଗଠନ ଦିଗରେ ଏହି ବଜେଟ୍ ଏକ ଐତିହାସିକ ପଦକ୍ଷେପ। ମୁଁ ପୁଣିଥରେ ଅର୍ଥମନ୍ତ୍ରୀ ଓ ତାଙ୍କ ଦଳକୁ ଅଭିନନ୍ଦନ ଜଣାଉଛି। ମୁଁ ଦେଶର ସମସ୍ତ ନାଗରିକଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତର କାମନା କରୁଛି।

*ଉତ୍ସ: ପିଆଇବି*

YOJANA (Odia) : Monthly    August 2019    RNI No. 57203/93
ISSN 0971-8346    Total Number of Pages (76)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ୍ ସର୍ଭିସ୍
# ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ୍ ସର୍ଭିସ୍ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ିତୋଳନ୍ତୁ ।

## ଯୋଜନା ପଢ଼ନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାମ୍ପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟି ସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଏବଂ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢ଼ି ତୋଳନ୍ତୁ ।

### ଓଡ଼ିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

● ଅକ୍ଷୟ କୁମାର ନାୟକ, ବସ୍‌ଷ୍ଟାଣ୍ଡ୍ ବୁକ୍ ଷ୍ଟଲ୍, ଭୁବନେଶ୍ୱର-୯ ● ମାଧବ ବୁକ୍ ଷ୍ଟୋର୍, ବାଦାମବାଡ଼ି, କଟକ-୯ ● ମୂର୍ତ୍ତି ନ୍ୟୁଜ୍ ଏଜେନ୍ସି, ଓଲ୍ଡ ବସ୍‌ଷ୍ଟାଣ୍ଡ୍, ବ୍ରହ୍ମପୁର, ଗଞ୍ଜାମ ● ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ୍, ଭାପୁର- ଶଙ୍କରପୁର ରୋଡ୍, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା

### "ଯୋଜନା"ର ଗ୍ରାହକ ଦେୟ

ପ୍ରତି ଖଣ୍ଡ- ୨୨/-ଟଙ୍କା, ବାର୍ଷିକ- ୨୩୦/-ଟଙ୍କା, ଦ୍ୱିବାର୍ଷିକ- ୪୩୦/- ଟଙ୍କା, ତ୍ରୈବାର୍ଷିକ-୬୧୦/- ଟଙ୍କା, ବିଶେଷାଙ୍କ- ୩୦/-

### ଗ୍ରାହକ ଦେୟ ପଠାଇବା ଠିକଣା:

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The Subscription may by sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi"**

Printed and Published by Dr. Sadhana Rout, Director General & Head, on behalf of Publications Division, Ministry of I & B, Govt. of India, Published from Soochana Bhavan, CGO Complex, Lodhi Road, New Delhi-110003 and Printed at: M/s MGK Printing Works Pvt. Ltd. MGK House, 14, Rama Road, Nazafgarh Road Industrial Area, New Delhi-110015    Editor : Dr. Girish Chandra Dash